

ସଲାହଙ୍କୁ ସପ୍ତାହକୁ ମିଳିବ ୪.୫ କୋଟି
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 20 | ଭାଗ ୩୪ | ସଂଖ୍ୟା ୨୦ | Bhubaneswar | Saturday 12 April 2025 | Page 8 Rs. 4.00 | ● ଭୁବନେଶ୍ୱର ଶନିବାର ୧୨ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ୨ ପ୍ରତିଶତ ବଢ଼ିଲା ମହଙ୍ଗାଭତ୍ତା



- ପେନସନ୍‌ଭୋଗୀ ମଧ୍ୟ ପାଇବେ ବର୍ଦ୍ଧିତ ଟି. ଆଇ
- ଏପ୍ରିଲ୍‌ରୁ ମିଳିବ ବର୍ଦ୍ଧିତ ଟଙ୍କା
- ପିଛିଲା ଭାବେ ଜାନୁଆରୀରୁ ଲାଗୁ

**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ଦୁଇ ପ୍ରତିଶତ ବୃଦ୍ଧି ବିଷୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଲା। ଏହା ଜାନୁଆରୀ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଏପ୍ରିଲ ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀମାନଙ୍କ ଟି.ଆଇରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଏପ୍ରିଲ ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

# ବିକାଶ ଇତିହାସରେ ନୂଆ ଅଧ୍ୟାୟ

- ଆରମ୍ଭ ହେଲା ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ
- ଉପକୃତ ହେବେ ୩କୋଟି ୫୨ ଲକ୍ଷ ହିତାଧିକାରୀ
- ପୁରୁଷଙ୍କୁ ୫ଲକ୍ଷ, ମହିଳାଙ୍କୁ ୧୦ଲକ୍ଷ ପର୍ଯ୍ୟନ୍ତ ଦେୟ ମୁକ୍ତ ଚିକିତ୍ସା
- ବୟୋ ବନ୍ଦନାରେ ଉପକୃତ ହେବେ ୨୩ଲକ୍ଷ ବୟସ୍କ ବ୍ୟକ୍ତି
- ପରିବାରର ପ୍ରତ୍ୟେକ ହିତାଧିକାରୀଙ୍କୁ ମିଳିବ ଏକକ କାର୍ଡ
- ସ୍ୱାସ୍ଥ୍ୟସେବା ପାଇଁ ଅର୍ଥ କେବେ ବାଧକ ହେବ ନାହିଁ : ମୁଖ୍ୟମନ୍ତ୍ରୀ
- ଶିଶୁ ଭବନର ନୂଆ ବିଲ୍ଡିଂ ଓ ହଷ୍ଟେଲ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ
- ୮.୯୦ କୋଟି ଲୋକ ଏହି ଯୋଜନାର ସୁବିଧା ପାଇ ସାରିଲେଣି
- ଓଡ଼ିଶା ଲୋକମାନେ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇଛନ୍ତି : ନଡ୍ଡା




**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ଓଡ଼ିଶା ବିକାଶ ଇତିହାସରେ ଯୋଡିହୋଇଛି ଏକ ନୂଆ ଫର୍ଦ୍ଦ। ଆରମ୍ଭ ହୋଇଛି ବହୁ ପ୍ରତିକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି କଟକର ବାଲିଯାତ୍ରା ପଡିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ ଯୋଜନା ଏକ ଇନସୁରାନ୍ସ ନୁହେଁ ଏହା ହେଉଛି ଏକ ଆସ୍ୟୁରାନ୍ସ । ଏହା ପୃଥିବୀର ସବୁଠାରୁ ବୃହତ୍ତମ ଯୋଜନା । ବର୍ତ୍ତମାନ ସୁଦ୍ଧା ଏଥିରେ ୮କୋଟି ୯୦ ଲକ୍ଷ ଲୋକ ଉପକୃତ ହୋଇସାରିଛନ୍ତି । ନିର୍ବାଚନ ସମୟରେ ଆମେ ଏହାକୁ ଲାଗୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲୁ ଏବଂ ଏହାକୁ ଆଜି ଲାଗୁ ମଧ୍ୟ କଲୁ । ଓଡ଼ିଶା ଲୋକମାନେ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇଛନ୍ତି। ତେଣୁ ଓଡ଼ିଶାରେ ଏହି ଯୋଜନା ଲାଗୁ ହୋଇପାରିଲା । ଏହାଦ୍ୱାରା ଲୋକମାନେ ଆର୍ଥିକ ସ୍ତରରେ ଲାଭବାନ ହୋଇପାରିବେ ବୋଲି ସେ କହିଛନ୍ତି।

ଓଡ଼ିଶାରେ ଶାସନ ଭାର ଗ୍ରହଣ କରିବାର ମାତ୍ର ୧୦ ମାସ ମଧ୍ୟରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିବାରୁ ଶ୍ରୀ ନଡ୍ଡା ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଦେବା ସହିତ ଟିବି ନିରାକରଣ ଦିଗରେ ଓଡ଼ିଶା ଉଲ୍ଲେଖନୀୟ କାର୍ଯ୍ୟ କରୁଛି ବୋଲି କହିଥିଲେ । ଏହି ଅବସରରେ ସେ ଅଧିକରୁ ଅଧିକ ହିତାଧିକାରୀ କିପରି ଏହି ଯୋଜନାରେ ସାମିଲ ହୋଇ ପାରିବେ ଏବଂ କାର୍ଡ ବନାଇବେ ସେଥିନେଇ ସଚେତନ କରିବାକୁ ପ୍ରତି ଘରୁକୁ ଯିବା ପାଇଁ ସେ ବିଧାୟକଙ୍କୁ ଅନୁରୋଧ କରିଥିଲେ।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରି କହିଲେ ଯେ ଓଡ଼ିଶା ବିକାଶ ଇତିହାସରେ ଆଜି ଆଉ ଏକ ଅଧ୍ୟାୟ ଯୋଡିହୋଇଛି। ଗତ ପ୍ରାୟ ୬ ବର୍ଷ ହେଲା ରାଜନୈତିକ କାରଣରୁ ରାଜ୍ୟବାସୀଙ୍କୁ ବଞ୍ଚିତ କରାଯାଇଥିବା ଏହି ଐତିହାସିକ ଯୋଜନା ଆଜି ଆରମ୍ଭ ହେଉଛି ବୋଲି ସେ କହିଥିଲେ।

ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସାମାଜିକ ଓ ଆର୍ଥିକ ପ୍ରଗତିର ଏକ ମୂଳଭିତ୍ତି। ଶାରୀରିକ ଓ ମାନସିକ ସୁସ୍ଥତା ନାଗରିକମାନଙ୍କୁ କାର୍ଯ୍ୟକ୍ଷମ, ଆତ୍ମବିଶ୍ୱାସୀ ଓ ସ୍ୱାଭିମାନୀ କରିବ; ଏବଂ ସ୍ୱାଭିମାନୀ ନାଗରିକମାନେ ହିଁ ସମୃଦ୍ଧିର ସ୍ୱପ୍ନକୁ ସାକାର କରିବେ। ଏହି ସତ୍ୟକୁ ଅନୁଭବ କରି ପ୍ରଧାନମନ୍ତ୍ରୀ ମୋଦି ଦେଶରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଦୂରଦର୍ଶୀ ଯୋଜନାରୁ ଲାଭ ପାଇଥିବା କୋଟି ⇨ପୃଷ୍ଠା-୬




## ବିଜେଡି ସରକାରକୁ ନଡ୍ଡାଙ୍କ ଟାର୍ଗେଟ୍

**କଟକ,୧୧।୪ (ସଂଚାର ବ୍ୟୁରୋ):** ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ଅବସରରେ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ପୂର୍ବ ବିଜେଡି ସରକାରକୁ ଟାର୍ଗେଟ କରିଥିଲେ। କହିଥିଲେ ଅହଂକାର ଯୋଗୁଁ ଆୟୁଷ୍ମାନ ଲାଗୁ କରୁନଥିଲେ ନବୀନ ପଟ୍ଟନାୟକ। ରାଜନୈତିକ ଫାଇଦା ପାଇଁ ଗରିବଙ୍କୁ ଏହି ସେବାରୁ ବଞ୍ଚିତ ରଖିଥିଲେ। ହେଲେ ଆଜିଠାରୁ ଦୂର ହେଲା ସମସ୍ତଙ୍କର ସ୍ୱାସ୍ଥ୍ୟ ଚିନ୍ତା ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ସେ କହିଥିଲେ ଦୀର୍ଘ ୭ ବର୍ଷ ଧରି ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ଅହଂକାର ଯୋଗୁଁ ଓଡ଼ିଶାରେ ଆୟୁଷ୍ମାନ ଯୋଜନା ଲାଗୁ କରୁନଥିଲେ ନବୀନ ⇨ପୃଷ୍ଠା-୬

# ପଞ୍ଚାୟତ ଉପନିର୍ବାଚନ ପାଇଁ ସଜବାଜ

## ୧୧୩୪ ପଦବୀ ପାଇଁ ହେବ ନିର୍ବାଚନ




**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ରାଜ୍ୟର ପଞ୍ଚାୟତ ସ୍ତରରେ ଖାଲି ପଡ଼ିଥିବା ୧୧୩୪ଟି ପଦ ପୂରଣ ପାଇଁ ଉପନିର୍ବାଚନ ନିମନ୍ତେ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ। ୫ଟି ଜିଲା ପରିଷଦ ସଭ୍ୟ, ୪୧ଟି ପଞ୍ଚାୟତ ସମିତି ସଦସ୍ୟ, ୪୫ଟି ସରପଞ୍ଚ, ୨୭୨ଟି ୱାର୍ଡମେମ୍ବର ପାଇଁ ଉପନିର୍ବାଚନ ହେଉଥିବାବେଳେ ୭୭୧ଟି ୱାର୍ଡରେ ନୂତନ ଭାବେ ନିର୍ବାଚନ ଅନୁଷ୍ଠିତ ହେବ।

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷିତ ବର୍ଗ ପାଇଁ ଉଦ୍ଦିଷ୍ଟ ଥିବା ୭୭୧ଟି ୱାର୍ଡରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲକରି ନଥିବାରୁ ସେସବୁ ୱାର୍ଡରେ ନିର୍ବାଚନ ହୋଇନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୃକ୍ତ ଜିଲାପାଳଙ୍କ ସୁପାରିସ କ୍ରମେ ୱାର୍ଡଗୁଡ଼ିକୁ ଅଣସଂରକ୍ଷିତ କରାଯିବା ପରେ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ⇨ପୃଷ୍ଠା-୬

# ବିଲଡରଙ୍କୁ ବିଭତ୍ସ ହତ୍ୟା

**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ରାଜଧାନୀରେ ବିଲ୍‌ଡରଙ୍କୁ ବିଭତ୍ସ ହତ୍ୟା । ପିଟି ପିଟି ନିର୍ମମ ଭାବେ ଜଣେ ବିଲ୍‌ଡରଙ୍କୁ ହତ୍ୟା କରିଛନ୍ତି ଆକ୍ରମଣକାରୀ । ଜମି ବାଡ଼ି ବିବାଦକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ମୃତକ ହେଲେ ସସ୍ମିତ ବିଶ୍ୱାଳ। ତାଙ୍କ ଘର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମପୁର ଅଂଚଳରେ। ଅଭିଯୋଗ ଅନୁସାରେ ଜମିବାଡ଼ି ବିବାଦକୁ ନେଇ କିଛି ଲୋକଙ୍କ ସହ ସସ୍ମିତଙ୍କ ଗଣ୍ଡଗୋଳ ଲାଗି ରହିଥିଲା । ଆଜି ମଧ୍ୟ ଗଣ୍ଡଗୋଳ ହୋଇଥିଲା, ଖବର ପାଇ ପୋଲିସ ପହଂଚି ସମାଧାନ କରି ଫେରିଥିଲା । କିନ୍ତୁ ସସ୍ମିତ ସେହି ସ୍ଥାନରେ ଉପସ୍ଥିତ ରହିଥିଲେ । ପରବର୍ତ୍ତୀ ସମୟରେ ପୁଣି ଥରେ ଆକ୍ରମଣକାରୀଙ୍କ ସହ ଯୁକ୍ତି ତର୍କ ହୋଇଥିଲା। ଏହାକୁ ନେଇ ଆକ୍ରମଣକାରୀମାନେ ତାଙ୍କୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକ । ଘଟଣା ସ୍ଥଳରେ ଏୟାରଫିଲ୍‌ଡ଼ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି ପୁଲିସ ।

### ନବୀନଙ୍କୁ ବରିଷ୍ଠ ନେତାଙ୍କ ଚ୍ୟାଲେଞ୍ଜ

# ଆମକୁ ନାଲିଆଖି ଦେଖାଇ ପାରିବନି

**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ବିଜେଡିରେ ଚାଲିଥିବା କନ୍ଦଳ ଏବେ ଥମିବାର ନାଁ ଧରୁନି। ବରଂ ନବୀନ ପଟ୍ଟନାୟକଙ୍କ ତାଗିଦକୁ ଚ୍ୟାଲେଞ୍ଜ କରିବା ଆରମ୍ଭ କରିଦେଇଛନ୍ତି କିଛି ବରିଷ୍ଠ ନେତା । ଦଳରେ ନେତାମାନେ ହୋଟେଲରେ ନବସି ପାର୍ଟି ଅଫିସ୍ ଶଙ୍ଖ ଭବନରେ ବସନ୍ତୁ ବୋଲି ଦଳପତି କହିବାର ଦିନକ ପରେ ପ୍ରତିକ୍ରିୟାଶୀଳ

## ହୋଟେଲରେ ବସିବା ଆମ ଅଭ୍ୟାସ ନୁହେଁ

ହୋଇଛନ୍ତି ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ନୃସିଂହ ସାହୁ । ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି, ଦଳର ବୈଠକ ହେଲେ ଆମେ ପାର୍ଟି ଅଫିସରେ ବସିବୁ । ପୂର୍ବରୁ ମଧ୍ୟ ଆମେ ପାର୍ଟି ଅଫିସରେ ମିଟିଂ କରିଛୁ । ଦଳର ବରିଷ୍ଠ ନେତାମାନେ ହୋଟେଲରେ ମେଳି




କରିନାହାନ୍ତି। କମିଟି ମିଟିଂ ପାର୍ଟି ଅଫିସରେ ହୋଇଛି। ଆମର ବୟସ ହେଲାଣି, ଆମେ ସାଙ୍ଗସାଥୀ ହୋଇ କେଉଁଠି ବସିବୁ, ଏଥିରେ କଣ ଅଛି । ଆମେ ହୋଟେଲରେ ବସି ପାରିବୁନି, ଆମର କଣ ସ୍ୱାଧୀନତା ନାହିଁ ? ଆମକୁ ମନା କରିବା କ'ଣ ଠିକ୍ ବୋଲି ସେ ପ୍ରଶ୍ନ କରିଛନ୍ତି ।

ତାଙ୍କ ମତରେ, ରାଜ୍ୟସଭାରେ ୱକଫକୁ ନେଇ ଯାହା ହେଲା ତାହା ବିଜେଡି ପ୍ରତି ଅନ୍ତର୍ଘାତୀ କାମ। ନବୀନ ବାବୁ ସବୁବେଳେ କହି ଆସିଛନ୍ତି ବିଜେଡି ଏକ ଦଳ ଧର୍ମନିରପେକ୍ଷ ଦଳ । ସେ ସାଂସଦ ମୁନ୍ନା ଖାନଙ୍କୁ ମଧ୍ୟ ଏ କଥା କହିଛନ୍ତି। ପାର୍ଟି ଅନ୍ୟ ଷ୍ଟାଣ୍ଡ ନେବା ଠିକ୍ ନୁହେଁ। ନବୀନ ବାବୁ ଏ କଥା ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଥିବା କହିଛନ୍ତି ପ୍ରଫୁଲ୍ଲ ମଲ୍ଲିକ ।

ପାଣ୍ଡିଆନଙ୍କ ସଂପର୍କରେ ସେ କହିଛନ୍ତି, ପାଣ୍ଡିଆନଙ୍କର ଦଳ ସହ କୌଣସି ସଂପର୍କ ରହିବା କଥା ନୁହେଁ । ସେ ଯାହା କହିଛନ୍ତି, ତାହା କାର୍ଯ୍ୟକାରୀ କରିବା ଦରକାର । ପାଣ୍ଡିଆନ ନବୀନ ବାବୁଙ୍କର ବ୍ୟକ୍ତିଗତ ସଚିବ ଥିଲେ । ଜଣେ ଅଫିସର ଭାବରେ ସେ କାମ କରିଛନ୍ତି । ଦଳରେ ଯୋଗ ଦେଲା ପରେ ନିର୍ବାଚନ ପରେ ସେ ପାର୍ଟିରୁ ଇସ୍ତଫା ଦେଇଛନ୍ତି । ⇨ପୃଷ୍ଠା-୬

### ପିଏମ ଆବାସରୁ ବାଦ ହିତାଧିକାରୀଙ୍କୁ ପକ୍କା ଘର

# ଏବର୍ଷ ୧.୫୯ଲକ୍ଷ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ



**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଘର ସ୍ୱପ୍ନ ସତ ହେବାକୁ ଯାଉଛି। ପିଏମ ଆବାସରୁ ବାଦ୍ ହିତାଧିକାରୀ ପକ୍କାଘର ପାଇବାରୁ ବଞ୍ଚିତ ହେବେନି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଏବର୍ଷ ଲକ୍ଷେ ୫୯ ହଜାର ଲୋକ ଘର ପାଇବେ । ଅସହାୟଙ୍କର ଆଉ ରହିବନି ବର୍ଷା, ଖରା, ଶୀତକୁ ଡର । ଅନ୍ତ୍ୟୋଦୟ ଗୃହ ଯୋଜନାରେ ଚଳିତ ବର୍ଷ ରାଜ୍ୟର ୧ ଲକ୍ଷ ୫୯ ହଜାର ଲୋକେ ଘର ପାଇବେ। ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ। ଅନ୍ତ୍ୟୋଦୟରେ ୫୯ ହଜାର ୯୩ ଜଣ ଦିବ୍ୟାଙ୍ଗ, ଅସହାୟ ଓ ବନ୍ୟା ବାତ୍ୟାରେ ଘର ଭାଙ୍ଗି ଥିବା ଲୋକଙ୍କୁ ବ୍ଲକ ସ୍ତରରେ ଘର ଦିଆଯାଇଛି । କିଛି ୱାର୍କ ଅଡର୍ ହୋଇଛି ଆଉ କିଛି ବାକି ଅଛି । ଆହୁରି ୧ ଲକ୍ଷ ହିତାଧିକାରୀଙ୍କ ତାଲିକା ଚଳିତ ମାସ ଭିତରେ ସଂଗ୍ରହ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯିବ। ଦୁଇ ମାସ ଭିତରେ ୱାର୍କ ଅଡର୍ ଇସ୍ୟୁ ହେବ । ଗତ ଥର ଯେଉଁ ନିୟମରେ ଘର ଦିଆଯାଇଥିଲା ସେହି ନିୟମରେ ଘର ଦିଆଯିବ ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ । ପୂର୍ବ ବିଜେଡି ସରକାରରେ ବିବାଦରେ ରହିଆସିଥିଲା ପକ୍କାଘର ଯୋଜନା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳୁଥିବା ଘରରେ ବିଜୁପକ୍କା ଘର ଲୋଗୋ ଲଗାଇ ପୂର୍ବ ସରକାର ଚଞ୍ଚକତା କରିଥିଲେ ବୋଲି ପଂଚାୟତିରାଜ ମନ୍ତ୍ରୀ ଅଭିଯୋଗ କରିଛନ୍ତି। ଏପରିକି ଆବାସ ଆବଣ୍ଟନରେ ବି ବଡ଼ ଧରଣର ଚଞ୍ଚଲତା ସାମ୍ନାକୁ ଆସିଥିଲା । ଦଳୀୟ ଭିତ୍ତିରେ ହିତାଧିକାରୀ ⇨ପୃଷ୍ଠା-୬

## ଆରମ୍ଭ ହେଲା ବ୍ଲାକ ଡାଇମଣ୍ଡ ଲୁଟ୍‌ର ତଦନ୍ତ



**ସୁନ୍ଦରଗଡ଼ ,୧୧।୪ (ସଂଚାର ବ୍ୟୁରୋ):** ହେମଗିରିର ତେଲେନଡିହି, ରତନସରା, ଭୋଗ୍ରାକଛାର ଆଦି ଅଞ୍ଚଳରେ କୋଇଲା ଖଣି ଲୁଟ ଘଟଣାରେ ଆଜି ଭୁବନେଶ୍ୱରରୁ ଖଣି ଏବଂ ଭୂତତ୍ତ୍ୱ ବିଭାଗର ଏକ ନଅ ଜଣିଆ ଟିମ୍ ଆସି ବେଆଇନ କୋଇଲା ଖଣି ଗୁଡ଼ିକ ବୁଲି ଦେଖିବା ସହ ମାପଚୁପ କରିଛନ୍ତି । ଆକଳନ ପରେ ଜଣାପଡ଼ିବ ପ୍ରକୃତରେ କେତେ କୋଇଲା ଚୋରା ଚାଲାଣ ହୋଇଛି । ଜଙ୍ଗଲ ମଧ୍ୟରେ ଗୋଟେ ପରେ ଗୋଟେ ଖଣି ଯାଇ କେତେ ପରିମାଣର କୋଇଲା ଲୁଟ କରାଯାଇଛି ତାର ଆକଳନ କରିଛନ୍ତି ଭୁବନେଶ୍ୱରରୁ ଆସିଥିବା ଟିମ । ଏହି ଟିମ ପ୍ରଥମେ ତେଲେନଡିହି ରାଜସ୍ୱ ଜଙ୍ଗଲରେ ଖଣି ମାପ କରିଥିଲେ। ସେଠାରେ ଯେତେ ମାତ୍ରାରେ ଖଣି ଲୁଟ ହୋଇଛି ତାହା ଦେଖି ହତବାକ ହୋଇଯାଇଥିଲା ଟିମ । ⇨ପୃଷ୍ଠା-୬

# ବିଜେଡିକୁ ଯୋଡ଼ିବାକୁ ସଂଗଠନ ଥୋପ



- ମୋର୍ଚ୍ଚା ସମ୍ଭାଳିଲେ ପରାମର୍ଶଦାତା
- ସଂତୃପ୍ତଙ୍କ ସଫଳତା ନେଇ ପ୍ରଶ୍ନ

**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ୱାକଫ ବିଲ୍ ପ୍ରସଙ୍ଗରେ ଦୁଇଫାଳ ହୋଇଥିବା ବିଜେଡିକୁ ଯୋଡିବାପାଇଁ ଅସନ୍ତୁଷ୍ଟମାନଙ୍କ ଉପରେ ସଂଗଠନ ଥୋପ ପକା ଆରମ୍ଭ ହୋଇଥିବାବେଳେ ଏବେ ଆଗକୁ ଆସି ମୋର୍ଚ୍ଚା ସମ୍ଭାଳିଛନ୍ତି ନବୀନଙ୍କ ରାଜନୈତିକ ପରାମର୍ଶଦାତା ସଂତୃପ୍ତ ମିଶ୍ର । ତେବେ ଶ୍ରୀ ମିଶ୍ର ଜୀବନରେ ୱାର୍ଡମେମ୍ବରଟିଏ ହୋଇପାରିନଥିବାବେଳେ ଲଢିଥିବା ଏକମାତ୍ର ନିର୍ବାଚନରେ ହାରିଥିବାରୁ ଏଥିରେ ତାଙ୍କର ସଫଳତା ନେଇ ପ୍ରଶ୍ନ ଉଠିଛି ।

ବିଜେଡିରେ ଏବେ ମୁଖ୍ୟତଃ ଦୁଇ ଗୋଷ୍ଠି ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି । ଗୋଟିଏ ଗୋଷ୍ଠି ହେଉଛନ୍ତି ଦଳର ପ୍ରତିଷ୍ଠାତା ସଦସ୍ୟ ଏବଂ ପ୍ରତିଷ୍ଠାତା ସଦସ୍ୟଙ୍କ ପରପୀଢି ଏବଂ ଅନ୍ୟ ଗୋଷ୍ଠି ହେଉଛନ୍ତି ନବୀନ ନିବାସ ଗୋଷ୍ଠି । ତେବେ ଦିନକୁ ଦିନ ବିବାଦ ବଢୁଥିବାରୁ ଓ ନବୀନଙ୍କ ନାଲିଆଖିକୁ କିଛି ପୁରୁଖା ନେତା କାଉଣ୍ଟର କରୁଥିବାରୁ ଏବେ ଫାଟ ଯୋଡିବାକୁ ଆଗକୁ ଆସିଛନ୍ତି ନବୀନଙ୍କ ରାଜନୈତିକ ପରାମର୍ଶଦାତା ତଥା କଟକ ଲୋକସଭା ଆସନରୁ ଲଢି ହାରିଥିବା ସଂତୃପ୍ତ ମିଶ୍ର ।

ଗତ ନିର୍ବାଚନର ଅବ୍ୟବହିତ ପୂର୍ବରୁ କର୍ପୋରେଟ ଚାକିରି ଛାଡି ବିଜେଡିରେ ଯୋଗ ଦେଇଥିବା ଶ୍ରୀ ମିଶ୍ରଙ୍କର ସେଭଳି କୌଣସି ରାଜନୈତିକ ଅଭିଜ୍ଞତା ନାହିଁ । ତାଙ୍କର ବଳ ହେଉଛି ଅର୍ଥବଳ । କାରଣ ବିଜେଡିର ନିର୍ବାଚନ ଲଢିଥିବା ସମସ୍ତ ପ୍ରାର୍ଥୀଙ୍କ ମଧ୍ୟରୁ ସେ ହେଉଛନ୍ତି ସର୍ବାଧିକ ଧନି । ତାଙ୍କର ସମ୍ପତ୍ତି ନିର୍ବାଚନ ସମୟରେ ୪୦୦ କୋଟି ଟଙ୍କାରୁ ଅଧିକ ଥିଲା । ସେହିଭଳି ସେ ଯେଉଁ କମ୍ପାନୀ ଛାଡି ଶଙ୍ଖ ଧରିଥିଲେ ସେହି କମ୍ପାନୀ ବିଜେଡିକୁ ମୋଟା ଅଙ୍କର ରାଜନୈତିକ ଚାନ୍ଦା ଦେଇଥିଲା । ତେଣୁ କୌଣସି ରାଜନୈତିକ ଅଭିଜ୍ଞତା ନଥିଲେ ମଧ୍ୟ ସଂତୃପ୍ତ ବିଜେଡିରେ ନିଜର ପତିଆରା ଜାହିର କରିଥିଲେ ଏବଂ ବିଜେଡି କ୍ଷମତାରୁ ଯିବାପରେ ସଂତୃପ୍ତଙ୍କୁ ନବୀନଙ୍କ ରାଜନୈତି ପରାମର୍ଶଦାତା ଭାବେ ଘୋଷଣା କରାଯାଇଥିଲା ।

ତେବେ ଦୀର୍ଘଦିନ ଧରି ରାଜନୀତିରୁ ଏକ ପ୍ରକାର ବନବାସରେ ଥିବା ସଂତୃପ୍ତ ହଠାତ୍ ଆର୍ବିଭାବ ହେବା ସହିତ ମୋର୍ଚ୍ଚା ସମ୍ଭାଳିବା ଆରମ୍ଭ କରିଛନ୍ତି । ତେବେ ନବୀନଙ୍କ ରାଜନୈତିକ ପରାମର୍ଶଦାତା ହିସାବରେ ୱାକଫ୍ ବିଲ୍ ଉପରେ ସେ କି ପରାମର୍ଶ ଦେଇଥିଲେ ସେ ସଂକ୍ରାନ୍ତରେ ନିରବ ରହିଛନ୍ତି । ତେବେ ହଠାତ୍ ସଂତୃପ୍ତଙ୍କୁ ଆଗକୁ ଆଣି ନବୀନ ନିବାସ ଗୋଷ୍ଠି ବିଜେଡି ଫାଟକୁ ଯୋଡିବାକୁ ଯେଉଁ ⇨ପୃଷ୍ଠା-୬


SIKSHA 'O' ANUSANDHAN
SAAT-2025
Empowering students for a brighter future
CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ପେଣ୍ଠ ଗାଁ ପୋଖରୀରୁ ୮ ଫୁଟ ଲମ୍ବର କୁମ୍ଭୀର ଉଦ୍ଧାର



**ରାଜନଗର,୧୧।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବଙ୍ଗୋପସାଗର କୂଳରେ ଥିବା ଗାଗିନା ପଞ୍ଚାୟତ ପେଣ୍ଠ ଗାଁ ପୋଖରୀରୁ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ୮ ଫୁଟ ୨ ଇଞ୍ଚ ଲମ୍ବର ମାଈ ବଉଳା କୁମ୍ଭୀରକୁ ବନ ବିଭାଗ ଟିମ ଉଦ୍ଧାର କରିବା ପରେ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବାର୍ଗିଗଡ଼ ନଦୀରେ ଛାଡି ଦିଆଯାଇଛି। ଗାଁ ପୋଖରୀରେ କୁମ୍ଭୀର ଉପଦ୍ରବ କଥୁଥିବା ନେଇ ଗୁରୁବାର ଦିନ ଏହି ଗ୍ରାମର ନୀଳକଣ୍ଠେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ରାଜନଗର ମଣ୍ଡଳ ଉନ୍ନୟନ ଅଧିକାରୀ ଓ ରାଜନଗର ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପେଣ୍ଠ ଗ୍ରାମରେ ଥିବା ପଞ୍ଚାୟତ ପୋଖରୀକୁ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ନିଲାମ ଆଣି ମାଛ ଚାଷ କରୁଛନ୍ତି। ଦୀର୍ଘ ୫ ମାସ ହେବ ଏହି ପୋଖରୀରେ କୁମ୍ଭୀର ପଶି ମାଛ ଖାଇ ଯାଉଛି। କୁମ୍ଭୀର ପୋଖରୀରେ ପଶି ୨ଲକ୍ଷ ଟଙ୍କାର ଉର୍ଦ୍ଧ୍ୱ ମୂଲ୍ୟର ମାଛ ଖାଇଦେଇଥିବା ନେଇ ଗତକାଲି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଲିଖିତ ଭାବେ ଜଣାଇଥିଲେ। ଆଜି ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା, ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ବନବିଭାଗ କର୍ମଚାରୀମାନେ ଗାଁ ପୋଖରୀରେ ପଶି ଜାଲ ମାଧ୍ୟମରେ ଏହି କୁମ୍ଭୀରକୁ ଧରିଥିଲେ। କୁମ୍ଭୀର ଧରାପଡ଼ିବା ପରେ ମହିଳାମାନେ କୁମ୍ଭୀର ଖାଇଥିବା ମାଛ ବାବଦ ଟଙ୍କା ଦାବି କରି ରେଞ୍ଜ ଅଫିସରଙ୍କ ଗାଡି ଆଗରେ ହୋହାଲ୍ଲା କରିଥିଲେ। ଭିତରକନିକା ଅଞ୍ଚଳରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ଫଳରେ କୁମ୍ଭୀର ଏବେ ଖାଦ୍ୟ ସନ୍ଧାନରେ ଜନବସତି ମୁହାଁ ହୋଇଛନ୍ତି।

# ୭ ଆନ୍ତଃ ଜିଲ୍ଲା ଡକାୟତ ଗିରଫ

● ୫୦ଗ୍ରାମ ସୁନା, ୯୦୦ଗ୍ରାମ ରୂପା ଅଲଙ୍କାର ସମେତ ନଗଦ ୮୨ ହଜାର ଟଙ୍କା ଜବତ



**ସାଲେପୁର,୧୧।୪ (ସଂଚାର ବ୍ୟୁରୋ):** ଆଜି ଗ୍ରାମାଞ୍ଚଳ ପୁଲିସ ଏକ ଆନ୍ତଃଜିଲ୍ଲା ଡକାୟତି ଦଳକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ଟଙ୍କା ଓ ବିପୁଳ ପରିମାଣର ସୁନାରୂପା ଅଳଂକାର ଜବତ କରିଥିବା ସାଲେପୁର ଥାନାଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍.ପି. ପ୍ରତୀକ ସିଂହ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ସିଙ୍ଗିରି ଗ୍ରାମର ସଞ୍ଜୟ ଦାସ, ରାଜନ ଦାସ, ପୋହଳା ଗ୍ରାମର ଅର୍ଜୁନ ଦାସ, ଆକାଶ ଦାସ, ଟୁନା ଦାସ, ମାଟିଆ ଗ୍ରାମର ବଳିଆ ଓରଫ୍ ଅର୍ଜୁନ ଦାସ, କଣ୍ଟିପୁର ଗ୍ରାମର ପଦ୍ମନାଭ ସାହୁଙ୍କୁ ଗ୍ରାମାଞ୍ଚଳ ପୁଲିସ ଗିରଫ କରିଥିବା ଜଣାଯାଇଛି। ଏହି ଗ୍ୟାଙ୍ଗ କିଛି ଦିନ ହେବ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ସମେତ ବିଭିନ୍ନ ଜିଲ୍ଲାରେ ଘରେ ପଶି ସୁନାରୂପା ଅଳଂକାର ଚୋରି କରିବା ସହ ଗୃହକର୍ତ୍ତାମାନଙ୍କୁ ମରଣାନ୍ତକ ଆକ୍ରମଣ କରିଆସୁଥିଲେ। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ୧୫ରୁ ଉର୍ଦ୍ଧ୍ୱ ଚୋରି, ଡକାୟତି, ରାହାଜାନୀ କେଶ୍ ଆଦି ରହିଅଛି। ଏହି ଗ୍ୟାଙ୍ଗ୍ ନାଟକୀୟ ଢ଼ଙ୍ଗରେ ବିଭିନ୍ନ ଅଞ୍ଚଳରେ ଘୁଷୁରୀ ଓ ମେଣ୍ଢା ଚରାଇବା ଆଳରେ ପହଞ୍ଚି କିଛି ଦିନ ସେହି ଅଞ୍ଚଳରେ ରହିବାପରେ ଘର ଲୋକଙ୍କ ଗତିବିଧିକୁ ଲକ୍ଷ୍ୟ ରଖି ରାତିଅଧରେ ସେମାନଙ୍କ ଘରେ ପଶି ଘରର ତାଲା ଭାଙ୍ଗି ସୁନା ରୂପା ଅଳଂକାର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଲୁଟିଥାନ୍ତି। ଏହି ଗ୍ୟାଙ୍ଗ୍ କିଛିଦିନ ହେବ କଟକ ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାରେ ଆତଙ୍କ ଖେଳାଇଥିଲେ। ଏହି ଗ୍ୟାଙ୍ଗକୁ ଧରିବାପାଇଁ କଟକ ଗ୍ରାମାଞ୍ଚଳ ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ୮୨ହଜାର ଟଙ୍କା, ୫୦ଗ୍ରାମ ସୁନା, ୯୦୦ଗ୍ରାମ ରୂପା, ଗୋଟିଏ ମୋବାଇଲ୍ ଫୋନ୍, ଏଲ୍.ଆଇ.ସି. ବଣ୍ଡ, ଏ.ଟି.ଏମ୍. କାର୍ଡ, ଏକ ଶାବଳକୁ ପୁଲିସ ଜବତ କରିଥିବା ଜଣାଯାଇଛି।

### କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା

# ସହପାଠୀକୁ ୨୦ ବର୍ଷ ଜେଲ

**କେନ୍ଦ୍ରାପଡ଼ା,୧୧।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱତନ୍ତ୍ର ପୋକସୋ କୋର୍ଟ ତଥା ଶିଶୁ କୋର୍ଟ ବିଚାରପତି ଏକ ଗଣବଳାତ୍କାର ମାମଲାର ବିଚାର କରି ବଳାତ୍କାରରେ ସହଯୋଗ କରିଥିବା ଛାତ୍ରୀଙ୍କ ସହପାଠୀକୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ ସହପାଠୀଙ୍କୁ ଜୋରିମାନା ଦଣ୍ଡାଦେଶ ମଧ ଶୁଣାଇଛନ୍ତି । ଜୋରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇ ୨୦ ବର୍ଷ ଜେଲ ଦଣ୍ଡ ପାଇଥିବା ସହପାଠୀ ଜଣକ ମଧ ଜଣେ ନାବାଳିକା ଛାତ୍ରୀ । ମାମଲାର ବିବରଣୀରୁ ପ୍ରକାଶ, ବଳାତ୍କାରର ଶିକାର ହୋଇଥିବା ନାବାଳିକା ଛାତ୍ରୀ ଓ ଜେଲ ଦଣ୍ଡ ପାଇଥିବା ଅଭିଯୁକ୍ତ ନାବାଳିକା ପାଟକୁରା ଥାନା ଅଧିନରେ ବାସ କରନ୍ତି । ଉଭୟ କୁଦାନଗରି ଥାନା ଅଧିନ ଏକ ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ଅଧ୍ୟୟନ କରୁଥିଲେ । ଅଭିଯୁକ୍ତ ନାବାଳିକା ତାଙ୍କ ସାଙ୍ଗ ପୀଡିତା ଛାତ୍ରୀଙ୍କୁ କଟକରେ ରହୁଥିବା ତାଙ୍କ ଧରମ ଭାଇଙ୍କ ପାଖକୁ ବୁଲିଯିବା ପାଇଁ କହିଥିଲା । ୨୦୨୩ ମସିହା ଅକ୍ଟୋବର ୧୭ ତାରିଖରେ ଏକ କାରରେ ଦୁଇ ଜଣ ଯୁବକ କଲେଜ ନିକଟକୁ ଆସି ନାବାଳିକା ପୀଡିତାଙ୍କୁ ଥଣ୍ଡା ପାନୀୟରେ ନିଶା ଔଷଧ ମିଶାଇ ଦେଇଥିଲେ। ଫଳରେ ନାବାଳିକା ଛାତ୍ରୀ ଅଚେତ ହୋଇଯାଇଥିଲେ । ଏହାପରେ ତାଙ୍କୁ କଟକ ସିଡିଏକୁ ନିଆଯାଇ ବଳାତ୍କାର କରାଯାଇଥିଲା ।

### ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ

# ନୂତନ କାର୍ଡ ବିତରଣ

**କେନ୍ଦ୍ରାପଡ଼ା,୧୧।୪ (ସଂଚାର ବ୍ୟୁରୋ):** ଶୁକ୍ରବାର ଦିନ କେନ୍ଦ୍ରାପଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ, ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଂଜୀବନୀ ବୋଲି ସେ ମତବ୍ୟକ୍ତ କରିଥିଲ। ଏହି ଯୋଜନାରେର ହିତାଧିକାରୀ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଅଲଗା ଅଲଗା କାର୍ଡ଼। ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସହାୟତା ମିଳିବ। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳା ହିତାଧିକାରୀଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ଯୋଗାଇ ଦିଆଯିବ। ଏଥିରେ ରାଜ୍ୟର ୧କୋଟି ୩ ଲକ୍ଷରୁ ଅଧିକ ପରିବାରର ୩ କୋଟି ୪୬ ଲକ୍ଷ ଲୋକ ମାଗଣା ଚିକିତ୍ସା ବା ଦେୟ ମୁକ୍ତ ସ୍ୱାସ୍ଥ୍ୟ ସେବା ପାଇ ପାରିବେ। ପୂର୍ବରୁ ୧୬ଟି ରାଜ୍ୟର ୯ ଶହ ପଞ୍ଜିକୃତ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ଥିଲା । ମାତ୍ର ଏବେ ଦେଶର ୨୯ ହଜାରରୁ ଉର୍ଦ୍ଧ୍ୱ ସରକାରୀ ଓ ପଞ୍ଜିକୃତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ଉପଲବ୍ଧ ହେବ । ପଶ୍ଚିମବଙ୍ଗକୁ ଛାଡି କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତର କୋଣ ଅନୁକୋଣରେ ଯୋଗ୍ୟ ଓଡ଼ିଆ ହିତାଧିକାରୀମାନଙ୍କର ଆଉ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ଅସୁବିଧା ରହିବ ନାହିଁ । ସ୍ୱାସ୍ଥ୍ୟ ହିଁ ସମ୍ପଦ ତେଣୁ ସମସ୍ତ ନାଗରିକଙ୍କୁ ସର୍ବୋତ୍କୃଷ୍ଟ ଚିକିତ୍ସାସେବା ଯୋଗାଇ ଦେବା ହେଉଛି ସରକାରଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ ।




ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଅଜାମ୍ବର ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ନୃପେନ୍ ଶତପଥି, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଦିଲୀପ ନାୟକ, ପ୍ରଶାସନିକ ଅଧିକାରୀ, ଅଜିତ ନାରାୟଣ ପ୍ରସାଦ ଗିରି, କେନ୍ଦ୍ରାପଡା ପୌରପାଳିକା ନିର୍ବାହୀ ଅଧିକାରୀ, ଗୀତାଞ୍ଜଳି ଦାସ ଡିପିଏମ ପ୍ରମୁଖ ଯୋଗ ଦେଇଥବା ବେଳେ ମାନ୍ୟଗଣ୍ୟ ଜନପ୍ରତିନିଧି, ଜିଲ୍ଲାସ୍ତରୀୟ ଅଧିକାରୀ, ହିତାଧିକାରୀ ଓ ବିଭିନ୍ନ ଗଣମଧମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ପାଟକୁରାରେ ଆରମ୍ଭ ହେଲା ଆୟୁଷ୍ମାନ ଭାରତ

**ଡେରାବିଶ,୧୧।୪ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୁଷ୍ମାନ କାର୍ଡର ଲୋକାର୍ପଣ ଉତ୍ସବ ପାଳନ ହୋଇଯାଇଛି । ପଞ୍ଚାୟତର ନିର୍ବାହୀ ଅଧିକାରୀ ପ୍ରସନ୍ନଜିତ୍ ନାୟକଙ୍କ ଆୟୋଜନରେ ଏହି ସଭାରେ ହଜାରରୁ ଉର୍ଦ୍ଧ୍ୱ ଲୋକେ ଭୀଷଣ ଖରାରେ ମଧ ଘଣ୍ଟା ଘଣ୍ଟା ଧରି ଆୟୁଷ୍ମାନ କାର୍ଡ ବଣ୍ଟନ ପର୍ଯ୍ୟନ୍ତ ବସି ରହିଥିବାର ଦେଖିବାକୁ ମିଳିଛି।

ଏହି ସଭାରେ ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇଥିବା ବେଳେ ଡେରାବିଶ ପଞ୍ଚାୟତ ଉନ୍ନୟନ ମଣ୍ଡଳ ଅଧିକାରୀ ନମିତା ବାରିକଙ୍କ ସହ ପଞ୍ଚାୟତ ଉନ୍ନୟନ ମଣ୍ଡଳ ଅଧିକାରୀ ଅନିରୁଦ୍ଧ ବେହେରା, ବର୍ତ୍ତମାନର ୧୪ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଲ୍ଲିକ, ସରପଞ୍ଚ ମାନସୀ ତ୍ରିପାଠୀ, ନ୍ୟାୟ ସରପଞ୍ଚ ପ୍ରିୟତମା ଦାସ, ବିଜେପି ନେତ୍ରୀ ମନିଷା ପଣ୍ଡା ଏବଂ ସହଯୋଗରେ ୱାର୍ଡ଼ ସଭ୍ୟା କଲ୍ୟାଣୀ ପଣ୍ଡା, ଯଦୁମଣି ଜେନାଙ୍କ ସହିତ ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟା ଏହି କାର୍ଯ୍ୟ କ୍ରମରେ ସୁଚାରୁରୂପେ ଦାୟିତ୍ୱ ତୁଲାଇଥିଲେ। ବିଜେଡି ସରକାର ସମୟରେ ବିଜୁ ସ୍ୱାସ୍ଥ୍ୟ କାର୍ଡର ନାମ ପରିବର୍ତ୍ତନ କରି ଆୟୁଷ୍ମାନ କାର୍ଡ କରିଥିବା ଏବେକାର ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର କହିଥିବାବେଳେ, ଆୟୁଷ୍ମାନ କାର୍ଡରେ ପରିବାରର ପ୍ରତି ମେମ୍ବରକୁ କାର୍ଡ ଯୋଗାଇବା ସହ ପରିବାର ର ମହିଳା ମାନଙ୍କ ପ୍ରତି ଅତିରିକ୍ତ ୫ ଲକ୍ଷ୍ୟ ଟଙ୍କାର ସାହାର୍ଯ୍ୟ ଏହି କାର୍ଡରେ ଯୋଗାଇ ଦିଆ ଯାଇଛି ବୋଲି ପରିଶେଷରେ ବିଭିନ୍ନ ସୂତ୍ରରୁ ଜାଣିବାକୁ ମିଳିଛି । କିଛି ଲୋକଙ୍କ କହିବା ଅନୁଯାୟୀ ଆୟୁଷ୍ମାନ କାର୍ଡ ଧାରକ ମାନେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଅନୁସାରେ ହିଁ ଚୟନ କରାଯାଇଥିବା କହୁଥିବା ବେଳେ ଆଉ କିଛି ଲୋକ ଏହା ଲୋକ ମାନକ ପାଇଁ ସରକାରଙ୍କ ଦୂର ଦୃଷ୍ଟି ସମ୍ପନ୍ନ ସ୍ୱାସ୍ଥ୍ୟ ସେବା ବୋଲି ଯୁକ୍ତି ବାଢ଼ିଛନ୍ତି । କିନ୍ତୁ ଦେଖିବାକୁ ବାକି ରହିଲା ବିଜୁ ସ୍ୱାସ୍ଥ୍ୟ କାର୍ଡ ଉପଯୋଗିରେ ପୂର୍ବରୁ ହେଉଥିବା ତ୍ରୁଟିକୁ କିପରି ଆୟୁଷ୍ମାନ କାର୍ଡ ଦ୍ୱାରା ଏଡାଯାଇ ପାରୁଛି ।



### ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଉପନିର୍ବାଚନ

# ବିଜେଡ଼ି ପାର୍ଥି ନିର୍ବାଚିତ, ପଦାରେ ପଡ଼ିଲା ଦଳୀୟ କନ୍ଦଳ



**କେନ୍ଦ୍ରାପଡା,୧୧।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଭୀଷ୍ମ ମହାନ୍ତି ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନ ସମୟରେ ବିଜେଡ଼ି କନ୍ଦଳ ପଦାରେ ପଡିଛି । ଦଳ ଭୀଷ୍ମଙ୍କୁ ପାର୍ଥୀ ଭାବେ ଘୋଷଣା କରିଥିବା ସମୟରେ ୨୪ ନମ୍ବର ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରଥ ପାର୍ଥୀ ପାଇଁ ଜିଦ୍ ଧରିଥିଲେ । ଯାହାକୁ ନେଇ ବୈଠକ ହୋଇଥିବା ହୋଟେଲ ମଧରେ ଦୀର୍ଘ ସମୟ କନ୍ଦଳ ସୃଷ୍ଟି ହୋଇଥିବା ଜାଣିବାକୁ ମିଳିଛି । ଅନ୍ୟପଟେ ମଧ ବିଜେଡ଼ି ସଭାପତି ଧିରେନ୍ ସାହୁଙ୍କୁ ଦଳରେ ଅଣଦେଖା କରାଯାଇଥିବା ଅଭିଯୋଗ କରିଥିଲେ । ୨ ନମ୍ବର ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି ଏକମାତ୍ର ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିଲେ । ନାମାଙ୍କନପତ୍ର ଯାଞ୍ଚ ପରେ ନିର୍ବାଚନ ଅଧିକାରୀ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଭୀଷ୍ମଙ୍କ ପ୍ରାର୍ଥୀପତ୍ର କାୟମ ରଖିବା ସହ ଭୀଷ୍ମ ଙ୍କୁ ଉପାଧ୍ୟକ୍ଷ ଘୋଷଣା କରିଥିଲେ। ଭୀଷ୍ମଙ୍କ ସହ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲାପରିଷଦ ଅଧ୍ୟକ୍ଷା ଲିଲିତା ଦାସ ଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ। କେନ୍ଦ୍ରାପଡା ଜିଲାପରିଷଦ ଉପାଦକ୍ଷ ଉପ ନିର୍ବାଚନ ପାଇଁ ମାର୍ଚ୍ଚ ୨୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତେବେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ ପ୍ରତିହାରୀ ଦଳ ବଦଳ କରିବା ପରେ ଏହି ପଦବୀ ଖାଲି ପଡିଥିଲା ।

# ୫ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ

**ରାଜନଗର,୧୧।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ଜଗନ୍ନାଥପୁର ଶାସନ ପ୍ରାଥମିକସ୍ୱାସ୍ଥ୍ୟକେନ୍ଦ୍ର, ତାଳଚୁଆ, ଡାଙ୍ଗମାଳ, ଈଶ୍ୱରପୁର ଓ ଗୁପ୍ତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭରମ୍ଭ କରାଯାଇଛି। ଏହି ଅବସରରେ ଆଜି ୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରୁ ସ୍ୱାସ୍ଥ୍ୟ ସଚେତନତା ରଥ ବାହାରି ଗାଁକୁ ଗାଁ ବୁଲିବା ଆରମ୍ଭ କରିଛି। ଜଗନ୍ନାଥପୁର ଶାସନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାଜନଗର ବିଧାୟକ ଧ୍ରୁର୍ବ ଚରଣ ସାହୁ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମୀ ରଞ୍ଜନ ମହାନ୍ତି, ଡାକ୍ତର ଆଦିତ୍ୟ ନାରାୟଣ ପ୍ରଧାନ, ଗୁପ୍ତି ଠାରେ ବିଡିଓ ରବି ନାରାୟଣ ଆଚାର୍ଯ୍ୟ, ଡାକ୍ତର ସତ୍ୟଜିତ ନାୟକ, ଈଶ୍ୱରପୁର ଠାରେ ଡାକ୍ତର ରୁଦ୍ର ରାୟ, ଡାକ୍ତର ବିଶ୍ୱଜିତ ବେହେରା, ଡାଙ୍ଗମାଳ ଠାରେ ପଞ୍ଚାୟତ ସମିତି ଅଧାକ୍ଷା ପ୍ରତିଭା ପାତ୍ର, ଡାକ୍ତର ସ୍ନିଗ୍ଧ ସ୍ୱାଗତ ପରିଡା, ତାଳଚୁଆ ଠାରେ ପଞ୍ଚାୟତ ସମିତି ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଡାକ୍ତର ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ରହିବା ସହ ୨୫ଜଣ ଲେଖାଏଁ ହିତାଧିକାରୀଙ୍କୁ ଡମି କାର୍ଡ ବଣ୍ଟନ କରିଥିଲେ।



### ଆୟୁଷ୍ମାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଚରମ ବିଭ୍ରାଟ

# ଚେୟାର ପଡିଲା ଫାଙ୍କା, ପାଣି ନପାଇ ଉଠିଗଲେ ଲୋକେ

**ରାଜକନିକା,୧୧।୪ (ସଂଚାର ବ୍ୟୁରୋ):** ଆଜି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଶୁଭାରମ୍ଭ ଆରମ୍ଭରୁ ହିଁ ଘରେ ନ ପଶୁଣୁ ଚାଳ ବାଜିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ରାଜକନକା ବ୍ଲକ ଅନ୍ତର୍ଗତ ଓଳାଭର ରାଧାନାଥ ରଥ ମେଡିକାଲ ପରିସରରେ।

ମିଳିଥିବା ସୂଚନା ଅନୁଯାୟୀ ଆୟୁଷ୍ମାନ ଭାରତ ଯୋଜନା ଶୁଭାରମ୍ଭ ନିମନ୍ତେ ରାଜକନିକା ବ୍ଲକ ଓଳାଭର ମେଡିକାଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଛୋଟ ଏଲଇଡି ଲାଗିଥିବାରୁ ଶୁଭାରମ୍ଭର ସୋ ଦେଖିବା ସମ୍ଭବପର ହୋଇ ନ ଥିଲା। କାର୍ଯ୍ୟକ୍ରମ ଅପରାହ୍ନରେ ହେବାର ଥିବା ବେଳେ କିନ୍ତୁ ସକାଳ ଆଠଟା ସମୟରୁ ଲୋକଙ୍କୁ ଆସିବାକୁ କୁହାଯାଇଥିଲା। ପ୍ରଚଣ୍ଡ ଖରା ଓ ଗରମରେ ଆବଶ୍ୟକ ପଙ୍ଖା ଲାଗି ନ ଥିବାରୁ ଟେଣ୍ଟ୍ ତଳେ ଗରମରେ ଆଉଟୁ ପାଉଟୁ ହୋଇଥିଲେ ଲୋକେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଯଥେଷ୍ଟ ପାଣିର ବ୍ୟବସ୍ଥା ବି ହୋଇ ନ ଥିବାର ଅଭିଯୋଗ ହୋଇଛି। ସକାଳରୁ ଅପରାହ୍ନ ଯାଏ ଏଭଳି ସେଠାରେ ରହିବାର ବ୍ୟାପକ ସୁବିଧା ନ ଥିବାରୁ ଲୋକେ ବାଧ ହୋଇ ସେଠାରୁ ପଳାଇଥିଲେ। ଯାହାଫଳରେ ଚେୟାର ଅଧାରୁ ଅଧିକ ଫାଙ୍କା ଥିବାର ଦେଖା ଦେଇଥିଲା।

ଏଭଳି ଅବ୍ୟବସ୍ଥା ଭିତରେ ଗଣମାଧ୍ୟମ ପ୍ରତିନିଧି ଫାଙ୍କା ଚେୟାରର ଫଟୋ ଉଠାଉଥିବା ବେଳେ ଜଣେ ବିଭାଗୀୟ ଅଧିକାରୀ ପଳାଇ ଯାଉଥିବା ଲୋକଙ୍କୁ ଅଟକାଇବାକୁ ଉଦ୍ୟମ କରିବା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଏହି କାର୍ଯ୍ୟକ୍ରମରେ ଏଭଳି ଅନିୟମିତତା ନୂଆ ସରକାରଙ୍କୁ ଯେ ବଦନାମ କରାଯାଉଛି ତାହା ସାଧାରଣରେ ଚର୍ଚ୍ଚା ବି ହେଉଛି।



# ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପୁନର୍ଗଠିତ

**ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ, ଉପଖଣ୍ଡ ଓ ରାଜନଗର ଏନଏସି ଦାବି ନେଇ ଗଣଆନ୍ଦୋଳନ ପାଇଁ ପ୍ରସ୍ତୁତ**

**ପଟ୍ଟାମୁଣ୍ଡାଇ,୧୧।୪ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଓ ରାଜନଗରବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମର୍ପିତ ଗଣ ସଂଗଠନ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦର ପୁନର୍ଗଠନ କରାଯାଇ ପଟ୍ଟାମୁଣ୍ଡାଇ ବିଧାନସଭା ନିର୍ବାଚନମଣ୍ଡଳୀ ପୁନଃ ସ୍ଥାପନ, ପଟ୍ଟାମୁଣ୍ଡାଇ ସବଡ଼ିଭିଜନ ଓ ରାଜନଗର ଏନଏସି ଘୋଷଣା କରିବା ଦାବୀ ହାସଲ ପାଇଁ ବ୍ୟାପକ ଗଣଆନ୍ଦୋଳନ କ୍ଷେତ୍ର ପ୍ରସ୍ତୁତ କରାଯାଇଛି । ବିଭିନ୍ନବର୍ଗର ପ୍ରତିଷ୍ଠିତ ଲୋକମାନଙ୍କୁ ନେଇ ଗଣ ପରିଷଦ ପୁନର୍ଗଠନ କରାଯାଇଛି। ପ୍ରତିଷ୍ଠାତା ବରିଷ୍ଠ ରାଜନେତା ବିଜୟ କେତନ ସ୍ୱାଇଁ ଓ ପଟ୍ଟାମୁଣ୍ଡାଇ, ରାଜନଗର ବିକାଶ ପରିଷଦ ଆବାହକ ଆଡ଼ଭୋକେଟ ରାମକୃଷ୍ଣ ଦାଶଙ୍କ ଅନୁମୋଦନକ୍ରମେ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପୁନଃର୍ଗଠନ କରାଯାଇ ପ୍ରାକ୍ତନ ଜିଲ୍ଲା ଦୌରା ଜଜ ସଞ୍ଜୟ ସାହୁଙ୍କୁ ମୁଖ୍ୟ ପରାମର୍ଶଦାତା ଭାବେ ମନୋନୀତ କରାଯାଇଥିବାବେଳେ ପ୍ରାକ୍ତନ ପୁଲିସ ଅଧିକାରୀ ଆଡ଼ଭୋକେଟ ରମେଶ ଚନ୍ଦ୍ର ପରିଡା ପ୍ରଫେସର ଅର୍ଜୁନ ଚରଣ ନାୟକ ବରିଷ୍ଠ ଆଡ଼ଭୋକେଟ କିଶୋର କୁଣ୍ଡ ଓ ଶିକ୍ଷାବିତ ଉମାକାନ୍ତ ରାଉତରାୟଙ୍କୁ ଉପଦେଷ୍ଟାମଣ୍ଡଳୀ ସଭ୍ୟ ଭାବେ ମନୋନୀତ କରାଯାଇ ସଂଗଠନକୁ ବିସ୍ତାର କରାଯାଇଛି।

ଉପରୋକ୍ତ ଦାବୀ ନେଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ଖୁବଶୀଘ୍ର ପଟ୍ଟାମୁଣ୍ଡାଇ, ରାଜନଗର ବିକାଶ ପରିଷଦ କାର୍ଯ୍ୟକାରୀ କମିଟି ବୈଠକ ଆହ୍ୱାନ କରାଯିବ ବୋଲି ପ୍ରତିଷ୍ଠାତା ବରିଷ୍ଠ ରାଜନେତା ଶ୍ରୀ ସ୍ୱାଇଁ ଓ ଆବାହକ ଆଡ଼ଭୋକେଟ ଶ୍ରୀଦାଶ ପ୍ରକାଶ କରିଛନ୍ତି ।

# ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ



**ପଟ୍ଟାମୁଣ୍ଡାଇ,୧୧।୪ (ସଂଚାର ବ୍ୟୁରୋ):** ଓଡିଶାରେ ଆଜି ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ ଶୁଭାରମ୍ଭ ହୋଇଥିବା ବେଳେ ତଦନୁଯାୟୀ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲ ପଡିଆ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଓଡିଶାର କଟକ ଠାରେ ଆୟୋଜିତ ଭାରତ ସରକାରଙ୍କ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ ଉତ୍ସବର ସିଧା ପ୍ରସାରଣ ସହିତ ପୌରାଞ୍ଚଳର ହିତାଧିକାରୀମାନଙ୍କୁ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ କରାଯାଇଥିଲା। ପଟ୍ଟାମୁଣ୍ଡାଇ ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ସବଡିଭିଜନ ମେଡିକାଲ ଅଫିସର ଡା ନିରାକାର ପରିଡା, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ସାଂସଦ ପ୍ରତିନିଧି ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡା, ଜିଲ୍ଲା ଯୋଜନା କାର୍ଯ୍ୟାଳୟ ଅଧିକାରୀ ଆରତୀ ନାୟକ, କାଉନ ସିଲର ମୃତ୍ୟୁଞ୍ଜୟ ପାଢ଼ୀ ବିଦ୍ୟାଧର ସେଠୀ, ପ୍ରଶାନ୍ତ ବାରିକ, ଲାସ୍ୟମୟୀ ସାହୁ, ସୁବାଷ ମଲିକ, ପ୍ରିୟଙ୍କା ସେଠୀ, ମଧୁସ୍ମିତା ମଲିକ, ଝରଣା ବେହେରା, ସୁଧାମୟ ମଲିକ, ପୌର ପରିଷଦ ଉପନିର୍ବାହୀ ଯନ୍ତ୍ରୀ ସମୀର ଠାକୁର, କନିଷ୍ଠ ଯନ୍ତ୍ରୀ ସୁଶୀଲ ବେହେରା ପ୍ରମୁଖ ବହୁ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି ଯୋଗଦେଇ ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ଭାବଗ୍ରାହୀ କଳାନିକେତନର କଳାକାରମାନେ ନୃତ୍ୟ ସଂଗୀତ ପରିବେଷଣ କରିଥିଲେ ।

# ଠାକୁରଙ୍କ ଜମିରୁ ରାତିଅଧିଆ ମାଟି ଚୋରି



**ମାହାଙ୍ଗା,୧୧।୪ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ତହସିଲ୍ କାର୍ଯ୍ୟାଳୟ ଅଧିନରେ ଥିବା ନଦୀ, ନାଳ, ଗୋଚୋରରୁ ଦୈନିକ ବେନିୟମ ଭାବେ ମାଫିଆ ମାନଙ୍କ ଦ୍ୱାରା ବାଲି, ମାଟି ଚୋରା ଚାଲାଣ ହେଉଥିବା ଘଟଣା ସାଧାରଣରେ ମୁଣ୍ଡ ବିନ୍ଧାର କାରଣ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ତହସିଲ ପ୍ରଶାସନ ଏକ ପ୍ରକାରର ନିଦାବିଷ୍ଣୁ ସାଜିଥିବା ସ୍ଥଳେ ପୁଲିସ ପ୍ରଶାସନ ମାଫିଆ ମାନଙ୍କ ଠାରୁ ଭିତିରିଆ ମୋଟା ଅଙ୍କର ହାତଗୁଂଜା ନେଇ ସବୁ ଦେଖି ଜାଣି ନଜାଣିଲା ଭଳି ଅଭିନୟ କରୁଛି। ଅନ୍ୟପଟେ ନଦୀ, ନାଳ, ଗୋଚର ଛାଡ଼ି ଏବେ ମାଫିଆ ମାନଙ୍କ ଲୋଲୁପ ଦୃଷ୍ଟି ଠାକୁର ସମ୍ପତି ଉପରେ ପଡିବା ଭଳି ଘଟଣା ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଗୋତରା ଗ୍ରାମପଞ୍ଚାୟତ ଆପିଲୋ ତଳପଡା ଗ୍ରାମର ଦେଖିବାକୁ ମିଳିଛି।

ଏହି ଗାଁ'ର ଇଷ୍ଟଦେବ ଶ୍ରୀ ଶ୍ରୀ ଗ୍ରାମେଶ୍ୱରଙ୍କ ବିଜେସ୍ଥଳୀର ମାତ୍ର କିଛି ଦୂରତାରେ ଗ୍ରାମେଶ୍ୱର ମହାଦେବ ବିଜେ ନିଜ ଗାଁ ଓ ରାଉଳ ସେବାୟତଙ୍କ ମାର୍ଫତରେ ଥିବା ଜମି ଓ କାଡା ନାଳ ଦେଇ ପଣ୍ଡା ସାହିକୁ ଯାଇଥିବା ରାସ୍ତାକୁ ଉକ୍ତ ଗ୍ରାମର ଜୈନିକ ବ୍ୟକ୍ତି ରାତି ଅଧିଆ ଜେସିବି ମେସିନ୍ ଲଗାଇ ତାଡ଼ି ଟ୍ରାକ୍ଟର ଯୋଗେ ମାଟି ଚାଲଣା କରୁଥିବା ବେଳେ ସ୍ଥାନୀୟ ସରପଞ୍ଚ ଓ ରାଉଳ ସେବାୟତମାନେ ଏହାର ବିରୋଧ କରିଥିଲେ ମଧ ବ୍ୟକ୍ତି ଜଣଙ୍କ ସମସ୍ତଙ୍କୁ ଭ୍ରୁକ୍ଷେପ ନ କରି ପାଖାପାଖି ୫ଶହରୁ ଉର୍ଦ୍ଧ୍ୱ ଟ୍ରିପ୍ ମାଟି ରାତି ତମାମ୍ ତାଡି ଚାଲାଣ କରିଥିଲା। ଯାହାକୁ ନେଇ ରାଉଳ ସେବାୟତଙ୍କ ସମେତ ସ୍ଥାନୀୟ ଗ୍ରାମବାସୀମାନେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ, କଟକ ଜିଲ୍ଲାପାଳ ଏବଂ ଦେବୋତ୍ତର କମିନସରଙ୍କ ଦ୍ୱାରସ୍ତ ହେବା ନେଇ ସଜବାଜ ହେଉଥିବା ବେଳେ ମାହାଙ୍ଗା ତହସିଲଦାର ଏଥିପ୍ରତି ଦୃଷ୍ଟି ଦେବା ସହିତ ଠାକୁରଙ୍କ ଜମିରୁ ମାଟିତାଡ଼ି ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ସ୍ଥାନୀୟ ଗ୍ରାମବାସୀଙ୍କ ଠାରୁ ଆରମ୍ଭ କରି ରାଉଳ ସେବାୟତମାନେ ନିବେଦନ କରିଛନ୍ତି।

# କଂଗ୍ରେସର ମଶାଲ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି

**ମାହାଙ୍ଗା,୧୧।୪ (ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳା ନିର୍ଯାତନା ବୃଦ୍ଧି ପାଇବା ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଓଡ଼ିଶା ପ୍ରଦେଶ କମିଟି ତରଫରୁ ୧୫ ଏପ୍ରିଲରେ ଓଡ଼ିଶାର ପ୍ରତ୍ୟେକ ବ୍ଲକରେ ମଶାଲ ଶୋଭାଯାତ୍ରାର ଆୟୋଜନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସର ବରିଷ୍ଠ ନେତା ପ୍ରଦିପ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତ କାଜିହାଟସ୍ଥ କଂଗ୍ରେସ୍ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ଶତାଧିକ କଂଗ୍ରେସ୍ କର୍ମକର୍ତ୍ତା, ବରିଷ୍ଠ ନେତୃମଣ୍ଡଳୀ ମାନଙ୍କ ସମେତ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ୍ ସଭାପତି ଏସ୍.କେ ସଦାମ, ଅଜୟ ବାରିକ, ଏସ୍.କେ ସିରାଜ୍,ମାଧବ ପଲେଇ,ଡମ୍ବରୁ ସ୍ୱାଇଁ, ସେକ୍ ନବୀ,ପ୍ରଭାକର ସ୍ୱାଇଁ,ସେକ୍ ତୋଫାନୀ ପ୍ରମୁଖ ଉପସ୍ଥିତ ରହି ୧୫ ଏପ୍ରିଲରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ମଶାଲ ଶୋଭାଯାତ୍ରାକୁ ସଫଳ କରିବା ପାଇଁ ବିସ୍ତୃତ ଆଲୋଚନା କରିଥିଲେ। ଏହି ଶୋଭାଯାତ୍ରାରେ କଂଗ୍ରେସ କମିଟି ତରଫରୁ ବହୁ ସଂଖ୍ୟାରେ କର୍ମୀମାନେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।



# ଚାଷୀଙ୍କୁ ଉପଯୁକ୍ତ ବିହନ ୯୦% ରିହାତିରେ ଠିକଣା ସମୟରେ ଯୋଗାଇଦେବାକୁ କଂଗ୍ରେସର ଦାବି

**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ରାଜ୍ୟର ଦୁଇଟି ସରକାରରେ ଦୀର୍ଘ ୨୫ ବର୍ଷ ମଧ୍ୟରେ ବିହନ ଉତ୍ପାଦନ କ୍ଷେତ୍ରରେ ଅନ୍ୟ ରାଜ୍ୟଭଳି ଓଡ଼ିଶା ସ୍ୱାବଲମ୍ବୀ ହୋଇ ପାରିଲାନାହିଁ। ବିହନଗ୍ରାମ ଯୋଜନାରେ ଏହି ଦିଗରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ କ'ଣ ପାଇଁ ଓଡ଼ିଶା ବିହନ ଉତ୍ପାଦନରେ ପଛରେ ପଡ଼ିଛି ତାହାର ମଧ୍ୟ ସମୀକ୍ଷା କରାଯାଉନାହିଁ। ଖରିଫ୍ ହେଉ କି ରବି ହେଉ ସମୟ ଆସିଲେ ସରକାରଙ୍କ କ୍ଷଣିକ ତତ୍ପରତା ପ୍ରକାଶ ପାଏ। କୃଷି ବିଭାଗର ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ବଡ଼ ଅଧିକାରୀମାନେ ମାଳ ମାଳ କଥା ଘୋଷଣା କରନ୍ତି। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଫଳରେ ଚାଷୀ ଠିକଣା ସମୟରେ ବିହନ ପାଇବା ତ ଦୂରର କଥା ବହୁ ସମୟରେ ନକଲି ବିହନର ସମ୍ମୁଖିନ ହୁଏ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କଂଗ୍ରେସ ପକ୍ଷରୁ କହିଛନ୍ତି। ନିକଟରେ ମାନ୍ୟବର ମନ୍ତ୍ରୀ, ବିଭାଗୀୟ ଅଧିକାରୀ ଖରିଫ୍ ଚାଷ ପାଇଁ ବିହନ ଯୋଗାଣକୁ ସୁବିଧା କରିବା କଥା ଯାହା କହିଛନ୍ତି, ତାହା କେତେଦୂର କାର୍ଯ୍ୟକାରୀ ହେବ ଏହା ମଧ୍ୟ ପ୍ରଶ୍ନବାଚୀ। କାରଣ ବିଗତ ଦିନରେ ଆଳୁ ମିଶନ୍ ଫେଲ୍‌ଠାରୁ ଗତ ରବିରେ ଆଳୁ ଚାଷ ପାଇଁ ଯେଉଁ ସର୍ବବୃହତ ପ୍ରତିଶ୍ରୁତି ଦିଆଯାଇଥିଲା ଏବେ ରାଜ୍ୟରେ କେତେ ଆଳୁ ଫଳିଛି ଏବଂ ସଂରକ୍ଷଣ ପାଇଁ କ'ଣ ବ୍ୟବସ୍ଥା କରାଯାଇଛି ଏହା ସମସ୍ତଙ୍କୁ ଢେର ଜଣା ପଡ଼ିଲାଣି। କାଳ ବିଳମ୍ବ ନ କରି ସରକାର ଓ ପ୍ରଶାସନ ଆନ୍ତରିକତାର ସହିତ ସମସ୍ତ ଚାଷୀଙ୍କୁ ଆବଶ୍ୟକ ମୁତାବକ ଉପଯୁକ୍ତ ବିହନ ୯୦ ପ୍ରତିଶତ ରିହାତି ମୂଲ୍ୟରେ ଠିକଣା ସମୟରେ ଯୋଗାଇ ଦେବାକୁ ପ୍ରଦେଶ କିଷାନ କଂଗ୍ରେସ ତରଫରୁ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରାଯାଇଛି। ଯଦି ଅକ୍ଷୟ ତୃତୀୟା ପୂର୍ବରୁ ପ୍ରତି ପଞ୍ଚାୟତସ୍ତରରେ ବିହନ ମହଜୁଦ ନ ରହେ ଏଥିପାଇଁ ସରକାରଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉମେଶ ସାହୁ, ସାନନ୍ଦ ମିଶ୍ର, ସ୍ୱପ୍ନେଶ୍ୱର ପୃଷ୍ଟି, ପି. ଦେବେନ୍ଦ୍ର କୁମାର ରାଓ, ଧ୍ରୁବ ଚରଣ ପରିଡ଼ା, ବୃନ୍ଦାବନ ଖଟେଇ, ପଦ୍ମ ଚରଣ ସାହୁ, ନୂତନ ତ୍ରିପାଠୀ, ବସନ୍ତ କୁମାର ପରିଡ଼ା, ଦାଶରଥି ସାହୁ, ସଦାନନ୍ଦ ଓଝା, ବିପ୍ରବର ସାହୁ ପ୍ରମୁଖ ଜିଲ୍ଲା କିଷାନ କଂଗ୍ରେସ କର୍ମକର୍ତ୍ତାମାନେ ଅନୁରୂପ ଭାବେ ଦୃଢ଼ ଦାବୀ କରିଛନ୍ତି।

# ଓୟୁଟିଆରର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ



**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ବିକଶିତ ଓଡ଼ିଶା ଓ ବିକଶିତ ଭାରତର ଗଠନରେ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ଭୁବନେଶ୍ୱରସ୍ଥିତ ରେଳବାଇ ଅଡିଟୋରିୟମଠାରେ ଅନୁଷ୍ଠିତ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱ ବିଦ୍ୟାଳୟ (ଓୟୁଟିଆର)ର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ସମାବର୍ତ୍ତନ ଉତ୍ସବ କେବଳ ଅନୁଷ୍ଠାନ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଂଟ ନୁହେଁ ବରଂ ଏହି ମର୍ଯ୍ୟାଦା ସମ୍ପନ୍ନ ବିଶ୍ୱ ବିଦ୍ୟାଳୟର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। କଲେଜ ଅଫ୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରୁ ଓୟୁଟିଆର ପରି ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେବା ଅନୁଷ୍ଠାନ ଏବଂ ଓଡ଼ିଶାର ବୃହତ୍ତର ଶିକ୍ଷା ପରିମଣ୍ଡଳ ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ଏହି ପରିବର୍ତ୍ତନ କେବଳ ଶିକ୍ଷାଗତ ଉତ୍କର୍ଷତା ନୁହେଁ, ବରଂ ବିକଶିତ ବିଶ୍ୱ ଦୃଶ୍ୟ ପଟ୍ଟରେ ଚାହିଦା ପୂରଣ କରିବା ଦିଗରେ ଶିକ୍ଷାଗତ ମାନଦଣ୍ଡକୁ ଉନ୍ନତ କରିବାର ଆକାଂକ୍ଷାର ପ୍ରତୀକ । ଓୟୁଟିଆର ନିରନ୍ତର ଭାବେ ପ୍ରଯୁକ୍ତି ବିଦ୍ୟା, ନବସୃଜନ, ଗବେଷଣା ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି। ଏଆଇ ପାଠ୍ୟକ୍ରମକୁ ଅନ୍ତର୍ଭୁକ୍ତ କରି ବିଶ୍ୱବିଦ୍ୟାଳୟ କେବଳ ନବୀନତମ ପ୍ରଯୁକ୍ତିବିଦ୍ୟା ଧାରା ସହିତ ନିଜକୁ ସମନ୍ୱିତ କରିନାହିଁ, ବରଂ ଡିଜିଟାଲ ଯୁଗରେ ଛାତ୍ରଛାତ୍ରୀମାନଙ୍କୁ ଦକ୍ଷ କରିବା ପାଇଁ ଶିକ୍ଷା ମଡେଲକୁ ଗ୍ରହଣ କରିଛି। ନବସୃଜନ ଏବଂ ବ୍ୟବହାରିକ ଶିଳ୍ପ ସହଯୋଗ ଉପରେ ଗୁରୁତ୍ୱ ଆରୋପ କରି

**ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ବୈଷୟିକ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱାପୂର୍ଣ୍ଣ: ରାଜ୍ୟପାଳ**

ଏହାର ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତାମୂଳକ ବିଶ୍ୱ ପରିବେଶରେ ସଫଳ ହେବା ପାଇଁ ଏକ ଦୃଢ଼ ଭିତ୍ତି ଭୂମି ସୃଷ୍ଟି କରିଛି ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳ ପୁଣି କହିଥିଲେ ଯେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଉଜ୍ଜ୍ୱଳ ଶିଳ୍ପ ଭିତ୍ତିଭୂମି ସହିତ ଓୟୁଟିଆର ପ୍ରଯୁକ୍ତି ବିଦ୍ୟା ଏବଂ ଗବେଷଣା ପାଇଁ ହବ୍ ଭାବେ ପ୍ରସ୍ତୁତ ହୋଇଛି।

**ସିପେଟ୍ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ**

# ଓଡ଼ିଶାରେ ସିପେଟ୍‌ର ଅଧିକ କେନ୍ଦ୍ର ସ୍ଥାପନ ପାଇଁ ପ୍ରସ୍ତାବ



**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ରସାୟନ ଓ ସାର ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ସହ ସିପେଟ୍ ପରିଦର୍ଶନରେ ଯାଇ ଓଡ଼ିଶାରେ ଏହି ପ୍ରତିଷ୍ଠାନର ଅଧିକ କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିକଟରେ ପେଟ୍ରୋ କେମିକାଲ୍ କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କାଠାରୁ ଅଧିକ ମୂଲ୍ୟର ନିବେଶ ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି। ପୂର୍ବରୁ ଉତ୍କର୍ଷ ଓଡ଼ିଶାରେ ମଧ୍ୟ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଏହାଦ୍ୱାରା ପ୍ରାୟ ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପେଟ୍ରୋ କେମିକାଲ୍ ଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି ହୋଇଛି । ଏଥିପାଇଁ ଅଧିକ ଦକ୍ଷ ୱାର୍କଫୋର୍ସର ଆବଶ୍ୟକତା ରହିଛି। ସେଥିପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ସିପେଟ୍‌ର ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । ରାଜ୍ୟର ବିଭିନ୍ନ ଶିଳ୍ପ କ୍ଲଷ୍ଟର ଯେପରିକି କେନ୍ଦୁଝର, ଝାରସୁଗୁଡା, କଳିଙ୍ଗନଗର, ଗୋପାଳପୁର, ଅନୁଗୁଳ ଏବଂ ରାୟଗଡା ପରି ସ୍ଥାନରେ ଏହାର ଟ୍ରେନିଂ ସେଣ୍ଟର ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିପେଟ୍‌ର ବିଭିନ୍ନ ଲାବ୍ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ ।

# ବୈପ୍ଳବିକ ପରିବର୍ତ୍ତନ ଆଣିବ ଆୟୁଷ୍ମାନ ଯୋଜନା

- ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ରାଜ୍ୟ ସଭାପତି
- ଐତିହାସିକ କଟକ ବାଲିଯାତ୍ରା ପଡ଼ିଆରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ
- ଓଡ଼ିଶାର ୩ କୋଟି ୫୦ଲକ୍ଷ ଲୋକ ଏହି ଯୋଜନାରେ ଲାଭାନ୍ୱିତ ହେବେ
- ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ଅବା ତଦୁର୍ଦ୍ଧ ବୟୋଜେଷ୍ଠ ନାଗରିକଙ୍କୁ ବିନା କୌଣସି ମାନଦଣ୍ଡରେ ଚିକିତ୍ସା ସେବା ଯୋଗାଇ ଦିଆଯିବ



**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ଆଜି ଏକ ଐତିହାସିକ ଦିନ। ବହୁ ପ୍ରତିକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ କଟକ ବାଲିଯାତ୍ରା ପଡିଆରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଜେପି ନଡ୍ଡାଙ୍କ କରକମଳରେ ହୋଇଯାଇଛି। ଏହି ଯୋଜନାରେ ଓଡ଼ିଶାର ୩ କୋଟି ୫୦ଲକ୍ଷ ଲୋକ ଲାଭାନ୍ୱିତ ହେବେ। ବିଶେଷ କରି ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ଅବା ତଦୁର୍ଦ୍ଧ ବୟୋଜେଷ୍ଠ ନାଗରିକଙ୍କୁ ବିନା କୌଣସି ମାନଦଣ୍ଡରେ ଏହି ସେବା ଯୋଗାଇ ଦିଆଯିବ। ଦେଶର ୨୯ହଜାର ହସ୍ପିଟାଲରେ ଓଡ଼ିଶାବାସୀଙ୍କୁ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା ମିଳିପାରିବ। ଏହି ଯୋଜନା ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ତତ୍କାଳୀନ ସରକାର ନିଜର ରାଜନୈତିକ ସ୍ୱାର୍ଥ ପୂରଣ କରିବା ପାଇଁ ଏହିଭଳି ଏକ ମହତ୍ୱାକାଂକ୍ଷୀ ଯୋଜନା ଓଡ଼ିଶାରେ ଲାଗୁ କରାଇଦେଉନଥିଲେ। ଫଳରେ ଓଡ଼ିଶାର ବହୁ ଲୋକ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେଉଥିଲେ। ସେତେବେଳେ କେବଳ ପରିବାର ପିଛା ଗୋଟିଏ ଲେଖାଏଁ ସ୍ୱାସ୍ଥ୍ୟ ସେବା କାର୍ଡ ପ୍ରଦାନ କରାଯାଉଥିବାବେଳେ ଏହି ନୂତନ ଯୋଜନାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୋଟିଏ ଲେଖାଏଁ କାର୍ଡ ପ୍ରଦାନ କରାଯିବ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହି ନୂତନ ଯୋଜନା ରାଜ୍ୟରେ ଲାଗୁ ହେବା ପରେ ରାଜ୍ୟବାସୀ ଦେଶର ପ୍ରାୟ ସବୁ ହସ୍ପିଟାଲରେ ଉନ୍ନତ ମାନର ଚିକିତ୍ସା ସେବା ପାଇପାରିବେ। ରାଜ୍ୟରେ ଏହି ଯୋଜନା ଲାଗୁ କରିଥିବାରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଧନ୍ୟବାଦ ଜ୍ଞାପନ କରିଛନ୍ତି।

**ପୁରୀ ରେଳ ଷ୍ଟେସନର ଆକର୍ଷଣ ହେବ ଐତିହ୍ୟ**

# ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କଲେ ରେଳ ମନ୍ତ୍ରୀ



**ପୁରୀ,୧୧।୪ (ସଂଚାର ବ୍ୟୁରୋ):** ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ସନ୍ଧ୍ୟାରେ ପୁରୀ ରେଳ ଷ୍ଟେସନରେ ଚାଲୁରହିଥିବା ପୁନର୍ବିକାଶ କାର୍ଯ୍ୟର କରିଛନ୍ତି। ଅମୃତ ଷ୍ଟେସନ ଯୋଜନା ଅଧୀନରେ ସମଗ୍ର ଓଡ଼ିଶାରେ ପ୍ରମୁଖ ରେଳ ଭିତ୍ତିଭୂମିକୁ ଆଧୁନିକୀକରଣ କରିବା ପାଇଁ ଭାରତୀୟ ରେଳର ପ୍ରତିବଦ୍ଧତାର ଏକ ଅଂଶ ଭାବେ ପୁରୀ ରେଳ ଷ୍ଟେସନର ପୁନର୍ବିକାଶର କାର୍ଯ୍ୟ ଅନ୍ତର୍ଭୁକ୍ତ। ନିରୀକ୍ଷଣ ସମୟରେ, ସେ ନିର୍ମାଣ କାର୍ଯ୍ୟର ଅଗ୍ରଗତି ବିଷୟରେ ବିସ୍ତୃତ ସମୀକ୍ଷା କରିବା ସହ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଓ ବାକି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ କୋଣାର୍କ ରେଳମାର୍ଗ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଅଗ୍ରଗତିରେ ଚାଲୁରହିଛି ବୋଲି ସେ କହିଛନ୍ତି। ରୂପାନ୍ତରିତ ହେବା ପରେ ପୁରୀ ରେଳ ଷ୍ଟେସନ ଐତିହ୍ୟ ସୌନ୍ଦର୍ଯ୍ୟ ଏବଂ ଆଧୁନିକ ଯାତ୍ରୀ ସୁବିଧାର ସହ ଏକ ବିଶ୍ୱସ୍ତରୀୟ ସୁବିଧା ଭାବରେ ଦଣ୍ଡାୟମାନ ହେବ। ଷ୍ଟେସନର ପୁନର୍ବିକାଶ ୨୦୨୧-୨୨ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ବେଳେ ୧୭୭.୪୧ କୋଟି ଟଙ୍କା ବ୍ୟୟ ଅଟକଳରେ ସମନ୍ୱିତ ଷ୍ଟେସନ ପୁନଃବିକାଶ ଯୋଜନା କାର୍ଯ୍ୟ କରାଯାଉଅଛି । ଅମୃତ ଷ୍ଟେସନ ଯୋଜନା ପ୍ରଧାନମନ୍ତ୍ରୀଙ୍କ ଏକ ପରିକଳ୍ପନା ଯେଉଁଥିରେ ଐତିହ୍ୟ, ସଂସ୍କୃତି ଓ ବିକାଶ ସ୍ଥାନପାଇଛି। ପୁରୀ ଷ୍ଟେସନ ବିକାଶ କ୍ଷେତ୍ରରେ ମଧ୍ୟ ଏଠିକାର ଐତିହ୍ୟ, ସଂସ୍କୃତି ସ୍ଥାନ ପାଇବ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଖୋର୍ଦ୍ଧା ରୋଡର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍‌ଏସ୍ ବାଜୱାଙ୍କ ସମେତ ବରିଷ୍ଠ ରେଳ ଅଧିକାରୀମାନେ ଏହି ନିରୀକ୍ଷଣରେ ଯୋଗ ଦେଇଥିଲେ। ପୁନଃବିକଶିତ ପୁରୀ ଷ୍ଟେସନକୁ ସବୁଜ କୋଠା ଡିଜାଇନ୍‌ରେ ବିକାଶ କରାଯିବ, ଯାହା ପ୍ରତି ଘଣ୍ଟା ୨୫୦କିଲୋମିଟର ବେଗ ପର୍ଯ୍ୟନ୍ତ ପବନ ବେଗ ସହ୍ୟ କରିପାରିବ। ସେହିଭଳି ଷ୍ଟେସନ ଭବନ ଏବଂ କନକୋର୍ସ କ୍ଷେତ୍ର ସହ ୮ଟି ପ୍ଲାଟଫର୍ମ ନିର୍ମାଣ କରାଯିବ। ଯାତ୍ରୀଙ୍କ ସୁବିଧ ପାଇଁ ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍, ବ୍ୟାଗେଜ୍ ସ୍କାନର, ପର୍ଯ୍ୟଟକ ସୂଚନା ଏବଂ ବୁକିଂ କେନ୍ଦ୍ର, ଖାଦ୍ୟ କୋର୍ଟ, ଜନ ଆହାର ଏବଂ ଦୋକାନ, କେନ୍ଦ୍ରୀୟ ସିସିଟିଭି ମନିଟରିଂ, ଚାରୋଟି ଏସ୍କାଲେଟର, ୪ଟି ଯାତ୍ରୀ ଲିଫ୍ଟ, ୨୩ଟି ଅବସର କୋଠରୀ ଏବଂ ୧୫୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ୬୦ ଶଯ୍ୟା ବିଶିଷ୍ଟ ଟିଟିଇ ବିଶ୍ରାମ କୋଠରୀ, ଦେୟଯୁକ୍ତ ଲାଉଞ୍ଜ, ମାଗଣା ଅପେକ୍ଷା ଲାଉଞ୍ଜ, ଶିଶୁ ଖାଦ୍ୟ ଖାଇବା କୋଠରୀ, ଶିଶୁ ସହାୟତା ଡେସ୍କ ପ୍ରତିଷ୍ଠା କରାଯିବ।

# ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ଦର ବୃଦ୍ଧିକୁ ବିରୋଧ




**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ଆଜି ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ଭୁବନେଶ୍ୱର ଆଞ୍ଚଳିକ କମିଟି ଦ୍ୱାରା ମାଷ୍ଟର କ୍ୟାଣ୍ଟିନ ଛକ ରେ ମୋଦୀ ସରକାରର ରନ୍ଧନ ଗ୍ୟାସ ଦର ବୃଦ୍ଧି ବିରୁଦ୍ଧରେ ପ୍ରତିବାଦ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ବଜେଟ ଅଧିବେଶନ ଶେଷ ହେବା ପରେ ପରେ ପେଟ୍ରୋଲ ଏବଂ ଡିଜେଲ ଉପରେ ସଠତା ପୂର୍ଣ୍ଣ ଭାବରେ ଜନ ଗଣଙ୍କୁ ଧୋକା ଦେଇ ବସାଇଥିବା କଷ୍ଟମ ଡ୍ୟୁଟି ଓ ଘରୋଇ ରନ୍ଧନ ଗ୍ୟାସ ଉପରେ ସିଲିଣ୍ଡର ପିଛା ୫୦ ଟଙ୍କା ଦରବୃଦ୍ଧି ସମ୍ପୂର୍ଣ୍ଣ ଜନବିରୋଧୀ ଓ ଅଗଣତାନ୍ତ୍ରିକ ବୋଲି ବିକ୍ଷୋଭ ରେ ଉଦବୋଧନ ଦେଇ ସିପିଏମ୍ ର ରାଜ୍ୟ କମିଟି ସମ୍ପାଦକ ଶ୍ରୀ ସୁରେଶ ପାଣିଗ୍ରାହୀ କହିଛନ୍ତି । ଏହା ବିରୁଦ୍ଧରେ ତମାମ ରାଜ୍ୟ ରେ ଏବଂ ଦେଶରେ ଜୋରଦାର ଆନ୍ଦୋଳନ ଚାଲିଛି ବୋଲି ସେ କହିଥିଲେ । ବିକ୍ଷୋଭ ରେ ନେତୃତ୍ୱ ନେଇ ଭୁବନେଶ୍ୱର ଆଞ୍ଚଳିକ ସମ୍ପାଦକ ଶ୍ରୀ ପ୍ରଦୀପ୍ତ ନାୟକ କହିଥିଲେ ଜେ ସୁଭଦ୍ରା ଯୋଜନାରେ ଟଙ୍କାର ଲାଳଚ ଦେଇ ରନ୍ଧନ ଗ୍ୟାସ ବିଜୁଳି, ପେଟ୍ରୋଲ ଡିଜେଲ ଇତ୍ୟାଦି ଅତ୍ୟାବଶକୀୟ ଦ୍ରବ୍ୟରେ ଅହେତୁକ ଦର ବଢ଼ାଇ ଲୋକଙ୍କୁ ସ୍ପଷ୍ଟ ଦିବାଲୋକରେ ବିଜେପି ଡବଲ ଇଂଜିନ ସରକାର ଲୁଟ କରୁଛି । ଆଗାମୀ ଦିନରେ ମଇ ମାସ ୨୦ ତାରିଖ ରେ ବିଜେପି ନେତୃତ୍ୱାଧୀନ ମୋଦୀ ସରକାର ର ବିରୁଦ୍ଧରେ ଦୁର୍ବାର ସାଧାରଣ ଧର୍ମଘଟ କରାଯିବ ବୋଲି ଶ୍ରୀ ନାୟକ କହିଥିଲେ। ପାର୍ଟି ନେତା ଶ୍ରୀ ପ୍ରଭାତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସଭାରେ ସିପିଏମ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀ ଜନ୍ମେଶ୍ୱର ସାମନ୍ତରାୟ, ନାରୀନେତ୍ରୀ ମିନତୀ ପାଣିଗ୍ରାହୀ, ଡି ୱାଇ ଏଫ ଆଇ ରାଜ୍ୟ ସମ୍ପାଦକ ଶ୍ରୀ ସରୋଜ ନାୟକ ପ୍ରଭୃତି ଉଦବୋଧନ ଦେଇ କେନ୍ଦ୍ର ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ ।

# ୧୨ମାସର ପାରିଶ୍ରମିକ ଦାବିରେ ପାଚିକାଙ୍କ ବିକ୍ଷୋଭ

**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା-ସହାୟିକା ସଂଘ ଆହ୍ୱାନରେ ଶୁକ୍ରବାର ପୂର୍ବାହ୍ନରେ ଲୋୟର ପି.ଏମ୍. ଜି ଠାରେ ପାଚିକା-ସହାୟିକାଙ୍କ ରାଜ୍ୟ ସ୍ତରୀୟ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି। ସଂଘର ରାଜ୍ୟ ସଭାପତି ବିଷ୍ଣୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ଜୟସେନ ମେହେର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ରାଜକିଶୋର ମଲ୍ଲିକ, ବ୍ରଜବନ୍ଧୁ ସାହୁ, ପ୍ରଦୀପ୍ତ ରାମ, ନିରଞ୍ଜନ ମହାନ୍ତି , ସଂଘର ଉପସଭାନେତ୍ରୀ ସସ୍ମିତା ସ୍ୱାଇଁ, ସଂଘର ସାଧାରଣ ସମ୍ପାଦିକା ଇତିଶ୍ରୀ ଜେନା, ସହ ସାଧାରଣ ସମ୍ପାଦିକା ବୁଲି ବାରିକ ପ୍ରମୁଖ କ୍ଷୋଭର ସହ କହିଥିଲେ ଯେ ପାଚିକା-ସହାୟିକାମାନେ ଦୀର୍ଘ ବର୍ଷ ଧରି ସରକାରୀ ବିଦ୍ୟାଳୟ ଗୁଡ଼ିକରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟ କରିଆସୁଛନ୍ତି, ବିଦ୍ୟାଳୟରେ ଦୈନିକ ୭ଘଣ୍ଟାରୁ ଅଧିକ ସମୟ କାମ କରୁଛନ୍ତି, ଶ୍ରେଣୀ ଗୃହ ଓ ପରିସର ସଫେଇ, ଗଛ ବୃକ୍ଷରେ ପାଣି ଦେବା , ପାନୀୟଜଳ ଯୋଗାଣ ଭଳି ଅନେକ ଅତିରିକ୍ତ କର୍ଯ୍ୟକୁ ବାଧ୍ୟ କରି ସେମାନଙ୍କ ଦ୍ୱାରା କରାଯାଇ ଆସୁଛି। ଅତିରିକ୍ତ କାମ ପାଇଁ କୌଣସି ପ୍ରକାର ଅତିରିକ୍ତ ପ୍ରାପ୍ୟ ବି ଦିଆ ଯାଉ ନାହିଁ। ୨୦୨୫ ମସିହା ଜାନୁୟାରୀ ମାସରେ ଓଡ଼ିଶା ରାଜ୍ୟ ସରକାର ପାଚିକା-ସହାୟିକାଙ୍କ ମାସିକ ପାରିଶ୍ରମିକ ୨୦୦୦ଟଙ୍କାରୁ ୩୦୦୦ଟଙ୍କାକୁ ବୃଦ୍ଧି ଘୋଷଣା କରି ପରେ ୧ ଏପ୍ରିଲ ୨୦୨୫ ଠାରୁ ଲାଗୁ କରି ପାଚିକା-ସହାୟିକାଙ୍କ ପ୍ରତି ସରକାର ଅବିଚାର କରିଛନ୍ତି। ଡବଲ ଇଞ୍ଜିନ୍ ରାଜ୍ୟ ସରକାର ଅବିଳମ୍ବେ ପାଚିକା-ସହାୟିକାଙ୍କ ନ୍ୟାଯ୍ୟ ଦାବି ପୂରଣ କରିବା ପାଇଁ ସେମାନେ ଦୃଢ ଦାବି କରିଛନ୍ତି।




ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ସରକାରୀ କର୍ମଚାରୀର ମାନ୍ୟତା ପର୍ଯ୍ୟନ୍ତ ଅନ୍ୟାନ୍ୟ ଶ୍ରମିକଙ୍କ ପାଇଁ ସରକାରଙ୍କ ଘୋଷିତ ଦୈନିକ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା,ବର୍ଷରେ ୧୦ ମାସ ପରିବର୍ତ୍ତେ ୧୨ମାସର ପାରିଶ୍ରମିକ ପ୍ରଦାନ କରିବା, ୨୪ମାସର ବକେୟା ପ୍ରାପ୍ୟ ପାଇ ନଥିବା ପାଚିକା-ସହାୟିକାଙ୍କ ନିର୍ଭୁଲ ତାଲିକା ପ୍ରସ୍ତୁତ କରି ତୁରନ୍ତ ପ୍ରଦାନ, ପ୍ରତି ମାସର ପ୍ରଥମ ସପ୍ତାହରେ ପାରିଶ୍ରମିକ ପ୍ରଦାନ , ଅବସର ବୟସ ସୀମା ୬୦ବର୍ଷରୁ ୬୫ବର୍ଷକୁ ବୃଦ୍ଧି, ଅବସରକାଳୀନ ଆର୍ଥିକ ସହାୟତା ଦୁଇ ଲକ୍ଷ ଟଙ୍କା, ବିଦ୍ୟାଳୟ ବନ୍ଦ ଓ ମିଶ୍ରଣ ଫଳରେ ଛଟେଇ ପାଚିକା-ସହାୟିକାଙ୍କୁ ଅନ୍ୟତ୍ର ନିଯୁକ୍ତି, ବନ୍ଦ କରାଯାଇଥିବା ୩୬୬ ଓ ୧୪୩୭୯ ପ୍ରାଥମିକ ବିଦ୍ୟାଳୟକୁ ତୁରନ୍ତ ଖୋଲି ଛଟେଇ ପାଚିକା-ସହାୟିକାଙ୍କୁ ପୁନଃ ନିଯୁକ୍ତି,ବର୍ଷରେ ଦୁଇ ହଳ ଶାଢୀ , ପିଏଫ୍, ପେନସନ୍, ବୀମା ବ୍ୟବସ୍ଥା , ସବେତନ ଛୁଟି, ପ୍ରସୂତି କାଳୀନ ଛୁଟି, ମଧ୍ୟାହ୍ନ ଭୋଜନ କାମ ବ୍ୟତୀତ ଅନ୍ୟାନ୍ୟ କାମରେ ନିୟୋଜିତ ନକରିବା, ନୂତନ ଭାବେ ନିଯୁକ୍ତ ପାଚିକା-ସହାୟିକାଙ୍କୁ ନିଯୁକ୍ତି ଦିନ ଠାରୁ ପାରିଶ୍ରମିକ ପ୍ରଦାନ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାକୁ ଘରୋଇ ସଂସ୍ଥା ହାତରେ ନଦେବା ,ଶ୍ରମିକ-କର୍ମଚାରୀ ବିରୋଧୀ ଶ୍ରମ କୋଡ୍ ବାତିଲ କରିବା, ଶିକ୍ଷା ଧ୍ୱଂସକାରୀ ନୂତନ ଜାତୀୟ ଶିକ୍ଷା ନୀତି -୨୦୨୦ ବାତିଲ କରିବା ଆଦି ୧୬ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷାମନ୍ତ୍ରୀ, ସଚିବ ଓ ପି.ଏମ୍ ପୋଷଣ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି।

# ପ୍ରତ୍ୟେକ ଓଡିଆଙ୍କୁ ମିଳୁ ଆୟୁଷ୍ମାନ ଭାରତ ସୁବିଧା



**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ରଥଯାତ୍ରା ପୂର୍ବରୁ ସାଢେ ୪ କୋଟି ଓଡ଼ିଶାବାସୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରିବା ପାଇଁ ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ଲେଖାଶ୍ରୀ ସାମନ୍ତସିଂହାର। ୧୦ ମାସ ଧରି ଚେଷ୍ଟା କରି ମଧ୍ୟ ବିଏସ୍କେୱାଇ ଯୋଜନାରେ କୌଣସି ପରିବର୍ତ୍ତନ କରିପାରିଲେ ନାହିଁ । ସାରା ଦେଶରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଶ୍ରେଷ୍ଠ ଥିଲା ବୋଲି ଆଜି ପୁଣି ଥରେ ସ୍ୱୀକାର କରିଛନ୍ତି ରାଜ୍ୟ ସରକାର। କେବଳ କାର୍ଡର ନାଁ ପରିବର୍ତ୍ତନ କରିବାରେ ସକ୍ଷମ ହୋଇପାରିଛନ୍ତି । ବିଏସ୍କେୱାଇରେ ୩ କୋଟି ୫୬ ଲକ୍ଷ ହିତାଧିକାରୀ ଉପକୃତ ହୋଇଥିଲା ବେଳେ ଆୟୁଷ୍ମାନ ଭାରତରେ ମାତ୍ର ୩ କୋଟି ୫୧ ଲକ୍ଷ ହିତାଧିକାରୀ ସାମିଲ ହେବା ଦୁର୍ଭାଗ୍ୟଜନକ । କେଉଁ ଆଧାରରେ ଓ କେଉଁ ହିତାଧିକାରୀମାନଙ୍କୁ ଯୋଜନାରୁ ବଞ୍ଚିତ କରାଗଲା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ । ଆୟୁଷ୍ମାନ ଭାରତ ଯୋଜନା ବାବଦରେ ବିଜେପି ଡିଣ୍ଡିମ ପିଟୁଥିଲା ବେଳେ ସିଏଜି ତାଙ୍କ ରିପୋର୍ଟରେ ଏଥିରେ ବ୍ୟାପକ ଆର୍ଥିକ ଅନିୟମିତତା, ଦୁର୍ନୀତି ଓ ସ୍ୱାସ୍ଥ୍ୟ ସେବାରେ ଅବ୍ୟବସ୍ଥା ଥିବା ଉଲ୍ଲେଖ କରିଛନ୍ତି। ୨୦୧୩-୧୪ରେ ଓଡ଼ିଶାରେ ବିଜୁ କୃଷକ କଲ୍ୟାଣ ଯୋଜନା ନାଁରେ ଦେଶର ପ୍ରଥମ ସ୍ୱାସ୍ଥ୍ୟବୀମା ଯୋଜନା ପ୍ରଣୟନ କରି ନବୀନ ପଟ୍ଟନାୟକ ଉଦାହରଣ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ଅଗଷ୍ଟ ମାସରେ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ଆସ୍ୟୁରାନ୍ସ ମୋଡ୍‌ରେ ଓଡ଼ିଶାରେ ଲାଗୁ କରିଥିଲେ । କେବଳ ନାଁ ପରିବର୍ତ୍ତନ କରି ଆଜି ରାଜ୍ୟରେ ଆରମ୍ଭ ହୋଇଥିବା ଆୟୁଷ୍ମାନ ଭାରତ ଯୋଜନା, ବିଏସ୍କେୱାଇର ଅବିକଳ ନକଲ । ସମଗ୍ର ଦେଶରେ ସ୍ୱାସ୍ଥ୍ୟସେବା ଲାଗି ଲୋକଙ୍କ ପକେଟରୁ ଖର୍ଚ୍ଚ କମାଇବାରେ ବିଏସ୍କେୱାଇ ଯୋଜନା ପ୍ରଣୟନ କରି ଓଡ଼ିଶା ଶ୍ରେଷ୍ଠ ସ୍ଥାନ ହାସଲ କରିଥିଲା। ଉତ୍ତରପ୍ରଦେଶ ୧୩ ପ୍ରତିଶତ, ମହାରାଷ୍ଟ୍ର ୨୦ ପ୍ରତିଶତ ଖର୍ଚ୍ଚ କମାଇ ପାରିଥିଲା ବେଳେ ଓଡ଼ିଶା ୩୭ ପ୍ରତିଶତ ଖର୍ଚ୍ଚ କମାଇବାରେ ସକ୍ଷମ ହୋଇଥିଲା ।

## ନିରୁଦ୍ଦିଷ୍ଟ



**ମୁଁ ଚିତ୍ତରଞ୍ଜନ ବାରିକ**
**ପିତା : କମଳା କାନ୍ତ ବାରିକ**
**ପୋ:/ଗ୍ରାମ - ବଡ଼ପୋଖରୀ,**
**ଥାନା :/ଔପଦା ଜିଲ୍ଲା -ବାଲେଶ୍ୱର**

ଏତଦ୍ୱାରା ଘୋଷଣା କରୁଛି ମୁଁ ତା :- ୧୩.୦୨.୨୦୧୯ ମସିହାରେ ଶ୍ରୀମତୀ ଅଗ୍ନିଶିଖା ପଟନାୟକ ( ବବି, ସୁବୁଦ୍ଧି ) କୁ ବୈଦିକ ରିତିରେ ପ୍ରେମ ବିବାହ କରିଥିଲି। ବିବାହ ପରେ ମଞ୍ଚେଶ୍ୱର ରଙ୍ଗମାଟିଆ ଠାରେ ଚାରି ବର୍ଷ ଭଡା ଘରେ ରହିଲୁ । ଏହାରି ଭିତରେ ଆମର ଗୋଟିଏ ପୁଅ ଦିବ୍ୟରଞ୍ଜନ ଜନ୍ମ ହୋଇଥିଲା ତାହାର ବର୍ତ୍ତମାନ ବୟସ ୫ ପୁରିଲା । ଦୁଇ ବର୍ଷ ପୂର୍ବରୁ ଅର୍ଥ ଅଭାବ ପାଇଁ ମୁଁ ବିଦେଶ ସୋମାଲିଆ ଗଲି ଟଙ୍କା ଆଣି ମୋର ସ୍ତ୍ରୀ ପିଲାର ଭବିଷ୍ୟତ ଗଢ଼ିବା ପାଇଁ ମୁଁ ସୋମାଲିଆ ରେ ଥିଲା ସମୟରେ ୨୦୨୨ ମସିହା ଡିସେମ୍ବର ମାସରେ ଜାଣିବାକୁ ପାଇଲି ମୋ ସ୍ତ୍ରୀ ରହୁଥିବା ଘର ଛାଡି ଦେଇ ଅନ୍ୟ କେଉଁ ସ୍ଥାନରେ ରହୁଛି। ମୋ ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜି ପାଉନାହାନ୍ତି ଏପରି ଏକ ଖବର ଶୁଣି ଜାନୁଆରୀ ମାସ ଆସି ଭୁବନେଶ୍ୱର ରେ ଖୋଜି ଭିଏସସ ନଗର କଲୋନୀରେ ପାଇଲି । ସେଠାରେ ଦୁଇଜଣ କିଛି ଦିନ ରହିଲୁ ସେ ସ୍ଥାନଟି ପରିକ୍ତତ ସନ୍ଦେହ ଜଣକ ସ୍ଥାନ ମୋର ସ୍ତ୍ରୀ କୁ କହିଲି ଅନ୍ୟସ୍ଥାନ ରେ ରହିବା ନଚେତ ଆମ ଘରେକୁ ଯିବା ସେ ମୋ କଥା ନମାନି ପୁଅକୁ ଛାଡି ରାତ୍ରି ରେ କୁଆଡେ ପଳାଇଲେ । ସକାଳେ ବିଭିନ୍ନ ସ୍ଥାନ ରେ ଖୋଜିଲି କିନ୍ତୁ କେଉଁ ଠାରେ ପାଇଲି ନାହିଁ ଏହା ପରେ ମୁଁ ସହିଦ ନଗର ଥାନାରେ ୧୯- ୦୯-୨୪ ରେ ନିଖୋଜ ଅଛି ବୋଲି ଅଭିଯୋଗ କରିଥିଲି । ଏହା ସହିତ ଭୁବନେଶ୍ୱର ପରିବାର ଅଦାଲତ ୨ରେ ସ୍ତ୍ରୀକୁ ଘରକୁ ଫେରାଇ ଆଣିବା ପାଇଁ ଧରା ୯ରେ ଏକ କେଶ କରିଥିଲି । ମୋର ସ୍ତ୍ରୀ ଘରକୁ ଏକ ନୋଟିସ ୨୩ ଅକ୍ଟୋବର ୨୪ ରେ ନୋଟିସ ଯାଇଛି । ୩ ଡିସେମ୍ବର ୨୪ ରେ କୋର୍ଟ ରେ ହାଜର ହେବାର ଥିଲା କେଶ ନମ୍ବର ସିପି ୧୦୩୧୨୦୨୪ କିନ୍ତୁ ସେ କୋର୍ଟ ରେ ହାଜର ହୋଇନଥିଲେ । ଘରକୁ ଆସୁନାହାନ୍ତି । ତେଣୁ ମୁଁ ନିରୁପାୟ ହୋଇ ଆଜି ଖବର କାଗଜ ଜରିଆରେ ଅନୁରୋଧ କରୁଛି ଯଦି କୌଣସି ବ୍ୟକ୍ତି ମୋ ସ୍ତ୍ରୀର ଖବର ପାଆନ୍ତି ତେବେ ନିମ୍ନ ଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

**ଚିତ୍ତରଞ୍ଜନ ବାରିକ**
**ମୋବାଇଲ୍ - ୯୩୧୫୬୦୦୫୨୬**

# ତିନି ଦଳର ସାଙ୍ଗଠନିକ ପୁନର୍ବିନ୍ୟାସ ଅଧାପନ୍ତରିଆ

**ଭୁବନେଶ୍ୱର,୧୧।୪:** ଓଡ଼ିଶାରେ ୩ ପ୍ରମୁଖ ରାଜନୈତିକ ଦଳର ସାଙ୍ଗଠନିକ ପୁନର୍ବିନ୍ୟାସ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଦଳୀୟ ସଂଗଠନର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଧିଷ୍ଠିତ ହେବା ପାଇଁ ବିଜେପି, ବିଜେଡି ଓ କଂଗ୍ରେସର ବହୁ ନେତା ଲବି ଚଳାଇଥିଲେ ମଧ୍ୟ ମାସ ମାସ ଧରି ସେମାନଙ୍କ ଆଶା ପୂରଣ ହେଉନାହିଁ।

ବିଶ୍ୱର ସର୍ବବୃହତ୍ ରାଜନୈତିକ ଦଳ ବିଜେପିର ସାଙ୍ଗଠନିକ ନିର୍ବାଚନ ଓଡ଼ିଶା ସମେତ ସାରା ଦେଶରେ ହୋଇସାରିଛି। ରାଜ୍ୟର ଅନେକ ଜିଲ୍ଲାରେ ଦଳର ଜିଲ୍ଲା ଶାଖା ସଭାପତିଙ୍କ ନାମ ଘୋଷିତ ହୋଇ ସାରିଥିବା ବେଳେ ଏଯାବତ୍ ରାଜ୍ୟଶାଖା ସଭାପତିଙ୍କ ନାମ ଘୋଷଣା କରାଯାଇପାରୁନାହିଁ। ରାଜ୍ୟ ଶାଖା ସଭାପତି ନିର୍ବାଚନ କିମ୍ବା ମନୋନୟନ ପରେ ରାଜ୍ୟ କମିଟି, ଜିଲ୍ଲାସ୍ତରୀୟ କମିଟି ଓ ବ୍ଲକ ଓ ମଣ୍ଡଳସ୍ତରୀୟ କମିଟି ପୂର୍ଣ୍ଣାଙ୍ଗ ରୂପ ନେବ। ରାଜ୍ୟ ସଭାପତି ଦୌଡରେ ଅନେକ ନେତାଙ୍କ ନାମ ଶୁଣାଯାଉଥିବା ବେଳେ ପୁନର୍ଗଠିତ କମିଟିରେ ସ୍ଥାନ ପାଇବା ପାଇଁ ମଧ୍ୟ ଆଶାୟୀଙ୍କ ଧାଡି ଲମ୍ବୁଛି। ବିଜେପି ଏବେ କେନ୍ଦ୍ର ସହ ରାଜ୍ୟରେ ସରକାର ଗଢିଥିବାରୁ ଏହି ଦଳର କର୍ମକର୍ତ୍ତାମାନଙ୍କ ଦବଦବା ରହିବା ସମ୍ଭାବନା ଥିବା ଦୃଷ୍ଟିରୁ ଏଠି ଆଶାୟୀଙ୍କ ସଂଖ୍ୟା ଅଧିକ ରହିବା ସ୍ୱାଭାବିକ।

୨୪ ବର୍ଷ ଧରି ଓଡ଼ିଶାରେ କ୍ଷମତାରେ ରହି ଗତ ବର୍ଷ କ୍ଷମତାଚ୍ୟୁତ ହୋଇଥିବା ବିଜେଡିର ନିର୍ବାଚନ ପ୍ରକ୍ରିୟା ପ୍ରାୟ ୬ ମାସ ଧରି ଚାଲିଛି। ୧୯୯୭ରେ ବିଜେଡି ପ୍ରତିଷ୍ଠା ଦିନଠାରୁ ନବୀନ ପଟ୍ଟନାୟକ ଦଳର ସଭାପତି ରହିଆସିଛନ୍ତି। ଏଥର ବି ନବୀନ ପୁଣି ସଭାପତି ରହିବା ଏକପ୍ରକାର ନିଶ୍ଚିତ। ରାଜ୍ୟସାରା ଦଳର ସଦସ୍ୟ ସଂଗ୍ରହ ଅଭିଯାନ ଚାଲିଥିବା ବେଳେ ଜିଲ୍ଲା ଓ ବ୍ଲକ ସ୍ତରରେ କାର୍ଯ୍ୟକର୍ତ୍ତା ନିର୍ବାଚନ ସରିନାହିଁ। ରାଜ୍ୟଶାଖା ସଭାପତି ନିର୍ବାଚିତ ହେବା ପରେ ଜିଲ୍ଲା ଓ ବ୍ଲକ ସ୍ତରର କର୍ମକର୍ତ୍ତା ମନୋନୀତ ହେବେ ବୋଲି ଦଳୀୟ ନେତାମାନେ କହୁଛନ୍ତି।

ପ୍ରାୟ ୭ ମାସ ଧରି ଓଡ଼ିଶାରେ କଂଗ୍ରେସ ସଂଗଠନ ଏକପ୍ରକାର ମୁରବୀହୀନ ହୋଇ ପଡ଼ିଥିଲା। ମାସେ ତଳେ ଦଳର କେନ୍ଦ୍ରୀୟ ନେତୃତ୍ୱ ଭକ୍ତ ଚରଣ ଦାସଙ୍କ ଉପରେ ଭରସା କରି ତାଙ୍କୁ ରାଜ୍ୟଶାଖା ସଭାପତି ଭାବେ ମନୋନୀତ କରିଛନ୍ତି। ବହୁ ବର୍ଷ ଧରି କଂଗ୍ରେସରେ ଆଉ ବ୍ଲକ, ଜିଲ୍ଲା ଓ ରାଜ୍ୟ ସଂଗଠନ ପାଇଁ କର୍ମକର୍ତ୍ତା ନିର୍ବାଚନ ହେଉନାହିଁ। କେନ୍ଦ୍ର ନେତୃତ୍ୱ ରାଜ୍ୟ ସଭାପତିଙ୍କୁ ମନୋନୀତ କରିବା ପରେ ରାଜ୍ୟ ସଭାପତି ଦଳର ପ୍ରଭାରୀଙ୍କ ସୁପାରିସ୍ ଆଧାରରେ ରାଜ୍ୟ କମିଟିର କର୍ମକର୍ତ୍ତା, ବିଭିନ୍ନ ଛାମୁଆ ସଂଗଠନର ପୁନର୍ଗଠନ ହେଉଛି। ଏହାଛଡ଼ା ଜିଲ୍ଲା ଓ ବ୍ଲକ ସ୍ତରରେ ମଧ୍ୟ ମନୋନୟନ ଭିତ୍ତିରେ କଂଗ୍ରେସ ଦଳ କମିଟି ଗଢୁଛି। ଏବେ କଂଗ୍ରେସ ପାଇଁ ଅନୁକୂଳ ବାତାବରଣ ବୃଦ୍ଧି ପାଉଥିବାରୁ ଦଳୀୟ ସଂଗଠନରେ ପ୍ରବେଶ କରିବା ଲାଗି ଉଭୟ ପୁରୁଖା ଓ ଯୁବ ନେତୃତ୍ୱ ଆଗ୍ରହୀ। ଏ କ୍ଷେତ୍ରରେ ବ୍ଲକଠାରୁ ପ୍ରଦେଶ ସଂଗଠନ ପର୍ଯ୍ୟନ୍ତ ବିଭିନ୍ନ ପଦପଦବୀରେ କାହାକୁ ବସାଯିବ, ସେଥିଘେନି ଅଙ୍କକଷା ଛିଡୁନାହିଁ। ତେବେ ଜିଲ୍ଲା ସ୍ତରରେ ସମ୍ମିଳନୀମାନ ଆୟୋଜନ କରି କର୍ମୀ ଓ ସ୍ଥାନୀୟ ନେତାଙ୍କ ମତାମତ ଆଧାରରେ ସାଙ୍ଗଠନିକ ପୁନର୍ଗଠନ ହେବ ବୋଲି ନିକଟରେ ପିସିସି ସଭାପତି ସୂଚନା ଦେଇଛନ୍ତି। ଏହି ୩ ପ୍ରମୁଖ ଦଳର ସାଙ୍ଗଠନିକ ନିର୍ବାଚନ ଓ ମନୋନୟନ କାର୍ଯ୍ୟ ଶେଷ ହେଉନଥିବା ବେଳେ ରାଜ୍ୟରେ ଥିବା ଅନ୍ୟ ବହୁ ଦଳରେ ବି ଅନୁରୂପ ଅବସ୍ଥା ଲାଗି ରହିଛି। ପଞ୍ଚାୟତ ଓ ପୌର ନିର୍ବାଚନ ପାଖେଇ ଆସୁଥିବା ଓ ମୁଣ୍ଡ ଉପରେ ରାଜ୍ୟସଭା ନିର୍ବାଚନ ରହିଥିବାରୁ ରାଜନୈତିକ ପର୍ଯ୍ୟବେକ୍ଷକମାନେ ୩ ପ୍ରମୁଖ ଦଳର ସାଙ୍ଗଠନିକ ପୁନର୍ବିନ୍ୟାସ ଉପରେ ନଜର ରଖିଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝଲସେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR
ସଂଚାର




# ବିଭାଜନ ମୁହାଁ ବିଜେଡି

ଦୀର୍ଘ ୨୪ ବର୍ଷ ହେବ ରାଜ୍ୟରେ କ୍ଷମତାସୀନ ଥିବା ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜୁ ଜନତା ଦଳ ଏବେ ବିଭାଜନ ମୁହାଁ। କ୍ଷମତା ଚାଲିଯିବା ପରେ ଦଳରେ ଏବେ ଚରମ ବିଶୃଙ୍ଖଳା ସୃଷ୍ଟି ହୋଇଛି। ନବୀନଙ୍କ ଦୁର୍ବଳତା ଏବଂ ବିଫଳତା ବିରୋଧରେ ଦଳୀୟ ନେତାମାନେ ଖୋଲାଖୋଲି ଭାବେ ବୟାନ ଦେଉଛନ୍ଦତସି। ପୂର୍ବତନ ବିଧାୟକ, ବିଜେଡିର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ପ୍ରଭାବ ତ୍ରିପାଠୀ ନବୀନ ମିଛ କହୁଛନ୍ତି ବୋଲି କହିଛନ୍ତି। ପୂର୍ବତନ ବିଧାୟକ ସୋ଼ମ୍ୟରଞ୍ଜନ ପଟ୍ଟନାୟକ ନବୀନଙ୍କୁ ଚୁପ ସଇତାନ ବୋଲି କହିଛନ୍ତି। ଅବଶ୍ୟ ସେ ବିଜେଡିରେ ଆଉ ନାହାଁନ୍ତି। କିନ୍ତୁ ନବୀନଙ୍କ ପ୍ରତି ତାଙ୍କର ମନ୍ତବ୍ୟ ପ୍ରମାଣିତ କରୁଛି ଯେ, ନବୀନ କେତେ ପ୍ରଭାବଶୂନ୍ୟ ଏବଂ ଦୁର୍ବଳ ହୋଇଯାଇଛନ୍ତି। ନବୀନ ଏବେ ବି ରାଜ୍ୟର ସବୁଠାରୁ ଲୋକପ୍ରିୟ ନେତା। ତାଙ୍କ ନେତୃତ୍ୱକୁ କେହି ଚାଲେଞ୍ଜ କରୁ ନାହାଁନ୍ତି। କିନ୍ତୁ ଦଳର ପରିଚଳନାରେ ସେ ଜଣେ ପୂର୍ବତନ ଆଇଏଏସ ଅଫିସରଙ୍କ ଉପରେ ନିର୍ଭରଶୀଳ ହେବା ଏବଂ ତାଙ୍କୁ କ୍ଲିନ ଚିଟ ଦେବାକୁ ଅନେକ ଗ୍ରହଣ ବା ପସନ୍ଦ କରିପାରୁ ନାହାଁନ୍ତି। ସେ ହିଁ ବିଜେଡିର ପରାଜୟ ଏବଂ ଦଳରେ ସୃଷ୍ଟି ହୋଇଥିବା ସଙ୍କଟର ମୂଳ କାରଣ। ନବୀନ ଏହାକୁ ସ୍ୱୀକାର ନକରିବା ଅନେକଙ୍କୁ ମର୍ମାହତ କରିଛି। ନିର୍ବାଚନରେ ପରାଜୟକୁ ସେମାନେ ବରଦାସ୍ତ କରିବାକୁ ପ୍ରସ୍ତୁତ। ରାଜନୀତିରେ ଏଭଳି ଜୟ ପରାଜୟ ଚାଲିଛି। କିନ୍ତୁ ପରାଜୟର କାରଣ ଖୋଜି ଏହାକୁ ଦୂର କରିବା ନିମନ୍ତେ ପ୍ରୟାସ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ନବୀନ ଏହାକୁ ବୁଝିପାରୁନାହାଁନ୍ତି। ଦଳକୁ ଠିଗଢ଼ିବା ଏବଂ ବିଜୁଙ୍କ ଅନୁଗତ ଭାବେ ତାଙ୍କ ଲିଗାସିକୁ ଆଗଇ ନେବାରେ ଯେଉଁମାନେ ମହତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି, ସେମାନେ ଜଣେ ପୂର୍ବତନ ଆଇଏଏସ ଅଫିସରଙ୍କ ନେତୃତ୍ୱ ଏବଂ ତାଙ୍କ ଆଗରେ ହାତ ଯୋଡ଼ିବାକୁ ପ୍ରସ୍ତୁତ ନାହାଁନ୍ତି। ଏହା ବି ସ୍ୱାଭାବିକ। ପୂର୍ବରୁ ମଧ ସେହି ତାମିଲ ବ୍ୟକ୍ତିଜଣକ ବିଜେଡିକୁ ନିଜ ଇଚ୍ଛାରେ ପରିଚାଳିତ କରୁଥିଲେ। କିନ୍ତୁ ଭୟରେ ଅନେକ ଦଳୀୟ ନେତା ତାଙ୍କୁ ବରଦାସ୍ତ କରୁଥିଲେ। ନିଜ ରାଜନୈତିକ ଥଇଥାନ ଏବଂ କାର୍ଯ୍ୟାନୁଷ୍ଠାନ ଭୟରେ କେହି ପାଟି ଫିଟାଉନଥିଲେ। କାଳେ ପାଟି ଫିଟାଇଲେ ବନ୍ଧା ହେବେ ଏହି ଭୟ ଥିଲା। ଏହି ଭୟ ଏବେ ଆଉ ନାହିଁ। ତେଣୁ ସେମାନେ ଖୋଲାଖୋଲି ଭାବେ ଦଳର ସୁପ୍ରିମୋ ଏବଂ ତାଙ୍କ ପରାମର୍ଶଦାତାଙ୍କୁ ସମାଲୋଚନା କରିବାକୁ ସାହସ କରୁଛନ୍ତି। ଏକଦା ଯେଉଁମାନେ ନିଜ ରାଜନୈତିକ ଥଇଥାନ ବା ଦଳୀୟ ଟିକେଟ ପାଇଁ ଯେଉଁମାନେ ନବୀନଙ୍କ ନିକଟରେ ନେହୁରା ହେଉଥିଲେ ସେମାନେ ଏବେ ନବୀନଙ୍କ ନାଲିଆଖିକୁ ଖାତିର କରୁ ନାହାଁନ୍ତି। ବରଂ ଓଲଟା ତାଙ୍କୁ ନାଲିଆଖି ଦେଖାଉଛନ୍ତି। ଏହା ହେଉଛି ମନୁଷ୍ୟର ଚରିତ୍ର ଏବଂ ସ୍ୱାଭାବିକ ପ୍ରକୃତି। ପରିସ୍ଥିତିରେ ପଡ଼ି ବାଧବାଧକତାରେ ଅନେକ କିଛି ସମୟ ପାଇଁ ଅପମାନ ସହି ଯାଆନ୍ତି। କିନ୍ତୁ ସବୁ ବେଳେ ତାହା ସମ୍ଭବ ନୁହେଁ। ଗତ ନିର୍ବାଚନରେ ବିଜେଡିର ପରାଜୟ ନିମନ୍ତେ ସମସ୍ତେ ବ୍ୟକ୍ତିଙ୍କୁ ଦାୟୀ କରୁଛନ୍ତି। କିନ୍ତୁ ନବୀନ ତାଙ୍କୁ ସମର୍ଥନ ଏବଂ ସୁରକ୍ଷା ପ୍ରଦାନ କରୁଛନ୍ତି। ଏହା ହିଁ ଦଳ ଭିତରେ ଅସନ୍ତୋଷର ମୁଖ୍ୟ କାରଣ। ବିଜେଡିରେ ଅନେକ ନେତା ନବୀନଙ୍କ ବ୍ୟତିତ ଅନ୍ୟ କାହାରିକୁ ନେତାଭାବେ ଗ୍ରହଣ କରିବାକୁ ନାରାଜ। ଜଣେ ତାମିଲ ଅଫିସର ବରିଷ୍ଠ ନେତାଙ୍କୁ ନିୟନ୍ତ୍ରଣ କରିବ ଏକଥା ଅନେକ ହଜମ କରିପାରୁ ନାହାଁନ୍ତି। ଗତ ନିର୍ବାଚନରେ ବିଜେଡିର ପରାଜୟ ପରେ ସେ ହଠାତ ରାଜନୀତିରୁ ସନ୍ୟାସ ନେଲେ। କିନ୍ତୁ ଏବେ ବି ସେ ନବୀନ ନିବାସକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି ଏବଂ ନବୀନ ତାଙ୍କୁ ପରାମର୍ଶରେ କାର୍ଯ୍ୟ କରୁଛନ୍ତି। ଦଳୀୟ ସାଂସଦ ଓ ବିଧାୟକମାନଙ୍କୁ ସେ ନିର୍ଦ୍ଦେଶ ଦେଉଛନ୍ତି। ସଂସଦରେ ୱାକଫ ବିଲ ଉପରେ ଭୋଟ ବେଳେ ବିଜେଡି ସଭ୍ୟମାନଙ୍କ ଆଭିମୁଖ୍ୟ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଦଳ ଭିତରେ ଗୁରୁତର ମତ ବିଭାଜନ ସୃଷ୍ଟି ହୋଇଛି। ଦଳୀୟ ନେତାମାନେ ପରସ୍ପର ବିରୋଧରେ କହୁଛନ୍ତି। ବିଜେଡିରେ କେବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥିଲା। ନବୀନ ଦଳରେ ବିଶୃଙ୍ଖଳାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ଦଳୀୟ ନେତାଙ୍କୁ ଏକାଠି ରଖିବାରେ ସେ ସକ୍ଷମ ହୋଇ ନାହାଁନ୍ଦି। ନିକଟରେ ବିଜେଡିର କିଛି ନେତା ଏକ ହୋଟେଲରେ ଏକାଠି ହୋଇଥିଲେ। ଦଳୀୟ ବ୍ୟାପାର ଏବଂ ସେମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସେମାନେ ଚର୍ଚ୍ଚା କରୁଥିଲେ। ନବୀନ ଏହାକୁ ନାପସନ୍ଦ କରି ଯାହାର ବୈଠକ କରିବା କଥା ଦଳୀୟ କାର୍ଯ୍ୟାଳୟ ଅର୍ଥାତ ଶଙ୍ଖ ଭବନରେ ବସିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାକୁ ଅନେକ ବରିଷ୍ଠ ନେତା ନାପସନ୍ଦ କରିଛନ୍ତି ଏବଂ ସେମାନେ ବ୍ୟକ୍ତିଗତ ଭାବେ ପରସ୍ପର ସହ ଆଲୋଚନା କରିବାକୁ ଯେଉଁଠି ଇଚ୍ଛା ସେଠାରେ ବସିପାରିବେ ବୋଲି କହିଛନ୍ତି। ନବୀନଙ୍କ ନାଲି ଆଖିକୁ ସେମାନେ କାତିର କରି ନାହାଁନ୍ତି। କାର୍ଯ୍ୟାନୁଷ୍ଠାନକୁ କାତି ନକରି ସେମାନେ ପରୋକ୍ଷରେ ବିଜେଡି ନେତୃତ୍ୱକୁ ଚାଲେଞ୍ଜ କରିଛନ୍ତି। ଗତ ୨୫ ବର୍ଷ ଭିତରେ ପ୍ରଥମ ଥର ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ଦଳର କିଛି ବରିଷ୍ଠ ନେତା ଦଳୀୟ ନେତୃତ୍ୱକୁ ଚାଲେଞ୍ଜ କରି ଦଣ୍ଡିତ ହୋଇଛନ୍ତି। କିଏ ମନ୍ତ୍ରିମଣ୍ଡଳରୁ ବିଦା ହୋଇଛନ୍ତି ତ ଆଉ କିଏ ବିଭିନ୍ନ ମାମଲାରେ ଛନ୍ଦି ହୋଇ ଜେଲ ଯାଇଛନ୍ତି। ବୈଜୟନ୍ତ ପଣ୍ଡା, ପ୍ରଦୀପ ପାଣିଗ୍ରାହୀ, ଡାକ୍ତର ଦାମୋଦର ରାଉତ ଏଭଳି ଆକ୍ରୋଶର ଶିକାର ହୋଇଛନ୍ତି। କିନ୍ତୁ ନବୀନ ବା ତାଙ୍କ ପରାମର୍ଶଦାତାଙ୍କର ଆଉ ସେଭଳି କ୍ଷମତା ନାହିଁ। ଦଳରୁ ବହିଷ୍କୃତ ହେଲେ ମଧ ସେଥିପ୍ରତି ଭୟ ନାହିଁ। କାରଣ ନିର୍ବାଚନ ଆହୁରି ବହୁ ଦୂର ରହିଛି। ସେତେବେଳେ କ'ଣ ପରିସ୍ଥିତି ହୋଇଥିବ ତାହା କୁହାଯାଇପାରିବ ନାହିଁ। ତେଣୁ ସେମାନେ ନବୀନଙ୍କୁ କାତିର କରୁ ନାହାଁନ୍ତି। ବର୍ତ୍ତମାନ ବିଜେଡିରେ ଦୁଇଟି ଗୋଷ୍ଠୀ ସୃଷ୍ଟି ହୋଇଛି। ଗୋଟିଏ ଗୋଷ୍ଠୀ ନବୀନଙ୍କ ପରାମର୍ଶଦାତା ଜଣେ ପୂର୍ବତନ ପ୍ରଶାସନିକ ଅଫିସରଙ୍କ ନେତୃତ୍ୱକୁ ସ୍ୱୀକାର କରୁଛନ୍ତି ଏବଂ ତାଙ୍କ ନିର୍ଦ୍ଦେଶରେ କାମ କରୁଛନ୍ତି। ଭିନ୍ନ ଗୋଷ୍ଠୀ ନବୀନ ହିଁ ଏକମାତ୍ର ନେତା, ଆଉ କାହାର ନେତୃତ୍ୱ ବା ଦଳ ଉପରେ କର୍ତ୍ତୃତ୍ୱ ଗ୍ରହଣୀୟ ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି। କିନ୍ତୁ ନବୀନ ସେହି ତାମିଲ ଅଫିସରଙ୍କ କଥାରେ ପରିଚାଳିତ ହେଉଛନ୍ତି। ତେଣୁ ଅସନ୍ତୁଷ୍ଟ ଏବଂ ବରିଷ୍ଠ ନେତାମାନେ ପରୋକ୍ଷରେ ନବୀନଙ୍କୁ ଚାଲେଞ୍ଜ କରିଛନ୍ତି। ଆମେ କାହା ପାଖରେ ଚାକିରୀ କରିନାହୁଁ ବୋଲି ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ଅମର ପ୍ରସାଦ ଶତପଥି, ଦଳରୁ ବିଦା ହୋଇଥିବା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ପ୍ରମୁଖ ଏହି ଗୋଷ୍ଠୀ ସହ ଅଛନ୍ତି। ଯାହା ଅନୁଭବ କରାଯାଉଛି ଆଗକୁ ବିଜେଡିରେ ବଡ଼ ଧରଣର ବିଦ୍ରୋହ ଦେଖାଦେବ ଏବଂ ଦଳରେ ବିଭାଜନ ମଧ ହୋଇପାରେ। ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ନବୀନଙ୍କୁ ମିଛୁଆ ବୋଲି କହିଛନ୍ତି। ବିଜୁଙ୍କ ସମୟରୁ ଦଳର ଜଣେ ଟାଣୁଆ ନେତାଭାବେ ପରିଚିତ ପ୍ରଭାତଙ୍କୁ ନବୀନ ଅପମାନିତ କରିଛନ୍ତି। ଅତୀତରେ ବିଜୟ ମହାପାତ୍ର, ରାମକୃଷ୍ଣ ପଟ୍ଟନାୟକ, ବ୍ରଜ କିଶୋର ତ୍ରିପାଠୀ, ଦିଲ୍ଲୀପ ରାୟ, ନଳିନୀ କାନ୍ତ ମହାନ୍ତି, ଦାମୋଦର ରାଉତ, ଡାକ୍ତର କମଳା ଦାସ ପ୍ରମୁଖ ବହୁ ନେତା ଏଭଳି ଅପମାନିତ ହୋଇ ଦଳରୁ ବିଦା ହୋଇଛନ୍ତି। ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀଙ୍କ ଭଳି ବରିଷ୍ଠ ନେତା ଅବହେଳାର ଶିକାର ହୋଇଛନ୍ତି। ଗତ ନିର୍ବାଚନରେ ଦଳୀୟ ଟିକେଟରୁ ସମୀର ରଞ୍ଜନ ଦାସ, ଅମର ପ୍ରସାଦ ଶତପଥିଙ୍କ ଭଳି ନେତାଙ୍କୁ ବଂଚିତ କରାଗଲା। ପ୍ରଫୁଲ୍ଲ ଘଡ଼ାଇଙ୍କୁ ମଧ କୋଣଠେସା କରିଦିଆଗଲା। ସେମାନେ ଏବେ ବିଜେଡିରେ ନାହାଁନ୍ତି। କଂଗ୍ରେସରୁ ଆସି ଅନେକ ନେତା ବିଜେଡିର ଆଗଧାଡ଼ିର ନେତା ହୋଇଛନ୍ତି। ପ୍ରକୃତ ଜନତା ପରିବାରର ନେତାମାନେ ଅଣଦେଖା ଏବଂ ଅବହେଳାର ଶିକାର ହୋଇଛନ୍ତି। ଅନେକ ଇହଧାମରୁ ବିଦାୟ ନେଲେଣି କିଛି ନେତା ଅନ୍ୟ ଦଳରେ ସାମିଲ ହୋଇଛନ୍ତି। ଆଉ କିଛି ନେତା ରାଜନୀତିରୁ ସନ୍ୟାସ ନେଇସାରିଲେଣି। ପ୍ରକୃତ ବିଜେଡି ନେତାମାନେ ଏବେ ଏକାଠି ହେବା ଆରମ୍ଭ କରିଛନ୍ତି। ସେମାନେ ହୁଏତ ଏକ ନୂତନ ଆଞ୍ଚଳିକ ଦଳ ଗଠନ କରି ଓଡ଼ିଶା ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିପାରନ୍ତି।

# ବିଶ୍ୱରେ ସ୍ଥାୟୀ ଶାନ୍ତି ସମ୍ଭବ



**ମୌଲାନା ଫଜଲ ହକ ଖାନ୍**

ପୈଗମ୍ବର ମୁହମ୍ମଦ ସଲ୍ଲମ ଥିଲେ ଇସଲାମ ଧର୍ମର ପ୍ରବର୍ତକ। ସେ ମହାନ ମାନବ ସମଗ୍ର ସଂସାରବାସୀଙ୍କ ପାଇଁ କରୁଣାର ସାଗର ହୋଇ ଆସିଥିଲେ। ବିନା ଭେଦଭାବ ଏବଂ ବିନା ବୈରିରେ ସେ ମାନବ ଅଧିକାର ପାଇଁ ନିଜର ସମଗ୍ର ଜୀବନ ସଂଘର୍ଷ କରିଥିଲେ। ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ପାଇଁ ସମାଜରେ ଏକ ବିପ୍ଳବ ସୃଷ୍ଟି କରିଥିଲେ। ଯାହା ଫଳରେ ଏପରି ଏକ କ୍ରାନ୍ତିକାରୀ ଅଧାୟ ଜନ୍ମ ନେଲା, ଯାହାର ଇତିହାସରେ କୌଣସି ପଟାନ୍ତର ନାହିଁ। ସର୍ବ ପ୍ରଥମେ ପୈଗମ୍ବର ମୁହମ୍ମଦ ସଲ୍ଲମ ମାନବ ଅଧିକାରକୁ ଶ୍ରେଷ୍ଠ ମଣି ସେମାନଙ୍କୁ ସାମାଜିକ,ନୈତିକ,ଭୌତିକ ଏବଂ ଆଧାତ୍ମିକ କ୍ଷେତ୍ରରେ ସମ୍ମାନ ଜନକ ଅଧିକା ଦେଇଥିଲେ।

ବିଶ୍ୱଗୁରୁ ହଜରତ ମୁହମ୍ମଦ ସଲ୍ଲମଙ୍କ ଆବିର୍ଭାବ ସମୟରେ ବିଶ୍ୱସମାଜରେ ଆରବବାସୀଙ୍କ ଚିତ୍ର ଓ ଚରିତ୍ର ଭଲ ନଥିଲା। ମଣିଷ ସହ ପଶୁ ସମାନ ବ୍ୟବହାର କରାଯାଉଥିଲା। ମାତା ପିତା ତଥା କନ୍ୟା ସନ୍ତାନର ସମ୍ମାନ ଓ ସତ୍‌କାର ନଥିଲା। ଏପରି କି କନ୍ୟା ସନ୍ତାନ ଜନ୍ମ ହେଲା ମାତ୍ରେ ଘରେ ଓ ପରିବେଶରେ ଅଶୁଭ ମନେ କରୁଥିଲେ ଏବଂ କନ୍ୟା ସନ୍ତାନକୁ ଜୀବିତ ସମାଧି ଦିଆଯାଉଥିଲା। ପିତା ମାତାର ସେବା ଓ ସତ୍‌କାର କରିଲେ ହିଁ ସ୍ୱର୍ଗପ୍ରାପ୍ତ ହେବ ବୋଲି ହଜରତ ମୁହମ୍ମଦ କହି ସର୍ବ ପ୍ରଥମେ ମାତା ପିତାଙ୍କୁ ତାଙ୍କର ଉଚିତ୍ ସମ୍ମାନ ଦେଇଥିଲେ। ଏପରି ବି କହିଦେଲେ ଯେ ମାଆଙ୍କ ଚରଣରେ ସ୍ୱର୍ଗ ମିଳିଥାଏ। ହତଭାଗା ସେହି ବ୍ୟକ୍ତି ଯାହାକୁ ଜୀବନରେ ପିତା ମାତା ପରି ଅମୂଲ୍ୟ ସମ୍ପଦ ମିଳିଥାଏ, କିନ୍ତୁ ସେ ତାଙ୍କର ସେବା ଓ ସତ୍‌କାର କରି ସ୍ୱର୍ଗଗାମୀ ହୋଇ ପାରିନଥାଏ। ପୁଣି ସେ କହିଲେ; ଈଶ୍ୱରଙ୍କୁ ସବୁଠାରୁ ଭଲ ଲାଗୁଥିବା ଉତମ କାର୍ଯ୍ୟ ମଧ୍ୟରୁ ମାତା ପିତାଙ୍କ ସହ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ଅନ୍ୟତମ। କନ୍ୟା ସନ୍ତାନକୁ ସୁରକ୍ଷା ଦେବା ପାଇଁ କହିଲେ, ଯଦି କାହା ଘରେ ଗୋଟିଏ ବା ତା'ଠାରୁ ଅଧିକ କନ୍ୟା ସନ୍ତାନ ଜନ୍ମ ହୋଇଥାନ୍ତି ଏବଂ ମାତା ପିତାମାନେ ତାଙ୍କର ଉଚିତ୍ ରକ୍ଷଣା ବ୍ୟକ୍ଷଣ କରିବା ସହ ସେମାନଙ୍କୁ ଉଚିତ୍ ଶିକ୍ଷା ଦେଇ କୃତକାର୍ଯ୍ୟ କରାଇଥାନ୍ତି, ତେବେ ସେହି ମାତା ପିତା ବୈକୁଣ୍ଠର ଅଧିକାରୀ ହୋଇଥାନ୍ତି। କନ୍ୟା ସନ୍ତାନ ହେଉ ବା ପୁତ୍ର ସନ୍ତାନ ସେମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା ପାଇଁ ଦରକାର ପଡ଼ିଲେ ଚୀନ ପରି ସୁଦୂର ଦେଶକୁ ପଠାଇବାକୁ ଅନୁମତି ଦେଇଥିଲେ। ପ୍ରତ୍ୟେକ ମଣିଷ ସେ ନର ହେଉ ବା ନାରୀ ଶିକ୍ଷା ଅର୍ଜନ କରିବା ଜରୁରୀ ବୋଲି ଘୋଷଣା କରିଥିଲେ। ପାଠ ପଢ଼ିବା ଦ୍ୱାରା ମଣିଷ ଭଲ ମନ୍ଦ ଏବଂ ଉଚିତ୍ ଓ ଅନୁଚିତ୍ ବିଷୟରେ ବୁଝିପାରିଥାଏ। ଯଦ୍‌ଦ୍ୱାରା ସେ ସତ୍‌ପଥ ଓ ଅସତ୍‌ପଥ ବିଷୟରେ ଜାଣିପାରିଥାଏ। ଯାହାଦ୍ୱାରା ସମାଜରେ ଉନ୍ନତି ଓ ଏକ ସଭ୍ୟ ସମାଜ ଗଢ଼ି ଉଠିଥାଏ। ଜଣେ ସ୍ତ୍ରୀ ପ୍ରତି ଉଦାରତା ଓ ସଦ୍‌ବ୍ୟବହାର ପ୍ରଦର୍ଶନ କରିବାକୁ ସେ ଆଦେଶ ଦେଇଥିଲେ। ସ୍ୱାମୀ ମରଣାନ୍ତେ ସ୍ତ୍ରୀ ପ୍ରତି ସମାଜରେ ଅନ୍ୟାୟ ଓ ଅତ୍ୟାଚାର ବଢିଥାଏ, କିନ୍ତୁ ମହାମାନବ ହଜରତ ମୁହମ୍ମଦ ସଲ୍ଲମ ସ୍ତ୍ରୀକୁ ସ୍ୱାମୀର ସମ୍ପତିର ଅଂଶୀଦାର ହେବାର ଘୋଷଣା କରି ସ୍ତ୍ରୀ ଜାତି ପ୍ରତି ଉଚିତ ନ୍ୟାୟ କରିଥିଲେ। ଏପରି କି ବିଧବା ସ୍ତ୍ରୀମାନଙ୍କୁ ଅନୁମତି ପ୍ରଦାନ କରିଥିଲେ ଯେ ସେମାନେ ଅନ୍ୟ କାହା ସହ ପୁନର୍ବିବାହ କରି ନିଜ ସୁଖ ବୈବାହିକ ଜୀବନ ଯାପନ କରିପାରିବେ। ସେ ଜଗତ ବାସୀଙ୍କ ପାଇଁ ଏପରି ଆଦର୍ଶ ଛାଡ଼ିଯାଇଛନ୍ତି କି ସ୍ତ୍ରୀର ପ୍ରତ୍ୟେକ ଅଧିକାରକୁ ପୁରଣ କରିବା ପୁରୁଷ ପ୍ରତି ଏକ ସଂପୂର୍ଣ୍ଣ ଦାୟିତ୍ୱ ବୋଲି କହି ମହିଳାଙ୍କ ପ୍ରତି ନ୍ୟାୟ ଓ ସମ୍ମାନ ବ୍ୟକ୍ତ କରିଛନ୍ତି। ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଆବିର୍ଭାବ ସମୟରେ କ୍ରୀତଦାସ ପ୍ରଥା ଖୁବ ପ୍ରଚଳିତ ଥିଲା। ଏପରି




କି ମଣିଷ ସହ ପଶୁ ଭଳି ବ୍ୟବହାର କରାଯାଉଥିଲା। ଅସଭ୍ୟତାର କୌଣସି ସୀମା ନଥିଲା। ସେହି କରୁଣାର ପାତ୍ର ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କ୍ରୀଦଦାସମାନଙ୍କୁ ମୁକ୍ତ କରାଇଥିଲେ। ସେମାନଙ୍କୁ ସମାଜରେ ଉଚିତ୍ ସମ୍ମାନ ଓ ଅଧିକାର ଦେଇଥିଲେ। ସେମାନଙ୍କୁ ଧର୍ମ ଓ କର୍ମ କ୍ଷେତ୍ରରେ ଆଗକୁ ଆଣିଥିଲେ। ଏପରି କି ସେମାନଙ୍କୁ ପ୍ରଭୁଭକ୍ତ କରାଇଥିଲେ। ଯାହାଙ୍କ ଜୀବନାର୍ଦଶ ଏବେ ମଧ ଇସଲାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ଏପରି କି ପ୍ରଭୁ ଅଲ୍ଲାଃ ସେମାନଙ୍କ ଉପରେ ଚୀର କାଳ ପାଇଁ ପ୍ରସନ୍ନ ହୋଇଛନ୍ତି। ଇତିହାସ ସାକ୍ଷୀ ଦେଉଛି କି ସେହି ଜଙ୍ଗଲୀ, କ୍ରୀତଦାସ ଓ ଅସଭ୍ୟ ବୋଲାଉଥିବା ଅମଣିଷ ପର ସମୟରେ ରାଜା ମହାରାଜା ଏବଂ ଗଭର୍ନର ହୋଇପାରିଥିଲେ। ପଡ଼ୋଶୀ ସହ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା, ଶିଶୁ ସନ୍ତାନ ପ୍ରତି ବାତ୍ସଲ୍ୟ ମମତା ପ୍ରକଟ କରିବା, ଗୁରୁଜନ ପ୍ରତି ସମ୍ମାନ ବ୍ୟକ୍ତ କରିବା, ଅତିଥିମାନଙ୍କୁ ସତ୍କାର କରିବା, ପଥଚାରୀମାନଙ୍କୁ ପାଣି ପିଆଇବା, ବୃଦ୍ଧାଙ୍କ ସହ ସେବା ଓ ସାହାଯ୍ୟ କରିବା, ଗରିବ ଓ ଅସହାୟମାନଙ୍କୁ ସାହାଯ୍ୟ ଓ ସହଯୋଗ କରିବା, ପାପିମାନଙ୍କୁ ପାପରୁ ମୁକ୍ତ କରାଇବା, ଅମଣିଷକୁ ମଣିଷ କରିବା, ଅସଭ୍ୟକୁ ସଭ୍ୟକରିବା ତଥା ବିଶ୍ୱରେ ପ୍ରେମ, ସ୍ନେହ, ସୌହାର୍ଦ୍ଦ, ସଦ୍‌ଭାବନା, ସହିଷ୍ଣୁତା, ଭ୍ରାତୃଭାବ ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେହି ମହାମାନବ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଜଗତବାସୀଙ୍କ ପାଇଁ ଅବଦାନ ବିରଳ ଓ ଆଦର୍ଶନୀୟ।

ଆଜି ବିଶ୍ୱ ସମାଜରେ ଅହମଦୀୟା ମୁସଲିମ ସଂଗଠନ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଆନୁଗତ୍ୟରେ ସେହି ମହାନ ଶାନ୍ତି ପ୍ରଦାୟକ ଶିକ୍ଷାକୁ ସମଗ୍ର ବିଶ୍ୱରେ ପ୍ରଚାର ଓ ପ୍ରସାର କରିଚାଲିଛି। ବିଶ୍ୱରେ ସ୍ଥାୟୀ ଶାନ୍ତି ସ୍ଥାପନା ପାଇଁ ନିରନ୍ତର ପ୍ରୟାସ କରିଚାଲିଛି। ଅହମଦୀୟା ମୁସଲିମ ସଂଗଠନର ମୂଳମନ୍ତ୍ର " ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ "ର ବାର୍ତା ଆଜି ଘରେ ଘରେ, ଦେଶ ବିଦେଶରେ ଶାନ୍ତି ପ୍ରତି ଆହ୍ୱାନ ଦେଉଛି। ସମଗ୍ର ବିଶ୍ୱ ଆଜି ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଜୀବନାର୍ଦଶ ଅନୁଯାୟୀ ଅନୁପ୍ରାଣୀତ ହେବାରେ ଲାଗିଲାଣି। ପ୍ରତ୍ୟେକ ରାଷ୍ଟ୍ର ଇସଲାମର ଶାନ୍ତି ଓ ସହିଷ୍ଣୁତାର ଶିକ୍ଷାକୁ ଆପଣାଇବାକୁ ଉଦ୍ୟମ କଲାଣି। ପ୍ରତ୍ୟେକ ରାଷ୍ଟ୍ରର ନିଅମ କାନୁନରେ ଇସଲାମୀୟ ଶିକ୍ଷାକୁ ଉଚିତ୍ ସ୍ଥାନ ମିଳିଲାଣି। ଏପରି କି କେତେକ ରାଷ୍ଟ୍ରର ସମ୍ବିଧାନରେ ମଧ ଇସଲାମର ସୁନ୍ଦର ଓ ଶାନ୍ତିଦାୟକ ଶିକ୍ଷାକୁ ଲାଗୁ କରାଗଲାଣି।

ବିଶ୍ୱରେ ସ୍ଥାୟୀ ଶାନ୍ତି ସ୍ଥାପନା ପାଇଁ ଚଳିତ ମାସ ୧୨-୧୩ ତାରିଖରେ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କେରଙ୍ଗ ଗ୍ରାମରେ ଅହମଦୀୟା ମୁସଲିମ ସମ୍ପ୍ରଦାୟ ତରଫରୁ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ, ଇଦ୍‌ଗାହ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ସମ୍ମିଳନୀରେ ସକଳ ଧର୍ମର ବିଶିଷ୍ଟ ଧର୍ମଗୁରୁ,ମୌଲାନା,ଧର୍ମବିତ,ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍, ଜାତି, ଧର୍ମ, ବର୍ଣ୍ଣର୍ ନିର୍ବିଶେଷରେ ଅଂଶ ଗ୍ରହଣ କରି ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ,ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ,ବିଶ୍ୱରେ ସ୍ଥାୟୀ ଶାନ୍ତି ଏବଂ ବିଶ୍ୱ ଭାଇଚାରା ପ୍ରତିଷ୍ଠା ପାଇଁ ଧର୍ମର ଭୂମିକା ସମ୍ପର୍କରେ ତାତ୍ୱିକ ଉଦ୍‌ବୋଧନ ଦେବେ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ସେହି ମହାମାନବ,ଜଗତଗୁରୁ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ପବିତ୍ର ଆଦର୍ଶକୁ ମନେପକାଇ ସବୁ କ୍ଷେତ୍ରରେ ମାନବକୁ ତା'ର ଉଚିତ୍ ଅଧିକାର ଦେବା ପାଇଁ ଉଦ୍ୟମ ଜାରି ରଖିବା। ବିଶ୍ୱଶାନ୍ତି, ଏକତା ଓ ଅଖଣ୍ଡତା ତଥା ଭାଇଚାରା ପ୍ରତିଷ୍ଠା ଦିଗରେ ଏକ ମନ ଏକ ପ୍ରାଣ ହୋଇ ମିଳିତ ପ୍ରୟାସ କରିବା। ସର୍ବେ ଭବନ୍ତୁ ସୁଖିନଃ।


**ମଙ୍ଗଳାବାଗ-କଟକ**
**ମୋବାଇଲ୍: ୯୬୯୨୨୨୫୦୫୭**


# କାଳୀକା ନୃତ୍ୟ: ମା ମଙ୍ଗଳାଙ୍କ ମନ୍ଦିରର ଏକ ଅନନ୍ୟ ପରମ୍ପରା



**ସନ୍ତୋଷ କୁମାର ଦାଶ**

ସାରା ରାଜ୍ୟ ରେ ପ୍ରସିଦ୍ଧି ଲାଭ କରିଥିବା ଅଷ୍ଟଚଣ୍ଡୀ ମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କୁ ଗଣ୍ୟ କରାଯାଏ। ମା ମଙ୍ଗଳାଙ୍କର ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ରହିଛି ନିବିଡ଼ ସମ୍ପର୍କ। ଏଣୁ ମା ମଙ୍ଗଳାଙ୍କୁ ପରମବୈଷ୍ଣବୀର ଆଖ୍ୟା ଦିଆଯାଇଥିବା ବେଳେ ସେ ମହାମାୟା, ଯୋଗମାୟା, ଆଦିଶକ୍ତି ଅଟନ୍ତି ବୋଲି ବିଭିନ୍ନ ପୁରାଣରେ ବର୍ଣ୍ଣିତ ହୋଇଛି। ମା ମଙ୍ଗଳା ଚୈତ୍ର ମାସରେ ପ୍ରାଚୀ ନଦୀରୁ ଉଦ୍ଧାର ହୋଇ ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ନବ କଳେବର ଉତ୍ସବରେ ସାହାଯ୍ୟ କରିଥିଲେ। ନୂତନ ଦାରୁମାନଙ୍କ ଠିକଣା ବତାଇ ଦେଇଥିଲେ ଦଇତାପତି ସେବକମାନଙ୍କୁ। ସେହି କାରଣରୁ ପ୍ରତିବର୍ଷ ଚୈତ୍ର ମାସର ପ୍ରତି ମଙ୍ଗଳବାର ମାଙ୍କ ମନ୍ଦିରରେ ଚୈତ୍ର ମଙ୍ଗଳବାର ଓଷା ପାଳିତ ହୋଇଥାଏ। ଚୈତ୍ରମାସ ପ୍ରଥମ ମଙ୍ଗଳବାରଠାରୁ ଚତୁର୍ଥ ମଙ୍ଗଳବାର ପର୍ଯ୍ୟନ୍ତ ମା ମଙ୍ଗଳାଙ୍କ ମନ୍ଦିରରେ ପାଳି ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ପଞ୍ଚମ (ବୈଶାଖ ମାସ ପ୍ରଥମ) ମଙ୍ଗଳବାର ଦିନ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରଥମ ମଙ୍ଗଳବାର ଦିନ ମନ୍ଦିରରେ ନେତୋତ୍ସବ ଅନୁଷ୍ଠିତ ହେଉଥିବା ବେଳେ ପଞ୍ଚମ (ବୈଶାଖ ମାସ ପ୍ରଥମ) ମଙ୍ଗଳବାର ଦିନ ମନ୍ଦିର ସମ୍ମୁଖରେ ନିର୍ମିତ ରଡ଼ ନିଆଁ ପୂର୍ଣ୍ଣ ଗର୍ତ୍ତ ମଧ୍ୟରେ ଘଣ୍ଟପାଟୁଆ (କାଳେସୀ) ଘଟ ମୁଣ୍ଡାଇ ଖାଲି ପାଦରେ ଝାମୁ ଚାଲିଥାନ୍ତି। ପ୍ରତି ମଙ୍ଗଳବାର ଦିନ ପାଟୁଆମାନେ ମନ୍ଦିରବେଢ଼ା ଓ ସମ୍ମୁଖରେ ଘଣ୍ଟପାଟୁଆ ନୃତ୍ୟ ଓ ରଣପା ନୃତ୍ୟ ପରିବେଷଣ କରିଥାନ୍ତି। ତୃତୀୟ, ଚତୁର୍ଥ ଓ ପଞ୍ଚମ (ଶେଷ) ମଙ୍ଗଳବାର ବିଳମ୍ବିତ ରାତିରେ ମନ୍ଦିରରେ କାଳୀକା ନୃତ୍ୟ ଅନୁଷ୍ଠିତ ହୋଇଥାଏ ଯାହା ଏକ ଅନନ୍ୟ ପରମ୍ପରା ଭାବେ ପାଳନ ହୋଇଆସୁଛି କାହିଁକେତେ କାଳରୁ। ମାଙ୍କର ଜୈନିକ ଖମାରେଇ ସେବକ ଦୋଳ ପୂର୍ଣ୍ଣିମା ପରଠାରୁ ଭକ୍ତି ଓ ନିଷ୍ଠାରେ ରହିବା ସହିତ ପ୍ରତ୍ୟେହ ହବିସାନ୍ନ ଭୋଜନ କରି ମା ମଙ୍ଗଳାଙ୍କୁ ସ୍ତୁତି କରିଥାନ୍ତି। ତୃତୀୟ, ଚତୁର୍ଥ ଓ ପଞ୍ଚମ (ଶେଷ)



ମଙ୍ଗଳବାର ଦିନ ବିଳମ୍ବିତ ରାତିରେ ସେ ନିଜକୁ ମା କାଳୀଙ୍କ ବେଶରେ ସଜ୍ଜିତକରି ଯାଇ ପହଞ୍ଚିଥାନ୍ତି ମନ୍ଦିର ଗର୍ଭଗୃହରେ।

ସେଠାରେ ତାଙ୍କୁ ମାଙ୍କ ଷୋଡ଼ଶ ଉପଚାର ପୂଜାପଣ୍ଡା ମାଙ୍କ ଲାଗି ସିନ୍ଦୂର ଓ ଆଜ୍ଞାମାଳ ପ୍ରଦାନ କରିବା ସହିତ ପାଳିଆ ପଣ୍ଡା ତାଙ୍କ ହାତରେ ମା ମଙ୍ଗଳାଙ୍କଠାରେ ପୂର୍ବରୁ ଲାଗି ହୋଇଥିବା ଏକ ଖଡ୍ଗ (ଖଣ୍ଡା) ଧରାଇ ଦେଇଥାନ୍ତି। ପାଳିଆ ସେବକ ତାଙ୍କ ସମ୍ମୁଖରେ ଘଣ୍ଟ ବଜାଇ ଥିବାବେଳେ ଆଉ ଜଣେ ସେବକ ତାଙ୍କ ସମ୍ମୁଖରେ ଏକ ବେତକୁ ଗୋଲାକାର ବୃତ୍ତ କରି ଧରିଥାନ୍ତି। ଘଣ୍ଟର ତାଳରେ ସେବକ ଜଣଙ୍କ କାଳୀକା ନୃତ୍ୟ ପରିବେଷଣ କରିଥାନ୍ତି। ତାଙ୍କ ହାତରେ ଥିବା ଖଡ୍ଗ (ଖଣ୍ଡା)ଟି ସେବକଙ୍କ ବେତବୃତ୍ତ ମଧ୍ୟରେ ସବୁ ସମୟରେ ରହୁଥିବାରୁ କୌଣସି ଅଘଟଣ ଘଟି ନଥାଏ। କାଳୀକା ମନ୍ଦିର ବେଢ଼ା ଓ ସେବକ ସାହି ଦାଣ୍ଡରେ ନୃତ୍ୟ ପରିବେଷଣ କରି ଶେଷରେ ମନ୍ଦିରର ଗୋରଡ଼ାଠାରେ ଅଚେତ ହୋଇପଡ଼ନ୍ତି। ଶେଷ ହୋଇଥାଏ କାଳୀକା ନୃତ୍ୟ। ଏହି ନୃତ୍ୟ ଦେଖିବାକୁ ମନ୍ଦିର ବେଢା ଓ ସେବକ ସାହି ଦାଣ୍ଡରେ ପ୍ରବଳ ଭିଡ଼ ହୁଏ। ଚୈତ୍ର ମାସର ତୃତୀୟ, ଚତୁର୍ଥ ଓ ପଞ୍ଚମ ( ଶେଷ) ମଙ୍ଗଳବାର ବିଳମ୍ବିତ ରାତିରେ ଏହି କାଳୀକା ନୃତ୍ୟ ଅନୁଷ୍ଠିତ ହୋଇଥାଏ। କାଳୀକା ନୃତ୍ୟ ପରିବେଷଣ କରୁଥିବା ସେବକ ଜଣଙ୍କ ଚୈତ୍ର ମାସ ସାରା ଓଷା ବ୍ରତ ପାଳନ କରିଥାନ୍ତି ଓ ଭକ୍ତି, ନିଷ୍ଠାର ସହିତ ମା ମଙ୍ଗଳାଙ୍କୁ ସ୍ତୁତି କରିଥାନ୍ତି। ମା ମଙ୍ଗଳା ଯେହେତୁ ଆଦି ମାତା। ସେହେତୁ ଭକ୍ତମାନଙ୍କ ମଙ୍ଗଳ କରିବାକୁ ସେ ମଙ୍ଗଳା, ଭକ୍ତ ମାନଙ୍କ ଦାରିଦ୍ର୍ୟ ଦୂର କରିବାକୁ ସେ ମହାଲକ୍ଷ୍ମୀ ଆଉ ଦୁଷ୍ଟମାନଙ୍କୁ ସଂହାର କରିବାକୁ ସେ କାଳୀ ହୋଇ ପାରନ୍ତି। ଏହି ତତ୍ତ୍ୱ ଭକ୍ତ ଓ ଜନ ସାଧାରଣଙ୍କୁ ଜଣାଇଦେବାକୁ ମା ମଙ୍ଗଳାଙ୍କ ମନ୍ଦିରରେ ଏପରି କାଳୀକା ନୃତ୍ୟ ପରିବେଷଣ କରାଯିବା ପରମ୍ପରା କାହିଁ କେତେ କାଳରୁ ରହିଆସିଛି ବୋଲି କୁହନ୍ତି ମାଙ୍କ ସେବକ କମଳ ଲୋଚନ ଦିକ୍ଷୀତ।ସେ ଯାହା ହେଉନା କାହିଁକି ଚୈତ୍ର ମାସ ମଙ୍ଗଳବାର ବିଳମ୍ବିତ ରାତିରେ ମା ମଙ୍ଗଳାଙ୍କ ମନ୍ଦିରରେ ଅନୁଷ୍ଠିତ କାଳୀକା ନୃତ୍ୟ ଏକ ଅନନ୍ୟ ପରମ୍ପରା ହୋଇ ରହିଆସିଛି। ଜୟ ମା ମଙ୍ଗଳା।।


**ତୁଳସୀପୁର, ପୁରୀ**
**ମୋବାଇଲ୍: ୯୪୩୯୩୬୧୮୮୮**


# ବିଳମ୍ବିତ ମାତୃତ୍ୱ: ବୟସ୍କା ପ୍ରଥମ ଗର୍ଭା



**ଡାକ୍ତର କାନ୍ତୀ ନାୟକ**

ଭାରତ ଭଳି ଏକ ବିକାଶଶୀଳ ଦେଶମାନଙ୍କରେ କ୍ରମାଗତ ଭାବେ ବିଳମ୍ବିତ ବିବାହ ବଢ଼ି ଚାଲିଥିବାରୁ ଏହା ଏବେ ଚିନ୍ତାର କାରଣ ପାଲଟିଛି। ଏହାର କାରଣ ହେଉଛି ମହିଳାମାନେ ଏବେ ନିଜର କ୍ୟାରିୟର ପ୍ରତି ସଜାଗ ରହୁଥିବାରୁ ବିବାହାର ପ୍ରକୃତ ବୟସ ଗଡ଼ିଯାଉଛି। ଭାରତରେ ମାତୃତ୍ୱର ପ୍ରକୃତ ବୟସ ୩୦ ବର୍ଷକୁ କୁହାଯାଉଥିବା ବେଳେ ଏହା ଏବେ ୩୫ ବର୍ଷ ସୀମାକୁ ଟପିବାରେ ଲାଗିଛି। ଫିଗୋ (ଦି କାଉନ୍‌ସିଲ ଅଫ୍ ଇଣ୍ଟରନ୍ୟାସନାଲ ଫେଡ଼େରେସନ ଅଫ୍ ଅବଷ୍ଟେଟ୍ରିକ୍ସ ଆଣ୍ଡ ଗାଇନୋଲୋଜି) ଅନୁଯାୟୀ ୩୫ବର୍ଷରୁ ବେଶୀ ବୟସର ପ୍ରଥମ ଗର୍ଭଧାରଣକୁ "ବୟସ୍କା ପ୍ରଥମାଗର୍ଭା' ବୋଲି କୁହାଯାଇଥାଏ। ନିଜ ପ୍ରଜନନ ସମୟ ସୀମା ଶେଷ ପର୍ଯ୍ୟାୟରେ ଗର୍ଭଧାରଣର ଗୁରୁତର ଜଟିଳତା ସହିତ ବୟସର ଯେଉଁ ସାଧାରଣ ଜଟିଳତାକୁ ସାମନା କରିଥାନ୍ତି ସେଗୁଡ଼ିକ ହେଉଛି - ରକ୍ତଚାପ, ମଧୁମେହ ରୋଗ, ହୃଦ୍‌ରୋଗ, ବୃକକ୍‌ଜନିତ ଓ ଭେଷଜନିତ ରୋଗ। ଏହାଛଡ଼ା ବେଶୀ ବୟସରେ ଗର୍ଭ ଧାରଣ କଲାପରେ ଜନ୍ମଗତ ବିକଳାଙ୍ଗତା, ଯମଜଗର୍ଭ, ଅପରିପକ୍ୱ ପ୍ରସବ ଓ ସାଧାରଣ ଉପସ୍ଥାନ ଭଳି ସମସ୍ୟା ଆଦି ଦେଖାଦେଇଥାଏ। ଏହିଭଳି ସମସ୍ୟା ଦେଖାଦେଇଥିବା ମହିଳାମାନଙ୍କର ସାଧାରଣ ପ୍ରସବ ନହୋଇ ସିଜରିଆନ୍ ଅପରେସନ ଦ୍ୱାରା ପ୍ରସବ ହୋଇଥାଏ। ଏହି କାରଣରୁ ମଧ ଶିଶୁ ଓ ମାତୃ ମୃତ୍ୟୁହାର ଅଧିକ ଦେଖିବାକୁ ମିଳିଥାଏ।

ଗତକାଲି ଥିଲା ନିରାପଦ ମାତୃତ୍ୱ ଦିବସ। ଜାତିସଂଘର ଏକ ସର୍ବଶେଷ ରିପୋର୍ଟ ମୁତାବକ ବିଶ୍ୱରେ ପ୍ରତି ୨ମିନିଟରେ ଜଣେ ଗର୍ଭବତୀ କିମ୍ବା ପ୍ରସୂତୀଙ୍କ ମୃତ୍ୟୁ ହାନୀ ହେଉଛି। ଭାରତରେ ହାରାହାରି ୫୨ ଗର୍ଭବତୀ ବା ପ୍ରସୂତୀ ମହିଳାଙ୍କ ଜୀବନ ପ୍ରତିଦିନ ଅକାଳରେ ଚାଲିଯାଉଛି। ଗତ ୨୦୨୩ରେ ଭାରତରେ ପ୍ରାୟ ୧୯ ହଜାର ଗର୍ଭବତୀଙ୍କ ମୃତ୍ୟୁ ଘଟିଥିଲା। ସମଗ୍ର ବିଶ୍ୱରେ ଏହି ତାଲିକାରେ ନାଇଜେରିଆର ସ୍ଥାନ ପ୍ରଥମ ଥିବାବେଳେ ଭାରତର ସ୍ଥାନ ଦ୍ୱିତୀୟ। ୨୦୨୩ରେ ମହିଳାଙ୍କ ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟଗତ ଜଟିଳତା ଯୋଗୁଁ ବିଶ୍ୱରେ ପ୍ରାୟ ୨ଲକ୍ଷ ୬୦ ହଜାର ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦ରୁ ୨୦୨୩ ମଧ୍ୟରେ ଭାରତରେ ମାତୃ ମୃତ୍ୟୁହାର (ପ୍ରତି ୧ଲକ୍ଷ ଜୀବନ୍ତ ଶିଶୁ ଜନ୍ମ ଦେଉଥିବା ପ୍ରସୂତୀଙ୍କ ମଧ୍ୟରେ ମୃତ୍ୟୁ ଘଟୁଥିବା ମହିଳାଙ୍କ ସଂଖ୍ୟା)। ୨୦୦୦ ମସିହାରେ ୩୬୨ ଥିଲାବେଳେ ୨୦୨୩ରେ ତାହା ୮୦କୁ ହ୍ରାସ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ମୁତାବକ ସ୍ୱାସ୍ଥ୍ୟ ସେବା ସୁବିଧାର ବୃଦ୍ଧି ଯୋଗୁ ୨୦୦୦ରୁ ୨୦୨୩ ମଧ୍ୟରେ ବିଶ୍ୱରେ ମାତୃମୃତ୍ୟୁ ହାର ୪୦% ହ୍ରାସ ପାଇଛି। ତେବେ ସ୍ୱାସ୍ଥ୍ୟଗତ ଜଟିଳତା ଦେଇ ଗତି କରୁଥିବା ଗର୍ଭବତୀ ମହିଳାଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ରିପୋର୍ଟରେ କୁହାଯାଇଛି। ଅତ୍ୟଧିକ ରକ୍ତସ୍ରାବ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ, ସଂକ୍ରମଣ, ଅସୁରକ୍ଷିତ ଗର୍ଭପାତ ଆଦି ମୃତ୍ୟୁର ପ୍ରମୁଖ କାରଣ। ସେହିଭଳି ମଧୁମେୟ



ହୃଦରୋଗ ମଧ ଗର୍ଭବତୀଙ୍କ ଜୀବନକୁ ଅଧିକ ବିପଦରେ ପକାଉଥିବା ଜାତିସଂଘ ତା ରିପୋର୍ଟରେ ଦର୍ଶାଇଛି। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ୩୫ରୁ ୪୯ ବର୍ଷ ବୟସରେ ପ୍ରଥମ ଗର୍ଭଧାରଣ ଶତକଡ଼ା ୮.୬ ଥିବାବେଳେ ପ୍ରଥମ ଗର୍ଭଧାରଣ ଶତକଡ଼ା ୨.୪ରୁ ୩.୪କୁ ବୃଦ୍ଧି ପାଇଛି। ତେଣୁ ୩୫ ବୟସ ବା ତଦୁର୍ଦ୍ଧ ବୟସରେ ମାତୃତ୍ୱ ଲାଭ କରୁଥିବା ମା' ଓ ଶିଶୁଙ୍କ ପାଇଁ ଏଭଳି ଗର୍ଭଧାରଣ ବିପଜ୍ଜନକ ପରିଲକ୍ଷିତ ହୋଇଥାଏ। ଏହାକୁ ହାଇରିସ୍କ ପ୍ରେଗ୍‌ନାନ୍ସି ବୋଲି କୁହାଯାଏ। ନିକଟରେ ଏକ ଚମକପ୍ରଦ ଖବର ଶୁଣିବାକୁ ମିଳିଥିଲାଯେ, ମାସିକ ଋତୁସ୍ରାବର ବିରତି ପରେ ମଧ ୬୫ ବର୍ଷ ବୟସରେ ଜଣେ ମହିଳା ଗର୍ଭଧାରଣ କରିବାରେ ସକ୍ଷମ ହୋଇଛନ୍ତି। ଆଣ୍ଡ୍ରୋପଜ୍ ପରେ ମଧ ପୁରୁଷମାନେ ୮୦ ବର୍ଷ ବୟସରେ ପିତୃତ୍ୱ ଲାଭ କରିପାରୁଛନ୍ତି। ବୟସ୍କା ମହିଳାମାନଙ୍କ ମଧ୍ୟରୁ କେତେଜଣ ଅଭାବନୀୟ ପରିସ୍ଥିତିରେ ଗର୍ଭଧାରଣ କଲାବେଳେ ଆଉକିଛି ବହୁବର୍ଷ ଧରି ବନ୍ଧ୍ୟା ରହିବା ପରେ ଗର୍ଭଧାରଣ କରିଥାନ୍ତି ଏବଂ ଅବଶିଷ୍ଟ ମହିଳା ନିଜ ଠାରୁ କମ୍ ବୟସର ମହିଳାଙ୍କ ନିଜ ଠାରୁ କମ୍ ବୟସର ମହିଳାଙ୍କ ଠାରୁ ଡିମ୍ବ ନେଇ ଗର୍ଭଧାରଣ କରିଥାନ୍ତି।

**ବିଳମ୍ବିତ ବିବାହରେ ସମସ୍ୟା: ବନ୍ଧ୍ୟାଦୋଷ:** ବୟସ ବଢ଼ିବା ସହିତ ଗର୍ଭଧାରଣ କରିବା ଶକ୍ତି କମି ଯାଏ, କାରଣ ବୟସ୍କା ମହିଳାମାନଙ୍କର ଡିମ୍ବ କୋଷରୁ ଡିମ୍ବ ନିର୍ଗତ ହେବା କମିଯାଏ। ଗର୍ଭପାତ : ବୟସ୍କା ମହିଳାମାନଙ୍କ ଡିମ୍ବରେ ଜନ୍ମଗତ ବିକଳାଙ୍ଗତା "କ୍ରୋମୋ ଜୋମାଲ ଆନୋମାଲି' ଥିବାରୁ ବେଶି ଗର୍ଭନଷ୍ଟ ହୁଏ। ଏମାନଙ୍କର ଜରାୟୁ ଝିଲ୍ଲୀ ବିକଶିତ ହୋଇନଥିବାରୁ ଗର୍ଭପାତ ୬ଗୁଣ ଅଧିକା ହୋଇଥାଏ। ଶିଶୁ ବିକଳାଙ୍ଗତା : ୩୫ବର୍ଷରୁ ଅଧିକ ବୟସ୍କା ମହିଳାମାନଙ୍କର ମଲାଶିଶୁ ଜନ୍ମ ହେବାର ଆଶଙ୍କା ଅଧିକ ଦେଖାଦେଇଥାଏ। **ଉଚ୍ଚରକ୍ତ ଚାପ :** ବୟସ ବଢ଼ିବା ସହିତ ଉଚ୍ଚ ରକ୍ତଚାପ ଦେଖାଦେଇଥାଏ। ଯାହାଫଳରେ ବିଳମ୍ବରେ ବିବାହ କରୁଥିବା ମହିଳା ଅଧିକ ରକ୍ତଚାପର ସମ୍ମୁଖୀନ ହୋଇଥାନ୍ତି। ଜରାୟୁ ଅର୍ବୁଦ୍ ଫ୍ରଇବ୍ରଏଡ୍ : ଶତକଡ଼ା ୧୦ ଭାଗ ବୟସ୍କା ମହିଳାଙ୍କୁ ଏହି ରୋଗ ହୋଇଥାଏ। ଏହାଦ୍ୱାରା ଗର୍ଭପାତ ଓ ଅପରିଣତ ପ୍ରସବ ଆଦି ହୋଇଥାଏ। ମଧୁମେହ : ଅଧିକ ବୟସରେ ବିବାହ କରୁଥିବା ଶତକଡ଼ା ୧୦ ଭାଗ ମହିଳାଙ୍କ ଠାରେ ମଧୁମେହ ରୋଗ ଦେଖାଦେଇଥାଏ। ଏହାଦ୍ୱାରା ଗର୍ଭରେ ଶିଶୁ ମୃତ୍ୟୁ, ପ୍ରସବ ପରେ ଶିଶୁର ଅସୁବିଧା ଆଦି ଦେଖିବାକୁ ମିଳିଥାଏ।

**ଅପରିଣତ ପ୍ରସବ:** ବିଳମ୍ବରେ ଗର୍ଭଧାରଣ କଲେ ଅପରିଣତ ପ୍ରସବର ଜଟିଳତା ପ୍ରାୟ ୨ଗୁଣ ବଢ଼ିଯାଏ। ଶତକଡ଼ା ୧୦-୧୮ ଭାଗ ଶିଶୁ ଅପରିଣତ ବୟସରେ ଜନ୍ମଗ୍ରହଣ କରିବାରୁ ଶିଶୁମୃତ୍ୟୁହାର ଅଧିକ ଦେଖିବାକୁ ମିଳିଥାଏ। ଏତଦ୍‌ଭିନ୍ନ ଅଧିକ ବୟସରେ ଗର୍ଭଧାରଣ କରୁଥିବା ମହିଳାଙ୍କର ପ୍ରସବ ପୂର୍ବରୁ ପାଣିଥଳୀ ଫାଟିଯାଏ, ଯାହାଦ୍ୱାରାକି ସଂକ୍ରମଣ ଜନିତ ସମସ୍ୟା ପରିଲକ୍ଷିତ ହୋଇଥାଏ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ତ୍ରୀ ଓ ପ୍ରସୂତୀ ସମ୍ବନ୍ଧୀୟ ସମସ୍ତ ପ୍ରକାର ସୁବିଧା କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳ ଠାରୁ ସବୁଜବନାନୀର ଆଦିବାସୀ ବହୁଳ ଅଗମ୍ୟ ଇଲାକାରେ ଥିବା ସ୍ତ୍ରୀ ଲୋକଟି ପାଇଁ ସମସ୍ତ ପ୍ରକାର ସୁବିଧାର ବ୍ୟବସ୍ଥା କରାଯାଇଛି। ଗର୍ଭବତୀ ହେବା ଠାରୁ ପ୍ରସୂତୀକୁ ବିଭିନ୍ନ ସରକାରୀ ପ୍ରଦତ୍ତ ମାଗଣା ଔଷଧ, ଉନ୍ନତମାନର ପୃଷ୍ଟିକର ଖାଦ୍ୟ ସହ ଟୀକାକରଣ ଓ ପ୍ରୋତ୍ସାହନ ରାଶିର ସୁଯୋଗ ବି ରହିଛି। ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ହେଉ ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀକେନ୍ଦ୍ର ଠାରୁ ଉପଖଣ୍ଡସ୍ତରୀୟ ସରକାରୀ ଡାକ୍ତରଖାନା। ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ବଡ଼ମେଡ଼ିକାଲରେ ଏହାର ପର୍ଯ୍ୟାପ୍ତ ସୁବିଧା ସରକାର ଦେଇଛନ୍ତି। ତେଣୁ ମାତୃତ୍ୱ ବିଳମ୍ବିତ ହେଲେ କୌଣସି ତୁଟୁକା ତୁଟୁକି ବା ଗୁଣିଗାରେଡ଼ି ଚିକିତ୍ସାକୁ ବିଶ୍ୱାସ ନରଖି ବରଂ ସରକାରୀ ଡାକ୍ତରଖାନାରେ ଥିବା ଅଭିଜ୍ଞ ଡାକ୍ତରଙ୍କ ଚିକିତ୍ସା ସେବା ନେବା ନିହାତି ଜରୁରୀ।


**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ**
**ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ**

## ଇସ୍ରାଏଲ୍ ସେନାରେ ବିଦ୍ରୋହ

# ଗାଜା ଯୁଦ୍ଧକୁ ବିରୋଧ କଲେ ସୈନିକ



**ନୂଆଦିଲ୍ଲୀ,୧୧।୪:** ଇସ୍ରାଏଲ ସେନା ଭିତରେ ବିଦ୍ରୋହ । ଗାଜାରେ ହମଲାକୁ ନା କରିଛନ୍ତି କିଛି ସୈନିକ । ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ନିଜର ରାଜନୈତିକ ଫାଇଦା ପାଇଁ ଏହି ଲଢ଼େଇ ଜାରି ରଖିଛନ୍ତି । ଏହାର ଅର୍ଥ ପଣବନ୍ଦୀଙ୍କୁ ଫେରାଇ ଆଣିବା ନୁହେଁ । ଏବେ ବି ଅନେକ ଇସ୍ରାଏଲୀ ହମାସ କବଳରେ ରହିଛନ୍ତି। ଗାଜାରେ ଯୁଦ୍ଧକୁ ବିରୋଧ କରି କିଛି ବାୟୁସୈନିକ ସରକାରଙ୍କୁ ଚିଠି ଲେଖିଥିଲେ। ତେବେ ଏମାନଙ୍କୁ ବିରୋଧ କରି ସେବା ନିବୃତ୍ତ କରିବାକୁ ଦାବି କରିଛି ଇସ୍ରାଏଲ ସେନା । ତୁରନ୍ତ ଯବାନଙ୍କ ବିରୋଧରେ ଆକ୍ସନ ନେବାକୁ କୁହାଯାଇଛି । ଅନ୍ୟପଟେ ଇସ୍ରାଏଲ୍ ସେନା ମଧ୍ୟରେ ମତଭେଦ ଗ୍ରହଣୀୟ ନୁହେଁ ବୋଲି ଜଣେ ସେନା ଅଧିକାରୀ କହିଛନ୍ତି । ବର୍ତ୍ତମାନ ଦେଶ ପାଇଁ ମିଳିମିଶି ଲଢ଼େଇ କରିବାର ସମୟ । ଯୁଦ୍ଧ ଭିତରେ ଏହା ସ୍ୱିକାର ଯୋଗ୍ୟ ନୁହେଁ, ଏହା ଦ୍ୱାରା ଅନ୍ୟ ଯବାନମାନଙ୍କର ମନୋବଳ ଭାଙ୍ଗୁଛି ବୋଲି ସେ କହିଛନ୍ତି । ଗାଜା ଯୁଦ୍ଧକୁ ବିରୋଧ କରି ଚିଠିରେ ହସ୍ତାକ୍ଷର କରିଥିବା ସୈନ୍ୟଙ୍କୁ ନେଇ ସ୍ପଷ୍ଟୋକ୍ତି ଦେଇଛି ଆଇଡିଏଫ । ଏଭଳି ସଂରକ୍ଷିତ ସୈନ୍ୟ ଏବେ ଇସ୍ରାଏଲ ସେନ ଭିତରେ ରହିବେ ନାହିଁ । ସେମାନଙ୍କୁ ସେବାକୁ ନିବୃତ୍ତ କରାଯିବ । ସୂଚନା ଅନୁଯାୟୀ, ଇସ୍ରାଏଲ ବାୟୁସେନାର ହଜାରେରୁ ଅଧିକ ଅତିରିକ୍ତ ସୈନିକ ଓ ଅବସରପ୍ରାପ୍ତ ଯବାନ ଗାଜା ଯୁଦ୍ଧକୁ ନା କରି ଚିଠି ଲେଖିଥିଲେ । ଗୁରୁବାର ଇସ୍ରାଏଲ ଗଣମାଧ୍ୟମ ଦ୍ୱାରା ଏହା ପ୍ରକାଶିତ ହେବା ପରେ ହଟଚମକ ଖେଳିଯାଇଛି । ହମାସ ଠାରୁ ପଣବନ୍ଦୀଙ୍କୁ ଫେରାଇ ଆଣିବାକୁ ଚିଠିରେ ଲେଖାହୋଇଛି। ଏହି ଚିଠି ଏଭଳି ସମୟରେ ଲେଖାଯାଇଛି ଯେ, ଯେଉଁ ସମୟରେ ହମାସ ବିରୋଧରେ ଇସ୍ରାଏଲ୍ ସେନା ଲଢ଼େଇକୁ ଆହୁରି ଜୋରଦାର କରିଛି । ହମାସ ଉପରେ ଚାପ ପକାଇବାକୁ ଇସ୍ରାଏଲ ସେନା ଗାଜାପଟ୍ଟୀର ଦୁଇ ରାସ୍ତାକୁ ସିଲ୍ କରିଦେଇଛି। ଗତ ଅକ୍ଟୋବର ୨୩ ତାରିଖରେ ଇସ୍ରାଏଲ ଉପରେ ଅତର୍କିତ ଆକ୍ରମଣ କରିଥିଲା ହମାସ। ଏଥିରେ ୧୨ଶହରୁ ଅଧିକ ଲୋକଙ୍କ ପ୍ରାଣ ହରାଇଥିଲେ । ୨୫୦ରୁ ଅଧିକ ଲୋକଙ୍କୁ ପଣବନ୍ଦୀ କରିନେଇଥିଲା ଆତଙ୍କବାଦୀ ସଂଗଠନ । ଏହାପରେ ନରସଂହାର ଆରମ୍ଭ କରିଥିଲା ଇସ୍ରାଏଲ ସେନା । ଗାଜାପଟ୍ଟୀକୁ ଧ୍ୱଂସସ୍ତୁପରେ ପରିଣତ କରିଛି। ୪୬ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଲକ୍ଷାଧିକ ବେଘର ହୋଇଛନ୍ତି ।

## ଏଆଇଡିଏମ୍‌କେ-ବିଜେପି ମେଣ୍ଟ

● ଘୋଷଣା କଲେ ଅମିତ ଶାହ; ଏକାଠି ଲଢ଼ିବେ ବିଧାନସଭା ନିର୍ବାଚନ



**ନୂଆଦିଲ୍ଲୀ,୧୧।୪:** କେନ୍ଦ୍ର ଗୃହମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହ ଶୁକ୍ରବାର ତାମିଲନାଡୁ ଗସ୍ତରେ ପହଞ୍ଚିଛନ୍ତି। ଏହି ସମୟରେ, ଅମିତ ଶାହ, ଏଆଇଏଡିଏମକେ ନେତା ଇ ପଲାନିସ୍ୱାମୀ ଏବଂ ପୂର୍ବତନ ବିଜେପି ରାଜ୍ୟ ସଭାପତି କେ ଆନ୍ନାମାଲାଇଙ୍କ ସହିତ ଗଣମାଧ୍ୟମ ସାମ୍ନାରେ ଆଗାମୀ ତାମିଲନାଡୁ ବିଧାନସଭା ନିର୍ବାଚନରେ ଏଆଇଏଡିଏମକେ -ବିଜେପି ମଧ୍ୟରେ ମେଣ୍ଟ ଘୋଷଣା କରିଥିଲେ। ଅମିତ ଶାହ ଘୋଷଣା କରିଛନ୍ତି ଯେ ବିଜେପି ଏବଂ ଏଆଇଏଡିଏମକେ ମଧ୍ୟରେ ମେଣ୍ଟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜାତୀୟ ସ୍ତରରେ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ତାମିଲନାଡୁରେ, ନିର୍ବାଚନ ଏଆଇଏଡିଏମକେ ନେତାଙ୍କ ନେତୃତ୍ୱରେ ଲଢ଼ାଯିବ। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଏବଂ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତା ବହୁ ବର୍ଷ ଧରି ଜାତୀୟ ରାଜନୀତିରେ ଏକାଠି କାମ କରିଛନ୍ତି। ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଆମେ ଡିଏମକେ ପାଇଁ କୌଣସି ଦ୍ୱନ୍ଦ୍ୱ ଛାଡ଼ିବାକୁ ଚାହୁଁନାହୁଁ, ଆମେ ପଲାନିସ୍ୱାମୀଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବୁ। ସେ କହିଛନ୍ତି ଯେ ମୁଁ ନିଶ୍ଚିତ ଯେ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନରେ ଏନ୍‌ଡିଏ ପୁଣି ଥରେ ବିପୁଳ ବହୁମତ ପାଇବ ଏବଂ ତାମିଲନାଡୁରେ ପୁଣି ଥରେ ଏନ୍‌ଡିଏ ସରକାର ଗଠନ ହେବ।" କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, "ତାମିଲନାଡୁରେ, ଡିଏମକେ ଦଳ ସନାତନ ଧର୍ମ, ତିନି ଭାଷା ନୀତି ଏବଂ ଏପରି ଅନେକ ପ୍ରସଙ୍ଗ ଉଠାଇଛି, ଯାହା ମୁଖ୍ୟ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଲକ୍ଷ୍ୟ ରଖିଛି। ଆଗାମୀ ନିର୍ବାଚନରେ, ତାମିଲନାଡୁର ଲୋକମାନେ ଡିଏମକେ ସରକାରଙ୍କ ବ୍ୟାପକ ଦୁର୍ନୀତି, ଆଇନ ଶୃଙ୍ଖଳା, ଦଳିତ ଏବଂ ମହିଳାଙ୍କ ଉପରେ ଅତ୍ୟାଚାର ଭଳି ପ୍ରସଙ୍ଗ ଉପରେ ଭୋଟ ଦେବାକୁ ଯାଉଛନ୍ତି। ଡିଏମକେ ସରକାର ୩୯୦୦୦ କୋଟି ଟଙ୍କାର ମଦ ଦୁର୍ନୀତି, ବାଲି ଖଣି ଦୁର୍ନୀତି, ମାଗଣା ଧୋତି ସ୍କାମ୍, ପରିବହନ ଦୁର୍ନୀତି ଭଳି ଅନେକ ଦୁର୍ନୀତି କରିଛି, ଯାହାର ଜବାବ ଜନସାଧାରଣଙ୍କୁ ଦେବାକୁ ପଡିବ।"

## ନଦୀକୁ ଖସିପଡ଼ିଲା ହେଲିକପ୍ଟର, ୬ ଜଣଙ୍କ ଜୀବନ ଗଲା




**ୱାଶିଂଟନ,୧୧।୪:** ଆମେରିକାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ମଝି ଆକାଶରେ ହେଲିକପ୍ଟର୍ କ୍ରାସ୍ ହେବାରୁ ୬ ଜଣଙ୍କର ମୃତ୍ୟୁ ଘଟିଛି। ତେବେ ଦୁର୍ଘଟଣା ପରେ ନଦୀ ମଝିକୁ ଖସିପଡ଼ିଥିଲା ହେଲିକପ୍ଟର। ମୃତକଙ୍କୁ ଉଦ୍ଧାର ପାଇଁ ନଦୀ ଭିତରେ ଉଦ୍ଧାରକାରୀ ଦଳ ରହିଛନ୍ତି। ଜର୍ସି ସିଟିର ହଲାଣ୍ଡ ଟନେଲ ଭେଣ୍ଟିଲେସନ ଶାଫ୍ଟ ନିକଟରେ ଘଟିଛି, ଯାହାକି ରିଭର ଡ୍ରାଇଭ ସାଉଥ ଏବଂ ନ୍ୟୁପୋର୍ଟ ପାର୍କୱେ ଠାରୁ ବହୁତ ଦୂରରେ, ୱାଟର ସୋଲ ସ୍କଲ୍ପଚରୀ ନିକଟରେ ଅବସ୍ଥିତ। ନ୍ୟୁୟର୍କ ସିଟି ମେୟର ଏରିକ ଆଡାମ୍ସ କହିଛନ୍ତି, ସ୍ପେନର ପାଞ୍ଚ ଜଣିଆ ପରିବାର ଏବଂ ପାଇଲଟ ସମେତ ତିନି ଜଣ ବୟସ୍କ ଏବଂ ତିନି ଜଣ ପିଲାଙ୍କର ମୃତ୍ୟୁ ହୋଇଛି। ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ସେ କହିଛନ୍ତି। ମୃତକ ଛଅ ଜଣଙ୍କ ମଧ୍ୟରୁ ପାଞ୍ଚ ଜଣ ହେଉଛନ୍ତି ସିମେନ୍ସ କାର୍ଯ୍ୟନିର୍ବାହୀ ଅଗଷ୍ଟିନ ଏସ୍କୋବାର, ତାଙ୍କ ସ୍ତ୍ରୀ ଏବଂ ସେମାନଙ୍କର ତିନି ଜଣ ପିଲା, ବୟସ ଯଥାକ୍ରମେ ୪, ୫ ଏବଂ ୧୧ ବୋଲି ଜଣାପଡ଼ିଛି।

## ରିଲସ୍ ବନଉଥିବାବେଳେ ଚଢ଼ିଗଲା ଟ୍ରେନ୍, ଅଳ୍ପକେ ବର୍ତ୍ତିଲେ ଯୁବକ

**ଉତ୍ତରପ୍ରଦେଶ,୧୧।୪:** ସହାରନପୁରରେ ରେଲୱେ ଟ୍ରାକରେ ଶୋଇ ରିଲସ୍ ବନାଉଥିଲେ ଜଣେ ଯୁବକ। ସେ ଗଙ୍ଗୋହ ଅଞ୍ଚଳ ଖାନପୁର ଗାଁର ଯୁବକ ରମଣ। ଭିଡିଓରେ ସ୍ପଷ୍ଟ ଜଣାପଡୁଛି ଯେ, ସେ କିଭଳି ତାଙ୍କ ଜୀବନକୁ ବାଜି ଲଗାଇ ଭିଡିଓ ବନାଉଛନ୍ତି । କିନ୍ତୁ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି ଯୁବକ। ଯାହାର ଭିଡିଓ ସୋସିଆଲ ଭାଇରଲ ହେବାରେ ଲାଗିଛି । ଭାଇରଲ ଭିଡିଓ ଦେଖିବା ମାତ୍ରେ ଜିଆରପି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରମଣଙ୍କୁ ଗିରଫ କରିଛି । ଆଉ କେବେ ସୁଧୁରିବେ ପିଲା । ଆଜିକାଲି ପିଲାଙ୍କ ରିଲସର ଭ୍ୟୁ ନିଶାରେ ଶହ ଶହ ମୂଲ୍ୟବାନ ଜୀବନକୁ ବାଜି ଲଗାଇଦେଉଛନ୍ତି । ତଥାପି ପିଲାମାନେ ଏତେ ଏତେ ଘଟଣାର ଖବର ଶୁଣିବା ପରେ ମଧ୍ୟ ଜୀବନକୁ ନେଇ ସଚେତନ ହେଉନାହାନ୍ତି । ରମଣଙ୍କ ଭଳି ମଧ୍ୟ ଅନେକ ପିଲା ଅନ୍ୟ ଯୁବପିଢ଼ିଙ୍କୁ ବିପଦଜନକ ବାର୍ତ୍ତାର ପ୍ରେରଣା ଦେଉଛନ୍ତି । ଅନ୍ୟପଟେ ରେଳ ପ୍ରଶାସନ ଏବଂ ପୋଲିସ ଏହି ମାମଲାକୁ ନେଇ ଚେତାବନୀ ଦେଉଛନ୍ତି । ଏହା ସତ୍ତ୍ୱେ ମଧ୍ୟ ଲୋକ ନିଜ ଜୀବନ ପ୍ରତି ଧ୍ୟାନ ଦେଉନାହାନ୍ତି । ଲୋକଙ୍କ ରିଲସ ବନେଇବାର ଆଗ୍ରହ ଏତେ ଯେ ମୃତ୍ୟୁ ସହ ଖେଳିବାକୁ ମଧ୍ୟ ପଛ ଘୁଞ୍ଚା ଦେଉନାହାନ୍ତି ।

## ବିହାରରେ କାଳବୈଶାଖୀର ତାଣ୍ଡବ, ଗଲାଣି ୧୦୨ ଜଣଙ୍କ ଜୀବନ

**ବିହାର,୧୧।୪:** ବିଭିନ୍ନ ସ୍ଥାନରେ କାଳବୈଶାଖୀର ତାଣ୍ଡବ । ଏଯାଏ ଗଲାଣି ୧୦୨ ଜଣଙ୍କ ଜୀବନ । ବିହାରରେ ସବୁଠାରୁ ଅଧିକ ଦେଖିବାକୁ ମିଳିଛି ପ୍ରକୃତିର ପ୍ରଭାବ । ଭୀଷଣ ବର୍ଷା ଏବଂ ବ୍ରଜପାତ ଯୋଗୁଁ ଗତ ୨୪ ଘଣ୍ଟାରେ ୮୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ନାଳନ୍ଦା, ସିୱାନ୍, ସରଣ, ଭୋଜପୁର, ଗୟା, ଦାରବଙ୍ଗା, ଜାମୁଇ ଏବଂ ସାହାରା ସମେତ ପ୍ରଭାବିତ ହୋଇଛି ୨୦ ଟି ଜିଲ୍ଲା । ନାଳନ୍ଦାରୁ ପ୍ରାଣ ହରାଇଛନ୍ତି ସର୍ବାଧିକ ।କେବଳ ନାଳନ୍ଦାରେ ଏକ ବିରାଟ ବର ଗଛ ଉପୁଡ଼ି ମନ୍ଦିର ଉପରେ ପଡ଼ିଯିବାରୁ ୨୨ ଜଣଙ୍କ ଜୀବନ ଯାଇଛି । ପାଟଣାରେ ସର୍ବାଧିକ ୪୨. ୬ ମିଲିମିଟର ରେକର୍ଡ ହୋଇଛି । ଆଗକୁ ଆହୁରି ବର୍ଷା ସମ୍ଭାବନା ରହିଛି । ଏନେଇ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ବିହାରରେ ବର୍ଷା ଏବଂ ଝଡ଼ ଯୋଗୁଁ ହୋଇଥିବା ମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗଭୀର ଶୋକ ପ୍ରକାଶ କରିଛନ୍ତି । ଏହା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ପାଇଁ ଘୋଷଣା କରିଛନ୍ତି । ସେହିପରି ଉତ୍ତରପ୍ରଦେଶରେ ୨୨ ଜଣଙ୍କ ମୃତ୍ୟୁ ହୋଇଛି । ସେପଟେ ଓଡ଼ିଶାରେ ମଧ୍ୟ ବର୍ଷା ସମ୍ଭାବନା । ଆଜି କନ୍ଧମାଳ , ଗଞ୍ଜାମ, ରାୟଗଡା, ଗଜପତି, କୋରାପୁଟ ଏବଂ ମାଲକାନଗିରିରେ କାଳବୈଶାଖୀ ଏବଂ ଘଡଘଡି ସହ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଆସନ୍ତାକାଲି ୪ ଜିଲ୍ଲା, ମୟୂରଭଞ୍ଜ, ରାୟଗଡା, ଗଜପତି ଏବଂ କୋରାପୁଟକୁ ଘଡଘଡି ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି ।

## ରୋହିଣୀ ଡିପୋରେ ଚାର୍ଜିଂ ସମୟରେ ବସ୍‌ରେ ଲାଗିଲା ନିଆଁ

**ନୂଆଦିଲ୍ଲୀ,୧୧।୪:** ଦିଲ୍ଲୀର ରୋହିଣୀରେ ଥିବା ଡିଟିସି ଡିପୋରେ ଉତ୍ତେଜନା ଦେଖାଦେଇଥିଲା । ଯେତେବେଳେ ଏକ ଚାର୍ଜ ହେଉଥିବା ଇଲେକ୍ଟ୍ରିକ୍ ବସ୍ ହଠାତ୍ ନିଆଁ ଲାଗିଗଲା । ବସ୍‌ର ଛାତ ଉପରେ ଥିବା ବ୍ୟାଟେରୀ କ୍ୟାବିନ୍‌ରୁ ନିଆଁ ଲାଗିଥିଲା । ଅଗ୍ନିଶମ ବିଭାଗ ତୁରନ୍ତ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା । ସୂଚନା ଅନୁଯାୟୀ, ସକାଳେ ବସ୍‌ଟି ଚାର୍ଜିଂ ପଏଣ୍ଟରେ ପାର୍କିଂ ହୋଇଥିବା ବେଳେ ଏହି ଘଟଣା ଘଟିଥିଲା । ହଠାତ୍ ଧୂଆଁ ଉଠିବା ଦେଖି କର୍ମଚାରୀମାନେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ସମୟୋଚିତ ପଦକ୍ଷେପ ଯୋଗୁଁ ନିଆଁ ଅନ୍ୟ ବସ୍‌କୁ ବ୍ୟାପିପାରିଲା ନାହିଁ ଏବଂ କୌଣସି ଜୀବନହାନି ହୋଇନାହିଁ । ଘଟଣାସ୍ଥଳକୁ ଅଗ୍ନିଶମ ବିଭାଗର ତିନୋଟି ଗାଡ଼ି ପହଞ୍ଚି କିଛି ସମୟ ମଧ୍ୟରେ ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଦେଇଥିଲେ । ବର୍ତ୍ତମାନ ଅଗ୍ନିକାଣ୍ଡର କାରଣ ତଦନ୍ତ କରାଯାଉଛି । ଦିଲ୍ଲୀ ପରିବହନ ବିଭାଗ ଏହି ଘଟଣାକୁ ଗମ୍ଭୀରତାର ସହ ନେଉଛି ଓ ବୈଦ୍ୟୁତିକ ବସ୍‌ଗୁଡ଼ିକର ଚାର୍ଜିଂ ପ୍ରକ୍ରିୟା ଓ ବ୍ୟାଟେରୀ ସୁରକ୍ଷା ସମ୍ପର୍କରେ ନୂତନ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯାଉଛି, ଯାହା ଦ୍ୱାରା ଭବିଷ୍ୟତରେ ଏପରି ଘଟଣା ଏଡ଼ା ଯାଇପାରିବ ।

## 'କ୍ୟାପ୍ଟେନ କାନକ' ଟ୍ରେଡୱାର ମଧ୍ୟରେ କାନାଡ଼ା ଛାପିଲା କମିକ୍ ବୁକ୍




**ନୂଆଦିଲ୍ଲୀ,୧୧।୪:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ନିଷ୍ପତ୍ତି ଓ ବୟାନ କାରଣରୁ ଏବେ ସାରା ବିଶ୍ୱରେ ଚର୍ଚ୍ଚାରେ। ତାଙ୍କ ଟାରିଫ ନୀତି ଅନେକ ଦେଶଙ୍କୁ ଅସନ୍ତୁଷ୍ଟ କରିଛି। ଖାସ କରି ଆମେରିକାର ପଡୋଶୀ କାନାଡା ଟ୍ରମ୍ପଙ୍କୁ ଏବେ ସୁପର ଭିଲିୟାନ ରୂପେ ଦେଖୁଛି। କାନାଡା ଲୋକେ କେବଳ ଟ୍ରମ୍ପ ଙ୍କୁ ନେଇ ନୁହେଁ ଏଲନ ମସ୍କଙ୍କ ଉପରେ ମଧ୍ୟ ଅସନ୍ତୁଷ୍ଟ। ଲୋକଙ୍କ ଅସନ୍ତୋଷ ଏପରି ସ୍ଥିତିକୁ ପହଞ୍ଚିଛି ଯେ କାନାଡାରେ ୧୯୭୦ ଦଶକର ସୁପର ହିରୋ 'କ୍ୟାପ୍ଟେନ କାନକ' ଏବେ ପୁଣି ଚର୍ଚ୍ଚାକୁ ଆସିଛନ୍ତି, ହେଲେ ଏଥର ତାଙ୍କର ଶତ୍ରୁ ଆଉ କେହି ନୁହନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଏଲନ ମସ୍କ। ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ କାନାଡାକୁ ଆମେରିକାର ୫୧ତମ ରାଜ୍ୟ କରିବେ ବୋଲି କହିଥିଲେ। ଏଥିରେ କାନାଡା ଉପରେ ଏବେ ଟାରିଫ ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି କାନାଡା ଜନତାଙ୍କ ମଧ୍ୟରେ କ୍ରୋଧ ଓ ଅସନ୍ତୋଷ ଭରି ଦେଇଛି। ନିକଟରେ ଟ୍ରମ୍ପ କହିଥିଲେ କାନାଡାକୁ ଏବେ ଆମେ କିଣିନେବା ଉଚିତ। ଏହାର ଜବାବରେ କାନାଡା କାଲିଫର୍ଣ୍ଣିଆକୁ କିଣିବାକୁ ପ୍ରସ୍ତାବ ଦେଇଥିଲା। ଏପରି ବୟାନବାଜୀ ଏବେ ଟ୍ରମ୍ପଙ୍କୁ କାନାଡାର କମିକ୍ ଚରିତ୍ର ବନାଇ ଦେଇଛି। ଯେଉଁଥିରେ ତାଙ୍କୁ ଏବେ ସୁପର ଭିଲିଆନ ରୂପେ ଦେଖାଯାଉଛି। କାନାଡାରେ କ୍ୟାପ୍ଟେନ କାନକ ନାମରେ ଏକ କମିକ୍ କ୍ୟାରେକ୍ଟର ରହିଛି। ଏହି କ୍ୟାରେକ୍ଟରକୁ ୧୯୭୦ ଦଶକରେ ରିଚାର୍ଡ କମଲୀ ତିଆରି କରିଥିଲେ। କ୍ୟାରେକ୍ଟରର ଅସଲି ନାମ ଟମ ଇଭାନ୍ସ ଓ ସେ ରୟାଲ କାନାଡିୟାନ ମାଉଣ୍ଟେଡ ପୋଲିସର ସଦସ୍ୟ। କମିକ୍ ରେ ତା ନିକଟରେ ସୁପର ପାୱାର ଥିଲା,ଯାହା ତାଙ୍କୁ ଏଲିୟନଙ୍କଠାରୁ ମିଳିଥିଲା। ଏହି କମିକ କ୍ୟାରେକ୍ଟର ଲାଲ ଓ ଶ୍ୱେତ ବଡିସୁଟ ସହିତ ମୁହଁରେ ମାପଲ ପତ୍ର ଲଗାଉଥିଲା। କାନାଡା କମିକ୍ କ୍ୟାପ୍ଟେନ କାନକର ନୂଆ ସଂସ୍କରଣରେ ଟ୍ରମ୍ପଙ୍କୁ ସୁପର ଭିଲିଆନ ରୂପେ ଚିତ୍ରିତ କରାଯାଇଛି। ଏଥିରେ ସେକେବଳ ଏକାକୀ ଖଳନାୟକ ହୋଇ ନାହାନ୍ତି ତାଙ୍କ ସହିତ ଏଲନ ମସ୍କ ମଧ୍ୟ ଅଛନ୍ତି।

## ଏକ ସଙ୍ଗରେ ୪ ଶିଶୁଙ୍କୁ ଜନ୍ମ ଦେଲେ ମହିଳା

**ଭୋପାଲ,୧୧।୪:** ମଧ୍ୟପ୍ରଦେଶ ରାଜଧାନୀ ଭୋପାଲର କାଟଜୁ ହସ୍ପିଟାଲରେ ଏକ ଅନନ୍ୟ ମାମଲା ସାମ୍ନାକୁ ଆସିଛି। ଏଠାରେ ଜନୈକା ମହିଳା ଏକ ସଙ୍ଗରେ ୪ଟି ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଡାକ୍ତରଙ୍କ ଅନୁସାରେ ସଦ୍ୟଜାତ ଶିଶୁଙ୍କ ମଧ୍ୟରୁ ୨ଟି ସୁସ୍ଥ ଥିବା ବେଳେ ଆଉ ଦୁଇଟି ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେବେ ହସ୍ପିଟାଲ ଇତିହାସରେ ଜଣେ ମହିଳା ଏକକାଳୀନ ୪ଟି ଶିଶୁଙ୍କୁ ଜନ୍ମ ଦେବା ପ୍ରଥମ ଘଟଣା। ଡାକ୍ତରଙ୍କ ଅନୁସାରେ ମହିଳା ଗର୍ଭାବସ୍ଥାର ସପ୍ତମ ମାସରେ ଲେବର ପେନ ଆରମ୍ଭ ହେବାରୁ ହସ୍ପିଟାଲ ଆସିଥିଲେ। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ଡାକ୍ତର ସି-ସେକ୍ସନ (ସିଜରିୟାନ) ଅପରେସନ ଦ୍ୱାରା ମହିଳାଙ୍କ ଡେଲିଭରୀ କରାଇବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ମହିଳାଙ୍କ ସିଜରିୟାନ ହୋଇଥିବା ବେଳେ ସେ ଏକକାଳୀନ ୪ଟି ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଜନ୍ମ ସମୟରେ ୪ଟି ଶିଶୁଙ୍କ ଓଜନ ସ୍ୱାଭାବିକଠାରୁ କମ୍ ଥିଲା ଏଣୁ ୨ଟି ଶିଶୁଙ୍କୁ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ତେବେ ଗୁରୁତର ସ୍ୱାସ୍ଥ୍ୟାବସ୍ଥା ଥିବା ୨ଟି ଶିଶୁଙ୍କୁ ୱାର୍ମରରେ ରଖାଯାଇଛି। ଡାକ୍ତରମାନେ କହିଛନ୍ତି ଯେ ଆଗାମୀ କିଛି ଘଣ୍ଟା ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ ଜରୁରି। ତେବେ ସମସ୍ତ ୪ଟି ଯାକ ନବଜାତ ସୁସ୍ଥ ରହନ୍ତୁ ସେଥି ପାଇଁ ଡାକ୍ତରମାନେ ଚେଷ୍ଟା କରୁଛନ୍ତି। ଏକ ସଙ୍ଗରେ ୪ଟି ଶିଶୁ ଜନ୍ମ ହେବା ନା କେବଳ କାଟଜୁ ହସ୍ପିଟାଲ ପାଇଁ ବରଂ ଭୋପାଲ ମେଡିକାଲ ଇତିହାସରେ ବିରଳ ମାମଲା ବୋଲି ବିଚାର କରାଯାଉଛି।

## ଆପାର୍ଟମେଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ

● ଜୀବନ ବଞ୍ଚାଇବାକୁ ଲୋକେ ବାଲକୋନିରୁ ଡେ଼ଇଁଲେ



**ଗୁଜରାଟ,୧୧।୪:** ଗୁଜରାଟରେ ଅହମ୍ମଦାବାଦ ସହରର ଖୋଖରା ଅଞ୍ଚଳ ସ୍ଥିତ ଏକ ଆପାର୍ଟମେଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ। ଏହି ଘଟଣାଟି ଶୁକ୍ରବାର ପରିଷ୍କର-୧ ଆପାର୍ଟମେଣ୍ଟରେ ଘଟିଛି, ଏହାପ ରେ ନିଆଁକୁ ଲିଭାଇବା ପାଇଁ ବହୁ ସଂଖ୍ୟାରେ ଅଗ୍ନିଶମ ଗାଡ଼ି ଘଟଣା ସ୍ଥଳରେ ପହଞ୍ଚିଛି। ନିଆଁ ଲାଗିବା ପରେ ବିଲ୍ଡିଂରେ ଆତଙ୍କ ଖେଳିଯାଇଛି ଏବଂ ଲୋକେ ଜୀବନ ବଞ୍ଚାଇବାକୁ ବିଲ୍ଡିଂର ବାଲକୋନିରୁ ମଧ୍ୟ ଡେ଼ଇବାର ଦେଖିବାକୁ ମିଳିଛି। ଘଟଣାର କିଛି ଭିଡ଼ିଓ ସାମ୍ନାକୁ ଆସିଛି, ଯେଉଁଥିରେ ଜଣେ ପିଲାକୁ ଆଖାପାଖରେ ରହୁଥିବା ଲୋକଙ୍କ ଦ୍ୱାରା ଉଦ୍ଧାର କରାଯାଉ ଥିବା ନଜର ଆସୁଛି। ବର୍ତ୍ତମାନ ନିଆଁ ଲିଭାଇବା କାର୍ଯ୍ୟ ଜାରି ରହିଛି ଏବଂ ଏହି ଘଟଣାରେ ଏବେସୁଦ୍ଧା କାହାର ହତାହତ ହେବାର ଖବର ଆସିନାହିଁ। ଉକ୍ତ ଅଗ୍ନିକାଣ୍ଡ ଘଟଣାର ଯେଉଁ ଭିଡ଼ିଓ ସାମ୍ନାକୁ ଆସିଛି, ଏଥିରୁ ଏହି ବିଲ୍ଡିଂରେ ଲାଗିଥିବା ନିଆଁର ଭୟାବହତାକୁ ଅନୁମାନ କରାଯାଇ ପାରେ। ଏହି ଭିଡ଼ିଓରେ ଲୋକଙ୍କୁ କାଲକୋନିରୁ ଡେ଼ଇଁ ତଳକୁ ଆସିବାକୁ ଚେଷ୍ଟା କରିବାର ଦେଖିବାକୁ ମିଳୁଛି , ଅନ୍ୟପଟେ ନିଜ ଘରେ ଫସିଥିବା ଅନେକ ଲୋକ ଝରକା ଦେଇ ସାହାଯ୍ୟ ପାଇଁ ଲୋକଙ୍କୁ ଅନୁରୋଧ କରୁଛନ୍ତି। ସଂପୃକ୍ତ ଅଞ୍ଚଳରେ ଖୁବ୍ ଜୋରରେ ପବନ ବହୁ ଥିବାରୁ ନିଆଁ ପ୍ରବଳ ମାତ୍ରାରେ ବ୍ୟାପିବାରେ ଲାଗିଛି , ଏହାସହ ବିଲ୍ଡିଂରୁ ବହୁତ କଳା ଧୂଆଁର ଆସ୍ତରଣ ଉପରଠୁ ଉଠୁ ଥିବାର ନଜର ଆସୁଛି।

## ଚାକିରି ନାଁରେ ସାଇବର ଅପରାଧ

# ମିଆଁମାରରୁ ୬୦ ଭାରତୀୟ ଉଦ୍ଧାର

**ନୂଆଦିଲ୍ଲୀ,୧୧।୪:** ସାଇବର ଅଧିକାରୀମାନେ ମିଆଁମାରରୁ ୬୦ ଜଣ ଭାରତୀୟ ନାଗରିକଙ୍କୁ ଉଦ୍ଧାର କରିଛନ୍ତି, ଯେଉଁଠାରେ ସେମାନଙ୍କୁ ବନ୍ଦୀ କରି ରଖାଯାଇଥିଲା ଏବଂ ଲାଭଜନକ ଚାକିରି ପ୍ରସ୍ତାବ ଦେବା ବାହାନାରେ ସାଇବର ଅପରାଧରେ ସାମିଲ ହେବାକୁ ଏବଂ ତାସତ୍ୱ ପାଇଁ ବାଧ୍ୟ କରାଯାଇଥିଲା। ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ ମହାରାଷ୍ଟ୍ର ପୋଲିସର ସାଇବର ଶାଖା ଏହି ମାମଲାରେ ସମ୍ପୃକ୍ତ ଜଣେ ବିଦେଶୀ ନାଗରିକଙ୍କ ସମେତ ପାଞ୍ଚ ଜଣ ଏଜେଣ୍ଟଙ୍କୁ ମଧ୍ୟ ଗିରଫ କରାଯାଇଛି। ତଦନ୍ତରୁ ଜଣାପଡିଛି ଯେ ପୀଡ଼ିତମାନଙ୍କୁ ଥାଇଲ୍ୟାଣ୍ଡରୁ ମିଆଁମାର ନିଆଯାଇଥିଲା ଏବଂ ତା'ପରେ ଡିଜିଟାଲ ଗିରଫଦାରୀ ଏବଂ ଅନ୍ୟାନ୍ୟ ନିବେଶ ଠକେଇ କରିବାକୁ ବାଧ୍ୟ କରାଯାଇଥିଲା। ମାନବ ତସ୍କରମାନେ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ପୀଡ଼ିତମାନଙ୍କୁ ଟାର୍ଗେଟ କରୁଥିଲେ ଏବଂ ଥାଇଲ୍ୟାଣ୍ଡ ଏବଂ ଅନ୍ୟାନ୍ୟ ପୂର୍ବ ଏସୀୟ ଦେଶରେ ଉଚ୍ଚ ଦରମାପ୍ରାପ୍ତ ଚାକିରିର ପ୍ରତିଶ୍ରୁତି ଦେଇ ସେମାନଙ୍କୁ ପ୍ରଲୋଭିତ କରୁଥିଲେ। ତା'ପରେ ଏଜେଣ୍ଟମାନେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସହଜ କରୁଥିଲେ - ପାସପୋର୍ଟ ବ୍ୟବସ୍ଥା କରିବା, ବିମାନ ଟିକେଟ୍ ବୁକ୍ କରିବା ଏବଂ ପୀଡିତମାନଙ୍କୁ ପର୍ଯ୍ୟଟନ ଭିସାରେ ଥାଇଲ୍ୟାଣ୍ଡ ପଠାଇବା ଯାଏଁ ସବୁ କାମ କରୁଥିଲେ। ଥାଇଲ୍ୟାଣ୍ଡରେ ପହଞ୍ଚିବା ପରେ, ପୀଡ଼ିତମାନଙ୍କୁ ମିଆଁମାର ସୀମାକୁ ନିଆଯାଇଥିଲା, ସେଠାରେ ସେମାନଙ୍କୁ ଏକ ଛୋଟ ଡଙ୍ଗାରେ ଗୋଟିଏ ନଦୀ ପାର କରିବାକୁ ବାଧ୍ୟ କରାଯାଇଥିଲା। ମିଆଁମାର ଭିତରକୁ ପ୍ରବେଶ କରିବା ପରେ, ସେମାନଙ୍କୁ ସଶସ୍ତ୍ର ବିଦ୍ରୋହୀ ଗୋଷ୍ଠୀ ଦ୍ୱାରା ନିୟନ୍ତ୍ରିତ କଠିନ ସୁରକ୍ଷା ବିଶିଷ୍ଟ କମ୍ପାଉଣ୍ଡକୁ ନିଆଯାଇଥିଲା। ସେଠାରେ, ସେମାନଙ୍କୁ 'ଡିଜିଟାଲ୍ ଗିରଫ' ଠକେଇ ଏବଂ ନକଲି ନିବେଶ ଯୋଜନା ସମେତ ବଡ଼ ଧରଣର ସାଇବର ଠକେଇ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଥିଲା।



୫ ଏଜେଣ୍ଟ ଗିରଫ

## ଅଷ୍ଟ୍ରେଲିଆସ୍ଥିତ ଭାରତୀୟ ଦୂତାବାସରେ ଭଙ୍ଗାରୁଜା

● ସିସିଟିଭି ଫୁଟେଜ ଖୋଜୁଛି ପୋଲିସ




**ମେଲବର୍ଣ୍ଣ,୧୧।୪:** ଅଷ୍ଟ୍ରେଲିଆରେ ପୁଣି ଥରେ ଭାରତୀୟ ଦୂତାବାସକୁ ଟାର୍ଗେଟ୍ କରାଯାଇଛି। ମେଲବର୍ଣ୍ଣସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସରେ ଭଙ୍ଗାରୁଜା କରାଯାଇଛି। ଏହି ଭଙ୍ଗାରୁଜାର ସୂଚନା କୂଟନୈତିକ ପରିସରର ମୁଖ୍ୟ ପ୍ରବେଶ ମାର୍ଗରୁ ଜଣାପଡି ଯାଉଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ଭିକ୍ଟୋରିଆ ପୋଲିସ ଦୂତାବାସରେ ହୋଇଥିବା ଭଙ୍ଗାରୁଜା ପୁଷ୍ଟି କରିଛି। ତେବେ ଏହି ମାମଲାର ଗହନ ଅନୁସନ୍ଧାନ ସହ ଉପଦ୍ରବୀଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ପୋଲିସ ଆଶ୍ୱାସନା ଦେଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ଭିକ୍ଟୋରିଆ ପୋଲିସ କହିଛି ଯେ ୧୦ ଏପ୍ରିଲ ରାତି ପ୍ରାୟ ଗୋଟାଏ ବେଳେ ୩୪୪, ସେଣ୍ଟ କିଲ୍ଡା ରୋଡରେ ଥିବା ଭାରତୀୟ ବାଣିଜ୍ୟ ଦୂତାବାସରେ ଭଙ୍ଗାରୁଜା କରାଯାଇଛି। ଏହାର ଛବି କୁଟନୈତିକ ପରିସରର ମୁଖ୍ୟ ପ୍ରବେଶ ମାର୍ଗରୁ ମିଳିଯାଉଛି। ଏପରି ଘଟଣା ଦୂତାବାସର ସୁରକ୍ଷା ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି। ଏଣୁ ଏହା ପଛରେ ଥିବା ଉଦ୍ଦେଶ୍ୟ ଓ ସଙ୍ଗଠନକୁ ଚିହ୍ନଟ କରିବା ପାଇଁ ତଦନ୍ତ କରାଯିବା ଉଚିତ ବୋଲି କୁହାଯାଇଛି। ମେଲବର୍ଣ୍ଣସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସରେ ହୋଇଥିବା ଭଙ୍ଗାରୁଜା ନେଇ ଭାରତ ସରକାରଙ୍କ ଅଧିକାରୀ ଅଷ୍ଟ୍ରେଲିଆ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି।

## ୪ ଘଣ୍ଟା ଜେରା କଲା ଏନ୍‌ଆଇଏ




**ନୂଆଦିଲ୍ଲୀ,୧୧।୪:** ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତହବୁର ରାଣା ବର୍ତ୍ତମାନ ଏନଆଇଏ ହେପାଜତରେ ଅଛି। ସୂତ୍ର ଅନୁଯାୟୀ, ଆଜି (ଶୁକ୍ରବାର) ତାକୁ ୪ ଘଣ୍ଟା ଧରି ପଚରାଉଚରା କରାଯାଇଥିଲା । ହେଲେ ସେ କିନ୍ତୁ ତଦନ୍ତରେ ସହଯୋଗ କରିନଥିଲା । ତହବୁରକୁ ପଚରାଉଚରା ସକାଳ ୧୧.୧୫ ରେ ଆରମ୍ଭ ହୋଇଥିଲା। ପ୍ରାୟ ୧୧.୧୦ ସମୟରେ ତାକୁ ତାର କୋଠରୀରୁ ବାହାର କରି ପଚରାଉଚରା କୋଠରୀକୁ ନିଆଯାଇଥିଲା। ପୂର୍ବରୁ, ସକାଳ ୧୦.୩୦ ରୁ ୧୧ ଟା ମଧ୍ୟରେ ଏନ୍‌ଆଇଏ ଅଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ତହବୁର ରାଣାଙ୍କୁ ପଚରାଉଚରା ପାଇଁ ଏକ ମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ସୂତ୍ର ଅନୁଯାୟୀ, ତହବୁର ଜେରା ସମୟରେ ତାର ଅସୁସ୍ଥତାର କାରଣ ଦର୍ଶାଇ ତଦନ୍ତକୁ ଏଡାଇବାକୁ ଚେଷ୍ଟା କରିଥିଲା। ଆମେରିକାରୁ ପ୍ରତ୍ୟର୍ପଣ ପରେ କୋର୍ଟ ରାଣାକୁ ୧୮ ଦିନିଆ ଏନ୍‌ଆଇଏ ହେପାଜତକୁ ପଠାଇ ଦେଇଥିଲେ। ଏହା ପରେ ତାଙ୍କୁ ଶୁକ୍ରବାର ସକାଳେ ଏନ୍‌ଆଇଏ ମୁଖ୍ୟାଳୟକୁ ଅଣାଯାଇଥିଲା।

## କାଶ୍ମୀରରେ ଗଡ଼ିବ ସ୍ୱତନ୍ତ୍ର ବନ୍ଦେ ଭାରତ ଟ୍ରେନ୍

**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ଏପ୍ରିଲର ହାଲୁକା ଶୀତ ଏବଂ ପ୍ରସ୍ଫୁଟିତ ବସନ୍ତ ଋତୁ, ବରଫରେ ଆଚ୍ଛାଦିତ ହିମାଳୟ ଶିଖର, ସେଓ ଗଛରେ ଫୁଲର ବାଦାମୀ ଚାଦର ଏବଂ ସବୁଜ ଘାସ । ଏହା ଆଉ କେବଳ ସ୍ୱପ୍ନ ହୋଇ ରହିବ ନାହିଁ । ଖୁବ୍‌ଶୀଘ୍ର ଜମ୍ମୁ କାଶ୍ମୀର ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା ବନ୍ଦେ ଭାରତ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ଏସବୁ ପ୍ରତ୍ୟକ୍ଷ ଭାବେ ଦେଖିବେ ଯାତ୍ରୀ ।

ଯେତେବେଳେ ଟ୍ରେନ୍ ପାହଲ୍‌ଗମ୍‌ର ଘାଟି ଦେଇ ଯିବ, ସବୁଜିମାରେ ପରିପୂର୍ଣ୍ଣ ପ୍ରାକୃତିକ ଦୃଶ୍ୟ, ବିସ୍ତୃତ ପାଇନ୍ ଜଙ୍ଗଲ ଏବଂ ମେଷପାଳକଙ୍କ ଝଲକ୍ ଯାତ୍ରୀଙ୍କ ମନ ମୋହିବ । ଦେଓଦର ଜଙ୍ଗଲର ଶାନ୍ତ ନୀରବତା ମଧ୍ୟ ଦେଇ 'ବନ୍ଦେ ଭାରତ' ସହିତ ଯାତ୍ରୀ ଖୁବ୍‌ଶୀଘ୍ର ପ୍ରଯୁକ୍ତିବିଦ୍ୟା ଏବଂ ପ୍ରକୃତିର ଏକ ମନୋରମ ମିଶ୍ରଣକୁ ଅନୁଭବ କରିବେ ।

## ଚିନ୍ତଲନାଡ଼ ଜଙ୍ଗଲରୁ ୩ ହାର୍ଡକୋର୍ ମାଓବାଦୀ ଗିରଫ



**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ଛତିଶଗଡ଼ ସୁକୁମା ଜିଲ୍ଲାରେ ସୁରକ୍ଷାବାହିନୀକୁ ବଡ଼ ସଫଳତା। ଚିନ୍ତଲନାଡ଼ ଜଙ୍ଗଲରେ ସିଆରପିଏଫ ଯବାନଙ୍କ କମ୍ବିଂ ଅପରେସନ ବେଳେ ୩ ଜଣ ହାର୍ଡକୋର୍ ମାଓବାଦୀ ଧରା ପଡ଼ିଛନ୍ତି। ସେମାନଙ୍କ ମୁଣ୍ଡ ଉପରେ ଛତିଶଗଡ଼ ସରକାର ପୁରସ୍କାର ରାଶି ଘୋଷଣା କରିଥିଲେ। ସୂଚନାନୁଯାୟୀ, ଚିନ୍ତଲନାଡ ଜଙ୍ଗଲରେ ସିଆରପିଏଫ ଯବାନ କମ୍ବିଂ ଅପରେସନ କରୁଥିବା ବେଳେ ୩ ଜଣ ମାଓବାଦୀ ଦୌଡ଼ି ପଳାଉଥିଲେ। ସେମାନଙ୍କୁ ପିଛା କରି ଯବାନମାନେ କାବୁ କରିବାରେ ସଫଳ ହୋଇଥିଲେ। ଉକ୍ତ ୩ ଜଣଙ୍କୁ ସୁକୁମା ଏସପି କିରଣ ଚୌହାନଙ୍କୁ ହସ୍ତାନ୍ତର କରାଯାଇଛି। ଡିକେଏମ୍‌ଏସ ଅଧ୍ୟକ୍ଷ ମାଡକାମ ଭିମାଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ଼ ସରକାର ଦୁଇ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିବା ବେଳେ ମିଲିସିଆ କମାଣ୍ଡର ମାଡକାମ ଲକ୍ଷ୍ମା ଓ ହେମଲା ନନ୍ଦାଙ୍କ ମୁଣ୍ଡ ଉପରେ ଏକ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସାଧାରଣ ଆଦିବାସୀ ଲୋକଙ୍କୁ ହତ୍ୟା କରିବା ସହ ବିଭିନ୍ନ ହିଂସା କାଣ୍ଡରେ ଜଡିତ ଥିବା ଏହି ତିନି ଜଣ ମାଓବାଦୀଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ସୁକୁମା ଏସପି କହିଛନ୍ତି।

# ଅଷ୍ଟ୍ରେଲିଆ ଟୁର୍‌ରେ ଯିବ ମହିଳା ହକି ଦଳ




**ନୂଆଦିଲ୍ଲୀ, ୧୧।୪:** ଭାରତୀୟ ମହିଳା ହକି ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଦଳ ସେଠାରେ ଏପ୍ରିଲ ୨୬ରୁ ମେ ୪ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଏକ ସିରିଜ ଖେଳିବ। ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଦୁଇଟି ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ସେମାନେ ଅଷ୍ଟ୍ରେଲିଆ ସିନିୟର ଦଳ ସହ ୩ଟି ମ୍ୟାଚ ଖେଳିବେ। ଟୁର୍ ବେଳେ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ପଛକୁ ପଛ ମ୍ୟାଚ ଏପ୍ରିଲ ୨୬ ଓ ୨୭ରେ ଖେଳାଯିବ। ପରେ ବିଶ୍ୱ ୫ ନମ୍ବର ଦଳ ଅଷ୍ଟ୍ରେଲିଆ ସିନିୟର ଦଳ ସହିତ ତିନୋଟି ମ୍ୟାଚ ମେ ୧, ୩ ଓ ୪ରେ ଖେଳାଯିବ। ଏହି ସମସ୍ତ ମ୍ୟାଚ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଆସନ୍ତା ଜୁନ୍‌ରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୨୦୨୪-୨୫ ଲାଗି ପ୍ରସ୍ତୁତି କ୍ଷେତ୍ରରେ ଏହି ଟୁର୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି। ନବମ ର୍‌ୟାଙ୍କିଙ୍ଗପ୍ରାପ୍ତ ଭାରତ ଏହି ସିରିଜ ପୂର୍ବରୁ ଭୁବନେଶ୍ୱରରେ ବିଶ୍ୱର ନମ୍ବର-୧ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ ୨-୨ ଡ୍ର ରଖିବା ସହ ରୋମାଞ୍ଚକ ଶୁଟ୍ ଆଉଟ୍‌ରେ ବୋନସ ପଏଣ୍ଟ ଅର୍ଜନ କରିଥିବାରୁ ଏହାର ମନୋବଳ ଉଚ୍ଚା ରହିଛି। ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୨୦୨୩-୨୪ରେ ଅଷ୍ଟ୍ରେଲିଆ ସହ ଗତ ଥର ଭେଟରେ ଭାରତ ୧-୦ରେ ବିଜୟ ଲାଭ କରିଥିଲା।

ତେବେ ୨୦୧୩ ପରେ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ୧୬ଟି ମ୍ୟାଚ ମଧ୍ୟରୁ ୧୦ଟି ଅଷ୍ଟ୍ରେଲିଆ ବିଜୟ ଲାଭ କରିଛି। ଭାରତ ତିନୋଟିରେ ବିଜୟ ଲାଭ କରିଥିବାବେଳେ ଅନ୍ୟ ତିନୋଟି ଡ୍ର ରଖିପାରିଛି। ଭାରତର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି, ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ୟୁରୋପିଆନ ଲେଗ୍ ପାଇଁ ପ୍ରସ୍ତୁତି ସକାଶେ ଏହି ଟୁର୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବା ଦ୍ୱାରା ଆମେ ଆମର ଶକ୍ତିସାମର୍ଥ୍ୟ କଳିପାରିବୁ।

## ଇଜିପ୍ଟର ଫୁଟବଲ ଖେଳାଳି ମହମ୍ମଦ ସଲାହଙ୍କୁ ପ୍ରତି ସପ୍ତାହରେ ମିଳିବ ୪.୫ କୋଟି




**ନୂଆଦିଲ୍ଲୀ, ୧୧।୪:** ଗୋଟେ ପଟେ ଭାରତର ପ୍ରଶଂସକ ଆଇପିଏଲ ୨୦୨୫ରେ ମଜ୍ଜି ରହି ଥିବେ ବେଳେ, ଅନ୍ୟପଟେ ଫୁଟବଲ ଜଗତରୁ ଏକ ଆଶ୍ଚର୍ଯ୍ୟତର ଖବର ସାମ୍ନାକୁ ଆସିଛି। ଆମେ କହୁଛୁ ଫୁଟବଲର ମହମ୍ମଦ ସଲାହଙ୍କ କଥା। ଯାହାଙ୍କୁ ଇଂଲିଶ ପ୍ରିମିୟର ଲିଗ୍‌ର କ୍ଲବ୍ ଲିଭରପୁଲ ଆଉଥରେ ସାଇନ୍ କରିଛି ଏବଂ ଏହି ଖେଳାଳିଙ୍କର ଦରମା ଏମିତି ବଢ଼ି ଯାଇଛି ଯେ, ଆପଣ ଜାଣିଲେ ଚକିତ ହୋଇଯିବେ। ମହମ୍ମଦ ସଲାହ ୨୦୧୭ ମସିହାରୁ ଲିଭରପୁଲ ସହ ଅଛନ୍ତି ଏବଂ ଏହି ଖେଳାଳିଙ୍କର ଗତ ଦରମା ସାଢେ ୩ ଲକ୍ଷ ପାଉଣ୍ଡ ଥିଲା , କିନ୍ତୁ ଏବେ ସଦ୍ୟ କଣ୍ଟ୍ରାକ୍ଟ ମୁତାବିକ , ତାଙ୍କର ଦରମା ଆହୁରି ଅଧିକ ବଢ଼ି ଯାଇଛି। ମହମ୍ମଦ ସଲାହଙ୍କୁ ବର୍ତ୍ତମାନ ପ୍ରତି ସପ୍ତାହରେ ମିଳିବ ୪ ଲକ୍ଷ ପାଉଣ୍ଡ ଅର୍ଥାତ୍ ପାଖାପାଖି ୪.୫ କୋଟି ଟଙ୍କା ମିଳିବାକୁ ଯାଉଛି। ମହମ୍ମଦ ସଲାହ ଇଜିପ୍ଟର ଜଣେ ଫୁଟବଲ ଖେଳାଳି , ଯିଏକି ଅନେକ ଦିନ ଧରି ଇଂଲିଶ ପ୍ରିମିୟର ଲିଗ୍‌ରେ ଖେଳୁଛନ୍ତି। ଏହି ଖେଳାଳି ଇଟାଲୀର କ୍ଲବ୍ ରୋମାକୁ ଛାଡ଼ି ୨୦୧୭ରେ ଲିଭରପୁଲ ସହ ସାଇନ୍ କରିଥିଲେ ଏବଂ ସେବେ ଠାରୁ ସେ ସେଥିରେ ରହି ୧୮୨ ଗୋଲ୍ସ ସ୍କୋର କରି ସାରିଲେଣି। ମହମ୍ମଦ ସଲାହଙ୍କର ଦରମା କେତେ ହେବ ଏହି ଖବର ଜଣେ ବଡ଼ ସାମ୍ବାଦିକ ଇସ୍ମାଇଲ ମହମ୍ମଦ କହିଛନ୍ତି। ସେ ଦାବି ପୂର୍ବକ ଜଣାଇଛନ୍ତି ଯେ , ଏହି ଖେଳାଳିଙ୍କର ପ୍ରତି ସପ୍ତାହର ଦରମାରେ ୧୨.୫ ପ୍ରତିଶତର ବୃଦ୍ଧି ହୋଇଛି। ଅର୍ଥ ସଲାହ ଏବେ ପ୍ରତି ସପ୍ତାହରେ ୪ ଲକ୍ଷ ପାଉଣ୍ଡ ପାଇବାକୁ ଯାଉଛନ୍ତି।

### ଇଣ୍ଡିଆନ୍ ଓପନ୍ ଦୌଡ଼କୁଦ

## ଶ୍ରାବଣୀଙ୍କୁ ଦ୍ୱିମୁକୁଟ ; ଅମିୟ, ଅଶୋକ ପ୍ରଥମ

**ଭୁବନେଶ୍ୱର, ୧୧।୪:** ପୁଣି ଥରେ ଜାତୀୟ ସ୍ତରରେ ଚମକ ଦେଖାଇଛନ୍ତି ଓଡ଼ିଶାର ଅଭିଜ୍ଞ ଧାବକ ଧାବିକା ଅମିୟ ମଲ୍ଲିକ ଓ ଶ୍ରାବଣୀ ନନ୍ଦ। ରାଞ୍ଚିରେ ଅନୁଷ୍ଠିତ ତୃତୀୟ ଇଣ୍ଡିଆନ୍ ଓପନ୍ ଦୌଡ଼କୁଦ ପ୍ରତିଯୋଗିତାରେ ଅମିୟ ମଲ୍ଲିକ ପ୍ରଥମ ସ୍ଥାନ ଦଖଲ କରି ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦ ଦୁଇଟି ବର୍ଗରେ ବିଜୟିନୀ ହୋଇ ଦ୍ୱିମୁକୁଟ ଅର୍ଜନ କରିଛନ୍ତି। ୩୨ ବର୍ଷୀୟ ଅମିୟ ୧୦୦ ମିଟର ପୁରୁଷ ଦୌଡ଼ରେ ଚମତ୍କାର ସମୟ ୧୦.୬୬ ସେକେଣ୍ଡ୍ ନେଇ ପ୍ରଥମ ସ୍ଥାନ ଦଖଲ କରିଥିଲେ।




ଅନ୍ୟତମ ଓଡ଼ିଆ ପୁଅ ଅବିନାଶ ସାହୁ ୧୦.୭୧ ସେକେଣ୍ଡ୍ ସମୟ ସହ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ହରିୟାଣାର ଧରମବୀର (୧୦.୭୪ ସେକେଣ୍ଡ୍) ତୃତୀୟ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ୨୦୦ ମିଟର୍ ଦୌଡ଼ରେ ଓଡ଼ିଶାର ଆସ୍ତିକ ପ୍ରଧାନ (୨୧.୭୮ ସେକେଣ୍ଡ୍) ଦ୍ୱିତୀୟ ସ୍ଥାନ ଦଖଲ କରିଥିଲେ। ଦିଲ୍ଲୀର ରାଜା ବାବୁ ଆଲାମ (୨୧.୬୩ ସେକେଣ୍ଡ୍) ଓ ବିହାରର ଅର୍ଜିତ କୁମାର ଯାଦବ (୨୨.୦୫ ସେକେଣ୍ଡ୍) ଯଥାକ୍ରମେ ପ୍ରଥମ ଓ ତୃତୀୟରେ ରହିଥିଲେ। ପୁରୁଷ ବର୍ଗର ୧୫୦୦ ମିଟର୍ ଦୌଡ଼ରେ ଅଶୋକ ଦଣ୍ଡସେନା (୩:୫୩.୦୭ ମିନିଟ୍) ପ୍ରଥମ ସ୍ଥାନ ଦଖଲ କରି ଓଡ଼ିଶା ପାଇଁ ଆଉ ଏକ ଗୌରବ ମଧ୍ୟ ଆଣିଛନ୍ତି।

ମହିଳା ବିଭାଗରେ ଶ୍ରାବଣୀ ନନ୍ଦ ୧୦୦ ମିଟର୍ ଦୌଡ଼ରେ ୧୨.୩୩ ସେକେଣ୍ଡ ଏବଂ ୨୦୦ ମିଟର୍ ଦୌଡ଼ରେ ୨୪.୭୫ ସେକେଣ୍ଡ ସମୟ ନେଇ ଶୀର୍ଷରେ ରହିଥିଲେ। ୧୦୦ ମିଟର୍‌ରେ ଦିଲ୍ଲୀର ଜ୍ୟୋତି (୧୨.୮୬ ସେକେଣ୍ଡ୍) ଦ୍ୱିତୀୟ ଏବଂ ଓଡ଼ିଶାର ସୁଖି ବାସ୍କେ (୩:୫୩.୦୭) ତୃତୀୟ ସ୍ଥାନରେ ରହିଥିଲେ। ଏଥି ସହ ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାକୁ ୪ଟି ପ୍ରଥମ ସ୍ଥାନ ଏବଂ ଗୋଟିଏ ଲେଖାଏଁ ଦ୍ୱିତୀୟ ଓ ତୃତୀୟ ସ୍ଥାନ ସଫଳତା ମିଳିଛି। ବର୍ଷା ପାଇଁ ଗୁରୁବାର ପ୍ରାୟ ଦୁଇ ଘଣ୍ଟା ପ୍ରତିଯୋଗିତା ବନ୍ଦ ରହିବା ପରେ ଓଡ଼ିଶା ଖେଳାଳିମାନେ ବି ଚମତ୍କାର ଭାବେ ଦିନକୁ ଶେଷ କରିଛନ୍ତି। ଏକଦା ଜାତୀୟ ରେକର୍ଡ (୧୦.୨୬ ସେକେଣ୍ଡ୍) କରିଥିବା ଅମିୟ ୨୦୨୩ ପରେ ପ୍ରତ୍ୟାବର୍ତ୍ତନ କରି ଭାରତର ଶ୍ରେଷ୍ଠ ଧାବକ ହୋଇଛନ୍ତି।

### ରଗ୍‌ବୀ ପ୍ରିମିୟର ଲିଗ୍

# ମେ ୧୮ରୁ କଳିଙ୍ଗ ବ୍ଲାକ୍ ଟାଇଗର୍ସର ଅଭ୍ୟାସ






**ଭୁବନେଶ୍ୱର, ୧୦।୪:** ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ଅନ୍ଧେରି ସ୍ପୋଟର୍ସ କମ୍ପ୍ଲେକ୍ସ(ମୁମ୍ବାଇ ଫୁଟ୍‌ବଲ ଆରେନା)ରେ ଆସନ୍ତା ଜୁନ୍ ୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଶ୍ୱର ଏହି ପ୍ରଥମ ଫ୍ରାଞ୍ଚାଇଜ୍‌ଭିତ୍ତିକ ୭ଏସ୍ ଲିଗ୍ ପାଇଁ ଓଡ଼ିଶାଭିତ୍ତିକ ଦଳ କଳିଙ୍ଗ ବ୍ଲକ୍ ଟାଇଗର୍ସ ପ୍ରସ୍ତୁତ ହେଉଛି। ନିକଟରେ ମୁମ୍ବାଇରେ ଅନୁଷ୍ଠିତ ଆରପିଏଲ ନିଲାମରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଥିବା ଏହି ଦଳ ଓଡ଼ିଶା କ୍ରୀଡ଼ା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ରାଜ୍ୟ ସହ ଉତ୍ତମ ସମ୍ପର୍କ ରଖିଥିବା ବିଶ୍ୱସ୍ତରୀୟ ପୁଞ୍ଜିନିବେଶ ସଂସ୍ଥା 'ହଞ୍ଜ୍ ଭେଞ୍ଚର୍ସ'ର ପ୍ରତିଷ୍ଠାତା କରନ ପାଲ ସିଂଙ୍କ ସହଯୋଗରେ ଏହି ଫ୍ରାଞ୍ଚାଇଜ୍ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଆଶିଷ ଶବର ଏହି ଦଳରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସେହିପରି ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଦଳର ଅଭ୍ୟାସ ମେ' ୧୮ରୁ ଜୁନ୍ ୧ ପର୍ଯ୍ୟନ୍ତ ଚାଲିବ। ରଗ୍‌ବୀପ୍ରେମୀମାନେ ଜିଓ ସିନେମା ଏବଂ ଡିଜ୍‌ନି+ହଟ୍‌ଷ୍ଟାରରେ ସମସ୍ତ ଆକ୍ସନକୁ ସିଧାସଳଖ ଦେଖିପାରିବେ।

ବିରଳ କଳା ବାଘଙ୍କଠାରୁ ପ୍ରେରଣା ନେଇ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଓଡ଼ିଶାର ଶକ୍ତି, ଚପଳତା ଏବଂ ଲଢୁଆ ଭାବନାର ପ୍ରତୀକକୁ ସୂଚିତ କରୁଛି। ଦଳ ଗଠନ ପରେ ରାଜ୍ୟରେ ଉତ୍ସାହ ପ୍ରକାଶ ପାଇଥିବାବେଳେ ଓଡ଼ିଶାର କ୍ରୀଡ଼ା ଇକୋସିଷ୍ଟମରେ ନୂଆଫର୍ଦ୍ଦ ଯୋଡ଼ି ହୋଇଛି। ନିଲାମରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଅନ୍ତର୍ଜାତୀୟ ଓ ଶୀର୍ଷ ଭାରତୀୟ ପ୍ରତିଭାଙ୍କ ମିଶ୍ରଣରେ ଏକ ପ୍ରଭାବଶାଳୀ ଦଳ ଗଠନ କରିଛି। ଏଥିରେ ପେରି ବେକର, ରୋସ୍କୋ ସ୍ପେସ୍‌ମ୍ୟାନ, ହ୍ୟାରି ମ୍ୟାକନଲ୍ଟି, ମୋରିସ୍ ଲଙ୍ଗବଟମ, ଲୁକାସ ଲାକ୍ୟାମ୍ପ, କାଏଲ ଟ୍ରେମ୍ବଲେ, ଇଥାନ ଟର୍ନର, ଜେମ୍ସ ଥିଏଲଙ୍କ ଭଳି ବିଶ୍ୱସ୍ତରୀୟ ରଗ୍‌ବୀ ତାରକା ରହିଛନ୍ତି। ଦଳରେ ଭାରତୀୟ ଖେଳାଳିଙ୍କର ମଧ୍ୟ ଏକ ଦୃଢ଼ ଲାଇନ୍‌ଅପ୍ ରହିଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବରଙ୍କ ସମେତ ଅଜୟ ଦେଶୱାଲ, ପପୁ ତୋଡକର, ପ୍ରଦୀପ ସିଂ ଏବଂ ଅର୍ଜୁନ ମାହାତୋ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। କଳିଙ୍ଗ ବ୍ଲାକ୍ ଟାଇଗର୍ସର ମୁଖ୍ୟ କୋଚ୍ ହେଉଛନ୍ତି ମାଇକ ଫ୍ରାଇଡେ, ଯିଏକି ନିଜର ରଣନୀତି ଏବଂ ପରିବର୍ତ୍ତନକାରୀ ଲିଡରଶିପ୍ ପାଇଁ ବେଶ୍ ଜଣାଶୁଣା। ୟୁଏସ୍‌ଏ ରଗ୍‌ବୀ ଦ୍ୱାରା ନିଯୁକ୍ତ ଆମେରିକୀୟ ଜାତୀୟ ସେଭେନ୍ସ ଟିମ୍‌ର ମୁଖ୍ୟ ପ୍ରଶିକ୍ଷକ ଭାବେ ଦୀର୍ଘ ୧୦ ବର୍ଷ କାର୍ଯ୍ୟ କରିବା ପରେ ଫ୍ରାଇଡେ ଏବେ ନିଜର ବିଜୟ ମାନସିକତାକୁ ଟାଇଗର୍ସ ଦଳରେ ପ୍ରତିଫଳିତ କରିବାକୁ ପ୍ରସ୍ତୁତ। ଓଡ଼ିଶା ପୁରୁଷ ରଗ୍‌ବୀ ଦଳର ପୂର୍ବତନ ଅଧିନାୟକ ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ଯୋଗଦେଇଛନ୍ତି। ଓଡ଼ିଶାରେ ରଗ୍‌ବୀ ସମ୍ପ୍ରତି ବିଶେଷକରି ଆଦିବାସୀ ସଂପ୍ରଦାୟର ଖେଳାଳିଙ୍କୁ ନେଇ ବେଶ୍ ସମୃଦ୍ଧ। ଏବେ ଜାତୀୟସ୍ତରରେ ଓଡ଼ିଶାଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ ନିଜର ଦକ୍ଷତା ଦେଖାଇବାକୁ ପ୍ରସ୍ତୁତ। ରଗ୍‌ବୀର ଅନ୍ତର୍ଜାତୀୟ ସ୍ତରରେ ବ୍ୟାପକ ଅନୁଗାମୀ ଅଛନ୍ତି ଏବଂ ଜାତୀୟସ୍ତରରେ ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି।

ଓଡ଼ିଶା ଏବେ ବିଭିନ୍ନ କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ କରୁଥିବାରୁ ରଗ୍‌ବୀ ଏଥିରୁ ବେଶ୍ ଉପକୃତ ହେବ ବୋଲି କଳିଙ୍ଗ ବ୍ଲାକ ଟାଇଗର୍ସର ସହ ମାଲିକ ତଥା ହଞ୍ଜ୍ ଭେଞ୍ଚର୍ସର ପ୍ରତିଷ୍ଠାତା କରନ ପାଲ ସିଂ କହିଛନ୍ତି। "ଆମେ ବିଶ୍ୱର କୋଣ ଅନୁକୋଣରୁ ଅନ୍ତର୍ଜାତୀୟ ସ୍ତରରେ ଅସାଧାରଣ ଖେଳାଳି ଏବଂ ପ୍ରକୃତ ସାମର୍ଥ୍ୟ ଥିବା ସ୍ଥାନୀୟ ପ୍ରତିଭାମାନଙ୍କୁ ନେଇ ଏକ ଶକ୍ତିଶାଳୀ ଦଳ ଗଠନ କରିଛୁ। କଳିଙ୍ଗ ବ୍ଲାକ୍ ଟାଇଗର୍ସ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ଆମେ ସମସ୍ତେ ଖୁବ୍ ଉତ୍ସାହିତ। ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ ପାଇଁ କଠିନ ପରିଶ୍ରମ କରିବୁ ଏବଂ ଆରପିଏଲର ଉଦ୍‌ଘାଟନୀ ସଂସ୍କରଣକୁ ଜିତିବା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ ଦେବୁ" ବୋଲି ମୁଖ୍ୟ କୋଚ୍ ମାଇକ ଫ୍ରାଇଡେ ପ୍ରକାଶ କରିଛନ୍ତି।

## ପୁଣି ଥରେ ଅଧିନାୟକ ହେଲେ ଧୋନି




**ଚେନ୍ନାଇ, ୧୧।୪:** ପାଞ୍ଚଟି ମ୍ୟାଚ୍‌ରୁ ମାତ୍ର ଗୋଟିକରେ ବିଜୟୀ ହୋଇ ନବମ ସ୍ଥାନରେ ସଂଘର୍ଷ କରୁଥିବା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ଗୁରୁବାର ଆଉ ଏକ ଶକ୍ତ ଝଟ୍‌କା ଲାଗିଥିଲା। କହୁଣୀ ହାଡ଼ ଭାଙ୍ଗିଯାଇଥିବା ଜଣାପଡ଼ିବା ପରେ ନିୟମିତ ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ଚଳିତ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ୍‌ଗୁଡ଼ିକରୁ ବାଦ୍ ପଡ଼ିଥିଲେ। ଫଳରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କୁ ପୁଣି ଥରେ ଅଧିନାୟକ ପଦକୁ ଫେରିବାକୁ ପଡ଼ିଥିଲା। ଋତୁରାଜଙ୍କ ଅଧିନାୟକତ୍ୱରେ ଦଳ ୫ଟି ମ୍ୟାଚ୍‌ରୁ ୪ଟି ହାରିଥିଲା। ଏଭଳି ସ୍ଥିତିରେ ଧୋନିଙ୍କ ଅଧିନାୟକତ୍ୱ ଦଳର ସ୍ଥିତି ସୁଧାରିବ ବୋଲି କୁହାଯାଉଛି।

ତେବେ ଅଧିନାୟକତ୍ୱ ଫେରିପାଇବା ପରେ ଧୋନିଙ୍କ ପ୍ରତିକ୍ରିୟା କିଭଳି ଥିଲା, ତାହା ଜଣାଇଛନ୍ତି ସିଏସକେ ପ୍ରଶିକ୍ଷକ ଷ୍ଟିଫେନ ଫ୍ଲେମିଂ। ସେ କହିଛନ୍ତି ଯେ, "ଅଧିନାୟକତ୍ୱର ଅଫର ମିଳିବା ପରେ ସେ ଆମକୁ ସାହାଯ୍ୟ କରିବାକୁ ରାଜି ହୋଇଥିଲେ। ତାଙ୍କର କୌଣସି ଦ୍ୱିଧା ନଥିଲା। ଆଇପିଏଲ ଶେଷ ହେବା ପରେ ଆମେ ଅଧିନାୟକ ବଦଳ ବିଷୟରେ ବିଚାର କରିବୁ। ଦଳରେ କିଛି ଭଲ ଖେଳାଳି ଅଛନ୍ତି ଯେଉଁମାନେ କିଛି ସମୟ ଧରି ଆମ ସହିତ ଅଛନ୍ତି। ତେଣୁ ଆମେ ପ୍ରଥମେ ଦଳ ଭିତରୁ ଦେଖିବୁ। କିନ୍ତୁ ହଁ, ଆଗାମୀ ବର୍ଷଗୁଡ଼ିକରେ ଆମେ ଦଳକୁ କିପରି ଉନ୍ନତ କରିପାରିବୁ ତାହା ଦେଖିବାର ସୁଯୋଗ ଆମକୁ ଏବେ ମିଳିଛି। ଚଳିତ ଆଇପିଏଲ ଶେଷ ହେବା ପର୍ଯ୍ୟନ୍ତ ଧୋନି ହିଁ ସିଏସକେର ଅଧିନାୟକ ରହିବେ।"

## ଅଧିନାୟକ ଭାବେ ସେହୱାଗଙ୍କୁ ପଛରେ ପକାଇଲେ ଅକ୍ଷର




**ନୂଆଦିଲ୍ଲୀ, ୧୧।୪:** ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଅକ୍ଷର ପଟେଲ ଏକ ନୂଆ ରେକର୍ଡ କରିଛନ୍ତି। ଆଇପିଏଲ ଇତିହାସରେ ପଟେଲ ଦିଲ୍ଲୀ କ୍ୟାପିଟାଲ୍ସର ପ୍ରଥମ ଅଧିନାୟକ ହୋଇଛନ୍ତି, ଯାହାଙ୍କ ନେତୃତ୍ୱରେ ଦିଲ୍ଲୀ ଦଳ ସିଜିନର ପ୍ରଥମ ଚାରୋଟି ମ୍ୟାଚ୍ ଜିତିଛି। ଏହି ମାମଲାରେ ସେ ଭାରତର କିମ୍ବଦନ୍ତୀ ଓପନର ବ୍ୟାଟ୍ସମ୍ୟାନ୍ ବୀରେନ୍ଦ୍ର ସେହୱାଗଙ୍କ ରେକର୍ଡ ଭାଙ୍ଗିଛନ୍ତି। ସେହୱାଗଙ୍କ ଅଧିନାୟକତ୍ୱରେ, ଦିଲ୍ଲୀ ୨୦୦୯ ଆଇପିଏଲ ସିଜିନର ପ୍ରଥମ ତିନୋଟି ମ୍ୟାଚ୍ ଜିତିଥିଲା। କିନ୍ତୁ ଅକ୍ଷର ପଟେଲଙ୍କ ଅଧିନାୟକତ୍ୱରେ, ଡିସି କ୍ରମାଗତ ୪ଟି ବିଜୟ ହାସଲ କରିଛି। ଏହା ପ୍ରଥମ ଥର ଯେ ଅକ୍ଷର ପଟେଲ ସମ୍ପୂର୍ଣ୍ଣ ଆଇପିଏଲ ସିଜିନ୍ ପାଇଁ ଏକ ଦଳର ଅଧିନାୟକ ଅଛନ୍ତି । ସେ ଦିଲ୍ଲୀର ଅଧିନାୟକ ଭାବରେ ରିଷଭ ପନ୍ତଙ୍କ ସ୍ଥାନ ନେଇଛନ୍ତି, ଯିଏ ବର୍ତ୍ତମାନ ଏଲଏସଜି ପାଇଁ ଖେଳୁଛନ୍ତି। ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ୍‌ରେ, ଦିଲ୍ଲୀ ଏକ ରୋମାଞ୍ଚକର ଢଙ୍ଗରେ ଲକ୍ଷ୍ନୌ ସୁପରଜାଏଣ୍ଟସ୍‌କୁ ୧ ୱିକେଟ୍‌ରେ ପରାସ୍ତ କରିଥିଲା। ଏହା ପରେ ଦିଲ୍ଲୀ ସନରାଇଜର୍ସ ହାଇଦ୍ରାବାଦକୁ ୭ ୱିକେଟରେ ପରାସ୍ତ କରିଥିଲା। ଏହା ପରେ, ଅକ୍ଷର ପଟେଲଙ୍କ ସେନା ସିଏସକେକୁ ୨୫ ରନରେ ପରାସ୍ତ କରିଥିଲା ଏବଂ ଏବେ ଏହା ଆରସିବିକୁ ୬ ୱିକେଟରେ ପରାସ୍ତ କରିଛି। ଆଇପିଏଲ ୨୦୨୫ ସିଜିନ୍ ଆରମ୍ଭ ହେବା ପୂର୍ବରୁ, ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାନେଜମେଣ୍ଟ କେଏଲ ରାହୁଲଙ୍କୁ ଅଧିନାୟକତ୍ୱ ହସ୍ତାନ୍ତର କରିବାକୁ ଚାହୁଁଥିଲା, କିନ୍ତୁ ସେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏପରି ପରିସ୍ଥିତିରେ ଅଧିନାୟକ ପଦ ପାଇଁ ଅକ୍ଷର ପଟେଲଙ୍କ ନାମ ଉଠିଲା। ଦିଲ୍ଲୀ କ୍ୟାପିଟାଲ୍ସ ଲଗାତାର ୪ଟି ମ୍ୟାଚ୍ ଜିତି ପଏଣ୍ଟ ଟେବୁଲରେ ବର୍ତ୍ତମାନ ଦ୍ୱିତୀୟ ସ୍ଥାନରେ ଅଛି। ଦିଲ୍ଲୀ ଏବଂ ଗୁଜରାଟ ଉଭୟଙ୍କ ପାଖରେ ଆଠ ପଏଣ୍ଟ ଅଛି, କିନ୍ତୁ ଉନ୍ନତ ନେଟ୍ ରନ-ରେଟ୍ ଯୋଗୁଁ ଗୁଜରାଟ ଦଳ ଟେବୁଲ ଟପ୍ପର ରହିଛି। ୨୦୨୫ ଆଇପିଏଲରେ ଦିଲ୍ଲୀ ବର୍ତ୍ତମାନ ଏକମାତ୍ର ଦଳ ଯିଏ କୌଣସି ମ୍ୟାଚ୍ ହାରିନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡି...

ପଟ୍ଟନାୟକ । ଲୋକଙ୍କ କଥା ନ ଶୁଣିବାରୁ ତାଙ୍କୁ ଘରେ ବସାଇ ଦେଲେ ଓଡ଼ିଶାବାସୀ। ନଡ୍ଡା ଆହୁରି କହିଲେ, ଯେଉଁଠି ବି ମୋଦିଙ୍କ ଜନ କଲ୍ୟାଣକାରୀ ଯୋଜନା ବାଟରେ ଆସେ ପ୍ରତିବନ୍ଧକ ସେଠି ଶେଷ ହୋଇଯାଏ ସିଙ୍ଗଲ ଇଞ୍ଜିନ ସରକାର। ଦିଲ୍ଲୀ, ଓଡ଼ିଶା ପରେ ଏବଂ ପଶ୍ଚିମବଙ୍ଗର ପାଳି।

ପୂର୍ବ ବିଜେଡି ସରକାରକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ସମାଲୋଚନା କରିଥିଲେ। ସେ କହିଥିଲେ ରାଜନୈତିକ ଫାଇଦା କାରଣରୁ ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ କରୁନଥିଲେ ଲାଗୁ। ମୋଦିଙ୍କ ନାଁ ହେବା ଆଉ ନିଜ ନାକ କଟିଯିବା ଭୟରେ ଓଡ଼ିଶାରେ ବିଜେଡି ଲାଗୁ କରୁନଥିଲା ଆୟୁଷ୍ମାନ ଯୋଜନା। ଏଥିପାଇଁ ୩ ହଜାର କୋଟି ଟଙ୍କାର କ୍ଷତି ସହିଲା ଓଡ଼ିଶା।

### ଏବର୍ଷ...

ଚୟନ କରାଯାଉଥିଲା। ଯୋଗ୍ୟଙ୍କୁ ବାଦ ଦେଇ ଆଯୋଗ୍ୟଙ୍କୁ ବାଣ୍ଟି ଦିଆଯାଇଥିଲା ପିଏମ ଆବାସ । ତେଣୁ ଅନ୍ତ୍ୟୋଦୟ ଗୃହ ଯୋଜନା ସେହି ବଞ୍ଚିତଙ୍କୁ ପକ୍କାଘର ଦେବାରେ ସହାୟକ ହେବ । ଆଗାମୀ ୩ ବର୍ଷରେ ୫ ଲକ୍ଷରୁ ଅଧିକ ପକ୍କାଘର ନିର୍ମାଣ ହେବ । ଏଥିପାଇଁ ସରକାର କରିବେ ୭ ହଜାର ୫୫୦ କୋଟି ଟଙ୍କା ଖର୍ଚ୍ଚ କରିବେ ।

### ବିକାଶ...

କୋଟି ଜନତା ସେମାନଙ୍କ ଆଶୀର୍ବାଦ ଏବଂ ଆଶିଷ ତାଙ୍କ ଉପରେ ଅଜାଡ଼ି ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଅର୍ଥ କେବେ ବାଧକ ହେବ ନାହିଁ । ଏହି ଯୋଜନାରେ ଆଜି ରାଜ୍ୟର ପ୍ରାୟ ୧ କୋଟି ୩ ଲକ୍ଷ ପରିବାରର ୩ କୋଟି ୪୬ ଲକ୍ଷ ହିତାଧିକାରୀ ଉପକୃତ ହେବେ। ପ୍ରତି ପରିବାରଙ୍କୁ ସରାଦେଶର ବିଭିନ୍ନ ରାଜ୍ୟରେ ତାଲିକାଭୁକ୍ତ ୨୯ ହଜାର ଘରୋଇ ଏବଂ ସରକାରୀ ହସ୍‌ପିଟାଲରେ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ । ପରିବାରର ମହିଳା ସଦସ୍ୟମାନଙ୍କ ପାଇଁ ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ । ଏହାଛଡ଼ା ୭୦ ବା ତା'ଠୁ ଅଧିକ ବୟସ୍କ ବରିଷ୍ଠ ନାଗରିକମାନଙ୍କୁ ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ପରିବାର ପିଛା ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁବିଧା ମିଳିବ । ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ପ୍ରାୟ ୨୩ ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ଉପକୃତ ହେବେ । ପୂର୍ବରୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ହୋଇଥିବା ବୟୋଜ୍ୟେଷ୍ଠ ଲୋକଙ୍କ ସହିତ ଅତିରିକ୍ତ ୬ ଲକ୍ଷ ଲୋକ କାର୍ଡ ପାଇବେ। ଏ ସମସ୍ତ ମିଳିତ ଯୋଜନାରେ ୩କୋଟି ୫୨ଲକ୍ଷ ଲୋକ ଉପକୃତ ହେବେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ପରିବାର ନୁହେଁ, ସମନ୍ୱିତ ଯୋଜନାରେ ପରିବାରର ପ୍ରତ୍ୟେକ ହିତାଧିକାରୀଙ୍କୁ ମିଳିବ ଏକକ କାର୍ଡ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବାବଦରେ ଓଡ଼ିଶା ସରକାର ୬୦:୪୦ ଅନୁପାତରେ କେନ୍ଦ୍ରୀୟ ଅଂଶଧନ ପାଇବେ। ରାଜ୍ୟ ସରକାର ମଧ୍ୟ ଏଥିପାଇଁ ଯଥେଷ୍ଟ ବ୍ୟୟ ବରାଦ କରିଛନ୍ତି। ଆଜିକାଲି ଅନେକ ପରିବାରର ସଦସ୍ୟ ଚାକିରି ହେଉ କିମ୍ବା ପାଠ ପଢ଼ିବା ପାଇଁ ପରିବାର ବାହାରେ ରହୁଛନ୍ତି। ଏମିତି ବି ପରିବାର ଅଛନ୍ତି ଯାହାର ସଦସ୍ୟମାନେ ଦୁଇରୁ ଅଧିକ ସ୍ଥାନରେ ରହୁଛନ୍ତି। ତେଣୁ, ସେମାନଙ୍କୁ ଏହି ସ୍ୱାସ୍ଥ୍ୟସେବା ପାଇବା ପାଇଁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ନୂଆ ସରକାର ଗଠନ ପରେ ବର୍ତ୍ତମାନ ସୁଦ୍ଧା ୩ଟି ପର୍ଯ୍ୟାୟରେ ବିଭିନ୍ନ ବର୍ଗର ୪ ହଜାର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ଆଉ ଅଧିକ ୫ ହଜାର ୩୭୪ ଡାକ୍ତର ଓ ଦନ୍ତ ଚିକିତ୍ସକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ବହୁତ ଶୀଘ୍ର ଆମେ ଏହି ଲକ୍ଷ୍ୟ ହାସଲ କରିବୁ। ଓଡ଼ିଶା ବାହାରେ ରହୁଥିବା ହିତାଧିକାରୀମାନେ ସାରା ଭାରତର ବିଭିନ୍ନ ସ୍ଥାନରେ ଥିବା ସଂପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ହସ୍‌ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଇପାରିବେ । ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ଅଧୀନରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଚଳିତ ବର୍ଷ ବଜେଟ୍‌ରେ ୩ ହଜାର ୮୮୧ କୋଟି ଟଙ୍କା ଏବଂ ଆମ ହସ୍‌ପିଟାଲ ଅଧୀନରେ ୪୨୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ କଟକରେ ସାତ ମହଲା ବିଶିଷ୍ଟ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍ସ ବା ଶିଶୁ ଭବନର ନୂଆ ବିଲ୍‌ଡିଙ୍ଗ ଓ ଡାକ୍ତରମାନଙ୍କ ପାଇଁ ହଷ୍ଟେଲର ଉଦ୍‌ଘାଟନ କରାଯାଇଛି। ଏହି ନୂଆ ବିଲ୍‌ଡିଙ୍ଗରେ ଶଯ୍ୟା ସଂଖ୍ୟା ୪୨୨ରୁ ୮୪୬କୁ ବୃଦ୍ଧି ହୋଇଛି । ଏଥିରେ ୧୪୦ଟି ଆଇସିୟୁ ବେଡ୍ ରହିଛି। ହଷ୍ଟେଲରେ ପ୍ରାୟ ୧୮୦ ଜଣ ରେସିଡେଣ୍ଟ ଡାକ୍ତର ରହିପାରିବେ। ଏହା ସହିତ ଭୁବନେଶ୍ୱରର ରାଜ୍ୟ ମେଡିକାଲ କର୍ପୋରେସନ କ୍ୟାମ୍ପସ୍‌ରେ ଏକ ମାଇକ୍ରୋ-ବାୟୋଲୋଜିକାଲ୍ ଲାବୋରେଟୋରୀର ମଧ୍ୟ ଉଦ୍‌ଘାଟନ କରାଯାଇଛି। ଏହା ଦ୍ୱାରା ଖାଦ୍ୟ ଓ ପାଣି ସାମ୍ପଲ ଗୁଡିକର ପରୀକ୍ଷା କରାଯାଇ ମାନ ନିର୍ଦ୍ଧାରଣ କରାଯାଇ ପାରିବ ।

### ପଞ୍ଚାୟତ...

ନିର୍ବାଚନ କମିଶନ ସଚିବଙ୍କ ସୂଚନା ଅନୁଯାୟୀ, ଉକ୍ତ ୱାର୍ଡଗୁଡ଼ିକ ପାଇଁ ଏପ୍ରିଲ ୧୭ରୁ ୨୨ ତାରିଖ ମଧ୍ୟରେ ନିର୍ବାଚନ ଅଧିକାରୀମାନେ କେନ୍ଦ୍ର ନିର୍ବାଚନ ଆୟୋଗ ଦ୍ୱାରା ପ୍ରକାଶିତ ଭୋଟର ତାଲିକାରୁ ସମ୍ପୃକ୍ତ ୱାର୍ଡୱାରି ଭୋଟର ତାଲିକା ପ୍ରସ୍ତୁତ କରିବେ। ଏପ୍ରିଲ ୨୪ରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ପ୍ରାଥମିକ ଭୋଟର ତାଲିକା ପ୍ରକାଶ ପାଇବ। ଆସନ୍ତା ୩୦ ସୁଦ୍ଧା ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇ ମେ ୨ରୁ ୫ ତାରିଖ ମଧ୍ୟରେ ତାଉପରେ ପଦକ୍ଷେପ ନିଆଯିବ। ସଂଶୋଧିତ ଭୋଟର ତାଲିକାକୁ ନିର୍ବାଚନ ଅଧିକାରୀମାନେ ମେ ୯ ତାରିଖରେ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରିବେ।

### ଆମକୁ ...

ଆମେ ତୃଣମୂଳ ସ୍ତରରୁ ଆସିଛୁ, ସାଧାରଣ ଭାବେ ଲୋକମାନେ ପାଣ୍ଡିଆନ ଫ୍ୟାକ୍ଟରକୁ ଗ୍ରହଣ କରୁନାହାନ୍ତି । ପାଣ୍ଡିଆନ ଶିକ୍ଷିତ ଲୋକ, ସେ ବୁଝିଯିବା ଦରକାର ଓଡ଼ିଶା ଲୋକ କଣ ଚାହୁଁଛନ୍ତି । ପାଣ୍ଡିଆନ ଏ କଥା ବୁଝୁଥିଲେ, ଏ କଥା ଆଲୋଚନା ହୁଅନ୍ତା ନାହିଁ । ସେ ନିଜେ କହିଦେବା ଦରକାର, ମୁଁ ବିଜେଡିରେ ହସ୍ତକ୍ଷେପ କରୁନାହିଁ । କିନ୍ତୁ ତାହା ସେ କରୁନାହାନ୍ତି । ପ୍ରଫୁଲ୍ଲ କହିଛନ୍ତି, ଆମେ ଗଣତନ୍ତ୍ରରେ ବିଶ୍ୱାସ କରୁ । ଆମେ ବ୍ୟକ୍ତିଗତ ଭାବେ କେଉଁଠି ଚାକିରି କରିଛୁ ନା କ'ଣ ? ଆମକୁ କେହି ନାଲିଆଖି ଦେଖାଇନାହାନ୍ତି । ପାର୍ଟି ବିଶ୍ୱାସରେ ଚାଲିଛି । କେହି କାହାକୁ ନାଲିଆଖି ଦେଖାଇପାରିବେନି । ଯେଉଁଦିନ ବିଶ୍ୱାସ ତୁଟିଯିବ, ପାର୍ଟି ଚାଲିଯିବ । ପାଣ୍ଡିଆନ ନିଜ ଆଡୁ କହିଦେଲେ ଦଳର ଆଉ କ୍ଷତି ହୁଅନ୍ତା ନାହିଁ ବୋଲି କହିଛନ୍ତି ପ୍ରଫୁଲ୍ଲ ମଲ୍ଲିକ । ଆମ ମନ ଯେତେବେଳେ ଯେଉଁଠି ହେବ, ଆମେ ବସିବୁ, କେତେବେଳେ କାହା ଘରେ କେତେବେଳେ ହୋଟେଲରେ ବସିବୁ । ଆମର ସ୍ୱାଧୀନତାକୁ କିଏ କଣ ମନା କରିପାରିବ ବୋଲି କହିଛନ୍ତି ଏହି ବରିଷ୍ଠ ବିଜେଡି ନେତା । ସେହିଭଳି ପୂର୍ବତନ ମନ୍ତ୍ରୀ ନୃସିଂହ ସାହୁ କହିଛନ୍ତି କିଏ କେଉଁଠି ଚା ପାଇଁ କି କଥାବାର୍ତ୍ତା ପାଇଁ ଡାକିଲା ସେଠି ଶଙ୍ଖ ଭବନର ଆବଶ୍ୟକତା ନାହିଁ। ପାର୍ଟି ମିଟିଂ ଶଙ୍ଖ ଭବନରେ ହୁଏ। କିଛି ଲୋକ ଆମ ବୈଠକକୁ ଭୁଲ ଚିତ୍ରଣ କରି ନବୀନଙ୍କୁ କହିଛନ୍ତି। ଏହା ଠିକ୍ ନୁହେଁ। ଆମେ ଯେତେବେଳେ ଏକାଠି ବସୁ ସେଠି ଦଳର ହିତ ସାଧନ କଥା ଚିନ୍ତା କରୁ। ଅତନୁ ଓ ସଞ୍ଜୟଙ୍କ ଭଳି ନେତା ଆଗରୁ ହୋଟେଲରେ ବୈଠକ କରିଛନ୍ତି। ଆମର ସେ ଅଭ୍ୟାସ ନାହିଁ ବୋଲି ସେ ଯୁବ ନେତାଙ୍କୁ କଟାକ୍ଷ କରିଛନ୍ତି । ସେହିଭଳି ପାଣ୍ଡିଆନଙ୍କ ସମ୍ପର୍କରେ କହିଛନ୍ତି ଯେ, ସେ ସରକାରୀ ଅଧିକାରୀ ଥିବା ବେଳେ ସରକାରଙ୍କ କାମ ଠିକ୍ ଭାବେ କରିଛନ୍ତି। କିନ୍ତୁ ଦଳରେ ଯେତେବେଳେ ଯୋଗଦେଲେ ସେତେବେଳେ ଦଳ କ୍ଷତି ଗ୍ରସ୍ତ ହେଲା। ପାଣ୍ଡିଆନଙ୍କ ପାଇଁ ହିଁ ଦଳ ହାରିଲା। ନବୀନ ବାବୁ ଦୁଇଟି ସ୍ଥାନରେ ଛିଡା ହେଲେ । ଯାହାକୁ ନେଇ ବିଜେପି ଅପପ୍ରଚାର କଲା ଆଉ ଲୋକେ ବିଜେଡିକୁ ଗ୍ରହଣ କଲେନି। ନବୀନଙ୍କୁ ଭେଟି କହିଛୁ ସମ୍ମିତ ଯାହା କଲେ ତାହା ଠିକ୍ ହେଲାନି। କାର୍ଯ୍ୟାନୁଷ୍ଠାନ ପାଇଁ ସଭାପତିଙ୍କୁ କହିଛୁ, ସେ କହିଛନ୍ତି ବିଚାର କରିବେ।

### ଆରମ୍ଭ...

ଏହି ଟିମ ଆଜି ପାଖାପାଖି ୧୬ ଟି ବେଆଇନ ଖଣିରେ ଆକଳନ କରିଥିବା ବେଳେ ଆସନ୍ତା କାଲି ପୁଣି ଏହି ଟିମ ଗ୍ରାଉଣ୍ଡ ଜିରୋରେ ଆକଳନ କରିବ । ଖଣି ଲୁଟ ହେଉଥିବା ତେଲେନଡିହି, ରତନସରାକୁ ନେଇ ବସୁନ୍ଧରା ୱେଷ୍ଟ କୋଇଲା ବ୍ଲକ ଏମସିଏଲକୁ ଆବଣ୍ଟନ ହୋଇଥିବା ବେଳେ ଖଣି ଆରମ୍ଭ ହୋଇନଥିବା ଏହି ଅଞ୍ଚଳ ଏବେ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି । ଏହି ଅଞ୍ଚଳରେ ଖଣିକୁ ସୁରକ୍ଷା ଦେବା ଏମସିଏଲର ମଧ୍ୟ ଉତ୍ତରଦାୟିତ୍ୱ ରହିଛି । ଏହି ଟିମ ଏମସିଏଲ ସିଆରମାଲ କୋଇଲା ଖଣି ପ୍ରକଳ୍ପର ପ୍ରକଳ୍ପ ଅଧିକାରୀ ପ୍ରକାଶ କୁମାର ଓଝାଙ୍କୁ ଡାକି ତାଗିଦ କରିଛି ।

ରାଉରକେଲା ଖଣି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ରାଜସ୍ୱ ବିଭାଗ ଓ ବନ ବିଭାଗ ମିଳିତ ଭାବେ ଚଢ଼ଉ କରି ୨୫୦ ଟନରୁ ଉର୍ଦ୍ଧ ବେଆଇନ କୋଇଲା ଜବତ କରିଛି । ଆଜି ଭୁବନେଶ୍ୱରରୁ ଯାଇଥିବା ନଅ ଜଣିଆ ଟିମ୍ ଆକଳନ କରୁଛି କେତେ ଲୁଟ ହୋଇଛି କୋଇଲା । ଏହି ଟିମରେ ଦୁଇ ଜଣ ଖଣି ଉପନିର୍ଦ୍ଦେଶକ, ଜଣେ ଭୂତତ୍ତ୍ୱ ଉପନିର୍ଦ୍ଦେଶକ, ଜଣେ ଖଣି ଅଧିକାରୀ ଏବଂ ପାଞ୍ଚ ଜଣ ପୋଲିସ କର୍ମୀ ରହିଥିବା ବେଳେ ସେମାନଙ୍କୁ ସହଯୋଗ କରିବା ପାଇଁ ହେମଗିରି ତହସିଲଦାର ଏବଂ ଗୋପାଳପୁର ରେଞ୍ଜ ଅଧିକାରୀ, ରାଜସ୍ୱ ଓ ଜଙ୍ଗଲ ବିଭାଗର ଟିମ ଉପସ୍ଥିତ ରହିଥିଲେ ।

### ବିଜେଡିକୁ...

ଉଦ୍ୟମ କରିଛନ୍ତି ତାହା ସେଭଳି ସଫଳ ହେବନାହିଁ ବୋଲି ବିଜେଡିର କର୍ମୀମାନେ ଆଲୋଚନା କରୁଛନ୍ତିୟ।

ଅନ୍ୟ ପକ୍ଷରେ ଦଳରେ ଖୁବ୍‌ଶୀଘ୍ର ସାଂଗଠନିକ ନିର୍ବାଚନ ହେବାକୁ ଯାଉଥିବାରୁ ଅସନ୍ତୁଷ୍ଟ ନେତାଙ୍କ ସମର୍ଥକ ଏବଂ ପୁଅ ପୁତୁରାମାନଙ୍କୁ ଏଥିରେ ଥଇଥାନ ପାଇଁ ଥୋପ ପକାଇବା ଆରମ୍ଭ ହୋଇଛି । ପ୍ରଭାତ ତ୍ରିପାଠୀଙ୍କ ବହିଷ୍କାର ପ୍ରସଙ୍ଗରେ ନବୀନଙ୍କୁ ଲୋକହସା କରିଥିବା ବୋଲକରା ଗୋଷ୍ଠି ବିଭିନ୍ନ ବାଟ ଦେଇ ଏହି ଥୋପ ପକାଇବାରେ ଲାଗିଛନ୍ତି । ବିଶେଷକରି ବିଜେଡି ମହିଳା ଶାଖା ସଭାପତି, ବିଜୁ ଛାତ୍ର ଶାଖା ସଭାପତି ଓ ବିଜୁ ଯୁବ ଶାଖା ସଭାପତି ପଦବୀକୁ ନେଇ ବଳ କଷା ଆରମ୍ଭ ହୋଇଛି । ଏଥି ସହିତ ରାଜ୍ୟ ଓ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଚୟନ ଲାଗି ଅବଗଣନା ଆରମ୍ଭ ହୋଇଯାଇଛି ।

ତେଣୁ ଏହି ମଉକାରେ ଅସନ୍ତୁଷ୍ଟଙ୍କୁ ମନାଇ ନିଜ ପଟକୁ ଆଣିବାପାଇଁ ବୋଲକରା ନେତାମାନେ ଆପ୍ରାଣ ଉଦ୍ୟମ ଆରମ୍ଭ କରିଦେଇଛନ୍ତି ।

ତେବେ ମେଳି ହୋଇଥିବା ବରିଷ୍ଠ ନେତାମାନେ ଜଣଙ୍କ ପରେ ଜଣେ ନବୀନ ନିବାସ ଆଡକୁ ଶର ନିକ୍ଷେପ କରୁଥିବାବେଳେ ସେମାନଙ୍କୁ ପରାମର୍ଶଦାତା କିଭଳି ମୁକାବିଲା କରିବେ ତାହା ଉପରେ ଏବେ ସମସ୍ତଙ୍କ ନଜର । ଗୋଟିଏ ପଟେ ଅଭିଜ୍ଞତା ସମ୍ପନ୍ନ ପ୍ରତିଷ୍ଠାତା ସଦସ୍ୟ ଓ ଅନ୍ୟପଟେ ଅଭିଜ୍ଞତା ବିହୀନ ପରମର୍ଶଦାତା ମୁହାଁମୁହିଁ ହୋଇଥିବାବେଳେ ପଛରେ ରହି ଲଢୁଥିବା ନେତାମାନେ ଆଗାମୀ ଦିନରେ ଦଳକୁ କେତେ ପରିମାଣରେ ସୁରକ୍ଷା ଦେବେ ତାହାକୁ ତଳ ସ୍ତରର କର୍ମୀମାନେ ଚାହିଁ ରହିଥିବାବେଳେ ପରାମର୍ଶଦାଙ୍କ ମନ୍ତବ୍ୟ କିନ୍ତୁ ଏବେ ବୋଲକତା ନେତାମାନଙ୍କୁ ଅକଳରେ ପକାଉଥିବା ଲକ୍ଷ୍ୟ କରାଯାଉଛି ।

# ମଦ ଦୋକାନ ଉପରକୁ ବୋମାମାଡ଼, ଜଣେ ଗିରଫ




**କାକଟପୁର/ଅସ୍ତରଙ୍ଗ, ୧୧।୪ (ସଂଚାର ବ୍ୟୁରୋ) :** ସରକାରୀ ବିଦେଶୀ ମଦ ଦୋକାନ ସାମ୍ନାରେ ବୋମା ମାଡ଼। ପୁରୀ ଜିଲ୍ଲା କାକଟପୁର ଥାନା ଠାରୁ ଏକ କିଲୋମିଟର ଦୂରରେ ଥିବା ଉତ୍କଳ ପ୍ଲାଜା ବାର ଆଣ୍ଡ ରେଷ୍ଟରାଣ୍ଟ ନାମକ ଏକ ସରକାରୀ ବିଦେଶୀ ମଦ ଦୋକାନରେ ଗୁରୁବାର ହୋଇଛି ବୋମାମାଡ଼, ଭାଙ୍ଗିଯାଇଛି ଆଗ ସାମ୍ନା କାଚ। ଖବର ମୁତାବକ ଗୁରୁବାର ଦିନ ୧୧ଘ ୪୫ମିନିଟ ସମୟରେ କିଛି ଯୁବକ ଉତ୍କଳ ପ୍ଲାଜା ବାର ଆଣ୍ଡ ରେଷ୍ଟରାଣ୍ଟରେ ବସି ମଦ୍ୟପାନ କରିଥିଲେ। କିନ୍ତୁ ହୋଟେଲ ମ୍ୟାନେଜର ସୁନୀଲ କୁମାର ଜେନା ଟଙ୍କା ମାଗିବାରୁ ସେମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଦାଦାବଟି ୧୦ହଜାର ଟଙ୍କା ମାଗିଥିଲେ। ଏହାସହ ମ୍ୟାନେଜରକୁ ନିଶାଶକ୍ତ ଯୁବକ ଧମକାଇଥିଲେ ମଧ। କିନ୍ତୁ ଗୁରୁବାର ସନ୍ଧ୍ୟା ୫ଘ ୪୦ମିନିଟ ସମୟରେ ଉତ୍କଳ ପ୍ଲାଜା ବାର ଆଣ୍ଡ ରେଷ୍ଟରାଣ୍ଟ ସାମ୍ନାରେ ୨ଟି ବୋମା ଫୁଟିଥିଲା। ପ୍ରଚଣ୍ଡ ଶବ୍ଦ ହେବା ସହ ବାର ସାମ୍ନାରେ ଲାଗିଥିବା କାଚର ଅନେକାଂଶ ଭାଙ୍ଗିଯାଇଛି। ଖବର ପାଇଁ କାକଟପୁର ଥାନା ସବଇନିସ୍ପେକ୍ଟର ଗୌରୀ ଶଙ୍କର ସେଠୀ ଓ ଅନ୍ୟ ପୁଲିସ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ଫୁଟାନ୍ତ ବୋମାର ଆଂଶିକ ସୁତୁଲି ଜବତ କରିଥିଲେ। ଗୁରୁବାର ରାତ୍ର ୮ଘ ୩୦ମିନିଟ ସମୟରେ ଉତ୍କଳ ପ୍ଲାଜା ବାର ଆଣ୍ଡ ରେଷ୍ଟରାଣ୍ଟର ମ୍ୟାନେଜର ସୁନୀଲ କୁମାର ଜେନା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଅଭିଯୋଗକୁ ଭିତ୍ତିକରି ବାର ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ। ଏହା ସହ କାକଟପୁର ଅଞ୍ଚଳର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଥିଲେ। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ପରେ କାକଟପୁର ଥାନା କେଶ ନମ୍ବର ୭୭/୨୫ରେ ମାମଲା ରୁଜୁ କରିବା ସହ କାକଟପୁର ଥାନା ଅଞ୍ଚଳର ଗୁଡ୍ଡୁ ସାହୁ(୨୯)ଙ୍କୁ ପୁଲିସ ଶୁକ୍ରବାର ଅଦାଲତ ଚାଲାଣ କରିଛି। ଏହି ଘଟଣା ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

# ବିବାଦ ଯୋଗୁ ବନ୍ଦ ହେଲା ମଣ୍ଡେଇ

## ମଣ୍ଡେଇ ପଡିଆରେ ପୁଲିସ ମୁତୟନ ସହ ୧୪୪ ଧାରା ଜାରି

**ରାଇଘର, ୧୧।୪ (ସଂଚାର ବ୍ୟୁରୋ) :** ୨୦୨୩ ମସିହାର ବିବାଦର ସମାଧାନ ହୋଇପାରିଲା ନାହିଁ। ଘନେଇଲା ବିବାଦ। ଦୁଇ ଦୁଇ ଥର ଥାନାରେ ବସିଲା ଶାନ୍ତି କମିଟି କିନ୍ତୁ କୌଣସି ସମାଧାନର ବାଟ ବାହାରିଲା ନାହିଁ। ଶେଷରେ କାଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇବ ଆଶଙ୍କା କରି ବାଧ ହୋଇ ପ୍ରଶାସନ ମଣ୍ଡେଇ ପଡିଆରେ ପୁଲିସ ମୁତୟନ କରିବା ସହ ୧୪୪ ଧାରା ଜାରି କରିଥିଲା। ଏହା ୪୮ ଘଣ୍ଟା ଅର୍ଥାତ ଦୁଇଦିନ ଧରି ବଳବତ୍ତର ରହିବା ନେଇ ପୁଲିସ ପ୍ରକାଶ କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି କୁନ୍ଦେଇ ଥାନା ଅଧୀନରେ ଥିବା ଡୁରୁଡି ଆଦିବାସୀ ଗ୍ରାମରେ।



ପ୍ରକାଶ ଥାଉକି ଡୁରୁଡି ଆଦିବାସୀ ଗ୍ରାମରେ ପାଖାପାଖି ସାଢେ ତିନିଶହ ପରିବାର ବସବାସ କରନ୍ତି। ଏମାନଙ୍କ ମଧରେ ବିଜେପି ଓ ବିଜେଡି ଦୁଇଟି ଗୋଷ୍ଠିଙ୍କ ମଧରେ ୨୦୨୩ ମସିହାରେ ମଣ୍ଡେଇ ପଡିଆରେ ଖୁଡୁଖୁଡ଼ି ଖେଳ ଲାଗିବାକୁ ନେଇ ବିବାଦ ହୋଇଥିଲା ଏବଂ ତାହା ତୀବ୍ର ରୂପ ଧାରଣ କରି ଉଭୟ ଗୋଷ୍ଠୀ ମଧରେ ମାରପିଟ ମଧ ହୋଇଥିଲା। ଏହି ବିବାଦର କୌଣସି ସମାଧାନ ହୋଇପାରିନଥିଲା। ଗୋଟିଏ ଗୋଷ୍ଠୀ ଖୁଡୁଖୁଡ଼ିକୁ ପ୍ରଶୟ ଦେବାବେଳେ ଅନ୍ୟ ଗୋଷ୍ଠୀ ବିରୋଧ କରିଥିଲା। ୨୦୨୪ ମସିହାରେ ମଣ୍ଡେଇ ସମୟରେ ଖୁଡୁଖୁଡ଼ିକୁ ପ୍ରଶୟ ଦେବା ଗୋଷ୍ଠୀକୁ ବିପକ୍ଷ ଗୋଷ୍ଠୀ ମଣ୍ଡେଇରେ ନ ଡାକି ମଣ୍ଡେଇ ପୂଜା ଅର୍ଚନା ସହ ମଣ୍ଡେଇ ପାଳିଥିଲେ। କିନ୍ତୁ ଚଳିତ ବର୍ଷ ୧୧ ତାରିଖ ଶୁକ୍ରବାର ଦିନ ମଣ୍ଡେଇ ପାଳିବାକୁ ଗ୍ରାମ କମିଟି ନିର୍ଦ୍ଧାରଣ କରିଥିଲା କିନ୍ତୁ ଏହାକୁ ବିଜେପି ସମର୍ଥିତ କର୍ମୀମାନେ କହିଥିଲେ ବର୍ତ୍ତମାନର ମଣ୍ଡେଇରେ ସେମାନେ ଏକାକୀ ପୂଜା କରି ମଣ୍ଡେଇ ପାଳିବେ। ଏହାକୁ ବିଜେଡି ସମର୍ଥିତ ଗୋଷ୍ଠୀ ବିରୋଧ କରିଥିଲେ। ଘଟଣା ଯାଇ ପହଞ୍ଚି ଥିଲା କୁନ୍ଦେଇ ଥାନାରେ। ଥାନା ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା ସମାଧାନ ଉଦେଶ୍ୟରେ ଉଭୟ ଗୋଷ୍ଠୀଙ୍କୁ ଥାନାକୁ ଡାକିଥିଲେ। ଉଭୟ ଗୋଷ୍ଠୀଙ୍କୁ ବୁଝାଇବା ପାଇଁ ଦୁଇଥର ୯ ଏବଂ ୧୦ ତାରିଖରେ ଶାନ୍ତି କମିଟି ବସାଇ ବହୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶେଷରେ ପରିସ୍ଥିତିକୁ ନଜର ରଖି ୪୮ଘଣ୍ଟା ପାଇଁ ୧୪୪ଧାରା ଜାରି କରିଥିଲା। ଏହାକୁ ନେଇ ଆମେ ଉଭୟ ଗୋଷ୍ଠୀଙ୍କ ସହ ସାକ୍ଷାତ କରିଥିଲୁ। ବିଜେଡି ସମର୍ଥିତ ଗୋଷ୍ଠୀ କହିବା ଅନୁଯାୟୀ ମଣ୍ଡେଇରେ ଖୁଡୁଖୁଡ଼ି ନ ଲଗାଇବାକୁ ବାରଣ କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି କହିବା ବେଳେ ବିଜେପି ସମର୍ଥିତ ଗୋଷ୍ଠୀ ବ୍ରହ୍ମଣକୁ ନେଇ ବିବାଦ ସୃଷ୍ଟି ହେଉଥିବା ସହ ସେମାନଙ୍କ ମୂର୍ତ୍ତି ଫେରାଉ ନଥିବା କାରଣରୁ ଏଭଳି ପରିସ୍ଥିତି ଘଟିଥିବା କହିଛନ୍ତି।



## ମାଳହୁଙ୍ଗାରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ

**କୁଜଙ୍ଗ, ୧୧।୪ (ସଂଚାର ବ୍ୟୁରୋ) :** କୁଜଙ୍ଗ ବ୍ଲକ୍ ମାଳହୁଙ୍ଗା ଠାରେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଉଦଘାଟିତ ହୋଇଯାଇଛି । ଅତିଥି ଭାବେ ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରସାଦ ପ୍ରଧାନ, ବଗଦିଆ ସରପଞ୍ଚ ମଂଜୁଲତା ବେହେରା, ଆଇନଜୀବି ବସନ୍ତ ମାଝୀ, ଶିକ୍ଷାବିତ୍ ମନୋଜ କୁମାର ସାହୁ, ସମାଜସେବୀ ବିନୋଦ କୁମାର ମହାପାତ୍ର, ସହକାରୀ ଯନ୍ତ୍ରୀ ସଂଜୟ କୁମାର କାଲୋ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଏହି ଯୋଜନାର ରୂପରେଖ, ରାଜ୍ୟ ଓ ରାଜ୍ୟ ବାହାରେ ରହିଥିବା ଲୋକମାନେ କିପରି ଉପକୃତ ହୋଇପାରିବେ ସେ ନେଇ ଆଲୋଚନା କରିଥିଲେ । ଏହି ଅବସରରେ ପ୍ରରମ୍ଭିକ ଭାବେ ୧୦ ଜଣଙ୍କୁ କାର୍ଡ ବଂଟନ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ କର୍ମଚାରୀ ସନ୍ତୋଷ କୁନାର ଚୌଧୁରୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

## ସାଲେପୁର ଫଟୋଗ୍ରାଫିକ୍ସ ଆସୋସିଏସନ ପକ୍ଷରୁ କର୍ମଶାଳା ଓ ବନ୍ଧୁମିଳନ




**ନିଶ୍ଚିନ୍ତକୋଇଲି, ୧୧।୪ (ସଂଚାର ବ୍ୟୁରୋ) :** ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତ ସୌଦାମିନୀ ମଣ୍ଡପ ଠାରେ ସାଲେପୁର ଫଟୋଗ୍ରାଫିକ୍ସ ଆସୋସିଏସନ ଓ ନିକୋନ୍ କ୍ୟାମେରା ୱାର୍କସପ୍ ପକ୍ଷରୁ ଏକ ବନ୍ଧୁମିଳନ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଫଟୋଗ୍ରାଫିକ୍ସ ଆସୋସିଏସନର ସଭାପତି ଅମରେନ୍ଦ୍ର ଶ୍ରୀବାସ୍ତାବଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ଅତିଥିଭାବେ ନିକୋନ୍ କ୍ୟାମେରା କମ୍ପାନୀର ଅତିରିକ୍ତ ବିକ୍ରୟ ପରିଚାଳକ ଶ୍ରୀଯୁକ୍ତ ଦେବେସ୍ ମାଝୀ ଯୋଗଦେଇ ନିକୋନ୍ କ୍ୟାମେରା କମ୍ପାନୀର ବିଭିନ୍ନ ଗୁଣବତ୍ତା ଓ ଫଟୋଗ୍ରାଫି ଭାଇଙ୍କ କାର୍ଯ୍ୟାଦକ୍ଷତା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ନିକୋନ୍ କ୍ୟାମେରା ଫଟୋଗ୍ରାଫି ପ୍ରଶିକ୍ଷକ ଶ୍ରୀଯୁକ୍ତ ସନ୍ତୋଷ ବେଜ ଯୋଗଦେଇ ଫଟୋଗ୍ରାଫିର ବିଭିନ୍ନ ଡେମୋ ମଡେଲ ମାନଙ୍କ ମାଧମରେ ପଦର୍ଶନ କରିଥିଲେ। ଉକ୍ତ କର୍ମଶାଳାରେ ସାଲେପୁର ଫଟୋଗ୍ରାଫିକ୍ସ ଆସୋସିଏସନର ପ୍ରାୟ ଦୁଇଶହ ଫଟୋଗ୍ରାଫର ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ପାତ୍ର ମଲ୍ଟିମିଡ଼ିଆ ଅଧକ୍ଷ ତଥା ଫଟୋଗ୍ରାଫର ରାକେଶ କୁମାର ପାତ୍ର, ଭଞ୍ଜନ ସାମଲ, ଚନ୍ଦ୍ରଶେଖର ସାହୁ, ରୁଦ୍ରନାରାୟଣ ସାହୁ, ଗୁରୁଚରଣ କାଣ୍ଡି, ବିଜୟ କୁମାର ସେନାପତି ଏବଂ ସାଲେପୁର ଫଟୋଗ୍ରାଫି ଆସୋସିଏସନର କୋର କମିଟିର ସଦସ୍ୟ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଆସୋସିଏସନର ସମ୍ପାଦକ ଯତୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ

## ଗୋପରେ ୮୨,୮୬୩ ହିତାଧିକାରୀ ଚିହ୍ନଟ



**ଗୋପ, ୧୧।୪ (ସଂଚାର ବ୍ୟୁରୋ):** ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକାରୀ ଆୟୁଷ୍ମାନ ଭାରତ ଯୋଜନା ଓ ଓଡ଼ିଶାର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ ଶୁଭାରମ୍ଭ ହୋଇଯାଇଛି । ଗୋପ ବ୍ଲକ୍ର ୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ ଜଣ ଲେଖାଏଁ ହିତାଧୁକାରୀଙ୍କୁ ଏହି କାର୍ଡ଼ ବଂଟନ କରାଯାଇଛି । ପର୍ଯ୍ୟାୟକ୍ରମେ ଆଶାକର୍ମୀ ମାନେ ଘରକୁ ଘର ବୁଲି କାର୍ଡ଼ ବଂଟନ କରିବେ ବୋଲି ସୂଚନା ମିଳିଛି । ଗୋପ ବ୍ଲକ୍ରେ ମୋଟ ୮୧ ହଜାର ୮୬୩ ଜଣ ହିତାଧିକାରୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି । ଶୁକ୍ରବାର ଗୋପ ବ୍ଲକ୍ ଅଧିନ ନୟାହାଟ, ବୀରଡୁଙ୍ଗ, ଛଇତନା, କୋଣାର୍କ, ମଦରଙ୍ଗ ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ନାଗପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁପରିଟେଣ୍ଡ ଡଃ. ଜସ୍ମିନ୍ ଆଫ୍ରୋଜ ଉପସ୍ଥିତ ରହି କାର୍ଡ଼ ବଂଟନ କରିଥିଲେ । ସେହିପରି ରାହାଁଗରଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୋପ ପଂଚାୟତ ସମିତି ଉପାଧକ୍ଷ ବନରଂଜନ ପଟ୍ଟନାୟକ, ଡ଼ଭାର ସରପଂଚ ଜଗବନ୍ଧୁ ବରାଳ, ଅଣ୍ଡରା ଇଚ୍ଛାପୁର ସରପଂଚ ମୀନାକୁମାରୀ ମହାନ୍ତି, ସମିତି ସଭ୍ୟ ଅଶ୍ୱିନୀ ପଟ୍ଟନାୟକ, ଉଲ୍ଲାସ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଡ଼ ବଣ୍ଟନ କରିଥିଲେ ।



## ନାଉଗାଁ ବ୍ଲକରେ ଆୟୁଷ୍ମାନ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ

**ନାଉଗାଁ, ୧୧।୪ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନ ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଆରୋଗ୍ୟ ଯୋଜନାର ଶୁଭ ଉଦ୍‌ଘାଟନ କରାଯାଇଛି। ଅଲଣାହାଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଅଲଣାହାଟ ଖେଳ ପଡ଼ିଆ ପରିସରରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ଏଡିଏମଓ ଡା. ପ୍ରମୋଦ କୁମାର ବାରିକ, ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡା. ମାନସ କୁମାର ମହାପାତ୍ର, ଅଲଣାହାଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡା. ବିଶ୍ୱଜିତ ସାହୁ, ଫାର୍ମାସିଷ୍ଟ ଶୁଭଲକ୍ଷ୍ମୀ ସ୍ୱାଇଁ, ବିପିଏମ ତନ୍ମୟ ପରିଡ଼ା ଆଦି ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମ ଶୁଭ ଉଦଘାଟନ କରିଥିଲେ। ସମସ୍ତେ ସୁସ୍ଥ ରହିଲେ ଆମେ ଏକ ସୁସ୍ଥ ରାଜ୍ୟ, ସୁସ୍ଥ ଦେଶ ପାଇ ପାରିବା ବୋଲି ବିଧାୟକ ଅମରେନ୍ଦ୍ର ଦାସ ମତବ୍ୟକ୍ତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସଚେତନତା ରଥ ଉଦ୍‌ଘାଟନ କରାଯାଇଥିଲା। ଉକ୍ତ ରଥ ପ୍ରତ୍ୟେକ ଗ୍ରାମକୁ ଯାଇ ସ୍ୱାସ୍ଥ୍ୟ କାର୍ଡ ବିଷୟରେ ସଚେତନ କରିବା ପରେ ବିଧାୟକ ଦାସଙ୍କ ଦ୍ୱାରା ୧୦ଜଣଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା। ସେହିପରି ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଡେରିକି ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ଉପାଧକ୍ଷ ସୁଜିତ ପୁହାଣ ଶୁଭ ଉଦଘାଟନ କରିଥିଲେ।

## ୫ଦିନିଆ ଯୁବ ସଂସଦ କାର୍ଯ୍ୟକ୍ରମ ପାଇଁ ସାମ୍ବାଦିକ ସମ୍ମିଳନୀ

**କୋଣାର୍କ, ୧୧।୪ (ସଂଚାର ବ୍ୟୁରୋ) :** କୋଣାର୍କ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଆସନ୍ତା ମେ ୨୬ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ୫ ଦିବସୀୟ ଯୁବ ସଂସଦ କାର୍ଯ୍ୟକ୍ରମ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ଆୟୋଜିତ ହେବାକୁ ନେଇ ସାମାଜିକ ସଂଗଠନ ପ୍ରୋଜେକ୍ଟ ପଏଣ୍ଟ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସଂଗଠନ ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ନେହେରୁ ଯୁବ କେନ୍ଦ୍ର ସଂଗଠନର ପୂର୍ବତନ




ନିର୍ଦ୍ଦେଶକ ତଥା ଯୁବ ସଂସଦ କାର୍ଯ୍ୟକ୍ରମର ଅଭ୍ୟର୍ଥନା କମିଟି ଅଧକ୍ଷ ସତ୍ୟ ପ୍ରକାଶ ପଟ୍ଟନାୟକ ଯୋଗଦେଇ ଗ୍ରାମାଞ୍ଚଳର ଯୁବକ ମାନେ ଯୁବ ସଂସଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ ବିକଶିତ ଭାରତକୁ କିଭଳି ଭାବେ ଆଗକୁ ବଢ଼ିବାରେ ସହଯୋଗ କରିପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ୟଙ୍ଗ ଇଣ୍ଡିଆର ଅଧକ୍ଷ ତଥା ରେଡ଼ିଓ ନମସ୍କାର ଅଧକ୍ଷ ଏନଏ ଶାହା ଅନସାରୀ ବିକଶିତ ଭାରତ କାର୍ଯ୍ୟକ୍ରମ ସମାଜର ସବୁ ବର୍ଗର ଲୋକଙ୍କ ସାମୁହିକ ସହଯୋଗ ଦେଶ ପ୍ରଗତିରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ।



## ଖୋର୍ଦ୍ଧାରେ ଆୟୁଷ୍ମାନ ଭାରତର ଶୁଭାରମ୍ଭ କଲେ ମନ୍ତ୍ରୀ ପ୍ରଦୀପ ବଳ

**ଖୋର୍ଦ୍ଧା, ୧୧।୪ (ସଂଚାର ବ୍ୟୁରୋ) :** ଆଜି ଅପରାହ୍ନରେ ଓଡିଶାର ସମନ୍ୱୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସନ୍ନିକଟ ମୁକୁନ୍ଦ ପ୍ରସାଦ ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଆରୋଗ୍ୟ ଯୋଜନା -ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାକୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଜିଲ୍ଲାବାସୀଙ୍କ ଉଦେଶ୍ୟରେ ଶୁଭାରମ୍ଭ କରିଛନ୍ତି। ଆୟୁଷ୍ମାନ ସ୍ୱାସ୍ଥ୍ୟ ସେବା କାର୍ଡ ଓଡିଶାରେ ଲାଗୁ କରି ସ୍ୱାସ୍ଥ୍ୟ ସେବାରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଆଣି ଗରିବ ମାନଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି ବୋଲି ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ମାନ୍ୟବର ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଉଦବୋଧନରେ ଆୟୁଷ୍ମାନ ଭାରତ ଗୋପବନ୍ଧୁ ଆରୋଗ୍ୟ ଯୋଜନା ସ୍ୱାସ୍ଥ୍ୟ ସେବା ଲାଗୁ ହେବାଦ୍ୱାରା ଖୋର୍ଦ୍ଧା ଜିଲ୍ଲାବାସୀ ନିଶ୍ଚିତ ଭାବେ ସୁସ୍ଥ ଆନନ୍ଦିତ ଓ ପ୍ରସନ୍ନ ରହିବାସହ ଓଡିଶାରେ ୩.୫୦ କୋଟି ଏବଂ ଖୋର୍ଦ୍ଧା ଜିଲ୍ଲାରେ ୨୪ ଲକ୍ଷ ଲୋକ ଏହି ଯୋଜନାରେ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଥିଲେ।

### ଏସ୍ କମ୍ପ୍ଲେକ୍ସରେ ଓଡ଼ିଆ ଚଳଚ୍ଚିତ୍ର ମେଳା

## 'ଆଜିର ରେବତୀ'କୁ ଦର୍ଶକଙ୍କ ପ୍ରଶଂସା

**ଭୁବନେଶ୍ୱର, ୧୧।୪ (ସଂଚାର ବ୍ୟୁରୋ):** ଆର ଆର ଇଭେଣ୍ଟ ଓ ସିନେ ପ୍ରଡ଼କସନ ପ୍ରଯୋଜିତ 'ଆଜିର ରେବତୀ' ୩୫ଟି ସିନେମା ହଲ୍‌ରେ ମୁକ୍ତିଲାଭ କରିଥିବା ବେଳେ ସବୁଠି ଭୁରି ଭୁରି ପ୍ରଶଂସା କରିଛନ୍ତି ଦର୍ଶକ । ଓଲିଉଡ଼ ଇଣ୍ଡଷ୍ଟ୍ରିରେ ପ୍ରଥମଥର ପାଇଁ ଚକିତ ହେଲା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଲାଗୁଥିଲା ସତେ ଯେମିତି ଚାଲିଛି ଓଡ଼ିଆ ଚଳଚ୍ଚିତ୍ର ମେଳା। ରଜ ନୁହେଁ କି ଦଶହରା ଋତୁ ନୁହେଁ ତଥାପି ତିନିଟି ଓଡ଼ିଆ ଚଳଚ୍ଚିତ୍ର ଗୋଟିଏ ଦିନରେ ମୁକ୍ତିଲାଭ କରିଛି । ଦିନ ଥିଲା ଗୋଟିଏ କିମ୍ବା ଦୁଇଟି ଓଡ଼ିଆ ସିନେମାକୁ ଚାତକ ପକ୍ଷୀ ପରି ଚାହିଁ ରହିବାକୁ ପଡୁଥିଲା, ହେଲେ ସେଦିନ ଆଉ ନାହିଁ । ଓଲିଉଡ଼ର ବହୁ ଚର୍ଚ୍ଚିତା ଅର୍ଚ୍ଚିତା ଙ୍କ ଅଭିନୀତ ପାଦେ ଆକାଶ, ବହୁ ଚର୍ଚ୍ଚିତ ମଲ୍ଟି ଟ୍ୟାଲେଣ୍ଟେଡ ପପୁ ପମ୍ ପମ୍‌ଙ୍କ ଡଷ୍ଟବିନ୍‌କୁ ଟକ୍କର ଦେଇଛି ବୁଲବୁଲି ଶୀତଲଙ୍କ ଅଭିନୀତ ଆଜିର ରେବତୀ । ଗୋଟିଏ କମ୍ପ୍ଲେକ୍ସରେ ତିନି ତିନିଟି ଓଡ଼ିଆ ସିନେମା ଚାଲିଥିବା ଯୋଗୁଁ ହଲ ବାହାରେ ଏବଂ ଭିତରେ ସିନେ କଳାକାରଙ୍କ ସମେତ ସିନେ ଦର୍ଶକଙ୍କର ଖୁବ ଭିଡ ଜମିଥିଲା।



ଆଜିର ରେବତୀର କାହାଣୀ ଦର୍ଶକଙ୍କୁ ଜୋରକରି ବାନ୍ଧି ରଖିପାରିଥିଲା । କାରଣ ଦର୍ଶକ ନିଜ ଭିତରେ ରେବତୀକୁ ଦେଖିବାକୁ ପାଇଥିଲେ । ବଦ୍ରି ମିଶ୍ରଙ୍କ କାହାଣୀ ସାଙ୍ଗକୁ ଶ୍ୟାମା ପ୍ରସାଦ ମିଶ୍ରଙ୍କ ଦମଦାର ସଂଳାପ, ତା ସାଙ୍ଗକୁ ପ୍ରେମ ଆନନ୍ଦଙ୍କ ସଙ୍ଗୀତ ଏବଂ ଶୁଭ୍ରାଂଶୁ ଦାସଙ୍କ ବଳିଷ୍ଠ ନିର୍ଦ୍ଦେଶନା ଦର୍ଶକଙ୍କୁ ବିଭୋର କରିଥିଲା । ଯୁବ ପ୍ରଯୋଜକ ରମେଶ ବାରିକଙ୍କର ଏହା ଥିଲା ୨୪ତମ ଚଳଚ୍ଚିତ୍ର । ଉଭୟ ଓଡ଼ିଆ ଏବଂ ବଙ୍ଗଳାର କଳାକାରଙ୍କୁ ନେଇ ଦ୍ୱିଭାଷୀ ଚଳଚ୍ଚିତ୍ର ପାଇଁ ଅଣ୍ଟା ଭିଡ଼ିଛନ୍ତି ଏବଂ ପ୍ରଥମ ଦିନରୁ ହିଁ ଜଣାପଡିଯାଇଛି ସେ ସଫଳତାକୁ ହାତ ପାହାନ୍ତାରେ ପାଇଛନ୍ତି ।

ତେବେ ଆଜି ଗୋଟିଏ କମ୍ପ୍ଲେକ୍ସରେ ତିନିଟି ସିନେମାର ସମସ୍ତ କଳାକାରଙ୍କୁ ଏକା ସାଙ୍ଗରେ ଦେଖିବାକୁ ମିଳିଥିଲା ଏବଂ ସମସ୍ତେ ମିଳିମିଶି ସମସ୍ତ ସିନେମା ଦେଖିବା ସହିତ ସମସ୍ତ ସିନେମାର ପ୍ରଚାର ମଧ କରିଥିଲେ। ଓଲିଉଡ଼ର ସମସ୍ତ କଳାକାର, ନିର୍ମାତା, ନିର୍ଦ୍ଦେଶକଙ୍କୁ ଗୋଟିଏ କମ୍ପ୍ଲେକ୍ସରେ ଦେଖିବାକୁ ମିଳିଥିଲା । ଓଲିଉଡ଼ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରି ରେ ପ୍ରଥମ ଥର ପାଇଁ ଏମିତି ଏକ ରେକର୍ଡ ସୃଷ୍ଟି ହୋଇଥିବା କଥା ସମସ୍ତ ଚଳଚ୍ଚିତ୍ର ବିଶେଷଜ୍ଞ ମତ ଦେଇଥିଲେ । ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର ହେଡ଼ ପ୍ରଣୟ ଜେଠୀ ସମସ୍ତ ଚଳଚ୍ଚିତ୍ର ଦର୍ଶକା ଦୁତ ହେଉ ଏବଂ ଦୀର୍ଘ ଦିନ ଧରି ପ୍ରେକ୍ଷାଳୟରେ ଚାଲୁ ଏତିକି କାମନା କରିଛନ୍ତି ।



## ଆୟୁଷ୍ମାନ କାର୍ଡର ଶୁଭାରମ୍ଭ

**ରାଇଘର, ୧୧।୪ (ସଂଚାର ବ୍ୟୁରୋ) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ତଥା ଆୟୁଷ୍ମାନ ବୟୋ ବନ୍ଦନ ଯୋଜନା ର ଶୁଭାରମ୍ଭ କରାଯାଇ ଅଛି । ଓଡିଶାରେ ଆଜି କଟକ ଠାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଭାସୀ ମାଧମରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ବ୍ଲକରେ ଅବସ୍ଥିତ ୭ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯଥା, ରାଇଘର, ଡୁରୁଡ଼ିହି, ଯୋଡିଙ୍ଗା, କୁରାବେଡା, ଗୋନା, କୁମୁଲି, ଡୁମୁରିମୁଣ୍ଡା ଠାରେ ଆଭାସୀ ମାଧମରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇ ଯାଇଛି। ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ତ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦଶରଥ ନାଗଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନବରଙ୍ଗପୁର ସାଂସଦଙ୍କ ରାଇଘର ପ୍ରତିନିଧି ପ୍ରୀତିସ୍ମିତ୍ଵା ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଆଜି ପ୍ରଥମ ପର୍ଯାୟରେ ରାଇଘର ବ୍ଲକରେ ୭୦ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏହାସହ ଅନ୍ୟ ୬ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବି ସୁରୁଖୁରୁରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି।

# ସୋଆ ଆଇଭିଏସ୍ଏଏଚ୍ ପକ୍ଷରୁ ବିଶ୍ୱ ହୋମିଓପ୍ୟାଥି ଦିବସ

**ଭୁବନେଶ୍ୱର, ୧୧।୪ (ସଂଚାର ବ୍ୟୁରୋ) :** ପ୍ରାଣୀ ଚିକିତ୍ସା ଓ ରୋଗ ନିରାକରଣରେ ହୋମିଓପ୍ୟାଥି ଔଷଧର ପ୍ରୟୋଗକୁ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ ହଜବ୍ୟାଣ୍ଡରୀ (ଆଇଭିଏସ୍ଏଏଚ୍) ପକ୍ଷରୁ ଶୁକ୍ରବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ବିଶ୍ୱ ହୋମିଓପ୍ୟାଥି ଦିବସ ୨୦୨୫ ଅବସରରେ ଆୟୋଜିତ ଏହି କର୍ମଶାଳାର ପ୍ରସଙ୍ଗ ରହିଥିଲା 'ୟୁଜ୍ ଅଫ୍ ହୋମିଓପ୍ୟାଥିକ୍ ଡ୍ରଗ୍ସ ଇନ୍ ଦ ଟ୍ରିଟମେଣ୍ଟ ଆଣ୍ଡ ପ୍ରିଭେନ୍‌ସନ୍ ଅଫ୍ ଲାଇଭଷ୍ଟକ୍ ଡିଜିଜେସ୍'।




ଆୟୋଜିତ ଏହି କର୍ମଶାଳାରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ହୋମିଓପ୍ୟାଥି ଔଷଧର ପାର୍ଶ୍ୱପ୍ରତିକ୍ରିୟା କମ୍ ରହିବା ସହ ଏହା ଫଳପ୍ରଦ ମଧ ହୋଇଥାଏ। ପ୍ରାଣୀମାନଙ୍କ କ୍ଷେତ୍ରରେ ଚିକିତ୍ସା କରିବା କଷ୍ଟକର। ତେଣୁ ସେମାନଙ୍କୁ କିଭଳି ସୁସ୍ଥ କରାଯାଇପାରିବ ସେ ଦିଗରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏଭଳି କ୍ଷେତ୍ରରେ ହୋମିଓପ୍ୟାଥି ଚିକିତ୍ସାର ମହତ୍ୱ ରହିଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଡକ୍ଟର ଅଭିନ୍ନ ଚନ୍ଦ୍ର ହୋମିଓପ୍ୟାଥିକ୍ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ର ପୂର୍ବତନ ଅଧକ୍ଷ ଡାକ୍ତର ନିରଞ୍ଜନ ମହାନ୍ତି କହିଥିଲେ ଯେ ଭାରତରେ ହୋମିଓପ୍ୟାଥି ଚିକିତ୍ସା ପରିଧି ପ୍ରାୟ ୨୫ ପ୍ରତିଶତ ବୃଦ୍ଧି ପାଉଛି। ସାରା ଭାରତରେ ୩ ଲକ୍ଷ ୨୦ ହଜାର କାର୍ଯ୍ୟରତ ହୋମିଓପ୍ୟାଥି ଡାକ୍ତର ରହିଛନ୍ତି। ତେଣୁ ପ୍ରାଣୀଙ୍କ ଚିକିତ୍ସା କ୍ଷେତ୍ରରେ ହୋମିଓପ୍ୟାଥିର ପ୍ରୟୋଗ ଖୁବ୍ ଉତ୍ତମ ଉଦ୍ୟମ ବୋଲି ସେ କହିଛନ୍ତି।

ଏହି ଅବସରରେ ସେଣ୍ଟ୍ରାଲ୍ କାଉନ୍‌ସିଲ ଫର ରିସର୍ଚ୍ଚ ଇନ୍ ହୋମିଓପ୍ୟାଥି (ସିସିଆର୍‌ଏଚ୍) ଭୁବନେଶ୍ୱରର ବୈଜ୍ଞାନିକ ଡକ୍ଟର ସୁଜାତା ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଇଭିଏସ୍ଏଏଚ୍‌ର ଏହି କାର୍ଯ୍ୟକୁ ପ୍ରଶଂସା କରିବା ସହ କମ୍ ଔଷଧ ପ୍ରୟୋଗ ଦ୍ୱାରା ଅଧିକ ଫଳପ୍ରଦ ଚିକିତ୍ସା ହିଁ ହେଉଛି ହୋମିଓପ୍ୟାଥିର ମୂଳମନ୍ତ୍ର ବୋଲି କହିଥିଲେ। ହୋମିଓପ୍ୟାଥିର ଉଦ୍‌ଭାବକ କ୍ରିଷ୍ଟିଆନ୍ ଫ୍ରେଡରିକ୍ ସାମୁଏଲ୍ ହାନିମ୍ୟାନ୍‌ଙ୍କ ଜନ୍ମ ଦିନକୁ ହୋମିଓପ୍ୟାଥି ଦିବସ ଭାବେ ପାଳନ କରାଯାଏ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଡକ୍ଟର ଅଭିନ୍ନ ଚନ୍ଦ୍ର ହୋମିଓପ୍ୟାଥିକ୍ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ର ପୂର୍ବତନ ପ୍ରଫେସର ଡକ୍ଟର ଗଗନ ବିହାରୀ ପାଣିଗ୍ରାହୀ ଏବଂ ପୂର୍ବତନ ରିଡର ଡକ୍ଟର ନିର୍ମଳ କୁମାର ମହାପାତ୍ର ହୋମିଓପ୍ୟାଥି ଚିକିତ୍ସାର ପ୍ରାଣୀମାନଙ୍କ ଉପରେ ପ୍ରୟୋଗ କେତେ ପ୍ରଭାବଶାଳୀ ସେ ନେଇ ନିଜ ଅନୁଭୂତି ବଖାଣିଥିଲେ। କାର୍ଯ୍ୟକ୍ରମରେ ଆଇଭିଏସ୍ଏଏଚ୍‌ର ଡିନ୍ ପ୍ରଫେସର ଏସ୍.କେ ଦାସ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ମିଳିଲା ଆୟୁଷ୍ମାନ କାର୍ଡ

## ପରିବାର ପାଖରେ ପହଞ୍ଚିବ 'ଆୟୁଷ୍ମାନ ଭାରତ କାର୍ଡ'

**କାକଟପୁର/ଅସ୍ତରଙ୍ଗ, ୧୧।୪ (ସଂଚାର ବ୍ୟୁରୋ) :** ପୂରଣ ହେଲା ବିଜେପିର ଡ୍ରିମ ପ୍ରୋଜେକ୍ଟ। ଓଡିଶା ଇତିହାସରେ ଗୋଟିଏ ଫର୍ଦ ଯୋଡି ହୋଇଯାଇଛି। 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' ଓ 'ଗୋପବନ୍ଧୁ ଜନ ବୟୋ ବନ୍ଦନା ଯୋଜନା' ଲାଗୁ ହୋଇଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଖଣ୍ଡାସାହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଶୁକ୍ରବାର ଅପରାହ୍ନ ସମୟରେ ଅତିଥିଙ୍କ ଉପସ୍ଥିତରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଅତିଥି ଭାବେ ବ୍ଲକ ଅଧକ୍ଷା ଆରତୀ ନାଏକ, ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା, ସିଡିପିଓ ମମତା ନାୟକ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନ ଉପସ୍ଥିତ ଥିବା ବେଳେ ଖଣ୍ଡାସାହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଅତିଥି ଭାବେ ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା, ନଈଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ସମିତିସଭ୍ୟ ପ୍ରଦୀପ୍ତ ସାହୁ, ସମାଜସେବୀ ପ୍ରଶାନ୍ତ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ ମିଳୁଥିବା ବେଳେ ନୂଆ ଯୋଜନାରେ ଏବେ ପରିବାରର ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏଁ




କାର୍ଡ ମିଳିବ। ପ୍ରତ୍ୟେକ ପରିବାର ପିଛା ୫ଲକ୍ଷ ଟଙ୍କା ଏବଂ ମହିଳା ହିତାଧିକାରୀଙ୍କୁ ଅତିରିକ୍ତ ୫ଲକ୍ଷ ଟଙ୍କାର ଚିକିତ୍ସା ପାଇଁ ସହାୟତା ଯୋଗାଇଦେବେ ସରକାର। ଦେଶର ପ୍ରାୟ ୨୯ହଜାର ମେଡିକାଲରେ ଏହି କାର୍ଡ କାମ କରିବ। ଆସନ୍ତା ୩ମାସ ମଧରେ ଏହି କାର୍ଡ ସମସ୍ତଙ୍କ ପାଖରେ ପହଂଚିବ। ଯିଏ ଯେଉଁଠାରେ ଥିବେ ସେ ଏହି କାର୍ଡରେ ଚିକିତ୍ସା ସୁବିଧା ପାଇପାରିବେ। ଯେଉଁମାନେ ପୂର୍ବରୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ ଅଛନ୍ତି, ସେମାନେ ସ୍ୱାଭାବିକ ଭାବେ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହୋଇଯିବେ। ନୂଆ କାର୍ଡ ମିଳିବା ପୂର୍ବରୁ କୌଣସି ଅସୁବିଧା ହେଲେ ଆଧାରକାର୍ଡ ଦେଖାଇ ଚିକିତ୍ସିତ ହୋଇ ପାରିବେ ବୋଲି ଉପସ୍ଥିତ ଅତିଥି ମତ ଦେଇଥିଲେ।

### ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ଉପନିର୍ବାଚନ

# ଶାରଦା ମାରିନେଲେ ବାଜି



**ନିଶ୍ଚିନ୍ତକୋଇଲି,୧୧।୪ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ପଦବୀ ପାଇଁ ଆଜି ଅନୁଷ୍ଠିତ ଉପନିର୍ବାଚନରେ ମାହାଙ୍ଗାର ସ୍ୱାଧିନ ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରଧାନଙ୍କ ସମର୍ଥିତ ପ୍ରାର୍ଥୀ ତଥା ଫୋଗଳ

## ପ୍ରକାଶ ଚିତ୍ ପଟାଙ୍ଗ,ପ୍ରତାପ ଗଲେ ଓହରି, ସୁମନ୍ତ ଅନ୍ତର୍ଦ୍ଧାନ

ପଂଚାୟତର ସମିତିସଭ୍ୟ ଶ୍ରୀ ନୃସିଂହ ଚରଣ ମିଶ୍ର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଟକ ସଦର ବିଜେପି ସମର୍ଥିତ ପ୍ରାର୍ଥୀ ତଥା ମହମ୍ମଦପୁର ଗ୍ରାମପଂଚାୟତ ସମିତି ସଭ୍ୟ ଶ୍ରୀ ରଞ୍ଜନ କୁମାର ପାତ୍ରଙ୍କ ଠାରୁ ୮ଖଣ୍ଡ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ଘୋଷିତ ହୋଇଛନ୍ତି । ନୂତନ ଉପାଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିବା ଶ୍ରୀ ମିଶ୍ରଙ୍କୁ ସବୁ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ରଞ୍ଜନ କୁମାର ପାତ୍ର ସମୁଦାୟ ୧୬ଖଣ୍ଡ ଭୋଟ୍ ପାଇଥିବା ବେଳେ,ନୃସିଂହ ଚରଣ ମିଶ୍ର ୨୪ଖଣ୍ଡ ଭୋଟ ପାଇଛନ୍ତି। ସୂଚନା ଅନୁଯାୟୀ ପ୍ରାକ୍ତନ ବିଧାୟକ ପ୍ରତାପ ଜେନାଙ୍କ ଖାସ୍ ବିଜେଡି ଦଳର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ନିଜର ବ୍ୟକ୍ତିଗତ କାରଣରୁ ଉପାଧ୍ୟକ୍ଷ ପଦରୁ ଇସ୍ତଫା ଦେବାରୁ ଉପାଧ୍ୟକ୍ଷ ପଦ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ କଟକ ସଦର ବିଜେପି ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସମର୍ଥିତ ପାର୍ଥି ପରାଜିତ ହୋଇ ଏକ ପ୍ରକାରର ପ୍ରକାଶ ଚିତ୍ ପଟାଙ୍ଗ ମାରିଥିବା ସ୍ଥଳେ ପ୍ରାକ୍ତନ ବିଧାୟକ ପ୍ରତାପ ଜେନାଙ୍କ ପକ୍ଷରୁ ନିର୍ବାଚନ ସମୟ ଶେଷ ସୁଦ୍ଧା କୌଣସି ପାର୍ଥି ମନୋନୟନ ପତ୍ର ପ୍ରଦାନ କରିନଥିବା ବେଳେ ଉକ୍ତ ଉପନିର୍ବାଚନରେ ବିଧାୟକ ସାରଦା (ବୁଲୁ)ଙ୍କୁ ଭୟକରି ଶ୍ରୀଜେନା ନିର୍ବାଚନରୁ ଓହରୀ ଯାଇଥିବା କଥା ସମଗ୍ର ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ଜୋର ଧରିଛି। ଗତ ୨୪ନିର୍ବାଚନରୁ ମାହାଙ୍ଗାର ବିଜେପି ଦଳ ପକ୍ଷରୁ ଟିକେଟ ପାଇ ନିର୍ବାଚନ ଲଢ଼ି ନିଜର ଅମାନତ ହରାଇ ବିଜେପି ଦଳକୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ସ୍ତରରେ ପଛରେ ପକାଇବା ଭଳି କାର୍ଯ୍ୟର ପୁଷ୍ଟପୋଷକତା ସୁମନ୍ତ କୁମାର ଘଡ଼ାଇ ଉଭୟ ପ୍ରତାପ ଓ ପ୍ରକାଶଙ୍କ ଶହ ମିଶି ସାରଦାଙ୍କୁ ଚଖମା ଦେବା କଥା ବିଭିନ୍ନ ଗଣ ମାଧ୍ୟମରେ ଚର୍ଚ୍ଚାର ଶିରୋନାମା ପାଲଟିଥିବା ବେଳେ ଆଜିର ଉପନିର୍ବାଚନରେ ବାବୁ ସୁମନ୍ତ ଅନ୍ତର୍ଦ୍ଧାନ ହୋଇ ରହିଥିବା ଦେଖିବା ପାଇଁ ମିଳିଛି। ଅନ୍ୟାପଟେ ବର୍ତ୍ତମାନର ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଧାୟକ ଶ୍ରୀମାନ୍ ସାରଦା ପ୍ରସାଦ ପ୍ରଧାନଙ୍କ ସମର୍ଥିତ ପାର୍ଥୀ ଶ୍ରୀ ନୃସିଂହ ଚରଣ ମିଶ୍ର ମୋଟ୍ ୨୪ଖଣ୍ଡ ଭୋଟ୍ ପାଇ ବିଜୟ ଲାଭ କରିଥିଲେ। ଯାହା ଶାରଦା ସବୁବାଜି ନିଜ ସପକ୍ଷରେ ମାରିନେଇଥିବା କଥା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଜାଲ ସାର୍ଟିଫିକେଟରେ ସରକାରୀ ପଡିଲା ମହଙ୍ଗା

# ମୁହଁ ଖୋଲିଲେ ଅଧ୍ୟାପକ



**ଉଦଳା,୧୧।୪ (ସଂଚାର ବ୍ୟୁରୋ):** ଯୋଗ୍ୟତା ନଥାଇ ବି ସରକାରୀ ଚାକିରି। ଏମିତି କଣ ସମ୍ଭବ । ଖଣ୍ଡେ ସରକାରୀ ଚାକିରି ପାଇଁ ଲୋକେ କେତେ କଣ କରୁଛନ୍ତି ତା ବିଷୟରେ ନ କହିବା ଭଲ। ହେଲେ ଏଠି ଲୋକେ ଯୋଗ୍ୟତା ନ ଥାଇ ବି ଜାଲ ସାର୍ଟିଫିକେଟରେ କରୁଛନ୍ତି ସରକାରୀ ଚାକିରୀ । କେବଳ ଯେ ସରକାରୀ ଚାକିରୀ କରିଛନ୍ତି ତା ନୁହେଁ । ସରକାରଙ୍କୁ ଚୂନ ଲଗାଇ ଲୁଟି ନେଲେଣି ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା । ଆଉ ତଦନ୍ତ ସମୟରେ ଘଟଣାର ଖୋଲତାଡ଼ ହେବାରୁ ଦେଲେ ପରିବାର ପ୍ରତି ବିପଦ ଧମକ । ଏଭଳି ଜଣେ ଅଧ୍ୟାପକଙ୍କ ଜାଲିଆତି ଏବେ ସାମ୍ନାକୁ ଆସିଛି ଉଚ୍ଚ ଶିକ୍ଷା ବିଭାଗର ଚିଠି ପରେ । ସେହି ୪୨୦ ଅଧ୍ୟାପକ ହେଲେ ଉଦଳା କଲେଜର ଜୁଲୋଜି ବିଭାଗ ଅଧ୍ୟାପକ ପ୍ରଭାକର ସାହୁ। କଲେଜରେ କାର୍ଯ୍ୟରତ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କ ସାର୍ଟିଫିକେଟ ଯାଞ୍ଚ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କଲେଜକୁ ନିର୍ଦ୍ଦେଶ ଆସିଥିଲା । ଏହି ନିର୍ଦ୍ଦେଶ ପରେ ଦସ୍ତାବିଜ ଯାଞ୍ଚ ସମୟରେ ଖୋଲିଗଲା ଜୁଲୋଜି ଅଧ୍ୟାପକ ପ୍ରଭାକର ସାହୁଙ୍କ କାରସାଦି । ଯାଞ୍ଚ ସମୟରେ ସେ ପ୍ରଦାନ କରିଥିବା ପିଜି ସାର୍ଟିଫିକେଟକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ଏହି ସମୟରେ ଅଧ୍ୟାପକ ମଧ୍ୟ ପିଜି ଡିଗ୍ରୀର ଅରିଜିନାଲ ସାର୍ଟିଫିକେଟ ଦେଖାଇ ପାରି ନଥିଲେ ।ଯାହାକୁ ନେଇ ସେ ପିଜି ପାସ କରିଥିବା ବ୍ରହ୍ମପୁର ୟୁନିଭରସିଟିରୁ ତାଙ୍କ ସାର୍ଟିଫିକେଟ ମଗାଇବା ପରେ ସେ ୧୯୯୩ ମସିହାରେ ପିଜି ପାସ କରିଥିବା ଜଣାଯାଇଥିଲା । ଯାହା ପରେ ସାମ୍ନାକୁ ଆସିଲା ୪୨୦ ଅଧ୍ୟାପକଙ୍କ ଜାଲିଆତିର ପେଡି । କାରଣ ୧୯୯୩ ମସିହାରେ ସେ ପିଜି ପାସ କରିଥିବା ବେଳେ ୧୯୯୨ ମସିହାରୁ ଚାକିରୀରେ ଜଏନ କରିଥିବା ଘଟଣା ସାମ୍ନାକୁ ଆସିଥିଲା । ଯାହାକି ଯୋଗ୍ୟତା ନ ଥାଇ ଅର୍ଥାତ ସାର୍ଟିଫିକେଟ ଫର୍ଜରୀ କରି ସେ ଅଧ୍ୟାପକ ଭାବେ ଚାକିରି କରିଥିବା ସ୍ପଷ୍ଟ ହୋଇଥିଲା ।

ଏହାକୁ ନେଇ କଲେଜ ପ୍ରିନ୍ସିପାଲ ମଧ୍ୟ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ସେପଟେ ଏହି ସାର୍ଟିଫିକେଟର ଯାଞ୍ଚ ପାଇଁ ବ୍ରହ୍ମପୁର ୟୁନିଭରସିଟିକୁ ତଥ୍ୟ ମାଗିଥିବାରୁ ଯାଞ୍ଚ କମିଟିର ଅଧ୍ୟାପକ ଆଲୋକ ପ୍ରଧାନଙ୍କୁ ଜାଲି ଅଧ୍ୟାପକ ପ୍ରଭାକର ସାହୁ ଧମକ ମଧ୍ୟ ଦେଇଛନ୍ତି । ତାଙ୍କ ପରିବାର ପ୍ରତି ବିପଦ ଧମକ ଦେଇଥିଲେ ଜାଲି ଅଧ୍ୟାପକ। ଯାହାକୁ ନେଇ ଥାନାରେ ମଧ୍ୟ ଅଭିଯୋଗ ହୋଇଛି । ତେବେ ଜାଲିଆତି କରି ସରକାରଙ୍କୁ ଚୂନ ଲଗାଇ ୧୯୯୨ ମସିହାରୁ ଚାକିରି କରି ରାଜକୋଷରୁ ୩ କୋଟିରୁ ଉର୍ଦ୍ଧ ଟଙ୍କା ଠକି ନେଇଛନ୍ତି ଅଧ୍ୟାପକ ପ୍ରଭାକର । ସେ ୧୯୯୨ ମସିହାରେ ପିଜି ପରୀକ୍ଷା ଦେଇଥିବା ବେଳେ ଉକ୍ତ ବର୍ଷ ହିଁ ଚାକିରି କରିଛନ୍ତି ଏବଂ କୌଣସି ଫର୍ଜରୀ କରି ନାହାନ୍ତି ବୋଲି କହିଛନ୍ତି । ଅଧ୍ୟାପକ ଆଲୋକ ପ୍ରଧାନଙ୍କୁ ସେ ଧମକ ଦେବା ଉଦେଶ୍ୟରେ କୌଣସି ମେସେଜ କରି ନ ଥିବା କହିଛନ୍ତି । ନିଜର କୌଣସି ଭୁଲ ନ ଥିବା ଓ ଜାଲିଆତି କରି ନ ଥିବା କହିଛନ୍ତି ପ୍ରଭାକର।

## ଆୟୁଷ୍ମାନ କାର୍ଡ ପାଇଁ ଯିବାବେଳେ ମାଡ଼ିଗଲା ଟ୍ରକ

**କଟକ,୧୧।୪ (ସଂଚାର ବ୍ୟୁରୋ):** କଟକ ବାଲିଯାତ୍ରା ତଳ ପଡ଼ିଆରେ ଶୁକ୍ରବାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ, ଗୋପବନ୍ଧୁ ଜନ ଆରୋଗ୍ୟ ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ କରାଯିବ। ଏହି ପରିପ୍ରେକ୍ଷୀରେ ଲୋକଙ୍କୁ ଧରି ଆୟୁଷ୍ମାନ କାର୍ଡ ନେବାକୁ ଆସୁଥିବା ଏକ ବସ୍ ଦୁର୍ଘଟଣା ଘଟିଛି। ଆଠଗଡ ଥାନା ମୁଣ୍ଡଳୀ ରାସ୍ତା ଛତାବର ଛ ଏହି ଦୁର୍ଘଟଣା ଘଟିଛି। ବସ୍‌କୁ ଏକ ଟ୍ରକ ଧକ୍କା ହେବାରୁ ଗୋଟିଏ ଗାଁର ୩୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। । ସେମାନଙ୍କ ମଧ୍ୟରୁ ୧୦ରୁ ଅଧିକ ଯାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି। ଏନେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ପୋଲିସ ଜାଳିଦେଲା ପୋଲିସର ଗାଡ଼ି



**ବରଗଡ଼,୧୧।୪ (ସଂଚାର ବ୍ୟୁରୋ):** ପୋଲିସ ଜାଳିଦେଲା ପୋଲିସର ଗାଡ଼ି । ଏଭଳି ସାଙ୍ଘାତିକ ଅଭିଯୋଗ ଆସିଛି ବରଗଡ଼ ଜିଲ୍ଲାରୁ । ବରଗଡ଼ ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ ଘଟିଛି ଘଟଣା । ରିଜର୍ଭ ପୋଲିସରେ କାର୍ଯ୍ୟରତ ପ୍ରତାପ ନାୟକଙ୍କ ମୋଟର ସାଇକେଲ ସମେତ ୩ଟି ମୋଟର ସାଇକେଲ ଜାଳି ଦେଇଛନ୍ତି ପୋଲିସ କର୍ମଚାରୀ ରାଜେନ୍ଦ୍ର କୁମାର ମହାକୁର । ଆଶ୍ଚର୍ଯ୍ୟର କଥା ସାଧାରଣ ଜନତାଙ୍କୁ ସୁରକ୍ଷା ଯୋଗାଇବା ପାଇଁ ସଂକଳ୍ପ ନେଇଥିବା ଜଣେ ପୋଲିସ କର୍ମଚାରୀ ଏଭଳି କାଣ୍ଡ ଭିଆଇ ଥିବା କଥା ଏବେ ଚର୍ଚ୍ଚାରେ । ଏନେଇ ଲିଖିତ ଅଭିଯୋଗ କରିଛନ୍ତି ପ୍ରତାପ । ତେବେ ମାମଲା ରୁଜୁ କରି ଚୁପ ବସିପଡ଼ିଥିବା ଅଭିଯୋଗ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପ୍ରତାପଙ୍କ ପରିବାର। ଜଣେ ପୋଲିସ କର୍ମଚାରୀ ହୋଇ ଅନ୍ୟ ପୋଲିସ କର୍ମଚାରୀଙ୍କ ଗାଡି କିଭଳି ଜାଳିଦେଲେ ତାକୁନେଇ ଚର୍ଚ୍ଚା ଜୋର ଧରିଛି । ଅନ୍ୟପଟେ ଅଗ୍ନିକାଣ୍ଡ ଘଟାଇଥିବା ପୋଲିସ କର୍ମଚାରୀଙ୍କ ଏଯାଏଁ ମିଳିନି କୌଣସି ପ୍ରତିକ୍ରିୟା । ତେବେ ଜଣେ ପୋଲିସ କର୍ମଚାରୀ ହୋଇ ଯଦି ଅନ୍ୟ ପୋଲିସ କର୍ମଚାରୀ ମାନଙ୍କ ଗାଡି ଜାଳି ଦେଉଛି । ତାହାଲେ ସେ କର୍ମଚାରୀ ଜଣକ ସାଧାରଣ ଜନତାଙ୍କ ସୁରକ୍ଷା କିଭଳି କରିବ ବୋଲି ଚର୍ଚ୍ଚା ଜୋର ଧରିଛି ।

## ପାଞ୍ଚ ମାଓ ବଙ୍କର ଧ୍ୱସ୍ତ କଲେ ସୁରକ୍ଷା ବାହିନୀ



**ରାଉରକେଲା,୧୧।୪ (ସଂଚାର ବ୍ୟୁରୋ):** ମାଓ ସଂଗଠନକୁ ବଡ଼ ଝଟକା । ଝାଡ଼ଖଣ୍ଡ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ମାଓ ବିରୋଧୀ ଅଭିଯାନରେ ମାଓବାଦୀଙ୍କ କ୍ୟାମ୍ପ ଧ୍ୱସ୍ତ ହୋଇଛି । ପାଞ୍ଚଟି ବଙ୍କର କୁ ଧ୍ୱସ୍ତ କରିଛନ୍ତି ସୁରକ୍ଷା ବାହିନୀ । ଜଙ୍ଗଲରେ ନକ୍ସଲ ବନାଇ ଥିବା ବଙ୍କରକୁ ନଷ୍ଟ କରିଛି ସିଆରପିଏଫ୍, ଡିଭିଏଫ ଓ ଝାଡ଼ଖଣ୍ଡ ଜାଗୁଆର ସୁରକ୍ଷା ବାହିନୀ । ଝାଡ଼ଖଣ୍ଡ ଓଡ଼ିଶା ସୀମାନ୍ତ ଅଞ୍ଚଳ ଜରେଇକେଲା ଥାନା କୁଳପାବୁରୁ ଜଙ୍ଗଲରେ ମାଓ ଗତିବିଧି ବୃଦ୍ଧି ପାଇଥିବା ଖବର ପାଇ ଚଢ଼ାଉ କରିଥିଲେ ସୁରକ୍ଷା ବାହିନୀ । ଏହି ଅଞ୍ଚଳରେ ଟପ ମାଓ ନେତା ମିସିର ବେସରା ଓ ମୋଚ୍ଛୁ ସହ ଅନମୋଲ ଗୋଷ୍ଠୀ ଅଧିକ ସକ୍ରିୟ ଥିବା ଖବର ପାଇଥିଲା ଚାଇବାସା ପୋଲିସ । ଚାଇବାସା ପୋଲିସ୍ , ସିଆରପିଏଫ, ଜାଗୁଆର ଓ ଡିଭିଏଫର ମିଳିତ କୁମ୍ବିଂ ଅପରେଶନରେ ବଙ୍କର ଗୁଡିକ ଧ୍ୱଂସ ପାଇଥିବା ସୂଚନା ମିଳିଛି ।

## ତରଭୁଜ ବୋଝେଇ ଟ୍ରକରୁ ମିଳିଲା ୧୪୦ କେଜି ଗଞ୍ଜେଇ: ହୋମଗାର୍ଡ ଗିରଫ



**ବାଉଁଶୁଣୀ,୧୧।୪ (ସଂଚାର ବ୍ୟୁରୋ):** ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ମାଷ୍ଟରମାଇଣ୍ଡ ମନମୁଣ୍ଡା ଥାନା ହୋମଗାର୍ଡ ସମାରୁ ସେଠୀଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ସହ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ବାଉଁଶୁଣୀ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦଇତାରୀ ମହାକୁଡ଼ ଏବଂ ରଞ୍ଜିତ କର୍ମୀ। ମିଳିଥିବା ସୂଚନା ମୁତାବକ, ମନମୁଣ୍ଡାରୁ ଏକ ତରଭୁଜ ବୋଝେଇ ଟ୍ରକ ବୌଦ୍ଧ ଆସୁଥିବା ବେଳେ ବାଉଁଶୁଣୀ ପୋଲିସର ଏକ ଟିମ୍ ୫୭ ନମ୍ବର ଜାତୀୟ ରାଜପଥ ବାଉଁଶୁଣୀ ବାଘ ନଦୀ ପୋଲ ନିକଟରେ ଟ୍ରକକୁ ଅଟକାଇ ଯାଞ୍ଚ କରିଥିଲା। ପୋଲିସ ଯାଞ୍ଚ ବେଳେ ୧୪୦ କେଜି ଗଞ୍ଜେଇ ଜବତ କରିଛି। ଉକ୍ତ ମାମଲାରେ ଟ୍ରକରେ ଥିବା ମନମୁଣ୍ଡା ଥାନା ପରିବନ୍ଧ ଗ୍ରାମର ଦଇତାରୀ ମହାକୁଡ଼ ଓ ରଞ୍ଜିତ କର୍ମୀଙ୍କୁ ପୋଲିସ ଘଟଣାସ୍ଥଳରୁ ଗିରଫ କରିଥିଲା। ତଦନ୍ତ ପରେ ସମ୍ପୃକ୍ତ ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡ ମନମୁଣ୍ଡା ଥାନାର ହୋମଗାର୍ଡ ତଥା ପୋଲିସ ଗାଡ଼ି ଡ୍ରାଇଭର ସମାରୁ ସେଠୀଙ୍କୁ ଗିରଫ କରିଥିଲା। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ ବାଉଁଶୁଣୀ ପୋଲିସ କୋର୍ଟ ଚାଲାଣ କରିଛି।

## ଓଡ଼ିଶାଯାତ୍ରୀ ସମୀକ୍ଷା: ଜନପରିବହନ ସେବାକୁ ପ୍ରାଧାନ୍ୟ



**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ଜନସାଧାରଣଙ୍କ ସହରାଞ୍ଚଳ ପରିବହନ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ନିକଟରେ ଓଡ଼ିଶା ସରକାରଙ୍କ ଦ୍ୱାରା 'ଓଡ଼ିଶା ଯାତ୍ରୀ' ରାଇଡ୍ ବୁକିଂ ଆପ୍ ସେବାର ଶୁଭାରମ୍ଭ ହୋଇଥିଲା। ଶୁକ୍ରବାର ଏହାର ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଯାତ୍ରୀ ପ୍ରଗତିର ମୂଲ୍ୟାଙ୍କନ ହୋଇଛି ।

ସମୀକ୍ଷା ବୈଠକରେ ଓଡ଼ିଶା ଯାତ୍ରୀକୁ ଆଗାମୀ ଦିନରେ ଏକ ସୁପର୍ ଆପ୍ ବନାଇବା ଦିଗରେ ଆଲୋଚନା ହୋଇଥିଲା । ଯାହାକି ପରବର୍ତ୍ତି ସମୟରେ ଆମ ବସ୍ ଆପ୍ ଏବଂ ଓଟିଡ଼ିସି ପର୍ଯ୍ୟଟନ ଟିକେଟିଂ ପ୍ଲାଟ୍‌ଫର୍ମ ମାଧ୍ୟମରେ ଜନସାଧାରଣ ଏବଂ ପର୍ଯ୍ୟଟକ ସେମାନଙ୍କର ରାଇଡ୍ ବୁକ୍ କରିପାରିବେ। ଏହି ଗୋଟିଏ ଆପ୍ ମାଧ୍ୟମରେ ସାଧାରଣ ଯାତ୍ରୀଟିଏ ତା'ର ରାଇଡ୍ ବୁକ୍ କରିବା ପାଇଁ ସ୍ଥାନୀୟ ବସ୍ ଏବଂ ପର୍ଯ୍ୟଟକମାନେ ସ୍ଥାନୀୟ ପର୍ଯ୍ୟଟନ ସ୍ଥାନ ପରିଦର୍ଶନ କରିବାର ସୁଯୋଗ ନେବେ। ଏହି ରାଇଡ୍ ସେବା ଆପ୍ ଆଗାମୀ ଦିନରେ ରାଜ୍ୟବ୍ୟାପି କାର୍ଯ୍ୟକ୍ଷମ ହେବ। ରାଜ୍ୟର ପ୍ରତିଟି ସହରରେ ଏହାର ସୁବିଧା ପାଇପାରିବେ ଜନସାଧାରଣ । ଯାତ୍ରୀଙ୍କ ବିଶ୍ୱାସଭାଜନ ଏବଂ ଓଡ଼ିଶା ଯାତ୍ରୀର ଅନନ୍ୟ ମୂଲ୍ୟବୋଧକୁ ପ୍ରଦର୍ଶିତ କରିବା ନିମନ୍ତେ ଏହା ଉପରେ ଅଧିକ ସଚେତନତାମୂଳକ କାର୍ଯ୍ୟ ଏବଂ ବିଭିନ୍ନ ସହରର ଚାଳକମାନଙ୍କୁ ଏଥିରେ ଯୋଗ ଦେବା ନିମନ୍ତେ ଅଧିକ ଦୃଷ୍ଟି ଦିଆଯିବ ।

ଏହାର ଅନ୍ତର୍ଭୁକ୍ତିମୂଳକ ଆଭିମୁଖ୍ୟ, ଭବିଷ୍ୟତମୁଖୀ ବୈଶିଷ୍ଟ ଏବଂ ଦୃଢ଼ ସାର୍ବଜନୀନ ମାଲିମାନା ସହିତ ଓଡ଼ିଶା ଯାତ୍ରୀ ଭାରତର ସହରାଞ୍ଚଳ ଗତିଶୀଳତା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛି। ଏହା କେବଳ ଆପ୍ ଭାବରେ ନୁହେଁ ବରଂ ବିକଶିତ ଓଡ଼ିଶା ଭିଜନ୍‌ର ଏକ ମୁଖ୍ୟ ଅଂଶ । ଯାହାକି ଡ଼ିଜିଟାଲ୍ ଭାବରେ ସଶକ୍ତ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ପରିବେଶକୁ ମଧ୍ୟ ଧ୍ୟାନ ଦିଆଯାଉଛି।

ଖାରବେଳ ଭବନରେ ଅନୁଷ୍ଠିତ ଏହି ବୈଠକରେ ପରିବହନ କମିଶନର ଶ୍ରୀ ଅମିତାଭ ଠାକୁର, ବିଏମ୍‌ସି କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ୍, କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏନ୍ ତିରୁମାଲା ନାୟକ, ପରିବହନ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ତପନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସୁରକ୍ଷାର ଗ୍ୟାରେଣ୍ଟି



**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ଆଜି ଏକ ଐତିହାସିକ ଦିନ । ବହୁ ପ୍ରତିକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ ସହ ସଚେତନତା ସୃଷ୍ଟି ପାଇଁ ପ୍ରଚାର ରଥକୁ ପତାକା ଦେଖାଇ ଶୁଭାରମ୍ଭ ଏକାମ୍ର ନିର୍ବାଚନ ମଣ୍ଡଳୀର ବ୍ରହ୍ମେଶ୍ୱର ୟୁପିଏଚସି ଠାରେ ଏକାମ୍ର ବିଧାୟକ ବାବୁ ସିଂ କରିଛନ୍ତି। ଏହି ଯୋଜନାରେ ଓଡିଶାର ୩ କୋଟି ୫୦ଲକ୍ଷ ଲୋକ ଲାଭାନ୍ୱିତ ହେବେ । ବିଶେଷ କରି ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ଅବା ତଦୁର୍ଦ୍ଧ ବୟୋଜେଷ୍ଠ ନାଗରିକଙ୍କୁ ବିନା କୌଣସି ମାନଦଣ୍ଡରେ ଏହି ସେବା ଯୋଗାଇ ଦିଆଯିବ । ପରିବାର ପିଛା ବାର୍ଷିକ ୫ଲକ୍ଷ ଓ ମହିଳାଙ୍କ ପାଇଁ ବାର୍ଷିକ ୧୦ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯିବ ।ଦେଶର ୨୯ହଜାର ହସ୍ପିଟାଲରେ ଓଡିଶାବାସୀଙ୍କୁ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା ମିଳିପାରିବ । ଏହି ଯୋଜନା ଓଡିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ ଆଣିବ। ତତ୍କାଳୀନ ସରକାର ନିଜର ରାଜନୈତିକ ସ୍ୱାର୍ଥ ପୂରଣ କରିବା ପାଇଁ ଏହିଭଳି ଏକ ମହତ୍ୱାକାଂକ୍ଷୀ ଯୋଜନା ଓଡିଶାରେ ଲାଗୁ କରାଇଦେଉନଥିଲେ । ଫଳରେ ଓଡିଶାର ବହୁ ଲୋକ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେଉଥିଲେ । ସେତେବେଳେ କେବଳ ପରିବାର ପିଛା ଗୋଟିଏ ଲେଖାଏଁ ସ୍ୱାସ୍ଥ୍ୟ ସେବା କାର୍ଡ ପ୍ରଦାନ କରାଯାଉଥିବାବେଳେ ଏହି ନୂତନ ଯୋଜନାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୋଟିଏ ଲେଖାଏଁ କାର୍ଡ ପ୍ରଦାନ କରାଯିବ ।

# ଡ୍ରଗ୍ସ ବେପାରୀ ଜାମସେଦକୁ ଗୁଳି



**ଆକ୍ସନ ମୋଡରେ କମିଶନରେଟ ପୋଲିସ**

**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ପୋଲିସ ଗୁଳିରେ ଶିକାର ହେଲା କୁଖ୍ୟାତ ବ୍ରାଉନସୁଗାର ବେପାରୀ ଶେଖ ଜାମସେଦ ଜଖମ । ଖଣ୍ଡଗିରି ଅଞ୍ଚଳରେ ଏନକାଉଣ୍ଟର କଲା ସ୍ପେଶାଲ କ୍ରାଇମ ୟୁନିଟ୍ । ଜାମସେଦର ବାମଗୋଡ଼ରେ ଗୁଳି ବାଜିଥିବା ବେଳେ ତା ନିକଟରୁ ୨୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ସହ ବନ୍ଧୁକ ଜବତ କରାଯାଇଛି। ଏହାକୁ ମିଶାଇ ଗତ ୨ ମାସରେ ୫ ଜଣ ଅପରାଧୀଙ୍କୁ ଏନକାଉଣ୍ଟର କଲାଣି କମିଶନରେଟ ପୋଲିସ ।

ରାଜଧାନୀରେ ଅପରାଧୀଙ୍କୁ ସାବାଡ଼୍ ପାଇଁ ଆକ୍ସନ୍ ମୋଡରେ କମିଶନରେଟ୍ ପୋଲିସ୍ । ଖଣ୍ଡଗିରି ଅଞ୍ଚଳରେ ନିଶା ମାଫିଆ ଶେଖ ଜାମସେଦକୁ ଏନକାଉଣ୍ଟର କରିଛି କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍। ଜାମସେଦକୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି । ଜାମସେଦ୍ ଘର ଝାରପଡା ଅଞ୍ଚଳରେ। ତା ନାଁରେ ପୂର୍ବରୁ ୪ଟି କେସ ରହିଛି। ଯେଉଁଥିରୁ ୩ ଟି ଡ୍ରଗ୍ସ କେସ୍। ନେପାଳ ଏବଂ ପଶ୍ଚିମବଙ୍ଗରେ ବେପାରୀଙ୍କ ଲିଙ୍କରେ ରହି ବ୍ରାଉନ ସୁଗାର ଆଣୁଥିଲା ମାଫିଆ ଶେଖ ଜାମସେଦ। ଜାମସେଦକୁ ଧରିବାକୁ ଯାଇଥିବା ବେଳେ ପୋଲିସକୁ ଦେଖି ସେ ପ୍ରଥମେ ଗୁଳି ଚଳାଇଥିଲା । ଏହାପରେ ପାଲଟା ଜବାବ ଦେଇଥିଲା ପୋଲିସ । ଗତ ୨ ମାସରେ ୫ ଜଣ ଅପରାଧୀଙ୍କୁ ଏନକାଉଣ୍ଟର କଲାଣି ପୋଲିସ । ଫେବୃଆରୀ ୧୬ରେ ପୁରୀ କେନାଲ ରୋଡ଼ ଆପାର୍ଟମେଣ୍ଟ ଲୁଟେରା ଅର୍ଜୁନ ଅନାରେକୁ ଏନକାଉଣ୍ଟର କରିଥିଲା ପୋଲିସ । ମାର୍ଚ୍ଚ ୩ରେ ବାଙ୍କୁଆଳ ନଦୀପଠା ବିହାରର ଦୁଇ କୁଖ୍ୟାତ ଲୁଟେରା ସୋନୁ ଯାଦବ, ମନୀଷ ଯାଦବକୁ ଏନକାଉଣ୍ଟର କରିଥିଲା। ବିହାରର ଏହି ଦୁଇ ଲୁଟେରାଙ୍କ ନାଁରେ ୧୫ରୁ ଅଧିକ ଛିନତାଇ ମାମଲା ରହିଥିଲା । ଏମାନେ ବିହାରରୁ ଆସି ଭୁବନେଶ୍ୱରରେ ଖେଳାଇଥିଲେ ବ୍ଲାକ୍ ପଲସର୍ ଆତଙ୍କ । କଳା ପଲସରରେ ଯାଇ କରୁଥିଲେ ଛିନତାଇ । ମାର୍ଚ୍ଚ ୮ରେ ପୁରୀ ବାଇପାସ ସାଇମନ୍ଦିର ପାଖ ଏଟିଏମ ଲୁଟେରା ଦୀପକ କୁମାରକୁ ପୁରୀ ବାଇପାସ ସାଇମନ୍ଦିର ପାଖରେ ପୋଲିସ କରିଥିଲା ଏନକାଉଣ୍ଟର।

## ଯାତ୍ରା କଳାକାରଙ୍କ ପାଇଁ ନିୟମ ଆଣିଲା ସଂଘ



**● ପାର୍ଟି ବଦଳାଇବାକୁ ଦରକାର ଏନଓସି**
**● ଅଗ୍ରୀମ ଟଙ୍କା ଫେରାଇଲେ ପୀୟୁଷ**

**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ବିବାଦ ପରେ ବଡ଼ ନିଷ୍ପତ୍ତି ନେଲା ଯାତ୍ରା ମାଲିକ ସଂଘ । ଏଥର ଗୋଟିଏ ପାର୍ଟିରୁ ଅନ୍ୟ ଯାତ୍ରା ପାର୍ଟିକୁ ଯିବା ପାଇଁ ଆବଶ୍ୟକ ପଡ଼ିବ ନୋ ଅବଜେକ୍ସନ ସାର୍ଟିଫିକେଟ ବା ଏନଓସି। ଏହାସହ ପୀୟୂଷ ଟଙ୍କା ଫେରସ୍ତ କରିଥିବା ନେଇ ସ୍ପଷ୍ଟ କରିଛନ୍ତି ଯାତ୍ରା ପାର୍ଟି ମାଲିକ । ଯାତ୍ରା ପାର୍ଟି ମାଲିକ କହିଛନ୍ତି, ପୀୟୂଷ ତ୍ରିପାଠୀ ୧ କୋଟି ୧୫ ଲକ୍ଷ ଟଙ୍କା ଫେରାଇଛନ୍ତି । ସୂର୍ଯ୍ୟ ମନ୍ଦିରକୁ ୬୦ ଲକ୍ଷ, ସିଂହବାହିନୀକୁ ୫୫ ଲକ୍ଷ ଟଙ୍କା ଫେରାଇଥିବା ବେଳେ ପାରିବାରିକ ସମସ୍ୟାରୁ ବର୍ଷେ ବିଶ୍ରାମ ନେବେ ପୀୟୂଷ । ତେବେ ପୀୟୂଷଙ୍କୁ ବ୍ୟାନ୍ କରାଯାଇନି ବୋଲି ସ୍ପଷ୍ଟ କରିଛନ୍ତି ଯାତ୍ରା ମାଲିକ । ଏହାସହ ଗୋଟିଏ ବର୍ଷ ପାଇଁ ଜଲିଉଡ ହାଇପେଡ୍ ଆକ୍ଟର ପିୟୂଷ ତ୍ରିପାଠୀ ଯାତ୍ରାରୁ ଦୂରେଇ ରହିବା ନେଇ ସ୍ପଷ୍ଟ ହୋଇଛି । କିଛି ଦିନ ତଳେ ଡାଣ୍ଡରେ ପଡ଼ି ହାଟରେ ଗଡ଼ିଥିଲା ଯାତ୍ରା ମାଲିକ ଏବଂ ଯାତ୍ରା କଳାକାରଙ୍କ କଳି। ଚଳିତ ଯାତ୍ରା ସିଜିନରେ ବିବାଦ ଚରମ ସୀମାରେ ପହଞ୍ଚିବା ପରେ ଏହା ଗଣମାଧ୍ୟମର ଶିରୋନାମା ପାଲଟିଥିଲା। ଏମିତିକି କିଛି ଦିନ ତଳେ ବିବାଦ ପରେ ଜଣେ ହାସ୍ୟ ଅଭିନେତାଙ୍କୁ ଯାତ୍ରା ମାଲିକ ସଂଘ ତରଫରୁ ବ୍ୟାନ୍ କରାଯାଇଛି । ଅପରପକ୍ଷେ ଜଲିଉଡ ହାଇପେଡ୍ ଆକ୍ଟର ପୀୟୂଷ ତ୍ରିପାଠୀଙ୍କୁ ନେଇ ମଧ୍ୟ ଚର୍ଚ୍ଚା ଲାଗି ରହିଥିଲା । ତେବେ ଯାତ୍ରା ଜଗତର ଚର୍ଚ୍ଚିତ କଳାକାର ପୀୟୂଷ ତ୍ରିପାଠୀଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦର ଆଜି ଯବନିକା ପଡ଼ିଛି । ପୀୟୂଷଙ୍କ ବିବାଦ ତୁଟାଇବା ପାଇଁ ସତ୍ୟନଗରର ଏକ ହୋଟେଲରେ ଯାତ୍ରା ମାଲିକଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା । ଏହି ବୈଠକରେ ଦୁଇ ଦୁଇଟି ଯାତ୍ରା ମାଲିକଙ୍କ ଠାରୁ ଟଙ୍କା ନେଇ ବିବାଦୀୟ ହୋଇ ପଡ଼ିଥିବା ପୀୟୂଷ ଏକ ଟଙ୍କା ବ୍ୟାଗ ସହ ସାମିଲ ଦେଖିବାକୁ ମିଳିଥିଲା । ମାଲିକଙ୍କ ସହ ଆଲୋଚନା କରି ପୀୟୂଷ ଟଙ୍କା ଫେରାଇବେ ନା କୌଣସି ଗୋଟିଏ ଯାତ୍ରା ପାର୍ଟିରେ ଯୋଗଦେଇ ଚଳିତ ସିଜିନରେ ଦର୍ଶକଙ୍କ ମନୋରଞ୍ଜନ କରିବେ ତାକୁ ନେଇ ସସ୍ପେନ୍ସ ଜାରି ରହିଥିଲା । କିନ୍ତୁ, ବୈଠକ ପରେ ଏହି ଚର୍ଚ୍ଚାରେ ଯବନିକା ପଡ଼ିଥିଲା ।

## ଭିଜିଲାନ୍ସ ଜାଲରେ ମାଲକାନଗିରି ଯନ୍ତ୍ରୀ



**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ଗାଡିରେ ଟଙ୍କା ନେବା ପଡିଲା ମହଙ୍ଗା। ମାଡି ବସିଲା ଭିଜିଲାନ୍ସ ଟିମ। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପବିତ୍ର ମୋହନ ପାଣିଗ୍ରାହୀଙ୍କୁ ଧରିଲା ଭିଜିଲାନ୍ସ ଟିମ। ସରକାରୀ କ୍ୱାଟରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା ବେଳେ ଭିଜିଲାନ୍ସ ଟିମ ପବିତ୍ର ମୋହନଙ୍କ ଗାଡିକୁ ଗୋବିନ୍ଦପାଲ୍ଲୀ ଛକ ନିକଟରେ ଅଟକାଇ ଯାଞ୍ଚ ଆରମ୍ଭ କରିଥିଲା। ଯାଞ୍ଚ ସମୟରେ ଗାଡିରୁ ୫ଲକ୍ଷ ୭ହଜାର ଟଙ୍କା ଜବତ କରିଛି ଭିଜିଲାନ୍ସ । ପଚରାଉଚରାରେ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଅବୈଧ ଟଙ୍କାକୁ ଜବତ କରିଛି ଭିଜିଲାନ୍ସ। ତାଙ୍କର ଭୁବନେଶ୍ୱର ବାସଭବନରୁ ୧୦ଲକ୍ଷ ଟଙ୍କାର ୨୦ଟା ୫୦୦ଟଙ୍କିଆ ବଣ୍ଡଲ ଟଙ୍କା ଜବତ କରିଛି ଭିଜିଲାନ୍ସ ।

# ଜାତୀୟ ସ୍ତରରେ ଚମକିଲା ପୂର୍ତ୍ତ ବିଭାଗ



**ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ୪ଟି କୋଠାକୁ ମିଳିଲା ବିଶ୍ୱକର୍ମା ପୁରସ୍କାର-୨୦୨୫**

**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଆଜି ନୂଆଦିଲ୍ଲୀ ଠାରେ ସମ୍ମାନଜନକ ବିଶ୍ୱକର୍ମା ପୁରସ୍କାର-୨୦୨୫ରେ ସମ୍ମାନିତ ହୋଇଛି। ନୂଆଦିଲ୍ଲୀର ଡ. ବି.ଆର୍. ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ ଏକ ସମାରୋହରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ଏହି ପୁରସ୍କାର ଗ୍ରହଣ କରିଥିଲେ । ଓଡ଼ିଶାର ପୂର୍ତ୍ତ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ଚାରୋଟି ଉଲ୍ଲେଖନୀୟ କୋଠା ପାଇଁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ କର୍ପୋରେଟ କାର୍ଯ୍ୟ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହର୍ଷ ମଲହୋତ୍ରା ପୁରସ୍କାର ପ୍ରଦାନ କରିବା ସହିତ ପୂର୍ତ୍ତ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ବିଶ୍ୱକର୍ମା ପୁରସ୍କାର ନିର୍ମାଣ କ୍ଷେତ୍ରରେ ସର୍ବୋଚ୍ଚ ବେସାମରିକ ପୁରସ୍କାର ଅଟେ, ଯାହା ପ୍ରତିବର୍ଷ ନୀତି ଆୟୋଗ ଦ୍ୱାରା ଅଗ୍ରଣୀ ଏବଂ ଅଭିନବ ଢାଞ୍ଚା ଏବଂ ବ୍ୟକ୍ତିତ୍ୱଙ୍କୁ ପ୍ରଦାନ କରାଯାଇଥାଏ। ପୁରସ୍କାର ହାସଲ କରିଥିବା ଏହି କୋଠାଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ଓୟୁଏଟିର କୃଷକ ବୈଷୟିକ ପ୍ରଦର୍ଶନ କେନ୍ଦ୍ର, ପୁରୀର ହବିଷ୍ୟାଳି ଭବନ, ବରଗଡ଼ର କର୍କଟ ହସ୍ପିଟାଲ, ପାଣିକୋଇଲି ସ୍ଥିତ ଟ୍ରମା କେୟାର ହସ୍ପିଟାଲ ଅନ୍ତର୍ଭୁକ୍ତ । ନୀତି ଆୟୋଗ ଅଧୀନରେ ଥିବା ନିର୍ମାଣ ଶିଳ୍ପ ଉନ୍ନୟନ ପରିଷଦ (ସିଆଇଡିସି) ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ନିର୍ମିତ ଅସାଧାରଣ ଡିଜାଇନ୍ ପାଇଁ ଉପରୋକ୍ତ କୋଠାଗୁଡ଼ିକୁ ଚୟନ କରିଛି। ପୂର୍ବରୁ ସିଆଇଡିସିର ଏକ ଟିମ୍ ଓଡ଼ିଶାର ବିଭିନ୍ନ କୋଠା ପରିଦର୍ଶନ କରି କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ, ଉପଭୋକ୍ତାଙ୍କ ସହ ଆଲୋଚନା କରିବା ସହ ଶେଷରେ ଏହି ସମ୍ମାନଜନକ ପୁରସ୍କାର ପାଇଁ ଉପରୋକ୍ତ କୋଠାଗୁଡ଼ିକୁ ଚୟନ କରିଥିଲେ। ଆନୁଷଙ୍ଗିକ ସୁବିଧା ଥିବା ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ୧୦୦୦ କ୍ଷମତା ବିଶିଷ୍ଟ ଓଡ଼ିଶାର ସର୍ବବୃହତ ବକ୍ତୃତା ଥିଏଟର । ସେହିପରି ପାଣିକୋଇଲିସ୍ଥିତ ଟ୍ରମା କେୟାର ହସ୍ପିଟାଲ ପୂର୍ବ ଭାରତର ସର୍ବବୃହତ ଟ୍ରମା କେୟାର କେନ୍ଦ୍ର, ଯେଉଁଠାରେ ଦୁର୍ଘଟଣା ଓ ପୋଡ଼ି ଯାଇଥିବା ଆଘାତର ବ୍ୟାପକ ଚିକିତ୍ସା ସୁବିଧା ପ୍ରଦାନ କରିଥାଏ । ସେହିଭଳି ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ସବୁଠାରୁ ବଡ଼ ଆବାସ କେନ୍ଦ୍ର ହେଉଛି ପୁରୀ ସ୍ଥିତ ହାବିସ୍ୟାଳି ଭବନ, ଯେଉଁଥିରେ ପବିତ୍ର କାର୍ତ୍ତିକ ମାସରେ ପ୍ରାୟ ୧୭୦୦ ହବିଷ୍ୟାଳି ରହିବା ପାଇଁ ନିର୍ମାଣ କରାଯାଇଛି । ବରଗଡ଼ରେ ଥିବା କର୍କଟ ଚିକିତ୍ସାଳୟ ରେଡିଏସନ୍ ବଙ୍କର ଏବଂ ନ୍ୟୁକ୍ଲିୟର ମେଡିସିନ୍ ବିଭାଗ ଭଳି ବ୍ୟାପକ କର୍କଟ ଚିକିତ୍ସା ସୁବିଧା ଥିବା ଏକ ଅଭିନବ କମ୍ପ୍ଲେକ୍ସ ନିର୍ମାଣ ଶୈଳୀ । ରାଜ୍ୟରେ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ବ୍ୟାପକ ତଥା ଉନ୍ନତ ଭିତ୍ତିଭୂମି ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ସିଆଇଡିସି ପ୍ରଶଂସା କରିଛନ୍ତି ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

କେତେବେଳେ କମୁଛି ତ କେତେବେଳେ ବଢୁଛି। ସୁନା ଦରରେ ରହୁନି ସ୍ଥିରତା। ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୫, ୪୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୭ ହଜାର ୪୫୦ ଟଙ୍କା ଛୁଇଁଛି। ତିନି ଦିନରେ ପ୍ରାୟ ୫ହଜାର ଟଙ୍କା ବଢିଲାଣି ରେଟ୍। ଆଜି ପୁଣି ୧୮୫୦ ଟଙ୍କା ବଢ଼ିଲା ସୁନା ଦର। ଆମେରିକାର ବାଣିଜ୍ୟ ଯୁଦ୍ଧ ଯୋଗୁ ପ୍ରଭାବ ପଡ଼ିଛି। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫ ହଜାର ୪୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୪୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫, ୪୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭ ,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୫, ୫୫୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୬୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୪୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭,୪୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୫, ୪୦୦ ଓ ୮୭ ,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୭,୧୦୦ ଟଙ୍କା ହୋଇଛି।

# ଲଞ୍ଚ୍ ହେଲା ଲଏଡ୍ ଷ୍ଟନ୍ଏୟାର୍ ନୂଆ ଏସି

**ନୂଆଦିଲ୍ଲୀ, ୧୧।୪:** ଏବେ ଭାରତୀୟ ବଜାରରେ 'ଲଏଡ୍' ନିଜର ବିଭିନ୍ନ ପ୍ରଡକ୍ଟସର ନୂଆ ରେଞ୍ଜ ଲଞ୍ଚ୍ କରିଛି। କମ୍ପାନି ପକ୍ଷରୁ ଲଏଡ୍ ଷ୍ଟନ୍ଏୟାର୍ ନୂଆ ଏୟାର କଣ୍ଡିସନରକୁ ଲଞ୍ଚ୍ କରାଯାଇଛି। ଏହି ଏସିକୁ ଭାରତୀୟ ପାଗ ଏବଂ ଲୋକଙ୍କ ଆବଶ୍ୟକତାକୁ ଧାନରେ ରଖି ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି। ଯାହାକି ୬୦ ଡିଗ୍ରି ସେଲସିୟସ ତାପମାତ୍ରାରେ ମାତ୍ର ୩୦ ସେକେଣ୍ଡରେ ରୁମକୁ ୧୮ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ଥଣ୍ଡା କରିପାରିବ। ଲଏଡ୍ ଷ୍ଟନ୍ଏୟାର୍ ନୂଆ ଏୟାର କଣ୍ଡିସନରରେ ଆଡଭାନ୍ସ ଏଆଇ ଫିଚର୍ସ ସାମିଲ ରହିଛି। ଏଥିରେ ହ୍ୟୁମାନ ଡିଟେକ୍ସନ ଫିଚର ଦିଆଯାଇଛି। ଯେଉଁ କାଣରୁ ଏହା ରୁମରେ ମଣିଷକୁ ସପୋର୍ଟ କରିବା ପରେ ହିଁ କୁଲିଂ ଆରମ୍ଭ ହେବ।ଏହାସହିତ, ଏହି ଏସିରେ ଥ୍ରୀଡି ଏୟାରଫ୍ଲୋ ସିଷ୍ଟମ, ଇନବିଲ୍ଟ ଏୟାର ପ୍ୟୁରିଫାୟର୍ ଏବଂ ଭଏସ୍ କମାଣ୍ଡ ଭଳି ସ୍ମାର୍ଟ ଫିଚର୍ସ ମଧ ଉପଲବ୍ଧ ରହିଛି। ଏହାର ଅର୍ଥ ହେଉଛି ଆପଣ କଥା ହୋଇ ଏହି ଏସି ଚଲାଇପାରିବେ। ଲଏଡ୍ ଷ୍ଟନ୍ଏୟାର୍ ନୂଆ ଏୟାର କଣ୍ଡିସନରରେ ଆଡଭାନ୍ସ ଏଆଇ ଫିଚର୍ସ ସାମିଲ ରହିଛି। ଏଥିରେ ହ୍ୟୁମାନ ଡିଟେକ୍ସନ



ଫିଚର ଦିଆଯାଇଛି। ଯେଉଁ କାଣରୁ ଏହା ରୁମରେ ମଣିଷକୁ ସପୋର୍ଟ କରିବା ପରେ ହିଁ କୁଲିଂ ଆରମ୍ଭ ହେବ। ଏହାସହିତ, ଏହି ଏସିରେ ଥ୍ରୀଡି ଏୟାରଫ୍ଲୋ ସିଷ୍ଟମ, ଇନବିଲ୍ଟ ଏୟାର ପ୍ୟୁରିଫାୟର୍ ଏବଂ ଭଏସ୍ କମାଣ୍ଡ ଭଳି ସ୍ମାର୍ଟ ଫିଚର୍ସ ମଧ ଉପଲବ୍ଧ ରହିଛି। ଏହାର ଅର୍ଥ ହେଉଛି ଆପଣ କଥା ହୋଇ ଏହି ଏସି ଚଲାଇପାରିବେ। ଏହାବ୍ୟତୀତ, କମ୍ପାନି ପକ୍ଷରୁ ଏସିର ରେଞ୍ଜ, ରେଫ୍ରିଜେରେଟରର ନୂଆ ରେଞ୍ଜ, ୫୫ ଇଞ୍ଚ, ୬୫ ଇଞ୍ଚ ଏବଂ ୭୫ ଇଞ୍ଚ ସ୍କ୍ରିନ୍ ଆକାରରେ ମିନି ଏଲ୍ଇଡି ଟିଭି ମଧ ଲଞ୍ଚ କରିଛି। ଏଥିରେ ଓ୍ୱାସିଂମେସିନର ନୂତନ ରେଞ୍ଜ ମଧ ଲଞ୍ଚ କରାଯାଇଛି। କମ୍ପାନି ଭାରତରେ ନିଜର ଏସି ପ୍ରଡକ୍ସନକୁ ମଧ ବିସ୍ତାର କରିଛି, ଯାହାଫଳରେ ଗ୍ରାହକଙ୍କ ବର୍ଦ୍ଧିତ ଦାବିକୁ ପୂରଣ କରାଯାଇପାରିବ।

ମୂଲ୍ୟ ବିଷୟରେ କହିବାକୁ ଗଲେ, ଲଏଡ୍ ଷ୍ଟନ୍ଏୟାର୍ ଏହାର ନୂତନ ଏସି ରେଞ୍ଜକୁ ବହୁତ ଭଲ ମୂଲ୍ୟରେ ବଜାରରେ ଉପଲବ୍ଧ କରିଛି। ଷ୍ଟନ୍ଏୟାର୍ ପ୍ଲିଟ ୧.୫ ଟନ୍ କ୍ଷମତା ବିଶିଷ୍ଟ ୫-ଷ୍ଟାର ଏସିକୁ ୭୪,୦୩୨ ଟଙ୍କାରେ ଲଞ୍ଚ କରାଯାଇଛି। ଷ୍ଟେଲାର ସିରିଜ୍ ୧.୫ ଟନ୍ କ୍ଷମତା ବିଶିଷ୍ଟ ୩-ଷ୍ଟାର ଏସିର ମୂଲ୍ୟ ୬୬,୯୯୧ ଟଙ୍କାରୁ ଆରମ୍ଭ ହୋଇଛି। ସେହିପରି ଷ୍ଟାଇଲସ୍ ସ୍ପ୍ଲିଟ୍ ୧ ଟନ୍ ବିଶିଷ୍ଟ ୩-ଷ୍ଟାର ଏସିର ପ୍ରାରମ୍ଭିକ ମୂଲ୍ୟ ୪୦,୯୯୦ ଟଙ୍କା ରହିଛି। ଗ୍ରାହକମାନେ ଲଏଡର ଅଫିସିଆଲ୍ ୱେବସାଇଟରୁ ଏହି ସମସ୍ତ ମଡେଲ୍ କିଣିପାରିବେ।

### ନିବେଶକମାନଙ୍କୁ ସାମାନ୍ୟ ଆଶ୍ୱସ୍ତି

# ଉପରମୁହାଁ ହେଲା ଭାରତୀୟ ସେୟାର୍ ବଜାର



**ମୁମ୍ବାଇ, ୧୧।୪:** ଗତ କିଛି ଦିନ ହେବ ଭାରତୀୟ ସେୟାର ବଜାରରେ ଅସ୍ଥିରତା ଜାରି ରହିଛି। ଦିନେ ବଜାର ଉପରମୁହାଁ ହେଲେ ତା' ଦୁଇ ଦିନ ପର୍ଯ୍ୟନ୍ତ ତଳମୁହାଁ ହେଉଛି। ଗତ ସପ୍ତାହରେ ସେୟାର ବଜାର ସଂଘାତିକ ଭାବେ ତଳକୁ ଖସିଥିବା ବେଳେ ଆଜି ନିବେଶକମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। କାରଣ ସେନସେକ୍ସ ୧୩୦୦ ପଏଣ୍ଟ୍ ବୃଦ୍ଧି ପାଇଛି। ହ୍ୱାଇଟ୍ ହାଉସ୍ ଦ୍ୱାରା ଘୋଷଣା କରାଯାଇଥିବା ୯୦ ଦିନିଆ ଟାରିଫ୍ ଯୋଜନା ଦ୍ୱାରା ନିବେଶକଙ୍କ ମନୋଭାବ ବୃଦ୍ଧି ପାଇଛି। ଆଜି ସକାଳ ୯.୪୩ ସୁଦ୍ଧା ଏସ୍ ଆଣ୍ଡ୍ ପି ବିଏସ୍ଇ ସେନସେକ୍ସ ୧,୩୫୩.୫୯ ପଏଣ୍ଟ ବୃଦ୍ଧି ପାଇ ୭୫,୨୦୦.୭୪ ରେ ପହଞ୍ଚିଛି। ଯେତେବେଳେ ଏନ୍ଏସ୍ଇ ନିଫ୍ଟି ୫୦ ୪୪୩.୭୦ ପଏଣ୍ଟ ବୃଦ୍ଧି ପାଇ ୨୨,୮୪୨.୮୫ ରେ ପହଞ୍ଚିଛି। ଜିଓଜିତ ଇନଭେଷ୍ଟମେଣ୍ଟସ୍ ଲିମିଟେଡର ମୁଖ୍ୟ ନିବେଶ ରଣନୀତିଜ୍ଞ ଡକ୍ଟର ଭିକେ ବିଜୟକୁମାର କହିଛନ୍ତି ଯେ ବିଶ୍ୱ ବଜାରରେ ବୃଦ୍ଧି ପାଇଥିବା ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଆଜି ସକାଳେ ନିଫ୍ଟିରେ ଖୋଲିଥିବା ବ୍ୟବଧାନ ଏକ ବିନ୍ଦୁରୁ ଅଧିକ ନୁହେଁ।

# ୪୨,୦୦୦ ନବାଗତଙ୍କୁ ନିଯୁକ୍ତି ଦେବ ଟିସିଏସ୍

## ଟ୍ରମ୍ପଙ୍କ ଟାରିଫ୍ ଭୟରେ ଅଟକିଲା ବେତନ ବୃଦ୍ଧି

ନୂଆଦିଲ୍ଲୀ,୧୧।୪: ପ୍ରମୁଖ ଆଇଟି କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ) ଆର୍ଥିକ ବର୍ଷ ୨୦୨୬ରେ ୪୨,୦୦୦ ଫ୍ରେଶର୍(ନବାଗତ) ନିଯୁକ୍ତ କରିବ। ଅନ୍ୟପଟେ ବିଶ୍ୱ ବଜାରରେ ଅନିଶ୍ଚିତତା ମଧରେ କର୍ମଚାରୀଙ୍କ ବେତନ ବୃଦ୍ଧି ବିଷୟରେ କୌଣସି ନିଷ୍ପତ୍ତି ସ୍ଥିର ହୋଇନାହିଁ।

ଚତୁର୍ଥ ତ୍ରୈମାସିକରେ କମ୍ପାନୀ ୬୨୫ କର୍ମଚାରୀ ଯୋଗ ଦେଇଥିବାରୁ ଆର୍ଥିକବର୍ଷ ୨୫ ଶେଷରେ ଟିସିଏସ କର୍ମଚାରୀଙ୍କ ସଂଖ୍ୟା ୬,୦୭,୯୭୯ ରେ ରହିଥିଲା। ତେବେ ଚଳିତ ବର୍ଷ କମ୍ପାନୀ ୪୨୦୦୦ ଫ୍ରେଶର୍ ନିଯୁକ୍ତ କରିଛି। ମୁଖ୍ୟ ମାନବ ସମ୍ବଳ ଅଧିକାରୀ (ସିଏଚଆରଓ), ଟିସିଏସ୍ ମିଲିନ୍ଦ ଲକ୍କାଡ କହିଛନ୍ତି, "ଆମେ ଆର୍ଥିକ ବର୍ଷ ୨୦୨୫ ରେ ୪୨,୦୦୦ ତାଲିମ ପ୍ରାପ୍ତ କରିଛୁ ଏବଂ ଆର୍ଥିକ ବର୍ଷ ୨୬ ସଂଖ୍ୟା ସମାନ କିମ୍ବା ଟିକିଏ ଅଧିକ ହେବ। ବେତନ ବୃଦ୍ଧି ବିଷୟରେ ଆମେ ଅନିଶ୍ଚିତ ବ୍ୟବସାୟ ପରିବେଶକୁ ବିଚାର କରି ପର ମୁହର୍ତ୍ତରେ ନିଷ୍ପତ୍ତି ନେବୁ।"

 କ୍ୟାମ୍ପସରୁ ନିଯୁକ୍ତି କମ୍ପାନୀ ପାଇଁ ରଣନୀତି ରହିଥିବାବେଳେ ନୂତନ ଯୋଗଦାନ ସାମଗ୍ରିକ




ବ୍ୟବସାୟ ପରିବେଶ ଏବଂ ଦକ୍ଷତା ଆବଶ୍ୟକତା ଉପରେ ନିର୍ଭର କରିବ ବୋଲି ସେ କହିଛନ୍ତି। ଟିସିଏସ ମଧ ଭଲ ଏବଂ ନୂତନ ଟେକ୍ନୋଲୋଜି କୌଶଳ ପାଇଁ ପ୍ରତିଭା ନିଯୁକ୍ତି କରିବାକୁ ଚାହୁଁଛି ଏବଂ ଭୌଗଳିକ, ଏପରିକି ଆନ୍ତର୍ଜାତୀୟ ସ୍ତରରେ ପ୍ରତିଭା ସ୍କାଉଟ୍ କରିବାକୁ ଯୋଜନା କରୁଛି। ସିଏଚଆରଓ ଏହା ମଧ କହିଛି ଯେ ଏଆଇ ନିଯୁକ୍ତିକୁ ପ୍ରଭାବିତ କରୁଥିବା କମ୍ପାନୀ ଦେଖୁନାହିଁ, କାରଣ ନୂତନ ବ୍ୟବସାୟ କାର୍ଯ୍ୟକ୍ରମ ପାଇଁ ଏଆଇ ସହିତ ଅଧିକ ଲୋକ ଆବଶ୍ୟକ କରିବେ। ଅନ୍ୟପଟେ ଚତୁର୍ଥ ତ୍ରୈମାସିକରେ ଟିସିଏସ କମ୍ପାନୀ ଛାଡିଥିବା କର୍ମଚାରୀଙ୍କ ସଂଖ୍ୟା ୧୩% ରୁ ୧୩.୩% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ପରିଚାଳନା, ତଥାପି ସୂଚାଇ ଦେଇଛି ଯେ ଏହି ହାରରେ ପରିବର୍ତ୍ତନ ଚିନ୍ତାର କାରଣ ନୁହେଁ, କାରଣ ତ୍ରୈମାସିକ ବାର୍ଷିକ ହାର ୧୩୦ ଆଧାର ପଏଣ୍ଟ ହ୍ରାସ ପାଇଛି।

ବଜାର ଆକଳନ ଅନୁଯାୟୀ ଟିସିଏସ ଗୁରୁବାର ଏହାର ଚତୁର୍ଥ ତ୍ରୈମାସିକ ଫଳାଫଳ ରିପୋର୍ଟ କରିଛି। ଆମେରିକା ସରକାର ଘୋଷଣା କରିଥିବା ଶୁଳ୍କ ଯୋଗୁଁ ବର୍ତ୍ତମାନର ଭୌଗଳିକ ଗତିବିଧି ମଧରେ ଏହାର ପ୍ରଭାବ କମ୍ପାନୀ ଦେଖୁଛି। ବେତନ ବୃଦ୍ଧି ଉପରେ ଏହା ସ୍ଥିର ହୋଇ ନ ଥିବାରୁ ଟିସିଏସ ବଜାରର ମନୋବଳକୁ ସୁଦୃଢ଼ କରୁଛି ଏବଂ ଶୁଳ୍କ ଆଲୋଚନା ହେତୁ ଅନାବଶ୍ୟକ ଖର୍ଚ୍ଚ ଉପରେ ମଧ କମ୍ପାନୀର ନଜର ରହିଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଯଦି ଆପଣ ଗାଡ଼ିରେ ତେଲ ପକାଇବାକୁ ଯାଉଛନ୍ତି, ତେବେ ଟାଙ୍କି ଭରିବା ପୂର୍ବରୁ ଜାଣନ୍ତୁ ଆଜିର ନୂଆ ଦର। କାରଣ ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ନୂତନ ମୂଲ୍ୟ ପ୍ରକାଶ ପାଇଛି। ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଭାରତରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ପାସ୍‌ପୋର୍ଟ ସେବା ସର୍ଭର ଡାଉନ୍

**ଭୁବନେଶ୍ୱର, ୧୧।୪:** ବିଦେଶ ଯାତ୍ରା ଲାଗି ପାସ୍‌ପୋର୍ଟ ଅପରିହାର୍ଯ୍ୟ ଥିବା ବେଳେ ତାହା ପାଇବା ଲାଗି ଆବେଦନ କରିଥିବା ଲୋକମାନଙ୍କୁ ଗତ ଦୁଇ ଦିନ ହେଲାଣି ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡ଼ୁଛି। ପାସ୍‌ପୋର୍ଟ ସେବା କେନ୍ଦ୍ରକୁ ଦୌଡ଼ିଥିବା ଲୋକମାନଙ୍କୁ ନିରାଶ ହୋଇଫେରିବାକୁ ପଡ଼ୁଛି। ଦୁଇ ଦିନ ଧରି ପାସ୍‌ପୋର୍ଟ ସର୍ଭର ଡାଉନ୍ ରହିଛି। ସେଥିପାଇଁ ପୂର୍ବରୁ ବୁକିଂ ହୋଇଥିବା ସାକ୍ଷାତକାର (ଆପଏଣ୍ଟମେଣ୍ଟ)କୁ ବାତିଲ କରାଯାଉଛି। ପାସ୍‌ପୋର୍ଟ କେନ୍ଦ୍ର ସାମ୍ନାରେ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପାସ୍‌ପୋର୍ଟ ସେବା କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ସର୍ଭର୍‌ରେ ଥିବା ସମସ୍ୟା ଓ ୱେବସାଇଟ୍‌ର ରକ୍ଷଣାବେକ୍ଷଣ ଚାଲିଥିବାରୁ ଆପଏଣ୍ଟମେଣ୍ଟରେ ଅସୁବିଧା ଦେଖାଦେଇଛି। ବୁଧବାର ଅସୁବିଧା ଥିଲା। ଗୁରୁବାର ତାହାର ସମାଧାନ କରାଯାଇଛି। ତେଣୁ ଯେଉଁମାନଙ୍କ ଆପଏଣ୍ଟମେଣ୍ଟ ବାତିଲ ହୋଇଛି, ସେମାନେ ପୁଣି ଥରେ ଆପଏଣ୍ଟମେଣ୍ଟ ଧାର୍ଯ୍ୟ କରିପାରିବେ। ଶୁକ୍ରବାରଠାରୁ ୱେବସାଇଟ୍ ଠିକ୍ ଭାବେ କାମ କରିବ ବୋଲି କର୍ତ୍ତୃପକ୍ଷ




### ଆବେଦନକାରୀ ହନ୍ତସନ୍ତ

ପ୍ରତିଶ୍ରୁତି ଦେଇଛନ୍ତି। ପାସ୍‌ପୋର୍ଟ ପାଇଁ ଲୋକମାନେ ସପ୍ତାହେ କିମ୍ବା ମାସେ ପୂର୍ବରୁ ଆପଏଣ୍ଟମେଣ୍ଟ ଧାର୍ଯ୍ୟ କରିଥାନ୍ତି। କାର୍ଯ୍ୟଦିବସରେ ସେହି କାମ ହେଉଥିବାରୁ ସେମାନଙ୍କୁ ନିଜ କାମ ସହ ସାଲିସ କରି କିମ୍ବା କାର୍ଯ୍ୟକ୍ଷେତ୍ରରୁ ଛୁଟି ନେବାକୁ ପଡ଼େ। ଏଭଳି ପରିସ୍ଥିତିରେ ଆପଏଣ୍ଟମେଣ୍ଟ ବାତିଲ ହୋଇଯିବା ଅନେକଙ୍କୁ ଅସୁବିଧାରେ ପକାଇ ଦେଇଛି। କୌଣସି ଆଗୁଆ ସୂଚନା ବିନା ଆପଏଣ୍ଟମେଣ୍ଟ ରଦ୍ଦ କରାଯାଉଥିବାରୁ ଲୋକଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳିଛି। ଗତ ବୁଧବାରଠାରୁ ପାସ୍‌ପୋର୍ଟ ସର୍ଭର୍ ଡାଉନ୍ ରହିଛି। ତାହାକୁ ଠିକ୍ କରିବା ଲାଗି ବୈଷୟିକ ଟିମ୍ ଉଦ୍ୟମ ଜାରି ରଖିଥିବା କୁହାଯାଉଛି। ପ୍ରଭାବିତ ହୋଇଥିବା ଆବେଦନକାରୀମାନଙ୍କୁ ଆଉ ଥରେ ଆପଏଣ୍ଟମେଣ୍ଟ ଧାର୍ଯ୍ୟ କରିବାକୁ କୁହାଯାଇଛି। ଅତ୍ୟନ୍ତ ଜରୁରୀ କାମ କିମ୍ବା ବିଜନେସ୍ ଟ୍ରିପ୍‌ରେ ଯିବାକୁ ଥିବା ଅନେକ ଆବେଦନକାରୀ ଏହି ଘଟଣାରେ ପ୍ରଭାବିତ ହୋଇଛନ୍ତି।

ଗତବର୍ଷ ଏପ୍ରିଲ୍ ମାସରେ ଭୁବନେଶ୍ୱର ଆଞ୍ଚଳିକ ପାସ୍‌ପୋର୍ଟ ସେବା କେନ୍ଦ୍ରରେ ସମାନ ଧରଣର ସମସ୍ୟା ଦେଖାଦେଇଥିଲା। ସଫ୍ଟୱେର୍‌ରେ ସମସ୍ୟା ପାଇଁ ଆପଏଣ୍ଟମେଣ୍ଟ ସଂଖ୍ୟାକୁ ଯଥେଷ୍ଟ ହ୍ରାସ କରାଯାଇଥିଲା। ଫଳରେ ବହୁ ଲୋକ ପ୍ରବଳ ଖରାରେ ଠିଆ ହେବା ସହ ନିରାଶ ହୋଇ ଘରକୁ ଫେରିଥିଲେ।

# ୬.୧% ହାରରେ ବଢ଼ିବ ଜିଡିପି

## ପୂର୍ବରୁ ୬.୪% ଅଭିବୃଦ୍ଧି ଅନୁମାନ କରିଥିଲା ମୁଡିସ୍




**ନୂଆଦିଲ୍ଲୀ ୧୧।୪:** ଚଳିତ କ୍ୟାଲେଣ୍ଡର ବର୍ଷରେ ଭାରତୀୟ ଅର୍ଥବ୍ୟବସ୍ଥା ୬.୧% ହାରରେ ବଢ଼ିବ। ମୁଡିସ୍ ରେଟିଙ୍ଗ୍‌ସ ଗୁରୁବାର ଭାରତୀୟ ଅର୍ଥନୀତି ପାଇଁ ଏହାର ଅଭିବୃଦ୍ଧି ଅନୁମାନକୁ ଖସାଇଛି। ପୂର୍ବରୁ ଏହା ୬.୪% ଅନୁମାନ କରିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କନୀତି ଯୋଗୁ ମୁଡିସ୍ ଏହାର ପୂର୍ବାନୁମାନକୁ ସଂଶୋଧିତ କରିଛି। ଏହା ପ୍ରକାଶ କରିଛି ଯେ, ହୀରା, ପୋଷାକ ଏବଂ ମେଡିକାଲ ଉପକରଣଗୁଡ଼ିକ ଉପରେ ଶୁଳ୍କ ଦ୍ୱାରା ରପ୍ତାନି ଖସିବାର ଆଶଙ୍କା ରହିଛି। ଏହାଦ୍ୱାରା ଆମେରିକା ସହ ବାଣିଜ୍ୟ ନିଅଣ୍ଟ ବଢ଼ିପାରେ। ମୁଡିସ୍ ପ୍ରକାଶ କରିଛି ଯେ, ଟାରିଫ୍ ଉପରେ ଟ୍ରମ୍ପଙ୍କ ୯୦ ଦିନର ସ୍ଥଗିତାଦେଶ ଦ୍ୱାରା କିଛିଟା ଆଶ୍ୱସ୍ତି ମିଳିପାରେ କିନ୍ତୁ ଟାରିଫ୍ ସମ୍ପୂର୍ଣ୍ଣ ଭାବେ ଲାଗୁ ହେବା ଦ୍ୱାରା ଭାରତର ଜିଡିପି ଅଭିବୃଦ୍ଧି ୦.୩% ପର୍ଯ୍ୟନ୍ତ ଖସିବ।

ଆର୍ଥିକବର୍ଷ ୨୦୨୫-୨୬ରେ ଭାରତୀୟ ଅର୍ଥବ୍ୟବସ୍ଥା ୬.୫% ହାରରେ ବଢ଼ିବ। ଏହା ୨୦୨୪-୨୫ର ୬.୩% ଅଭିବୃଦ୍ଧି ଅନୁମାନ ତୁଳନାରେ ଅଧିକ। ମୁଡିସ୍ ରିପୋର୍ଟ ଅନୁସାରେ, ସରକାର ଅଧିକ ପୁଞ୍ଜି ଖର୍ଚ୍ଚ କରିବେ। ଏହାବ୍ୟତୀତ ଟିକସ ଏବଂ ସୁଧ ହାରରେ ହ୍ରାସ ଦ୍ୱାରା ଖର୍ଚ୍ଚ ବଢ଼ିବ, ଯାହା ଅଭିବୃଦ୍ଧିକୁ ସହାୟକ ହେବ। ଏହି ଅବଧିରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସ୍ଥିରତା ରହିବ। ଭାରତୀୟ ବ୍ୟାଙ୍କଗୁଡ଼ିକର ପରିଚାଳନାଗତ ପରିବେଶ ଆସନ୍ତା ଆର୍ଥିକବର୍ଷରେ ଅନୁକୂଳ ରହିବ କିନ୍ତୁ ଗତ ବର୍ଷରେ ଜରୁରୀ ସୁଧାର ପରେ ବ୍ୟାଙ୍କଗୁଡ଼ିକର ଆସେଟ୍ ମାନରେ ହ୍ରାସ ଦେଖାଦେବ। ଆର୍ଥିକବର୍ଷ ୨୦୨୪-୨୫ର ଅକ୍ଟୋବର-ଡିସେମ୍ବର ତ୍ରୟମାସରେ ଜିଡିପି ଅଭିବୃଦ୍ଧି ୬.୨% ରହିଥିଲା। ବର୍ଷେ ତଳେ ସମାନ ଅବଧିରେ ଏହା ୮.୪% ଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍ଏସ୍ଓ) ଫେବ୍ରୁଆରୀ ୨୮ରେ ଏହି ତଥ୍ୟ ଜାରି କରିଛି। ୨୦୨୪-୨୫ ଆର୍ଥିକବର୍ଷରେ ଅର୍ଥନୀତି ୬.୫% ହାରରେ ବଢ଼ିବାର ଅନୁମାନ ରହିଛି। ଏହାପୂର୍ବରୁ ଜାନୁଆରୀରେ ଜାରି କରାଯାଇଥିବା ଅନୁମାନରେ କୁହାଯାଇଥିଲା ଯେ, ୨୦୨୪-୨୫ରେ ଭାରତର ବିକାଶ ହାର ୬.୪% ରହିବ, ଯାହାକି ୪ ବର୍ଷର ସର୍ବନିମ୍ନ ସ୍ତର। ୨୦୨୩-୨୪ରେ ଜିଡିପି ଅଭିବୃଦ୍ଧି ହାର ୮.୨% ଥିଲା।

# ସନସ୍ୟୁର ଏନର୍ଜି ସହ ଜେଏସ୍ଏଲ୍ ସୁପର ଷ୍ଟିଲ୍‌ର ବୁଝାମଣା

**ଭୁବନେଶ୍ୱର,୧୧।୪:** ଭାରତର ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନ୍‌ଲେସର ଗାଜିଆବାଦସ୍ଥିତ ସହାୟକ କମ୍ପାନୀ ଜେଏସ୍ଏଲ୍ ସୁପର ଷ୍ଟିଲ୍ ଏବଂ ଶକ୍ତି ଉତ୍ପାଦନକାରୀ କମ୍ପାନୀ ସନସ୍ୟୁର ଏନର୍ଜି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥା ୧୧ ମେଗାୱାଟର ଦୀର୍ଘମିଆଦୀ ଶକ୍ତି କ୍ରୟ ଚୁକ୍ତି (ପିପିଏ) ସ୍ୱାକ୍ଷର କରିଛି। ବୁଝାମଣା ଅନୁଯାୟୀ ଉତର ପ୍ରଦେଶର ଅଗସାଇଠାରେ ଥିବା ୪୯ ମେଗାୱାଟ୍ ପିକ୍ ସୌର ପ୍ରକଳ୍ପରୁ ଏହା ୧୧ ମେଗାୱାଟ୍ ସୌର ଶକ୍ତି ଗ୍ରହଣ କରିବ ଏବଂ ଏହାର ପ୍ଲାଣ୍ଟରେ ପ୍ରାୟ ୫୦% ସ୍ୱଚ୍ଛ ଶକ୍ତି ଉପଯୋଗ କରିବ। ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ହେବ ବୋଲି କୁହାଯାଉଛି।

ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳନା ଅଧିକାରୀ ଜଗମୋହନ ସୁଦ୍ କହିଛନ୍ତି, ଜେଏସ୍ଏଲ୍ ସୁପର ଷ୍ଟିଲ୍‌ର ଏହି ଭାଗୀଦାରି ଆମର ନେଟ୍ ଜିରୋ ଲକ୍ଷ୍ୟ ହାସଲ ଦିଗରେ ଆଉ ଏକ ପଦକ୍ଷେପ ଏବଂ ୨୦୩୫ ସୁଦ୍ଧା ୫୦% କାର୍ବନ ନିର୍ଗମନ ହ୍ରାସ କରିବାର ଆମର ସ୍ୱଳ୍ପକାଳୀନ ଲକ୍ଷ୍ୟର ଏକ ଅଂଶ । ଆମର ଉତ୍ପାଦନ ପ୍ରକ୍ରିୟାରେ ଅକ୍ଷୟ ଶକ୍ତିକୁ ସମନ୍ୱିତ କରି ଆମେ କେବଳ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସ କରୁନାହୁଁ ବରଂ ଭାରତରେ ଧାତୁ ଶିଳ୍ପ ପାଇଁ ନୂତନ ମାନଦଣ୍ଡ ମଧ ସ୍ଥାପିତ କରୁଛୁ। ଷ୍ଟେନ୍‌ଲେସ୍ ଷ୍ଟିଲ ଶିଳ୍ପରେ ଏକ ଅଗ୍ରଣୀ କମ୍ପାନୀ ହିସାବରେ ସବୁଜ ହାଇଡ୍ରୋଜେନ ବ୍ୟବହାର, ଜୈବ ଇନ୍ଧନର ବ୍ୟବହାର, ଗ୍ରିଡରୁ ଅକ୍ଷୟ ଶକ୍ତି ଅଂଶ ବୃଦ୍ଧି ଇତ୍ୟାଦି ମାଧ୍ୟମରେ ସ୍ୱଚ୍ଛ ଉପାୟ ଅବଲମ୍ବନ କରିବା ଏକ ଦାୟିତ୍ୱ ବୋଲି ଆମେ ବିଚାର କରୁଅଛୁ। ସେହିଭଳି ସନସ୍ୟୁର ଏନର୍ଜିର ପ୍ରତିଷ୍ଠାତା ଅଧକ୍ଷ ତଥା ସିଇଓ ଶଶାଙ୍କ ଶର୍ମା କହିଛନ୍ତି, ଶିଳ୍ପ କ୍ଷେତ୍ର ଭାରତର ଅକ୍ଷୟ ଶକ୍ତି ଲକ୍ଷ୍ୟ ସହ ଯୋଡ଼ି ହୋଇଥିବାରୁ ଏଭଳି ସହଯୋଗ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ଏହି ଚୁକ୍ତି ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଅକ୍ଷୟ ଉତ୍ସରୁ ଶକ୍ତି ସଂଗ୍ରହ କରି ଉତର ପ୍ରଦେଶରେ ଧାତୁ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ସାଜିଛି। ଏହା ଦର୍ଶାଉଛି ଯେ ସ୍ୱଚ୍ଛ ଶକ୍ତି କେବଳ ଏକ ବିକଳ୍ପ ନୁହେଁ, ବରଂ ଶିଳ୍ପ ପ୍ରଗତିର ଭବିଷ୍ୟତ। ନିରନ୍ତର ବିକାଶ ପଦକ୍ଷେପ ପାଇଁ ଜେଏସ୍ଏଲ୍‌ର ସୁପରିଚିତ ଏବଂ ସେମାନଙ୍କୁ ଆମର ଗ୍ରାହକ ପରିବାରରେ ସ୍ୱାଗତ କରି ଆମେ ଗର୍ବ ଅନୁଭବ କରୁଛୁ। ଅପରପକ୍ଷରେ ଜେଏସ୍ଏଲ୍ ସୁପର ଷ୍ଟିଲ୍ ସହ ସନସ୍ୟୁର ଏନର୍ଜିର ବୁଝାମଣା (ଭାଗୀଦାରି) ଭାରତର ବାଣିଜ୍ୟିକ ଏବଂ ଶିଳ୍ପ କ୍ଷେତ୍ରରେ ଅକ୍ଷୟ ଶକ୍ତିକୁ ଆଗକୁ ବଢ଼ାଇବାର ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରିବ। ଏହି ଭାଗୀଦାରି ଜେଏସ୍ଏଲ୍ ସୁପର ଷ୍ଟିଲ୍‌କୁ ବାର୍ଷିକ ୧୬.୫ ମିଲିୟନ ୟୁନିଟ୍ (ଏମୟୁ) ସ୍ୱଚ୍ଛ ଶକ୍ତି ପାଇବାରେ ସକ୍ଷମ କରିବ ଏବଂ କମ୍ପାନୀକୁ ବାର୍ଷିକ ୧୨ ମିଲିୟନ କିଲୋଗ୍ରାମ କାର୍ବନ ନିର୍ଗମନକୁ ହ୍ରାସ କରିବାରେ ସାହାଯ୍ୟ କରିବ, ଯାହା ୫ ଲକ୍ଷ ୪୫ ହଜାରରୁ ଅଧିକ ଗଛ ଲଗାଇବା ସହିତ ସମାନ। ଏହି ପଦକ୍ଷେପ ସବୁଜ ଇସ୍ପାତ ଉତ୍ପାଦନ ପାଇଁ ଭାରତର ପ୍ରୟାସକୁ ସୁଦୃଢ଼ କରିବ ଏବଂ ଏକ ଶିଳ୍ପ କ୍ଷେତ୍ରରେ ରୂପାନ୍ତରଣ ଆଣିବ, ଯାହାର ଉଦ୍ଦେଶ୍ୟ ହେଉଛି ଶକ୍ତି ଭିତିକ ଶିଳ୍ପ କ୍ଷେତ୍ରରେ କାର୍ବନ ନିର୍ଗମନକୁ ରୋକିବା।



## ଆୟୁଷ୍ମାନ ଯୋଜନାର କାର୍ଡ ବିତରଣ



**ସୁନ୍ଦରଗଡ଼,୧୧।୪(ସଂଚାର ବ୍ୟୁରୋ):** ଶୁକ୍ରବାର ଅପରାହ୍ନ ୨.୩୦ ଘଟିକା ସମୟରେ କଟକ ବାଲିଯାତ୍ରା ପଡ଼ିଆ ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ. ପି. ନଡ୍ଡା ଆୟୁଷ୍ମାନ ଯୋଜନାର କାର୍ଡ ବିତରଣ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରସେନ ବେହେରା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ କୁନ୍ତୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ସିଡିଏମଓ ଗୁରୁ ପ୍ରସାଦ ମହାନ୍ତ, ମଙ୍ଗସପୁର ହସ୍ପିଟାଲର ସ୍ୱାସ୍ଥ୍ୟ ଅଧିକାରୀ ଡ.ନୂତନ କୁଜୁର ଉପସ୍ଥିତ ରହି ହିତାଧିକାରୀ ମାନଙ୍କୁ ଯୋଜନାର କାର୍ଡ ଗୁଡ଼ିକ ବିତରଣ କରିଥିଲେ। ଆଜି ୫ ଜଣଙ୍କୁ ଚିହ୍ନଟ କରି ଆୟୁଷ୍ମାନ କାର୍ଡ ବିତରଣର ଶୁଭାରମ୍ଭ କରାଯାଇଥିଲା। ଆଗାମୀ ୩ ମାସ ଭିତରେ ସମସ୍ତ ହିତାଧିକାରୀଙ୍କ ପାଖକୁ କାର୍ଡ ପହଞ୍ଚାଇ ଦିଆଯିବ ବୋଲି ଅତିଥି ମାନେ ବକ୍ତବ୍ୟରେ କହିଥିଲେ। ଏହି କାର୍ଡ ହେବା ଦ୍ୱାରା ସମସ୍ତଙ୍କୁ ସ୍ୱାସ୍ଥ୍ୟ ପାଇଁ ଭଲ ସୁବିଧା ମିଳିବ ବୋଲି ସିଡିଏମଓ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବ୍ଲକ କର୍ମଚାରୀ, ଆଶାକର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କାଳିଦାସ ମାରାଣ୍ଡି ମଞ୍ଚ ପରିଚାଳନା କରିଥିବା ବେଳେ ସୁପରଭାଇଜର କ୍ଷୀରୋଦ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସମସ୍ତ ଅତିଥି ପତାକା ଦେଖାଇ ସ୍ୱାସ୍ଥ୍ୟ ରଥ ପରିକ୍ରମାର ଶୁଭ ଉଦଘାଟନ କରିଥିଲେ।

## ବାର୍ଷିକ ଓଭିଇପି ଦିବସ ପାଳିତ

**ଯାଜପୁର,୧୧।୪(ସଂଚାର ବ୍ୟୁରୋ):** ଯାଜପୁରର ଗରିଆପୁରସ୍ଥିତ ଗରିଆପୁର ୟୁ.ଜି.ୟୁ.ପି. ସ୍କୁଲରେ ବାର୍ଷିକ ଅଲମ୍ପିକ୍ ମୂଲ୍ୟବୋଧ ଶିକ୍ଷାଯୋଜନା (ଓ.ଭି.ଇ.ପି.) ଦିବସ ଆଜି ପୂର୍ବାହ୍ନରେ ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିରୂପେ ହିନ୍ଦୀ ଶିକ୍ଷକ ନେତା ତଥା ଲେଖକ ରବି ଶତପଥୀ ଯୋଗଦେଇ ଅଲମ୍ପିକ୍ କ୍ରୀଡ଼ାର ଇତିହାସ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତାରୂପେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସାହିତ୍ୟିକ ଦାମୋଦର ବେହେରା ଏହି କାର୍ଯ୍ୟକ୍ରମର ବିଭିନ୍ନ ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସମ୍ମାନିତ ଅବକ୍ତାରୂପେ ଯାଜପୁରର ଏ.ବି.ଇଓ ନିର୍ମଳ ଚନ୍ଦ୍ର ଜେନା ଓ.ଭି.ଇ.ପି. ର ମହାନ ଲକ୍ଷ୍ୟ ଗୁଡ଼ିକ ଶିକ୍ଷଣୀୟ ବୋଲି



ମତ ଦେଇଥିଲେ। ସମ୍ମାନିତ ଅତିଥିରୂପେ ଶିକ୍ଷାବିତ୍ ତଥା ସାହିତ୍ୟିକ ଡଃ ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ଅଲମ୍ପିକ୍ ମୂଲ୍ୟବୋଧ ଛାତ୍ରଛାତ୍ରୀଙ୍କ ଶରିରୀକ, ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହେବ ବୋଲି ମତ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥିରୂପେ ଏସ୍ଏମ୍ସି ଅଧ୍ୟକ୍ଷ ସଇଦ୍ ଉଜ୍ ଜମାନ୍, ପଞ୍ଚଶଖା ସେତୁ ଅଧ୍ୟକ୍ଷ ଅସଦୁଜ୍ ଜମାନ୍ ଓ ସିଆରସିସି ସଫିଉଜ୍ ଜମାନ୍ ଓ.ଭି.ଇ.ପି. ବିଷୟରେ ଆଲୋଚନା କରିଥିଲେ। ଶିକ୍ଷକ ଆର୍ତ୍ତତ୍ରାଣ ବେହେରା ଓ.ଭି.ଇ.ପି ର ବାର୍ଷିକ ବିବରଣୀ ପାଠ କରିଥିଲେ।

## ଆୟୁଷ୍ମାନ ଯୋଜନାର ଉଦଘାଟନ ସମାରୋହ



**ଯୋଡା,୧୧।୪(ସଂଚାର ବ୍ୟୁରୋ):** ସୁସ୍ଥ ଓଡ଼ିଶା ଓ ବିକଶିତ ଓଡ଼ିଶା ଲକ୍ଷ୍ୟ ରଖି ଓଡ଼ିଶାରେ ରାଜ୍ୟ ସରକାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁକ୍ରବାର ଉଦଘାଟନ କରିଛନ୍ତି।ଭିଡିଓ କନଫରେନ୍ସିଂ ମାଧମରେ ଏହାକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି ନଡ୍ଡା ଉଦଘାଟନ କରିଥିଲେ।ଏହି ଅବସରରେ ଯୋଡା ବନେଇକଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏହି ଉଦଘାଟନ ସମାରୋହର ଆୟୋଜନ କରାଯାଇଥିଲା। ଏଥିରେ ଯୋଡା ପୌର ଅଧକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ, ଉପ ନଗରପାଳ ସନ୍ଧ୍ୟା ପାତ୍ର, ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଯୋଡା ବ୍ଲକ୍ ବିଡ଼ିଓ ଅରୁଣିମା ସାହୁ, ଯୋଡା ନଗର ସାଂସଦ ପ୍ରତିନିଧି ବି.ଏନ. ଦାସ, କାଉନସିଲର ରଶ୍ମିତା ପାଣିଗ୍ରାହୀ, ସୌଦାମିନୀ ନାଏକ, ପୂଜା ସିଂ ଆଲଦା, ଗଣେଶ ମୋଦି, ଦୀପ୍ତି ରଞ୍ଜନ ବେହେରା, ଯୋଡା ନଗର ଭାଜପା ସଭାପତି ପାର୍ଥ ସାରଥୀ ଷଡ଼ଙ୍ଗୀ ପ୍ରମୁଖଙ୍କ ସମେତ ଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେନଡେଣ୍ଟ ଆର୍ଯ୍ୟା ଅଲୌକିକା ସେନାପତି ଓ ବନେଇକଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୋଫିକା ନାହିଦ୍ ଉପସ୍ଥିତ ଥିଲେ। ଏହି ଉଦଘାଟନ ସମାରୋହକୁ ଆଶାର ଦ୍ୱାର ଫାଉଣ୍ଡେସନ ପକ୍ଷରୁ ସହଯୋଗ କରାଯାଇଥିଲା।

# ଧୁମ୍‌ଧାମ୍‌ରେ ପାଳିତ ହେଲା ଛେନାପୋଡ଼ ଦିବସ



**ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ):** "ନୟାଗଡ଼ ଦରବ, ଓଡ଼ିଶାର ଗରବ", ଛେନାପୋଡ଼ ସଂଗୀତର ଏହି ପଂକ୍ତିକୁ ନେଇ ଏବେ ସବୁଠି ଚର୍ଚ୍ଚା। ଏଇ ଚର୍ଚ୍ଚା ଭିତରେ ନୟାଗଡ଼ ବିକାଶ ମଞ୍ଚ ଓ ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡର ମିଳିତ ଆନୁକୂଲ୍ୟରେ ଛେନାପୋଡ଼ ଦିବସ ଭୁବନେଶ୍ୱରର ଜୟଦେବ ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି। ନୟାଗଡ଼ରୁ ଆନୀତ ସ୍ୱତନ୍ତ୍ର ଛେନାପୋଡ଼ ସାଙ୍ଗକୁ ଅନ୍ୟାନ୍ୟ ନୟାଗଡ଼ ଦ୍ରବ୍ୟ ମଧ୍ୟ ଉତ୍ସବରେ ପ୍ରଦର୍ଶିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ବରିଷ୍ଠ ସାମ୍ବାଦିକ ଗୋପାଳ କୃଷ୍ଣ ମହାପାତ୍ର ଏବଂ ଭାରତୀୟ ଜନତା ପାର୍ଟିର ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ନୟାଗଡ଼ ବିକାଶ ମଞ୍ଚର ସହ ଆବାହକ ସୁବ୍ରତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କ ଅଭିଭାଷଣ ପରେ ଛେନାପୋଡ଼ କାଟିବା ସହ ଛେନାପୋଡ଼ ସଙ୍ଗୀତର ମୂର୍ଚ୍ଛନା ମଧ୍ୟରେ ପରସ୍ପରକୁ ଛେନାପୋଡ଼ ଖୁଆଇଥିଲେ।

ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର କହିଥିଲେ, ସ୍ୱର୍ଗତ ସୁଦର୍ଶନ ସାହୁ ଦଶପଲ୍ଲାରୁ ନୟାଗଡ଼ ଛେନାପୋଡ଼ ଆଣି ଏହାର ପ୍ରଚାର ପ୍ରସାର ଓ ପରିବ୍ୟାପ୍ତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ ତାଙ୍କ ଜୟନ୍ତୀ ଏପ୍ରିଲ ୧୧ରେ ଛେନାପୋଡ଼ ଦିବସ ପାଳନ କରୁଛେ। ଯେତେବେଳେ ଏହି ତାରିଖକୁ ସମସ୍ତେ ଗ୍ରହଣ କରିସାରିଛନ୍ତି, ଆଉ ତାରିଖକୁ ନେଇ ବିବାଦ କରିବା ଅନୁଚିତ। ସେହିଭଳି ବରିଷ୍ଠ ସାମ୍ବାଦିକ ଗୋପାଳ କୃଷ୍ଣ ମହାପାତ୍ର ନୟାଗଡ଼ ଜିଲ୍ଲାରେ କଟିଥିବା ତାଙ୍କ ପିଲାଦିନ ଓ ଛେନାପୋଡ଼ ସହ ଜଡ଼ିତ ସ୍ମୃତିକଥା ବଖାଣିଥିଲେ। ବିଭିନ୍ନ ସମୟରେ ଯୁଗ ସହ ତାଳ ଦେଇ ଛେନାପୋଡ଼ କିପରି ଦଶପଲ୍ଲା ଓ ନୟାଗଡ଼ ଦେଇ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଛି ସେ ବିଷୟରେ ଆଲୋକପାତ କରିଥିଲେ। ନୟାଗଡ଼ର ଯୁବ ନେତା ଅଭିଲାଷ ପଣ୍ଡା ରାଜଧାନୀ ଭୁବନେଶ୍ୱରରେ ରହୁଥିବା ଯୁବକମାନେ କିଭଳି ଏକାଠି ହୋଇ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ସେହି ସ୍ମୃତି ବଖାଣିଥିଲେ। ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନରେ ଛେନାପୋଡ଼ ଦିବସ ପାଳନ ଯାଏଁ ସ୍ମୃତି ବଖାଣିବା ସହ ନୟାଗଡ଼ ବିକାଶ ମଞ୍ଚର ଆବାହକ ଶୁଭାଂଶୁ ପଣ୍ଡାଙ୍କର ଅଭିନବ ପରିକଳ୍ପନାରେ ପ୍ରତିବର୍ଷ ଆୟୋଜିତ କାର୍ଯ୍ୟକ୍ରମ ବାବଦରେ ନିଜର ଅନୁଭୂତି ବଖାଣିଥିଲେ। ସ୍ୱାଗତିକା ମହାଶ୍ୱେତା ଏହି କାର୍ଯ୍ୟକ୍ରମକୁ ସଂଚାଳନା କରିଥିବାବେଳେ ରୋହନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସକ୍ରିୟ ସଦସ୍ୟ ଅମରେଶ ଦାଶ, ଆଶିଷ କୁମାର ରଥ, ସତ୍ୟେନ୍ଦ୍ର ମିଶ୍ର, ଆଶୁତୋଷ ଦାସ, ରାଜକିଶୋର ଡାକୁଆ, ଉମାକାନ୍ତ ମହାପାତ୍ର, ରାଜେଶ ପରିଡ଼ା, ସୁଧାଂଶୁ କୁମାର ସାହୁ, ସୌମ୍ୟ ଏବଂ ଯତୀନ କୁମାର ପ୍ରମୁଖ ଯୋଗଦେଇଥିଲେ।

## ଗାଣ୍ଡପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ରାସ୍ତା ନାହିଁ



**କଣାସ,୧୧।୪(ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ଅଗ୍ରଗତି ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଗ୍ରାମ ପଞ୍ଚାୟତର ଗାଣ୍ଡପଡ଼ା ଗ୍ରାମରେ ୨୦୦୮ ମସିହାରେ ନିର୍ମାଣ କରାଯାଇଥିବା ଗାଣ୍ଡପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ରାସ୍ତା ନଥିବାରୁ ଛାତ୍ରଛାତ୍ରୀ ମାନେ ନାହିଁ ନଥିବାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବର୍ଷା ଦିନେ ଛାତ୍ରଛାତ୍ରୀମାନେ ଆଣ୍ଠୁଏ ପାଣିରେ ବିଦ୍ୟାଳୟକୁ ଯାଉଥିବାରୁ ଛାତ୍ରଛାତ୍ରୀ ଅଭିଭାବକଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖା ଦେଇଛି। ରାସ୍ତା ନିର୍ମାଣ ସମ୍ପର୍କରେ ଗ୍ରାମବାସୀମାନେ ବାରମ୍ବାର ଶିକ୍ଷା ବିଭଗର ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାଯର୍ଯ୍ୟ ଅନୁଷ୍ଠାନ ହୋଇ ନାହିଁ। ଏ ସମ୍ପର୍କରେ କଣାସ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି ଆମେ ଅଭିଯୋଗ ପାଇଛୁ ରାସ୍ତା ନିର୍ମାଣ ପାଇଂ ଉଚ୍ଚ ଅଧିକାରୀଙ୍କୁ ଜଣାଇଛୁ। ଫଟୋ ଇ ମେଲରେ ପଠାଗଲା

## ଆୟୁଷ୍ମାନ ଜନ ଆରୋଗ୍ୟ ସ୍ୱାସ୍ଥ୍ୟ କାର୍ଡର ଶୁଭାରମ୍ଭ



**ଦଶରଥପୁର,୧୧।୪(ସଂଚାର ବ୍ୟୁରୋ):** ଆଜି ସାରା ରାଜ୍ୟରେ ଆୟୁଷ୍ମାନ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ସ୍ୱାସ୍ଥ୍ୟ କାର୍ଡର ଶୁଭାରମ୍ଭ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉପସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା କରିଥିବା ବେଳେ ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ କୟାଁଗୋଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ପରିସରରେ ଆଜି ଏହି ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଡ଼ଃ ହେମନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ କମାରଡ଼ିହି ଜୟଚଣ୍ଡୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରକାଶ ମହାନ୍ତି, ସମ୍ମାନିତ ଅତିଥିଭାବେ କୟାଁ ସରପଞ୍ଚ ମନ୍ଦାକିନୀ ମଲ୍ଲିକ, କନିକାପଡା ସରପଞ୍ଚ ପ୍ରଦୀପ କୁମାର ଯେନା, କମାରଡ଼ିହି ସରପଞ୍ଚ ଚିତ୍ତରଞ୍ଜନ ନାୟକ, କମାରଡ଼ିହି ସମିତିସଭ୍ୟା ସଜନୀ ଯେନା, କୟାଁଗୋଲା ହାଇସ୍କୁଲର ଶିକ୍ଷକ ତାପସ ଯେନା, ଡିଟିଓ ଦେବରାଜ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୟାଁ, କମାରଡ଼ିହି, ଖାନନଗର, ଥାଲକୁଡ଼ି, କନିକାପଡା, ଛଚିଣା, ଇଜାପୁର ପଞ୍ଚାୟତର ମୋଟ ୬୭୬ ଜଣଙ୍କୁ ନୂତନ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପିଏଚଓ ବନିତା ଦାସ, ସୁପରଭାଇଜର ଚକ୍ରଜିତ ପତି ପ୍ରମୁଖଙ୍କ ସମେତ ଆସା, ଅଙ୍ଗନବାଡି, ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ସହଯୋଗ କରିଥିଲେ।

## ଗିରି ଗୋବର୍ଦ୍ଧନ ଜଙ୍ଗଲରେ ନିଆଁ

**କୋକସରା,୧୧।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳା ଗ୍ରାମକୁ ଲାଗି ରହିଥିବା ଗିରି ଗୋବର୍ଦ୍ଧନ ଜଙ୍ଗଲରେ ଗୁରୁବାର କୌଣସି କାରଣରୁ ହଠାତ୍ ନିଆଁ ଲାଗି ବ୍ୟାପିଯାଇଥିଲା। ଏହାଦେଖି ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ଆମପାଣି ଫରେଷ୍ଟ ସମେତ କୋକସରା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ବ୍ଲକ ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ଜଙ୍ଗଲରେ ଲାଗିଥିବା ନିଆଁକୁ ସ୍ଥାନୀୟ ଯୁବକ ସଂଘ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ଆୟତ୍ତ କରିଥିଲେ। ଅନ୍ୟପଟେ ଜଙ୍ଗଲ ତଳେ ଥିବା ଚାଷଜମିରେ ଧାନ ଚାଷ ମଧ୍ୟ ନଷ୍ଟ ହୋଇଥିବା ସ୍ଥାନୀୟ ଚାଷୀ ନୀଳମାଧବ ସାହୁ ଅଭିଯୋଗ କରିଛନ୍ତି। ତେବେ ଆମପାଣି ଫରେଷ୍ଟ କର୍ମଚାରୀଙ୍କୁ ଖବର ଦିଆଯାଇଥିଲେ ସୁଦ୍ଧା ବିଳମ୍ବରେ ପହଞ୍ଚତ୍ୱାରୁ ବ୍ୟାପକ ଜଙ୍ଗଲ ନଷ୍ଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଆମପାଣି ଫରେଷ୍ଟର ଚିତ୍ତରଞ୍ଜନ ବେହେରାଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ।

## ନାମଲେଖା ସଚେତନତା ଅଭିଯାନ

**ଭୁବନେଶ୍ୱର,୧୧।୪(ସଂଚାର ବ୍ୟୁରୋ):** ପ୍ରତ୍ୟେକ ଶିଶୁଙ୍କୁ ବିଦ୍ୟାଳୟଭିମୁଖୀ କରାଇବା ଓ ଶିଶୁମାନଙ୍କ ପାଇଁ ସୁସ୍ଥ ଓ ନିରାପଦ ପରିବେଶ ଗଢ଼ିତୋଳିବା ଲକ୍ଷ୍ୟରେ ଆକ୍ସନ୍ଏଡ୍ ଆସୋସିଏସନ୍, ସି.ସି.ଡବ୍ଲୁ.ଡି. ସରକାରୀ ପ୍ରାଥମିକ ବିଦ୍ୟାଳୟ, ସେକେଣ୍ଡ ପୋଷ୍ଟାଲ କଲୋନୀ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଶିଖରଚଣ୍ଡି ଙ୍କ ମିଳିତ ଆନୁକୂଲ୍ୟରେ ନାମଲେଖା ସଚେତନତା ଅଭିଯାନ ଆୟୋଜିତ ହୋଇ ଯାଇଅଛି। ଏହି ସଚେତନତା ଅଭିଯାନ ସ୍ଥାନୀୟ ଶିଖରଚଣ୍ଡୀ ନଗର ଓ ପଥରବନ୍ଧ ବସ୍ତିଠାରେ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦାନ କରିଥିଲେ। ଏହି ଅବସରରେ ସଚେତନତାର ବାର୍ତ୍ତା ବସ୍ତି ପରିଭ୍ରମଣ ଜରିଆରେ ବଣ୍ଟନ କରାଯାଇଥିଲା।



### ତାତିରେ କଲବଲ ଗ୍ରାମବାସୀ

## ସରକାରୀ ଜମିରେ ବେଆଇନ ଇଟା ଭାଟି ; ମାଫିଆ ମାଲେମାଲ

- କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ଜିଲ୍ଲା ପ୍ରଶାସନ ?
- କାହା ଚାପରେ ରାଜସ୍ୱ ବିଭାଗ ନିରବଦ୍ରଷ୍ଟା

**ସୋନପୁର,୧୧।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ସଦର ବ୍ଲକ ର ବିଶିମୁଣ୍ଡା ପଂଚାୟତ ଡୁଙ୍ଗୁରିପାଲି ଗ୍ରାମର ରାସ୍ତା କଡରେ ବେଆଇନ ଭାବେ ଗଢି ଉଠୁଛି ଇଟା ଭାଟି ସୂଚନାଯୋଗ୍ୟ ଡୁଙ୍ଗୁରିପାଲି ଗ୍ରାମର ପ୍ଲଟ ନମ୍ବର ୧୨ ଏବଂ ୭ ରେ ସରକାରୀ ଜମି ଉପରେ ବେଆଇନ ଭାବେ ସତାଧିକ ଇଟା ଭାଟି ଗଢି ଅସାଧୁ ଉପାୟରେ ବେପାର କରୁଛନ୍ତି ଇଟା ଭାଟି ମାଫିଆ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ଜିଲ୍ଲା ପ୍ରଶାସନ ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ କାହା ଚାପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା ଦେଉଛି ରାଜସ୍ୱ ବିଭାଗ ଏହା ବଡ଼ ପ୍ରଶ୍ନ କାରଣ ଏବେ ବେଆଇନ ଇଟା ଭାଟି ର ଭୂସ୍ୱର୍ଗ ପାଲଟିଛି ଡୁଙ୍ଗୁରିପାଲି ଅଞ୍ଚଳ। ନିର୍ଗତ ଇଟା ଭାଟି ଧୂଁଆ ରେ ପରିବେଶ ପ୍ରଦୂଷଣ ହେବା ସହିତ ଅଣନିଶ୍ୱାସୀ ରେ ପୁରା ଅଞ୍ଚଳ ବାସି। ପ୍ରଶାସନ ଚୁପ ପୋଲିସ ବି ଚୁପ ସରକାର ବାରମ୍ବାର ମାଟି ଇଟା କୁ ବନ୍ଦ କରିବା ପରେ ବି ଶୁଣୁନାହାନ୍ତି ବେଆଇନ ଇଟା ଭାଟି ମାଲିକ। କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ସ୍ଥାନୀୟ ପ୍ରଶାସନ, ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ କାର୍ଯ୍ୟାନୁଷ୍ଠାନ ନେବେ କୁ କାହିଁକି ପଛଘୁଞ୍ଚା ଦେଉଛି ସୋନପୁର ପ୍ରଶାସନ? ଗ୍ରୀଷ୍ମର ଡହ ଡହ ଖରାରେ ସାରା ରାଜ୍ୟ ଆଉଟୁପାଉଟୁ ହେଉଥିବା ବେଳେ ଡୁଙ୍ଗୁରିପାଲି ରେ କିନ୍ତୁ ଆହୁରି ସାଙ୍ଘାତିକ।



ସୋନପୁର ବ୍ଲକ ତହସିଲ ଅଧିନରେ ଗଢ଼ି ଉଠିଥିବା ବେଆଇନ ଇଟା ଭାଟି ଗରମ ଗୁଳୁଗୁଳିକୁ ଯେମିତି ଦ୍ୱିଗୁଣିତ କରୁଛି। ଇଟା ଭାଟିରେ ବ୍ୟବହୃତ କାଠ କୋଇଲାରୁ ନିର୍ଗତ ଧୂଆଁ କେବଳ ପରିବେଶ ପ୍ରଦୂଷଣ କରୁନାହିଁ ବରଂ ଅତ୍ୟନ୍ତ ଖରା, ଗରମରେ ସ୍ଥାନୀୟ ଲୋକଙ୍କୁ ଏମିତି ବେହାଲ କରୁଛି ଯେ ଏବେ ସାଧାରଣ ଲୋକେ ସୋନପୁର ରାଜସ୍ୱ ବିଭାଗ ର ନିରବଦ୍ରଷ୍ଟା କାର୍ଯ୍ୟ କୁ ନିନ୍ଦା କରୁଛନ୍ତି। ସବୁ ଜାଣି ଚୁପ୍ ବସିଛି ରାଜସ୍ୱ ବିଭାଗ। ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଫାଇନ କାଟିବା ପାଇଁ ଦାବି ହେଉଛି ।

### ନାତୁଣୀର ଅଶ୍ଳୀଳ ଆଚରଣ ଓ ଫଟୋ ପ୍ରଘଟ ଘଟଣା

## ସମ୍ପର୍କୀୟ ଅଜା ଗିରଫ

**ନୀଳଗିରି,୧୧।୪(ସଂଚାର ବ୍ୟୁରୋ):** ନୀଳଗିରି ଅଞ୍ଚଳରେ ଜଣେ ୧୨ ବର୍ଷୀୟା ନାବାଳିକା ନାତୁଣୀର ବିଭିନ୍ନ ପ୍ରଲୋଭନ ଦେଖାଇ ଅଶ୍ଳୀଳ ଭିଡ଼ିଓ ପ୍ରଘଟ କରିବା ଅଭିଯୋଗରେ ସମ୍ପର୍କୀୟ ଅଜାକୁ ନୀଳଗିରି ପୁଲିସ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାଇ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଯୋଧ୍ୟା ଫାଣ୍ଡି ଅନ୍ତର୍ଗତ ନାରାୟଣ ଖମାରୀ (୫୦) ନାମକ ଜଣେ ସମ୍ପର୍କୀୟ ଅଜା ନାତୁଣୀର ସରଳତ ସୁଯୋଗ ନେଇ ବଳପୂର୍ବକ ଅଶ୍ଳୀଳ ଆଚରଣ ସହ ମୋବାଇଲରେ ଅଶ୍ଳୀଳ ଫଟୋ ଉଠାଇ କରି ପ୍ରଘଟ କରିଥିଲେ। ବାରମ୍ବାର ଏଭଳି ଆଚରଣ କରିବା ସହ ଅଭିଯୁକ୍ତ ଜଣକ ନାବାଳିକାକୁ ମଧ୍ୟ ଧମକ ଚମକ ଦେଇ ଆସୁଥିଲା। ଏ ସମ୍ପର୍କରେ ପୀଡ଼ିତାଙ୍କ ପରିବାର ଜାଣିବା ପରେ ନୀଳଗିରି ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି ଡାକ୍ତର ମଇନା ପରେ ପୋକ୍ସ ଆକ୍ଟ ୧୨୯/୨୫ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସମ୍ପର୍କୀୟ ଅଜାକୁ କୋର୍ଟ ଚାଲାଣ କରାଯାଇଛି।

## ରାଇଗୁଡ଼ା ଗ୍ରାମ୍ୟ କମିଟି ଅନୁଷ୍ଠିତ



**କନ୍ଧମାଳ,୧୧।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ପାଣ ସମାଜ କଲ୍ୟାଣ କମିଟି ଗୃପ୍ ତରଫରୁ ରାଇଗୁଡ଼ା ଗ୍ରାମ୍ୟ କମିଟି ଗୃପ୍ ରେ ନିର୍ବାଚନ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଲୁଇସିଂ ପଞ୍ଚାୟତ ପାଣ ସମାଜ କଲ୍ୟାଣ କମିଟିର ସଭାପତି ଶ୍ରୀଯୁକ୍ତ ବିଶ୍ୱନାଥ ଦିଗାଲ ନିର୍ବାଚନ ବିଷୟରେ ଆଲୋଚନା କରିବା ସହିତ ବିଭିନ୍ନ ଗାଁ ରେ ସଂଗଠନ ଗଠନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରା ଯାଇଛି।ଜାତିର ଉନ୍ନତି ବିଷୟରେ ଆଲୋଚନା କରିବା ସହିତ ଅସଂମ୍ପୁର୍ଣ୍ଣ ଥିବା ଲୁଇସିଂ ପଞ୍ଚାୟତ ସମାଜ ଗୃପ କୁ କିପରି ସଂମ୍ପୁର୍ଣ୍ଣ କରାଯିବ ସେଥିନେଇ ଆଲୋଚନା କରାଯାଇଥିଲା। ସମାଜ ରେ ରହିଥିବା ବିଭିନ୍ନ ଦାବି ସମ୍ପର୍କରେ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଶ୍ୱନାଥ ଦିଗାଲ କହିଛନ୍ତି। ଉକ୍ତ ବୈଠକରେ ବାଲନ୍ଧପଡ଼ା ପଞ୍ଚାୟତ ଗୃପ୍ ର ସଭାପତି ତ୍ରିଲୋଚନ ଦିଗାଲ ଓ ଉପସଭାପତି କିଆବନ ଦିଗାଲ ଅତିଥି ଭାବରେ ଯୋଗ ଦେଇଥିଲେ। ଲୁଇସିଂ ପଞ୍ଚାୟତ ପାଣ ସମାଜ କଲ୍ୟାଣ କମିଟିର ବିପିନ ଦିଗାଲ, ସୁଶାନ୍ତ ଦିଗାଲ, ମଦନ ଦିଗାଲ, ରଙ୍ଗିନା ଦିଗାଲ, ବିଜୟ ଦିଗାଲ, ମୋନଜ ଦିଗାଲ, ଗୋବିନ୍ଦ ଦିଗାଲ, ନାଗାର୍ଜୁନ ଦିଗାଲ, ବିଶ୍ରବା ଦିଗାଲ, ମୋହନ ଦିଗାଲ, ବିଶ୍ୱାମିତ୍ର ଦିଗାଲ, ପ୍ରିୟଙ୍କା ଦିଗାଲ, ରବିନ୍ଦ୍ର ଦିଗାଲ, ସୂର୍ଯ୍ୟ କାନ୍ତ ଦିଗାଲ, ଲୋକନାଥ ଦିଗାଲ, ସାବିତ୍ରୀ ଦିଗାଲ, ରିନା ଦିଗାଲ ସମେତ ସମାଜ ସେବୀ ରାଜିବ କୁମାର ଦିଗାଲ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ



**ବୈଶିଙ୍ଗା,୧୧।୪(ସଂଚାର ବ୍ୟୁରୋ):** ବ୍ଲକ ସ୍ତରୀୟ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ପରିସରରେ ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରୋଟି ସଚେତନତା ରଥଯାତ୍ରା ଶୁଭାରମ୍ଭ କରିଥଲେ। ଉପସ୍ଥିତ ଥିଲେ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝି ଓ ବିଡିଓ ସୁଶାନ୍ତ କୁମାର ସୁତାର। ସେହିଭଳି ବୈଶିଙ୍ଗା ଆର୍ ଏମ୍ ସି ପଡ଼ିଆରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସନାତନ ବିଜୁଳି ଯୋଗଦେଇ ହିତାଧିକାରୀ ମାନଙ୍କୁ ଆୟୁଷ୍ମାନ ଯୋଜନାର ଡେମୋ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝି, ବିଡିଓ ସୁଶାନ୍ତ କୁମାର ସୁତାର, ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ସିପୁନ କୁମାର ପଣ୍ଡା, ବୈଶିଙ୍ଗା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ପ୍ରମିଳା ଗିରି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ କଟକ ବାଲିଯାତ୍ରା ପଡ଼ିଆରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ବଡ଼ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶିତ କରାଯିବା ସହିତ ଆଜି ଏକସଙ୍ଗେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଏହି ବ୍ଲକ ଅନ୍ତର୍ଗତ ନଡପୁର, ଯୁଗଳ ଓ ପିଙ୍ଗ୍ଲାବଣିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଉଦଘାଟିତ ଓ ଲୋକାର୍ପିତ ହୋଇଯାଇଛି। ପିଙ୍ଗ୍ଲାବଣିଆ ଠାରେ ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ୩୭ ନଂ ଜିଲା ପରିଷଦ ସଦସ୍ୟା ଧାନୀ କିସ୍କୁ, ଅଁଳା ସରପଞ୍ଚ ସପନା ସିଂ, ଚାଂଛିପଦା ସରପଞ୍ଚ ନରେନ୍ ସିଂ, ସଇତପୁର ସରପଞ୍ଚ ଖାଇରୀ କିସ୍କୁ ଡ଼ଃ ଅନ୍ନଦା ଜେନା ଓ ଡ଼ଃ ସାଗରିକା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟକର୍ମୀ ବିପିନ ବିହାରୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

## ଦଣ୍ଡଯାତ୍ରାରେ ଜଙ୍ଗଲ ସୁରକ୍ଷା ବର୍ତ୍ତା

**ବାଲିଗୁଡ଼ା,୧୧।୪ (ସଂଚାର ବ୍ୟୁରୋ):** ବାଲିଗୁଡ଼ା ମା' ଦକ୍ଷିଣକାଳୀ ଦଣ୍ଡନୃତ୍ୟ କମିଟି ପକ୍ଷରୁ ବିଭିନ୍ନ ୱାର୍ଡର କାମନାକାରୀଙ୍କ ଘରକୁ ମା' ବିରାଜମାନ କରି ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଛି। ଏହି ପୁରାତନ ଦଣ୍ଡନାଚ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମୁଛି। ଦିନ ଦ୍ୱିପ୍ରହରରେ ଧୂଳିଦଣ୍ଡ ସମୟରେ ଦଣ୍ଡ ଚରିତ ଅନୁସାରେ ଯାତ୍ରା ସମାପନ ହେଉଛି। ଏହି ସମୟରେ ଜଙ୍ଗଲ ସୁରକ୍ଷା ଉପରେ ଅଭିନୟ ନାଟକ ଗୀତ ମାଧ୍ୟମରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ପୋଡୁ ଚାଷ, ବେଆଇନ ବନ୍ୟଜନ୍ତୁ ଶିକାରରୁ ନିବୃତ୍ତ ରହି ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି କରିବା ଦିଗରେ ଜନ ସଚେତନତା ସୃଷ୍ଟି କରାଯାଉଛି। ଅନୁଷ୍ଠାନର ବରିଷ୍ଠ କଳାକାର ପ୍ରମୋଦ ଦଣ୍ଡସେନା ରେଞ୍ଜର ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ଟିକି ଦଣ୍ଡିଆ, ସନ୍ତୋଷ ପୂଜାରୀ, ଦୁର୍ଗା ପାତ୍ର ବେଲାଳସେନ ବନ କର୍ମଚାରୀ ଭୂମିକାରେ ନିଖୁଣ ଅଭିନୟକରି ଲୋକଙ୍କୁ ସଚେତନ କରୁଛନ୍ତି।



## ଏମପିସି ହାଇସ୍କୁଲର ବାର୍ଷିକ ଉତ୍ସବ

**ବେତନଟୀ,୧୧।୪(ସଂଚାର ବ୍ୟୁରୋ):** ବେତନଟୀ ପିଏମଶ୍ରୀ ଏମପିସି ହାଇସ୍କୁଲ ର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ରେ ଏମପିସି ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେବେତନଟୀ ଏଡପିଓ ମିନତୀ ବିଶ୍ୱାଳ ,ସମ୍ମାନୀତ ଅତିଥି ଭାବରେ ବେତନଟୀ ସରପଞ୍ଚ ପାନମଣୀ ମୁର୍ମୁ, ବିଦ୍ୟାଳୟର ଆଲୁମିନିୟମ କମିଟି ର ଉପସଭାପତି ଜୟନ୍ତ କୁମାର ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ଉପ ସଭାପତି ଟୁନି ପ୍ରଧାନ , ବରିଷ୍ଠ ଶିକ୍ଷକ ହରିଶ ଚନ୍ଦ୍ର ନନ୍ଦୋଗସ୍ୱମୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ସମୟର ସଦୁପଯୋଗ ସାଙ୍ଗକୁ ନିଷ୍ଠାପର ତଥା କଠିନ ପରିଶ୍ରମ ଦ୍ୱାରା କିଭଳି ନିଜକୁ ଭବିଷ୍ୟତରେ ନାଗରିକ ଭାବେ ଗଢିତୋଳି ରାଷ୍ଟ୍ର ସେବାରେ ନିୟୋଜିତ ତଥା ନିଜକୁ ଶୃଙ୍ଖଳିତ କରି ସମାଜ ତଥା ଦେଶ ଗଠନ ରେ ସହାୟକ ହେବା ନିଜକୁ ଅନ୍ୟ ସହିତ ତୁଳନା ନକରି ନିଜ ସ୍ତରରେ ଉତ୍ତମ ପାରଦର୍ଶିତା ସହ ଭଲ ମଣିଷ ହେବା ପାଇଁ ମାର୍ଗଦର୍ଶନ କରିଥିଲେ । ଶିକ୍ଷକ ପ୍ରକାଶ କୁମାର ଗିରି ମଞ୍ଚପରିଚାଳନା କରିଥିଲେ। ଏହି ଅବସରରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ସ୍ୱାସ୍ଥ୍ୟ



# ଜୀବନଶୈଳୀ କମାଇବ ଅଲ୍‌ଝାଇମର୍ସ ଆଶଙ୍କା

ଅଲ୍‌ଝାଇମର୍ସର ବିକାଶରେ ଆନୁବଂଶିକ କାରକର ବେଶୀ ଭୂମିକା ରହିଥିବା ବେଳେ ଜୀବନଶୈଳୀ ମଧ ମସ୍ତିଷ୍କ ସ୍ୱାସ୍ଥ୍ୟ ଉପରେ ଯଥେଷ୍ଟ ପ୍ରଭାବ ପକାଇଥାଏ। ତେବେ ଉପଯୁକ୍ତ ଖାଦ୍ୟ, ବିଶ୍ରାମ ଓ ପରିଶ୍ରମ ସମ୍ବଳିତ ଜୀବନଶୈଳୀ ଆପଣେଇବା ଦ୍ୱାରା ଅଲ୍‌ଝାଇମର୍ସ ଆଶଙ୍କାକୁ ହ୍ରାସ କରିହେବ କିମ୍ବା ତା'ର ପରିପ୍ରକାଶକୁ ବିଳମ୍ବିତ କରିହେବ ବୋଲି ଗବେଷଣାରୁ ପ୍ରକାଶ।

ଅଲ୍‌ଝାଇମର୍ସ ହେଉଛି ଏପରି ଏକ ପ୍ରଗତିଶୀଳ ସ୍ନାୟବିକ ବିଶୃଙ୍ଖଳା, ଯାହା ମୁଖ୍ୟତଃ ସ୍ମରଣଶକ୍ତି, ଚିନ୍ତାଶକ୍ତି ଓ ଆଚରଣକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ଜଣେ ବ୍ୟକ୍ତିର ସାଧାରଣ କାର୍ଯ୍ୟ କରିବାର କ୍ଷମତା ହ୍ରାସ ପାଇଥାଏ। ଅଲ୍‌ଝାଇମର୍ସର ବିକାଶରେ ଆନୁବଂଶିକ କାରକର ବେଶୀ ଭୂମିକା ରହିଥିବା ବେଳେ ଜୀବନଶୈଳୀ ମଧ ମସ୍ତିଷ୍କ ସ୍ୱାସ୍ଥ୍ୟ ଉପରେ ଯଥେଷ୍ଟ ପ୍ରଭାବ ପକାଇଥାଏ। ତେବେ ଗବେଷଣା ଅନୁଯାୟୀ, ଉପଯୁକ୍ତ ଖାଦ୍ୟ, ବିଶ୍ରାମ ଓ ପରିଶ୍ରମ ସମ୍ବଳିତ ଏକ ସୁସ୍ଥ ଜୀବନଶୈଳୀ ଆପଣେଇବା ଦ୍ୱାରା ଅଲ୍‌ଝାଇମର୍ସ ଆଶଙ୍କାକୁ ଯଥେଷ୍ଟ କମାଯାଇପାରିବ କିମ୍ବା ତାହାର ପରିପ୍ରକାଶକୁ ବିଳମ୍ବିତ କରିହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ, ବିଶେଷ କରି ମଧମ ବୟସ ବେଳେ ପ୍ରତିଷେଧକ ପଦକ୍ଷେପ ଉପରେ ଧାନ ଦେଇ ଜଣେ ଦୀର୍ଘ ଅବଧି ପାଇଁ ନିଜ ମସ୍ତିଷ୍କର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖି ହେବ। ନିୟମିତ ଶାରୀରିକ ବ୍ୟାୟାମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ ମସ୍ତିଷ୍କକୁ ରକ୍ତସଂଚାଳନ ସୁଗମ କରି ନୂତନ ମସ୍ତିଷ୍କକୋଷ ସୃଷ୍ଟି କରିବାରେ ସହାୟକ ହୋଇଥାଏ। କ୍ଷିପ୍ର ଚାଲି, ପହଁରା ଓ ସାଇକେଲ ଚାଳନା ପରି ମଧମ ଧରଣର ବ୍ୟାୟାମ ସପ୍ତାହକୁ ଅନ୍ତତଃ ଅଢ଼େଇ ଘଣ୍ଟା କରିବା ଯଥେଷ୍ଟ।

ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ ଅପରିହାର୍ଯ୍ୟ। ଏ ପରିପ୍ରେକ୍ଷୀରେ ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ତଥା ସ୍ୱାସ୍ଥ୍ୟପ୍ରଦ ଚର୍ବି ସମ୍ବଳିତ ଏବଂ ନିମ୍ନ ଶର୍କରାସଂପନ୍ନ ଖାଦ୍ୟ ଗ୍ରହଣ କରିବା ଉଚିତ। ଫଳମୂଳ, ସବୁଜ ପନିପରିବା ଓ ଶସ୍ୟବୀଜ ମସ୍ତିଷ୍କକୁ ଅତ୍ୟାବଶ୍ୟକ ପୋଷକ ଓ ଆଣ୍ଟିଅକ୍ସିଡାଣ୍ଟ ଯୋଗାଇଥା'ନ୍ତି। ସେହିପରି ଆହ୍ୱାନ ସୃଷ୍ଟି କରୁଥିବା କାର୍ଯ୍ୟକଳାପ ମଧ ଏ ଦିଗରେ ଉପାଦେୟ। କାରଣ ବୌଦ୍ଧିକ ଉଦ୍ଦୀପନା ମସ୍ତିଷ୍କର ପଥକୁ ସୁଦୃଢ଼ କରି ସମୟକ୍ରମେ ସ୍ମରଣ ଶକ୍ତି ଓ ଚିନ୍ତନ ଦକ୍ଷତାରେ ଉନ୍ନତି ଆଣିଥାଏ। ପଢ଼ିବା, ନୂଆ କୌଶଳ ଶିଖିବା, ଚେସ୍ ଭଳି ରଣନୀତିକ ଖେଳ ଖେଳିବା, ଗୋଲକଧନ୍ଦାର ସମାଧାନ କରିବା, ବାଦ୍ୟଯନ୍ତ୍ର ବଜାଇବା କିମ୍ବା ଅର୍ଥପୂର୍ଣ୍ଣ ସାମାଜିକ ପାରସ୍ପରିକ କ୍ରିୟାରେ ଲିପ୍ତ ରହିବା ଭଳି କାର୍ଯ୍ୟକଳାପ ଜ୍ଞାନୀୟ ଭଣ୍ଡାରକୁ ସମୃଦ୍ଧ କରିଥାଏ। ଭଲ ନିଦ ମଧ ଗୁରୁତ୍ୱପୂର୍ଣ୍ଣ। ଦିନକୁ ଅନ୍ତତଃ ୭ରୁ ୯ଘଣ୍ଟା ଶୋଇବା ଉଚିତ। ଧୂମପାନ, ମଦ୍ୟପାନ ଓ ନିଶା ସେବନ ଆଦି ତ୍ୟାଗ କରି ସାମାଜିକ ସଂଯୋଗକୁ ସୁଦୃଢ଼ କରିବା ଦ୍ୱାରା ମଧ ଜ୍ଞାନାତ୍ମକ ବିକାଶ ଜାରି ରହିବା ସହ ଅଲ୍‌ଝାଇମର୍ସ ଆଶଙ୍କା ହ୍ରାସ କରିହେବ।



# ଦାନ୍ତବିନ୍ଧାର ଘରୋଇ ଉପଚାର

ଦାନ୍ତବିନ୍ଧା ଏମିତି ଏକ ଯନ୍ତ୍ରଣା ଯାହା ଲିଙ୍ଗ, ବୟସ, ଧନୀ-ଗରିବ ନିର୍ବିଶେଷରେ ଯେ କୌଣସି ପରିସ୍ଥିତିରେ ଅପ୍ରତ୍ୟାଶିତ ଭାବେ ଉପୁଜିପାରେ। ସେଥିରୁ ମୁକୁଳିବା କେତେ କଷ୍ଟକର, ତାହା ଯିଏ ଭୋଗିଛି ସେ ହିଁ କେବଳ କହିପାରିବ। ଦାନ୍ତବିନ୍ଧାର ସାଧାରଣ କାରଣଗୁଡ଼ିକ ହେଲା- ସଂକ୍ରମଣ, ଦନ୍ତକ୍ଷୟ, ମାଢ଼ିଫୁଲା ଓ ଦାନ୍ତମୂଳ ବାହାରକୁ ଦିଶିବା। ଏପରି କିଛି ଘରୋଇ ଉପଚାର ରହିଛି ଯାହା ଦାନ୍ତ ଯନ୍ତ୍ରଣା ଲାଘବ କରିବାରେ ସକ୍ଷମ।

- ଏକ ଅତି ସରଳ ଉପଚାର ହେଲା ଲୁଣପାଣିରେ କୁଳୁକୁଞ୍ଚା କରିବା। ଲୁଣ ହେଉଛି ଏକ ପ୍ରାକୃତିକ ସଂକ୍ରମଣ-ବିରୋଧୀ ଯାହା ପ୍ରଦାହ, ଫୁଲା ଓ ଦାନ୍ତମୂଳରେ ବୀଜାଣୁ ଉପସ୍ଥିତିକୁ କମାଇଦେଇଥାଏ। କୌଣସି ସଂକ୍ରମଣ କି ମାଢ଼ିଫୁଲା ଯୋଗୁଁ ଦାନ୍ତବିନ୍ଧା ହେଉଥିଲେ, ଲୁଣପାଣି ଭଲ କାମ କରେ।
- ଲବଙ୍ଗ ତେଲ ଦାନ୍ତବିନ୍ଧାର ଏକ ଲୋକପ୍ରିୟ ଉପଚାର। ଲବଙ୍ଗରେ 'ୟୁଜିନଲ୍' ନାମକ ପ୍ରାକୃତିକ ନିଶ୍ଚେତକ ତଥା ବୀଜାଣୁବିରୋଧୀ ଉପାଦାନ ରହିଛି, ଯାହା ଯନ୍ତ୍ରଣା ଓ ପ୍ରଦାହ କମାଇପାରିବ। ଲବଙ୍ଗ ତେଲ ନଥିଲେ ଦାନ୍ତମୂଳରେ ଗୋଟିଏ ଲବଙ୍ଗ ରଖିଲେ ଅନୁରୂପ ଫଳ ମିଳିପାରିବ।
- ପିଜୁଳିପତ୍ରର ପ୍ରଦାହବିରୋଧୀ ତଥା ବୀଜାଣୁବିରୋଧୀ ଗୁଣ ରହିଛି। ତେଣୁ କିଛି ସଜ ପିଜୁଳିପତ୍ରକୁ ଚୋବାଇଲେ ପାଟିରେ ଥିବା ବୀଜାଣୁଙ୍କର ମୃତ୍ୟୁ ଘଟି ଦାନ୍ତବିନ୍ଧା କମିଥାଏ।
- ରସୁଣରେ ଥିବା 'ଆସିଲିନ୍' ନାମକ ରସାୟନ ପ୍ରଦାହବିରୋଧୀ ତଥା ବୀଜାଣୁବିରୋଧୀ ହୋଇଥିବାରୁ ଦୁଇ ପାଖୁଡ଼ା ରସୁଣ ଚୋବାଇଲେ ମଧ ଦାନ୍ତବିନ୍ଧାରୁ ଉପଶମ ମିଳିପାରିବ।
- ହଳଦୀରେ ଥିବା 'କର୍କ୍ୟୁମିନ୍' ନାମକ ରାସାୟନିକ ପଦାର୍ଥ ପ୍ରଦାହ କମାଇବା ସହ ସଂକ୍ରମଣରୁ ରକ୍ଷା କରିଥାଏ। ଗୋଟା ହଳଦୀକୁ ବାଟି କିମ୍ବା ହଳଦୀଗୁଣ୍ଡରେ ପାଣି ମିଶାଇ ଏକ ମୋଟା ପ୍ରଲେପ ପ୍ରସ୍ତୁତ କରି ତାହାକୁ ପ୍ରଭାବିତ ଦାନ୍ତରେ ମାରିଲେ ଯନ୍ତ୍ରଣାରୁ ମୁକ୍ତି ମିଳିପାରିବ।
- ଦାନ୍ତ ପାଖରେ ବରଫ ପ୍ରୟୋଗ କରି ଯନ୍ତ୍ରଣା କମାଇହେବ। ଏହା ଯନ୍ତ୍ରଣା ସୃଷ୍ଟି କରୁଥିବା ସ୍ନାୟୁକୁ ଶିଥିଳ କରାଇ ଦାନ୍ତ ବିନ୍ଧା ହ୍ରାସ କରିଥାଏ।

# ଏକଲାପଣ ଦୂରେଇବାରେ ପୋଷାପ୍ରାଣୀ ବିଫଳ!

ଅନେକଙ୍କର ଦୃଢ଼ ବିଶ୍ୱାସ ରହିଛି ଯେ, ପୋଷାପ୍ରାଣୀମାନେ ଆମର ମାନସିକ ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ଉନ୍ନତି ଆଣନ୍ତି। କୋଭିଡ୍-୧୯ର ପ୍ରତିକୂଳ ସମୟରେ ଏହି ବିଶ୍ୱାସ ଯୋଗୁଁ ମନକୁ ସୁସ୍ଥ ରଖିବା ଲାଗି ଘରେ ଲୋମଶ ଜୀବ ପାଳିବାକୁ ଅନେକଙ୍କୁ ପ୍ରୋତ୍ସାହିତ କରିଥିଲା। ମାତ୍ର ଡେନ୍‌ମାର୍କର ଆର୍ହସ ସ୍ଥିତ ଆର୍ହସ ବିଶ୍ୱବିଦ୍ୟାଳୟ ଓ ଲଣ୍ଡନ କିଙ୍ଗ୍ କଲେଜର ଏକ ସଦ୍ୟ ଅଧୟନ ଅନୁଯାୟୀ, ଏହି ଲୋକପ୍ରିୟ ଧାରଣା ଭୁଲ୍ ପ୍ରମାଣିତ ହୋଇଛି।

ଗବେଷକମାନେ ୧୨ ମାସ ଧରି ୬,୦୧୮ ଜଣ ପୋଷାପ୍ରାଣୀ ମାଲିକଙ୍କର ଉତ୍କଣ୍ଠା ସ୍ତର, ଅବସାଦ, ଏନେଡୋନିଆ (ସୁଖହାନିତ୍ୱ) ଓ ଏକାଲାପଣ ଆଦିକୁ ତର୍ଜମା କରି ଏପରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଏପରିକି ଆଦୌ ପୋଷାଜୀବ ରଖିନଥିବା ବ୍ୟକ୍ତିଙ୍କ ତୁଳନାରେ ପୋଷା ପ୍ରାଣୀ ପାଳିଥିବା ମାଲିକଙ୍କର ଦୁର୍ବଳ ମାନସିକ ସ୍ୱାସ୍ଥ୍ୟ ପରିଲକ୍ଷିତ ହୋଇଥିବା ଜଣାଯାଇଛି। ଆଉ ଏକ ଭ୍ରାନ୍ତ ଧାରଣା ରହିଆସିଛି ଯେ ନିଜ ପୋଷାକୁକୁରକୁ ଚଲାଇବାକୁ ନେବା ଦ୍ୱାରା ଆବଶ୍ୟକ ଶାରୀରିକ ବ୍ୟାୟାମ ସାଧିତ ହୋଇଥାଏ। ମାତ୍ର ଏହି ଅନୁଧାନ ଅନୁଯାୟୀ, ଶ୍ୱାନ ମାଲିକମାନେ ଯଦିଓ ଅଧିକ ସକ୍ରିୟ, ତେବେ କୁକୁର ପାଳିନଥିବା ଲୋକଙ୍କ ଭିତରୁ ୩୫ ପ୍ରତିଶତ ଦୈନନ୍ଦିନ ନିୟମିତ ବ୍ୟାୟାମ କରୁଥିବା ବେଳେ କୁକୁରମାଲିକଙ୍କ ଭିତରୁ ୪୦ ପ୍ରତିଶତ ବ୍ୟାୟାମ କରିଥା'ନ୍ତି। ତେଣୁ ଏ କ୍ଷେତ୍ରରେ ମଧ ବିଶେଷ ପାର୍ଥକ୍ୟ ନାହିଁ।

କୁକୁର ବା ବିରାଡ଼ି ସହ ସଂପୂର୍ଣ୍ଣ ଏକାକୀ ରହୁଥିବା ବ୍ୟକ୍ତି ଅନ୍ୟ ତୁଳନାରେ କମ୍ ଏକଲା ଅନୁଭବ କରନ୍ତି ସତ, ତେବେ ସେ ତାରତମ୍ୟ ଅତି ନଗଣ୍ୟ। ମାନସିକ ସ୍ୱାସ୍ଥ୍ୟ ପାଇଁ ପୋଷା ପ୍ରାଣୀମାନେ ଅନୁକୂଳ ବୋଲି ନାନା ତତ୍ତ୍ୱ ବ୍ୟାଖ୍ୟା କରାଯାଉଥିବା ବେଳେ ମାନସିକ ସ୍ୱାସ୍ଥ୍ୟ ସହ ଜଡ଼ିତ ବିଭିନ୍ନ ଚିକିତ୍ସା ଓ ଔଷଧୀର ବିକଳ୍ପ ଭାବେ କେବେ ପୋଷା ପ୍ରାଣୀଙ୍କ ସଙ୍ଗତ୍ୱକୁ ଗ୍ରହଣ କରିବା ଠିକ୍ ନୁହେଁ ବୋଲି ଏହି ଗବେଷଣାରୁ ସ୍ପଷ୍ଟ ହୋଇଛି।





# ପୀଡ଼ା ଲାଘବକାରୀ ଧ୍ୟାନ

ଜଣେ କୌଣସି କାରଣରୁ ଭୀଷଣ ଶାରୀରିକ କଷ୍ଟ ଅନୁଭବ କରୁଥିଲା ବେଳେ, ପ୍ରତିକାର ପାଇଁ ତା'କୁ ଯଦି ଲମ୍ବା ନିଃଶ୍ୱାସ ନେଇ ଧାନମଗ୍ନ ହୋଇ ବସିବାକୁ କୁହାଯାଏ, ତେବେ କଥାଟି ଅଖାଡୁଆ ଲାଗିପାରେ। ମାତ୍ର ସାନ୍ ଡିଏଗୋ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ସଦ୍ୟ ଅନୁଧାନ ଅନୁଯାୟୀ, ମନଯୋଗ ସହ ଧାନରେ ବସିବା ଦ୍ୱାରା ଶାରୀରିକ ଯନ୍ତ୍ରଣାକୁ ଉଲ୍ଲେଖନୀୟ ଭାବେ ଲାଘବ କରିହେବ। ଶାରୀରିକ ପୀଡ଼ାର ସ୍ୱାକ୍ଷର ବହନ କରୁଥିବା ମସ୍ତିଷ୍କର ବିଭିନ୍ନ ପ୍ରକାର ଏମ୍‌ଆର୍‌ଆଇ (ମାଗ୍ନେଟିକ୍ ରିଜୋନାନ୍ସ ଇମେଜିଂ) ଚିତ୍ରକୁ ବିଶ୍ଳେଷଣ କରି ସେମାନେ ଏ ନିର୍ଯାସ ପାଇପାରିଛନ୍ତି।

ମନଯୋଗ ଧାନ ଏପରି ଏକ ଅବସ୍ଥା ଯେତେବେଳେ ଜଣେ ବ୍ୟକ୍ତି ସମ୍ବେଦନଶୀଳ ଘଟଣାଗୁଡ଼ିକ ବିଷୟରେ କୌଣସି ବିଚାର ନକରି ଅଥବା ପ୍ରତିବାଦ ନକରି ସଚେତନତାକୁ ବଜାୟ ରଖିବା ପାଇଁ ଅଭ୍ୟାସ କରିଥାଏ। ମୂଳତଃ ହିନ୍ଦୁ ଓ ବୌଦ୍ଧ ପରମ୍ପରାରୁ ଉତ୍ପନ୍ନ ଏହି ବ୍ୟବସ୍ଥା ୧୯୭୦ ଦଶକରେ ପାଶ୍ଚାତ୍ୟ ସଂସ୍କୃତିରେ ପ୍ରଭାବ ବିସ୍ତାର କରିବା ସହ ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ମନ ହେଉଛି ସବୁଠୁ ଶକ୍ତିଶାଳୀ ଏବଂ ଯନ୍ତ୍ରଣା ପରିଚାଳନା ପାଇଁ ଏହାକୁ କେମିତି ଉପଯୋଗ କରାଯାଇପାରିବ, ସେ ବାବଦରେ ତଥାପି ଗବେଷଣା ଜାରି ରହିଛି ବୋଲି ମୁଖ୍ୟ ଗବେଷକ କହିଛନ୍ତି। ନିଜଠାରୁ ଯନ୍ତ୍ରଣାକୁ ଅଲଗା କରି ଓ ମୂଲ୍ୟାଙ୍କନ ବିଚାରକୁ ପରିତ୍ୟାଗ କରି ମନଯୋଗ ଧାନ ସିଧାସଳଖ ଯନ୍ତ୍ରଣା ଅନୁଭବକୁ ବଦଳାଇବାରେ ସକ୍ଷମ ହୋଇଥାଏ। ଏହା କୌଣସି ଔଷଧ ବ୍ୟବହାର କରେନାହିଁ, ଏଥିରେ କିଛି ଖର୍ଚ୍ଚ ହୁଏ ନାହିଁ ଏବଂ ଯେ କୌଣସି ସ୍ଥାନରେ ଏହାକୁ ଅଭ୍ୟାସ କରାଯାଇପାରିବ। ଗବେଷକମାନେ ୧୧୫ ଜଣ ସୁସ୍ଥ ସ୍ୱେଚ୍ଛାସେବୀଙ୍କୁ ସେମାନଙ୍କ ଅନୁଧାନରେ ସାମିଲ କରି ଏପରି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ଏହି ଗବେଷଣା ଫଳରେ ପ୍ରତ୍ୟହ ଯନ୍ତ୍ରଣା ଭୋଗୁଥିବା ଲକ୍ଷ ଲକ୍ଷ ଲୋକଙ୍କର ଚିକିତ୍ସା ହୋଇପାରିବ ଏବଂ ସେମାନଙ୍କ ଜୀବନର ମାନରେ ଉନ୍ନତି ଆସିପାରିବ



# 'ଓମେଗା-୩' କମାଉଛି ଉତ୍ତେଜନା ପ୍ରବଣତା

ସାଧାରଣତଃ ମାଛ ତେଲରେ ରହିଥିବା 'ଓମେଗା-୩' ନାମକ ଚର୍ବିଳାମ୍ଳକୁ ଏକ ଖାଦ୍ୟ ପରିପୂରକ ଭାବେ ଗ୍ରହଣ କଲେ ମନର ଉତ୍ତେଜନାପ୍ରବଣତା ବା ଆକ୍ରମଣଶୀଳତା ଯଥେଷ୍ଟ ପରିମାଣରେ ହ୍ରାସ ହୋଇପାରିବ ବୋଲି ଏକ ଅନୁଧ୍ୟାନରୁ ଜଣାଯାଇଛି। ଏହି ଚର୍ବିଳାମ୍ଳ ଜଣଙ୍କୁ ମାନସିକ ତଥା ଶାରୀରିକ ସ୍ତରରେ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ବୋଲି ଆଗରୁ ଜଣାଅଛି। ସେହିପରି ସିଜୋଫ୍ରେନିଆ ପରି ଅବିଗୁଣ ଦୂର କରିବା ସହ ଏହା ଜଡ଼ିତ ବୋଲି ମଧ୍ୟ ଜଣା ଥିଲା। ଅପରପକ୍ଷେ, ଉତ୍ତେଜନାପ୍ରବଣତା ଓ ଅସାମାଜିକ କାର୍ଯ୍ୟକଳାପଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ପ୍ରକାରର ଖାଦ୍ୟର ଅଭାବ ଯୋଗୁଁ ଦେଖାଯାଇଥାଏ ବୋଲି ଧରି ନିଆଯାଇଥିଲା। ତେବେ ପେନ୍‌ସିଲଭାନିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଚଳାଇଥିବା ଏକ ଅନୁଧ୍ୟାନରୁ 'ଓମେଗା-୩' ଗ୍ରହଣ ଦ୍ୱାରା ଉତ୍ତେଜନାପ୍ରବଣତାରେ ୨୮ ପ୍ରତିଶତ ହ୍ରାସ ଘଟୁଥିବା ଜଣାଯାଇଛି। ସେମାନେ ୧୬ ବର୍ଷର କିଶୋରଙ୍କଠାରୁ ଆରମ୍ଭ କରି ୬୦ ବର୍ଷର ବୃଦ୍ଧ ଯାଏ ବିଭିନ୍ନ ବର୍ଗର ୩,୯୧୮ ଜଣ ସ୍ୱେଚ୍ଛାସେବୀଙ୍କ ଠାରେ ୨୯ ମାତ୍ରାର ନିୟନ୍ତ୍ରିତ 'ଓମେଗା-୩' ପ୍ରୟୋଗ ଫଳାଫଳକୁ ତର୍ଜମା କରି ଏପରି ନିର୍ଯାସ ପାଇପାରିଛନ୍ତି। ସେମାନଙ୍କ କହିବାନୁଯାୟୀ, ଏହି ଚର୍ବିଳାମ୍ଳ ଶରୀରରେ ପ୍ରଦାହ ଗୁଣ କମାଇବାରେ ସହାୟକ ହୋଇଥାଏ। ସୁତରାଂ

ତାହା ମସ୍ତିଷ୍କରେ ସଂପୃକ୍ତ ଉତ୍ତେଜନାପ୍ରବଣତା କ୍ରିୟାକୁ ଶାନ୍ତ କରାଇ ଏପରି ସଫଳ ସାବ୍ୟସ୍ତ ହୋଇପାରିଥାଏ। ଏହାର ଉପଯୋଗ ଦ୍ୱାରା ସଂପୂର୍ଣ୍ଣ ରୂପେ ଉତ୍ତେଜନାପ୍ରବଣତା ଦୂର ହୋଇ ପାରିବ କି ନା ସେଥିପାଇଁ ଅଧିକ ତଥା ବିସ୍ତୃତ ଗବେଷଣାର ଆବଶ୍ୟକତା ରହିଛି ବୋଲି ଗବେଷକମାନେ ସ୍ୱୀକାର କରିଛନ୍ତି। ତେବେ ଯେଉଁ ଅଭିଭାବକମାନେ ନିଜ ପିଲାର ଉତ୍ତେଜନାପ୍ରବଣତା ପାଇଁ କୌଣସି ପ୍ରକାର ଚିକିତ୍ସା କରାଉଛନ୍ତି, ସେମାନେ ସପ୍ତାହକୁ ଦୁଇ ତିନିଥର ମାଛ ଖାଇବାକୁ ଦେଲେ ଅଧିକ ସକାରାତ୍ମକ ଫଳାଫଳ ମିଳିପାରିବ ବୋଲି ଗବେଷକମାନେ ପରାମର୍ଶ କରିଛନ୍ତି। ଯଦିଓ ସମାଜରେ ହିଂସା ସମସ୍ୟା ସଂପୂର୍ଣ୍ଣ ଦୂର କରିବାରେ ଏହି ଓମେଗା-୩ ଯାଦୁଗର ପରି କାମ କରିବନି, ତେବେ ଏହା କିଛି ମାତ୍ରାରେ ସହାୟକ ହେବ ବୋଲି ଗବେଷକମାନେ ଆଶାବାଦୀ ଅଛନ୍ତି।

# ଟିକାକରଣ ହିଁ ଜଳାତଙ୍କ ସହ ଲଢ଼ିବାର ବ୍ରହ୍ମାସ୍ତ୍ର

ଜଳାତଙ୍କ ରୋଗ ମନରେ ଏକ ଭୟଙ୍କର ଚିତ୍ର ଜାତ କରେ, ଯେଉଁଥିରେ ଆକ୍ରାନ୍ତ ବ୍ୟକ୍ତି ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କରିଥାଏ। ଆକ୍ରାନ୍ତ ବ୍ୟକ୍ତିର ଲାଳ ପଡ଼ିବା, ଜଳକୁ ଭୟ କରିବା ଆଦି ଲକ୍ଷଣ ଦେଖାଯାଏ। ଏହି ଭୂତାଣୁଜନିତ ରୋଗର ବିଭିନ୍ନ ଦିଗ ସମ୍ପର୍କରେ ଡାକ୍ତର ଦେବବ୍ରତ ତ୍ରିପାଠୀଙ୍କ ସହ ଏହି ସଂକ୍ଷିପ୍ତ ଆଲୋଚନା।



ଡାକ୍ତର ଦେବବ୍ରତ ତ୍ରିପାଠୀ,
କମ୍ୟୁନିଟି ମେଡିସିନ୍ ବିଭାଗ,
ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ
(ଏମ୍‌ସ), ଭୁବନେଶ୍ୱର

**ଜଳାତଙ୍କ ବା 'ରେବିଜ୍' କେବେଠାରୁ ଆରମ୍ଭ ହୋଇଛି?**

ମାନବ ସମାଜ ଜଳାତଙ୍କ ରୋଗ ବିଷୟରେ ପ୍ରାଚୀନକାଳରୁ ଅବଗତ। ଏହି ରୋଗ ବିଷୟରେ ଆମ ଶାସ୍ତ୍ରମାନଙ୍କରେ ମଧ ଉଲ୍ଲେଖ ରହିଛି। ଇଂରେଜୀ ଶବ୍ଦ 'ରେବିଜ୍'ର ଉତ୍ପତ୍ତି ହୋଇଛି ସଂସ୍କୃତ ଶବ୍ଦ 'ରବଶ'ରୁ। ଯାହାର ଅର୍ଥ 'ହିଂସାତ୍ମକ ହେବା'। ଜଳାତଙ୍କ ବିଷୟରେ ଅଥର୍ବ ବେଦରେ ଉଲ୍ଲେଖ ଅଛି, ମୃତ୍ୟୁର ଦେବତା ଯମଙ୍କ ସହ ଦୁଇଟି କୁକୁର ବିଚରଣ କରନ୍ତି। ଯାହାକୁ ମୃତ୍ୟୁର ଦୂତ ଭାବେ ଚିତ୍ରିତ କରାଯାଇଛି।

**ଜଳାତଙ୍କ ଏକ ବୈଶ୍ୱିକ ସମସ୍ୟା। ଏହାକୁ ନେଇ କ'ଣ ପଦକ୍ଷେପ ନିଆଯାଉଛି?**

ଏକ ଆନୁମାନିକ ହିସାବରେ ବିଶ୍ୱରେ ବାର୍ଷିକ ହାରାହାରି ୫୦ ହଜାର ଜଳାତଙ୍କଜନିତ ମୃତ୍ୟୁ ଘଟୁଛି। ଏହି ମୃତ୍ୟୁସଂଖ୍ୟାର ହାରାହାରି ୩୬% ମୃତ୍ୟୁ କେବଳ ଭାରତରେ ଘଟୁଛି। ମୃତ୍ୟୁ ସଂଖ୍ୟା କମାଇବା ପାଇଁ ଡବ୍ଲ୍ୟୁଏଚ୍‌ଓ ଓ ଅନ୍ୟ ବିଶ୍ୱସ୍ତରୀୟ ସଂଗଠନ ମିଶି ୨୦୦୭ ମସିହାରେ ଜଳାତଙ୍କ ନିୟନ୍ତ୍ରଣ ପାଇଁ ବୈଶ୍ୱିକ ମେଣ୍ଟ ଗଠନ କରିଥିଲେ। ଏହି ମେଣ୍ଟର ମୂଳ ଉଦ୍ଦେଶ୍ୟ ୨୦୩୦ ସୁଦ୍ଧା କୁକୁର କାମୁଡ଼ାରୁ ଜଳାତଙ୍କଜନିତ ମୃତ୍ୟୁସଂଖ୍ୟାକୁ ଶୂନ କରିବା। ସମାନ ଲକ୍ଷ୍ୟ ନେଇ ଭାରତ ସରକାର ୨୦୧୨ ମସିହାରେ ଜାତୀୟ ଜଳାତଙ୍କ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। 'ଜାତୀୟ ସ୍ୱାସ୍ଥ୍ୟ ମିସନ' ଏହାକୁ ଏବେ ଚାଲୁ ରଖିଛି।

**ଏହି ସବୁ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ କ'ଣ?**

ଜଳାତଙ୍କ ବିଷୟରେ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦେବା, ଟିକା ପାଇଁ ଇଣ୍ଟ୍ରାଡର୍ମାଲ୍ ଇଞ୍ଜେକ୍ସନ୍ ପଦ୍ଧତିକୁ ପ୍ରୋତ୍ସାହିତ କରିବା, ଜଳାତଙ୍କ ନିରୀକ୍ଷଣକୁ ସୁଦୃଢ଼ କରିବା ଓ ସାଧାରଣ ଲୋକଙ୍କ ମଧରେ ସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ। କେଉଁ ପଶୁ କାମୁଡ଼ିଲେ ଏହି ରୋଗ ହୋଇପାରେ, କ'ଣ ପ୍ରାଥମିକ ଚିକିତ୍ସା କରିବା ଆବଶ୍ୟକ, ଜଳାତଙ୍କ ପ୍ରତିରୋଧ କରିବା ପାଇଁ ଉପଲବ୍ଧ ଟିକା ଓ ନିଜ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାର ଉପଲବ୍ଧତା ବିଷୟରେ ଜନସାଧାରଣଙ୍କୁ ଜଣାଇବା ଏହାର ଉଦ୍ଦେଶ୍ୟ।

**ଜଳାତଙ୍କର ପ୍ରାଥମିକ ଚିକିତ୍ସା କ'ଣ?**

ଯେକୌଣସି ଉଷ୍ଣରକ୍ତ ପ୍ରାଣୀ ଯଥାଃ କୁକୁର, ବିରାଡ଼ି, ମାଙ୍କଡ଼, ବିଲୁଆ, ଗାଈ ଆଦି କାମୁଡ଼ିବା ତଥା ରାମ୍ପୁଡ଼ିବା ଦ୍ୱାରା ଜଳାତଙ୍କ ହେବାର ଆଶଙ୍କା ରହିଥାଏ। ଏପରି ହେଲେ କ୍ଷତ ଜାଗାଟିକୁ ଭଲଭାବେ ପାଣିରେ ସାବୁନ ଲଗାଇ ୧୫ ମିନିଟ ପାଇଁ ଧୋଇବା ଓ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଜଳାତଙ୍କ ରୋଗର ପ୍ରତିରୋଧ ପାଇଁ ଏକମାତ୍ର ଉପାୟ ହେଉଛି ଟିକାକରଣ। ସନ୍ଦେହଜନକ ପଶୁ ସଂସ୍ପର୍ଶରେ ଆସିବା ପରେ ପୋଷ୍ଟ ଏକ୍ସପୋଜର ପ୍ରୋଫାଇଲାକ୍ସିସ୍ (ପି.ଇ.ପି) ଟିକା ନେବା ଜରୁରି। ପଶୁ ସଂସ୍ପର୍ଶରେ ଆସିବା ପୂର୍ବରୁ ମଧ ପ୍ରି-ଏକ୍ସପୋଜର ପ୍ରୋଫାଇଲାକ୍ସିସ୍ (ପି.ଆର.ଇ.ପି) ଟିକା ନେଇ ହେବ। ଯେଉଁମାନେ ଅଧିକାଂଶ ସମୟ ପଶୁମାନଙ୍କ ସଂସ୍ପର୍ଶରେ ଆସନ୍ତି, ସେମାନେ ପି.ଆର୍.ଇ.ପି ନେଇ ନିଜକୁ ଅଧିକ ସୁରକ୍ଷିତ କରିପାରିବେ।

**ଏହାର ମୂଳୋତ୍ପାଟନ କିଭଳି କରାଯାଇପାରିବ?**

ଜଳାତଙ୍କ କେବଳ ମାନବ ସମାଜ ପାଇଁ ସମସ୍ୟା ନୁହେଁ, ଏହା ପ୍ରାଣୀ ସ୍ୱାସ୍ଥ୍ୟ ପାଇଁ ମଧ ଏକ ବଡ଼ ସମସ୍ୟା। ୯୯% ଜଳାତଙ୍କ କୁକୁର ଯୋଗୁଁ ହୋଇଥାଏ। ତେଣୁ କୁକୁରମାନଙ୍କର ଟିକାକରଣ ହିଁ ରୋଗକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ।



# ପାର୍କାଡ଼ି ଗ୍ରାମବାସୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ସାତ ସପନ



**କନ୍ଧମାଳ,୧୧।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ପାର୍କାଡ଼ି ଗ୍ରାମରେ ୪ସାହିରେ ବିଶୁଦ୍ଧ ପାନୀୟ ଜଳର ସମସ୍ୟା ଦେଖିବାକୁ ମିଳିଛି।ଯାହା ଫଳରେ ଏହି ଗ୍ରାମର ଜନସାଧାରଣ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।ରାଜ୍ୟ ଓ କେନ୍ଦ୍ର ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ଗରିବ ଅସହାୟ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରିଥିବା ବେଳେ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ଦୀର୍ଘ ବର୍ଷ ରୁ ଏଠାକାର ଜନସାଧାରଣଙ୍କ ନାଳ ଚୁଆ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଖରାଦିନ ନାଳ ଚୁଆ ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଥିବା ଗ୍ରାମ ବାସି କହିଛନ୍ତି। ଏହି ଗାଁ ସର୍ବ ମୋଟ ୨୫ ଘର ପରିବାର ବସବାସ କରନ୍ତି। ଏହି ଗାଁ ରେ ପିଇବା ପାଣିର ମୂଖ୍ୟ ସମସ୍ୟା ହେଉଛି। ବିଶୁଦ୍ଧ ପାନୀୟ ଜଳ ସତେ ଯେମିତି ପାର୍କାଡ଼ି ଗ୍ରାମବାସି ଙ୍କ ପାଇଁ ସାତ ସପନ ପାଲଟିଛି। ପାର୍କାଡ଼ି ଗ୍ରାମବାସି ଙ୍କ ପାଇଁ ପାନୀୟ ଜଳ ସମସ୍ୟା କୁ ଦୃଷ୍ଟିରେ ରଖି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମ ବାସି ଦାବି କରିଛନ୍ତି। ନଳକୂପ ନିର୍ମାଣ କରିବାପାଇଁ ଦାବି କରିଛନ୍ତି ୭ ନମ୍ବର ୱାର୍ଡର ମେମ୍ବର ଗଣ୍ଡିସା କହଁର, ନର କହଁର, ସର୍ବେଶ୍ୱର କହଁର, ପ୍ରହଲ୍ଲାଦ ବିନ୍ଧାଣି, ସାବିତ୍ରୀ କହଁର, ପ୍ରୀୟଜିନୀ କହଁର, ପ୍ରଦିପ କହଁର, ମାମିତା ବିନ୍ଧାଣି, ମର୍ଛ କହଁର, ଛୁଇଁଲା କହଁର, ନିଳକଣ୍ଠ କହଁର ସମେତ ପାର୍କାଡି ୪ରିସାହି କଡିପାଗୁ, କଟଢି ସାହି, କାସୁକ୍ଲାଉ ଗ୍ରାମବାସୀ ଦାବି କରିଛନ୍ତି।

# ସରକାର ଶିଶୁଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରୁଛନ୍ତି: ଜନସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ




**କଟକ,୧୧।୪(ସଂଚାର ବ୍ୟୁରୋ):** କଟକରେ ଅବସ୍ଥିତ ଶିଶୁ ଭବନ କେବଳ ରାଜ୍ୟର ନୁହେଁ ଦେଶର ଏକ ପ୍ରତିଷ୍ଠିତ ଶିଶୁ ଚିକିତ୍ସା କେନ୍ଦ୍ର। ତାକୁ ରୁଗ୍ଣ ଓ ଜାଣି ବୁଝି ନିନ୍ଦିତ କରି ଘରୋଇ ସ୍ୱାସ୍ଥ୍ୟ ବେପାରୀମାନଙ୍କୁ ଲାଭାନ୍ୱିତ କରିବାର ଚକ୍ରାନ୍ତ ଅନେକ ଦିନରୁ ଚାଲି ଆସିଛି। ଆବଶ୍ୟକ ଡାକ୍ତର, କର୍ମଚାରୀ ଓ ଭିତ୍ତିଭୂମି ଅଭାବ ଦୂର କରିବାକୁ ଜନସ୍ୱାର୍ଥ ମାମଲା ହେବାରେ ଓ ମାନ୍ୟବର ହାଇକୋର୍ଟ ସାକାରାତ୍ମକ ପଦକ୍ଷେପ ନେବାରେ ତାଙ୍କୁ ମଧ୍ୟ ସତ୍ୟାସତ୍ୟ ତଥ୍ୟ ପରିବେଷଣ କରାଯାଉନାହିଁ। ସ୍ୱାସ୍ଥ୍ୟ ବ୍ୟବସ୍ଥା ନ ସୁଧାରି, ଅଧାପନ୍ତରିଆ ବହୁତଳ ପ୍ରସାଦର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନ କରି ଓ ସେହି ମୁତାବକ ଡାକ୍ତର କର୍ମଚାରୀ ନିଯୁକ୍ତି ନ କରି ମନ୍ତ୍ରୀଙ୍କ ଦ୍ୱାରା ଉଦଘାଟନ କରି ସବୁ ଠିକ୍ କହି ପରେ ଅଚଳାବସ୍ଥା ସୃଷ୍ଟି କରି ଅନ୍ୟ ଅନୁଷ୍ଠାନକୁ ରୋଗୀ ଚାଲାଣ କରିବା ଚକ୍ରାନ୍ତ ଏବେ କରାଯାଉଛି। ଏଠାରେ ସୂଚନାଯୋଗ୍ୟ ଯେ ଶିଶୁ ଭବନର ପୂର୍ବ କଳେବର ଅନୁଯାୟୀ ଅଧା ଡାକ୍ତର ଓ କର୍ମଚାରୀ ଅଭାବ ଥିଲା। ସରକାର ଆବଶ୍ୟକ ପ୍ରତିବଦ୍ଧ ଥିବା ପଦବି ପୁରଣ କରିନାହାନ୍ତି। ବର୍ତ୍ତମାନ ନବକଳେବର ଶିଶୁ ଭବନର ପରିଚାଳନା ପାଇଁ ଯେଉଁ ମୁତାବକ ଡାକ୍ତର, ସେବିକା, କର୍ମଚାରୀ ଦରକାର ତାହା ବ୍ୟବସ୍ଥା କରାଯାଇନାହିଁ। ତେଣୁ ଶିଶୁ ଭବନର ନବକଳେବରକୁ ଅବିଳମ୍ବେ କାର୍ଯ୍ୟକ୍ଷମ କରିବାକୁ ଆବଶ୍ୟକ ଡାକ୍ତର ଆନୁଷ୍ଠାନିକ ବ୍ୟବସ୍ଥା ଯୋଗାଇବା ସହ ଜଳ ନିଷ୍କାସନ ଆଦି ଦିଗରେ ଆଶୁ ପଦକ୍ଷେପ ନେବାକୁ ଜନସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ଦାବି କରୁଛି। ଶିଶୁ ଭବନକୁ ପ୍ରସ୍ତୁତ ନ କରି ମନ୍ତ୍ରୀଙ୍କ ଦ୍ୱାରା ଉଦଘାଟନ କରି ଅନ୍ତତଃ ଶିଶୁମାନଙ୍କୁ ଷଡଯନ୍ତ୍ରର ଶୀକାର ନ କରବାକୁ ସରକାରଙ୍କୁ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜନସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଖଗେଶ୍ୱର ସେଠୀ ସୁଚନା ଦେଇଛନ୍ତି। ସଂଯୋଜକ ଚିତ୍ତରଞ୍ଜନ ମହାନ୍ତି, ପ୍ରଶାନ୍ତ ଦାସ, କ୍ଷୀରୋଦ ମହାପାତ୍ର, ବିଶ୍ୱାବସୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପରିତ୍ୟକ୍ତ ଖାଦାନରେ ନାବାଳକ ନିଖୋଜ: ଚାରିଦିନ ପରେ ଶବ ଉଦ୍ଧାର

**ନୀଳଗିରୀ,୧୧।୪(ସଂଚାର ବ୍ୟୁରୋ):** ଜନୈକ ନାବାଳକ ପରିତ୍ୟକ୍ତ ପଥର ଖାଦାନରେ ବୁଡ଼ି ଯାଇଥିବା ବେଳେ ଚାରିଦିନ ପରେ ମୃତଦେହ ଉଦ୍ଧାର ହୋଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ମିତ୍ରପୁର ଅଞ୍ଚଳରେ। ପ୍ରାପ୍ତ ସୂଚନା ଅନୁଯାଇ ମିତ୍ରପୁର ଅଞ୍ଚଳରେ ଅନେକ ଖାଦାନ ବନ୍ଦ ପଡ଼ିଥିବା ବେଳେ ବିପଦ ସଂକୁଳ ଅବସ୍ଥାରେ ରହିଛି। ଗତ ୮ ତାରିଖ ଦିନ ସେହି ଅଞ୍ଚଳ ତୈଳାସାହି ଗ୍ରାମର ୧୬ ବର୍ଷୀୟ ରାଜବୀର ସିଂ ନାମକ ଜଣେ ନାବାଳକ ପଡୋଶୀ ପିଲାଙ୍କ ସହିତ ସାଥିହୋଇ ଉକ୍ତ ପରିତ୍ୟକ୍ତ ଖାଦାନକୁ ଗାଧୋଇବା ପାଇଁ ଯାଇଥିଲା। ପାଖରେ ଥିବା ଗଛ ଉପରୁ ଚଢ଼ି ପାଣିକୁ ଡିଲା ମାରିବାରୁ ଯୁବକ ଜଣକ ବୁଡ଼ି ଯାଇଥିଲା। ପାଣିରୁ ଆଉ ନବାହାରିବାରୁ ପାଖରେ ଉପସ୍ଥିତ ପିଲାଟି ଗାଁରେ ଆସି କହିଥିଲା। ପରେ ନୀଳଗିରି ଦମକଳ ବାହିନୀ ଯାଇ ବୋର୍ଟ ପକାଇ ପାଣିରେ ବୁଡି ବହୁ ଖୋଜା ଖୋଜି କରିଥିଲେ ସୁଧା ଯୁବକ ଜଣକର ସନ୍ଧାନ ମିଳିନଥିଲା।ତେବେ ଚାରିଦିନ ପରେ ସୁକ୍ରବାର ପୁର୍ବାହ୍ନରେ ରାଜବୀର ର ଶବ ପାଣିରେ ଭାସୁଥିବାର ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପରେ ନୀଳଗିରି ଦମକଳ ବାହିନୀ ଶବ ଉଦ୍ଧାର କରି ନୀଳଗିରି ଡାକ୍ତର ଖାନାରେ ପହଞ୍ଚାଇବା ପରେ ନୀଳଗିରି ପୋଲିସ ପକ୍ଷରୁ ୧୪/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ଅସୁସ୍ଥ ହାତୀ ଶାବକର ମୃତ୍ୟୁ



**ଯୋଡା,୧୧।୪(ସଂଚାର ବ୍ୟୁରୋ):** ଚମ୍ପୁଆ ରେଞ୍ଜ ଚମକପୁର ନିକଟସ୍ଥ ଜଙ୍ଗଲରେ ଏକ ଅସୁସ୍ଥ ଛୁଆ ହାତୀର ମୃତ୍ୟୁ ହୋଇଛି। ଆଜି ଭୋର୍ ପ୍ରାୟ ସାଢେ ୩ଟା ସମୟରେ ହାତୀ ଛୁଆର ମୃତ୍ୟୁ ହୋଇଥିବାନେଇ ବନ ବିଭାଗ ସୂଚନା ଦେଇଛି। ସୂଚନା ଅନୁସାରେ ଗତ ୭ ତାରିଖରେ ଏକ ହାତୀ ପଲରେ ଥିବା ଏହି ଦେଢ଼ ବର୍ଷର ଅଣ୍ଡିରା ଛୁଆ ହାତୀଟି ପଛ ଗୋଡ଼ରେ ଛୋଟେଇ ଚାଲୁଥିବା ବନ ବିଭାଗ ନଜରକୁ ଆସିଥିଲା। ଆହାତ ଛୁଆ ହାତୀଟି ହାତୀ ପଲରେ ରହିଥିବା କାରଣରୁ ତା'ର ଚିକିତ୍ସା କରିବା ସମ୍ଭବ ହୋଇନଥିଲା। ଫଳରେ ଡ୍ରୋନ ସାହାଯ୍ୟରେ ତା' ଉପରେ ନଜର ରଖିଥିଲା ବନ ବିଭାଗ। ତେବେ ଗତକାଲି ସକାଳେ ହାତୀ ଛୁଆଟି ଆଉ ଚାଲି ନପାରି ତଳେ ଶୋଇଯାଇଥିଲା। ଏହାପରେ ବନ ବିଭାଗ ପକ୍ଷରୁ ତା'ର ଚିକିତ୍ସା ଆରମ୍ଭ ହୋଇଥିଲା। ହାତୀ ଛୁଆର ଗୋଡ ଫୁଲି ଯାଇଥିବା ବେଳେ ଜାନ ତଳ ଘା' ହୋଇ ପୂଜ ହୋଇଥିଲା। ସେଣ୍ଟ୍ ଫର୍ ୱାଇଲ୍ଡ ଲାଇଫ୍, ଭୁବନେଶ୍ୱର ଓ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ସହାଯ୍ୟରେ ଚିକିତ୍ସା କରାଯାଉଥିଲା। ଏହି ଅଣ୍ଡିରା ହାତୀ ଛୁଆର ବୟସ ଦେଢ଼ବର୍ଷ ହେବା ଜଣାଯାଉଛି ଓ ପଡ଼ି ଗୋଡ ଭାଙ୍ଗିଥିଲା। ଗତ ୭ ତାରିଖ ଏକ ଛୁଆ ହାତୀ ଜଙ୍ଗଲରେ ଛୋଟେଇ ଛୋଟେଇ ଚାଲୁଥିବା ବନବିଭାଗ କ୍ୟାମେରାରେ କଏଦ ହୋଇଥିଲା। କିନ୍ତୁ ହାତୀଦଳ ମଝିରେ ଥିବାରୁ ତାକୁ ଉଦ୍ଧାର କରି ଚିକିତ୍ସା କରିବା ସମ୍ଭବ ହୋଇପାରିନଥିଲା। କାଳପୁର ଡ୍ୟାମ ଗ୍ଲିନ ୱେ ତଳେ ୮କିଲୋ ହାତୀ ଦଳରୁ ହାତୀ ଛୁଆକୁ ଅଲଗା କରିବାରେ ବନ ବିଭାଗ ସଫଳ ହେବା ପରେ ହାତୀ ଛୁଆକୁ ଚିକିତ୍ସା କରାଯାଉଥିଲା। ଚମ୍ପୁଆ ବ୍ଲକ ଭେଟନାରୀ ଅଫିସର ଶିବଚରଣ ସିଂ, ଭଞ୍ଜ ଡିସପେନସାରୀ ପ୍ରାଣୀ ଚିକିତ୍ସକ ପ୍ରକାଶ ଘଡେଇ, ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଡାକ୍ତର ବ୍ରଜରାଜ ସିଂ ଯାଦବ ହାତୀ ଛୁଆର ଚିକିତ୍ସା କରିଥିଲେ।

## ଆୟୁଷ୍ମାନ ସଚେତନତା ରଥ ଗଡ଼ିଲା

**ବେତନଟୀ,୧୧।୪(ସଂଚାର ବ୍ୟୁରୋ):** ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟ ବନ୍ଦନ ଯୋଜନାର ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସରରେ ଆଜି ବେତନଟୀ ବ୍ଲକ ଅଫିସ ସମ୍ମୁଖରେ ତାରିଗୋଟି ସଚେତନତା ରଥ ପରିକ୍ରମା କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କଲେ ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି। ବିଡିଓ ସୁଶାନ୍ତ କୁମାର ସୁତାରଙ୍କ ସଂଯୋଜନା ରେ ଆୟୋଜିତ କାର୍ଯ୍ୟକ୍ରରେ ବ୍ଲକଅଧ୍ୟକ୍ଷା କୌଶଲ୍ୟା ମାଝୀ, ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସିପୁନ ପଣ୍ଡା, ବିପିଓ ସସ୍ମିତା ଦାସ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମଞ୍ଜୁଶ୍ରୀ ଦାସ, ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆୟୁଷ୍ମାନ ଭାରତର ବିଭିନ୍ନ ଯୋଜନା ଗୁଡିକୁ ଓଡିଶାରେ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେଉଥିବାର ଶୁଭାରମ୍ଭ ହୋଇଛି। ଏହି ସଚେତନତା ରଥ ଗୁଡିକ ବେତନଟୀ ବ୍ଲକ ଅଧୀନ ୨୪ଗୋଟି ପଞ୍ଚାୟତ ପରିକ୍ରମା କରି ଆୟୁଷ୍ମାନ ଭାରତ ସମ୍ବନ୍ଧିତ ବିଭିନ୍ନ ଯୋଜନା ବାବଦରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।



# ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ



**ସୁନ୍ଦରଗଡ଼,୧୧।୪(ସଂଚାର ବ୍ୟୁରୋ):** ଓଡ଼ିଆ ପକ୍ଷ ପାଳନର ୧୧ତମ ଦିବସରେ 'ଯୁବ ଲେଖକ ସମ୍ମିଳନୀ' ଆୟୋଜିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ ଜିଲ୍ଲା ପ୍ରଶାସନ ସୁନ୍ଦରଗଡ଼ର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ଯୋଜନା ବିଭାଗର ସହାୟକ ନିର୍ଦ୍ଦେଶକ ପ୍ରଦୀପ ତିର୍କୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଯୁବ ଲେଖକ ମାନଙ୍କ ଲେଖନୀକୁ ଆହୁରି ସମୃଦ୍ଧ କରିବ ଏବଂ ସେମାନଙ୍କୁ ଉତ୍ସାହିତ କରିବା ଦିଗରେ ଏହା ଏକ ଅଭିନବ କାର୍ଯ୍ୟକ୍ରମ ବୋଲି ଅତିଥିମାନେ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ଆଜିର ଏହି ଯୁବ ଲେଖକ/ ଲେଖିକା ମାନେ ଆସନ୍ତା କାଲି ପ୍ରସିଦ୍ଧ ଲେଖକ ଭାବେ ପରିଗଣିତ ହେବେ ଏବଂ ସେମାନଙ୍କ ମହାନ୍ ଲେଖନୀ ଦ୍ୱାରା ସମଗ୍ର ସମାଜକୁ ମଧ୍ୟ ଆଲୋକିକରଣ କରିବେ ବୋଲି ଅତିଥିମାନେ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ଗଡ଼ନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସରକାରୀ ମହାବିଦ୍ୟାଳୟ ର ସହକାରୀ ପ୍ରଫେସର ନୂତନ ଖମାରୀ, ଅନ୍ୟାନ୍ୟ ଅଧିକାରୀ ଏବଂ ମହିଳା ମହାବିଦ୍ୟାଳୟର ପ୍ରଫେସର ଏବଂ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଯୁବ ଲେଖକ ଏବଂ ଲେଖିକା ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ପରେ ପରେ ଏହି ଯୁବ ଲେଖକ ଲେଖିକା ମାନଙ୍କ ମଧ୍ୟରେ ଓଡ଼ିଆ ଗଳ୍ପ, କବିତା ଏବଂ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏହି ପ୍ରତିଯୋଗିତାରେ ଗୋପ କୃଷ୍ଣ ନାୟକ, ଗଣେଶ ତ୍ରିପାଠୀ ଏବଂ ସଞ୍ଚିତା ପ୍ରଧାନ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ହେମଲତା ପାତ୍ର - ସରକାରୀ ମହିଳା ମହାବିଦ୍ୟାଳୟ ସୁନ୍ଦରଗଡ଼ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବର୍ଷା ବସୁନ୍ଧରା ବାଘ ଭେଷଜ ପଟେଲ ସ୍ନାତକ ମହାବିଦ୍ୟାଳୟ ଡୁଡୁକା ହେମଗିର ଦ୍ୱିତୀୟ ସ୍ଥାନ ଏବଂ ଚନ୍ଦନ ନାଏକ - ଆଞ୍ଚଳିକ ସହଯୋଗ ସ୍ନାତକ ମହାବିଦ୍ୟାଳୟ ସବଡେଗା ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ



**ନର୍ଲା,୧୧।୪(ସଂଚାର ବ୍ୟୁରୋ):** ଆଜିଠାରୁ ରାଜ୍ୟରେ ଲାଗୁ ହୋଇଛି ଆୟୁଷ୍ମାନ ଯୋଜନା। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିପଳିତ ଭାବେ ଆରମ୍ଭ ହୋଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା କଟକର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଜେପି ନଡ୍ଡାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକର ରୁପ୍ରାରୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୁପ୍ରାରୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ତଥା କାର୍ଯ୍ୟକ୍ରମର ନୋଡାଲ ଅଫିସର କେଟିଆର ପାତ୍ରଙ୍କ ତତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ ଡାକ୍ତର ଆଦେଶ ପ୍ରସାଦ ମାଝୀ। ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ରାକ୍ସି ସରପଞ୍ଚ ଯେମନ୍ତ ପୋଢ, ନର୍ଲା ସରପଞ୍ଚ ତନୁଜା ହରପାଲ, ଭୀମକେଲା ସରପଞ୍ଚ ଜାନକୀ ଗଉଡ, ସରିଆଁ ସରପଞ୍ଚ ଓମପ୍ରକାଶ ଛତ୍ରିଆ, ବିକାଶ ଦତ୍ତା, କପିଳାସ ସା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷାବିତ୍ ରଞ୍ଜନ କୁମାର ତ୍ରିପାଠୀ। ଏହି ଅବସରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା।

## ଶିକ୍ଷକ ସଂଘର ସମ୍ମିଳନୀ ଅନୁଷ୍ଠିତ

**ବାଲିପାଟଣା/ଭୁବନେଶ୍ୱର, ୧୧।୪(ସଂଚାର ବ୍ୟୁରୋ):** ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ସଂଘ ର ଦ୍ୱିତୀୟ ସାମ୍ବିଧାନିକ ସମ୍ମିଳନୀ ଭୁବନେଶ୍ୱର ସ୍ଥିତ ଲୋହିଆ ଏକାଡେମୀରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଡ଼ ଅମିୟ କୁମାର ମହାନ୍ତି ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଧନଞ୍ଜୟ କେଶରୀ ରାଉତରାୟ, ବିକ୍ରମ କୁମାର ଦାଶ, ଦୁଷ୍ମନ୍ତ କୁମାର ନାୟକ, ସୁକାନ୍ତ କୁମାର ବେହେରା, ରଞ୍ଜନ କୁମାର ଦାଶ, ଲୋକନାଥ ରଥ, ବିବେକାନନ୍ଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାରଦା ପ୍ରସନ୍ନ ମହାପାତ୍ର, ଦାଶରଥି ନାୟକ, ଶ୍ୟାମ ସୁନ୍ଦର ତ୍ରିପାଠୀ, ଭାଗିରଥି ନାୟକ, ଦେବହରି ମହାନ୍ତି, ପ୍ରମୋଦ କୁମାର ଦାଶ, ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତସିଂହାର, ଉପେନ୍ଦ୍ର ପୁହାଣ, କମଳ ଲୋଚନ ବିଶ୍ୱାଳ, ବୈକୁଣ୍ଠ ମହାରଣା ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ସମ୍ମିଳନୀରେ ନୂତନ ଭାବରେ କର୍ମକର୍ତ୍ତା ଯଥା ମୁଖ୍ୟ ପରାମର୍ଶଦାତା ଭାବେ ଅକ୍ଷୟ ଦାସ, ସଭାପତି ଭାବେ ପ୍ୟାରୀମୋହନ ଦାସ, କାର୍ଯ୍ୟକାରୀ ସଭାପତି ଭାବେ ବିଧୁଭୂଷଣ ପଟ୍ଟନାୟକ, ସାଧାରଣ ସମ୍ପାଦକ ଭାବେ କମଳ ଲୋଚନ ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ଗଗନ ବିହାରୀ ଜେନା ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ସମ୍ମିଳନୀରେ ସାରା ରାଜ୍ୟରୁ ଶତାଧିକ ଅବସରପ୍ରାପ୍ତ ଶିକ୍ଷକ ଯୋଗଦେଇଥିଲେ।




# ଅବହେଳିତ ଅବସ୍ଥାରେ ରାଜୀବ ଗାନ୍ଧୀ ଷ୍ଟାଡିୟମ



**ଯାଜପୁର ରୋଡ଼, ୧୧।୪(ସଂଚାର ବ୍ୟୁରୋ):** କ୍ରୀଡାର ଭିତି ଭୂମିର ବିକାଶକୁ ସୁଦୃଢ଼ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏହା ବାସ୍ତବରେ ବ୍ୟାସନଗର ପୌରାଞ୍ଚଳ ସହରରେ କେତେ ପରିଣତ ହୋଇଛି ତାହା ରାଜୀବ ଗାନ୍ଧୀ ଷ୍ଟାଡିୟମରୁ ହିଁ ବାରି ହେଉଛି। କ୍ରୀଡାକୁ ଯୁବସମାଜର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ପାଇଁ ରାଜ୍ୟରେ କ୍ରୀଡା ଭିତି ଭୂମିକୁ ସୁଦୃଢ଼ କରାଯାଉଥିବା ବେଳେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଏହି ସହରର ଥିବା ଏକମାତ୍ର ସର୍ବପୁରାତନ ରାଜିବ ଗାନ୍ଧୀ ଷ୍ଟାଡିୟମ ଠାରେ ଦେଖିବାକୁ ମିଳୁଛି। ସରକାରଙ୍କ ଏ ଷ୍ଟାଡିୟମ ପ୍ରତି ରହିଥିବା ଏଭଳି ବୈମାତୃକ ମନୋଭାବକୁ ସହର ବାସିନ୍ଦା ମାନେ ନାପସନ୍ଦ କରିବା ସହ ଏବେ ଘୋର ନିନ୍ଦା କରୁଛନ୍ତି। ଗୋଟେ ପଟେ ଯାଜପୁରରେ କ୍ରୀଡାର ଭିତି ଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଖର୍ଚ୍ଚ ହେଉଥିବା ବେଳେ ବ୍ୟାସନଗରରେ କ୍ରୀଡାର ବିକାଶ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଦୀର୍ଘ ୨୫ବର୍ଷର ବିଜେଡି ସରକାର ବ୍ୟାସନଗର ବାସିଙ୍କୁ ଖାଲି ଲଳିପପ ଦେଖାଇ ଭଣ୍ଡେଇଦେଇ ଥିବା ଦେଖିବାକୁ ମିଳିଛି। ଷ୍ଟାଡିୟମର ପାଚେରୀ ଏବେ ଭଗ୍ନ ଅବସ୍ଥାରେ ପଡ଼ିରହିଥିବାରୁ ଏହା ଏବେ ଗୋଶାଳାରେ ପରିଣତ ହେବାକୁ ବସିଲାଣି। ଏଥିସହିତ ଷ୍ଟାଡିୟମର ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ କୃତ୍ରିମ ଜଙ୍ଗଲରେ ପରିଣତ ହେବାକୁ ଯାଉଅଛି। ବିଭିନ୍ନ ପ୍ରକାର ସରୀସୃପ ମଧ୍ୟ ଏଠାରେ ଦେଖିବାକୁ ମିଳୁଛି। ସକାଳେ ଓ ସନ୍ଧ୍ୟାରେ ଖେଳୁଥିବା ପିଲାମାନେଏଠି ସୁରକ୍ଷିତ ମଣୁ ନଦେଖିବାକୁ ମିଳୁଛି। ସ୍ଥାନୀୟ ବିଧାୟକ ମଧ୍ୟ ଚାରି ମାସ ତଳେ ଏହି ଷ୍ଟାଡିୟମ ପରିଦର୍ଶନରେ ଆସି ଭିତି ଭୂମିର ବିକାଶ ପାଇଁ ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ମଧ୍ୟ ଏ ପର୍ଯ୍ୟନ୍ତ ଏହାର କୌଣସି ସ୍ଥାଇ ସମାଧାନ ହୋଇପାରିନାହିଁ। ସେଥିପାଇଁ ସ୍ଥାନୀୟ ବରିଷ୍ଠ ନାଗରିକ ଓ କ୍ରୀଡାବିତ ମାନେ କ୍ଷୋଭ ପ୍ରକାଶ କରିଥିବା ଦେଖିବାକୁ ମିଳୁଛି। ତେବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଓ ରାଜ୍ୟ କ୍ରୀଡା ବିଭାଗ ମନ୍ତ୍ରାଳୟ ପକ୍ଷରୁ ଏହି ଷ୍ଟାଡିୟମ ପ୍ରତି ତାଙ୍କର କେବେ ନଜର ପଡୁଛି ଓ ବ୍ୟାସନଗର ବାସି ଏକ ଭଲ ଷ୍ଟାଡିୟମଟିଏ କେବେ ଦେଖିବାକୁ ପାଉଛନ୍ତି ତାହା ସାଧାରଣରେ ଦେଖିବାକୁ ବାକି ରହିଲା।

## ଜାପାନ ଯିବେ ୩ ମେଧାବୀ ଛାତ୍ରୀଛାତ୍ର

**ଢେଙ୍କିକୋଟ,୧୧।୪(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ଢେଙ୍କିକୋଟ୍‌ରେ ଥିବା ଶିକ୍ଷାନୁଷ୍ଠାନ ଶ୍ରୀଗୁରୁକୁଳ ଇଂଲିଶ ମିଡିୟମ ସ୍କୁଲର ୩ମେଧାବୀ ଛାତ୍ରୀଛାତ୍ର ଜାପାନ ଯିବେ। ସେମାନେ ହେଉଛନ୍ତି ୧୦ମ ଶ୍ରେଣୀର ଛାତ୍ରୀ ଅନୁଷ୍କା ମହାପାତ୍ର, ସାଇଶ୍ରୀ ଶୁଭସ୍ମିତା ସାହୁ ଓ ସମ୍ବିତ ମୁଣ୍ଡା। ଛାତ୍ରୀଛାତ୍ରମାନେ ଜାପାନର ଶିକ୍ଷା, ସଂସ୍କୃତି, ଆଧୁନିକ ପ୍ରଯୁକ୍ତି ବିଦ୍ୟା ଆଦି ସମ୍ପର୍କରେ ଜ୍ଞାନ ଆହରଣ କରିବେ। ଏ ନେଇ ଜାପାନ ସରକାରଙ୍କ ପକ୍ଷରୁ ନିମନ୍ତ୍ରଣ ମିଳିଛି। ଘଟଣା ପ୍ରଚାର ପରେ ଘଟଗାଁ ବ୍ଲକ୍ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପ୍ରକାଶ ଯେ, ମେଟ୍ ଲର୍ନ ଇନ୍‌ସ୍ପାୟାର ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ଇଣ୍ଡୋ-ଜାପାନ ଏକ୍ସଚେଞ୍ଜ କାର୍ଯ୍ୟକ୍ରମ ଅନୁଯାୟୀ ଗତବର୍ଷ ୨୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ରାଜ୍ୟର ୮ ଛାତ୍ରୀଛାତ୍ର ପରୀକ୍ଷାରେ ସଫଳତା ପାଇ ଜାପାନ ଯିବା ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୁଡ଼ିପସା ପଞ୍ଚାୟତର ଆଦିବାସୀ ଛାତ୍ର ସମ୍ବିତ ମୁଣ୍ଡା, ଏବଂ ଅନୁଷ୍କା ମହାପାତ୍ର, ସାଇଶ୍ରୀ ଶୁଭସ୍ମିତା ସାହୁ ସ୍ଥାନ ପାଇଛନ୍ତି। ଏପ୍ରିଲ୧୯ ତାରିଖରେ ସେମାନେ ଜାପାନ ଯିବେ ବୋଲି ଆୟୋଜକଙ୍କ ପକ୍ଷରୁ ବିଦ୍ୟାଳୟକୁ ପତ୍ର ମାଧ୍ୟମରେ ଜଣାଇଦିଆଯାଇଛି। ଛାତ୍ରୀଛାତ୍ରମାନେ ସେଠାକାର ଶିକ୍ଷା, ସଂସ୍କୃତି, ବିଜ୍ଞାନ, ଜ୍ଞାନ କୌଶଳ ସାଙ୍ଗକୁ ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ଜ୍ଞାନ ଆହରଣ କରିବେ।

# ଦରବୃଦ୍ଧି ବିରୋଧରେ 'ଆପ୍'ର ପ୍ରତିବାଦ




**ବ୍ରହ୍ମପୁର,୧୧।୪(ସଂଚାର ବ୍ୟୁରୋ):** ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ବିରୋଧରେ ଆପ୍ ତରଫରୁ ପ୍ରତିବାଦ କରାଯାଇଛି। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ଆକାଶ ଛୁଆଁ ଯୋଗୁଁ ଜନତା ଜର୍ଜରିତ ଥିଲାବେଳେ, କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍ ପଚାଶ ଟଙ୍କା ବୃଦ୍ଧି କରି ରୋଷେଇ ଶାଳକୁ ସିଧା ମାଡ଼ କରିଛନ୍ତି। ଠିକ ସେହିପରି ପେଟ୍ରୋଲ, ଡିଜେଲ ଦର ଦୁଇ ଟଙ୍କା ବୃଦ୍ଧି ଯୋଗୁଁ ଟ୍ରାନ୍ସପୋର୍ଟ ଖର୍ଚ୍ଚ ଉପରେ ପ୍ରଭାବ ପକାଇବ ଏବଂ ଦରଦାମ ଅତ୍ୟଧିକ ବଢ଼ିବ।
ଗତ ବର୍ଷ ଏପ୍ରିଲ ମାସରେ ଆନ୍ତର୍ଜାତୀୟ ସ୍ତରରେ ବିଶୋଧିତ ତୈଳ ଦର ବ୍ୟାରେଲ ପିଛା ୮୬ ଆମେରିକୀୟ ଡଲାର ଥିଲାବେଳେ ଆଜି ୬୦ ଡଲାର ଅଛି। ତେଣୁ ତୈଳଦର ହ୍ରାସ କରିବା ବଦଳରେ ସରକାର ଦରବୃଦ୍ଧି କରି ଲୋକଙ୍କ ପକେଟରୁ ଲୁଟ କରୁଛନ୍ତି, ଅନ୍ୟ ଦିଗରେ ତାଙ୍କର କିଛି କାର୍ପୋରେଟ ବନ୍ଧୁଙ୍କ ଷୋଳ ଲକ୍ଷ କୋଟି ଟଙ୍କା ଋଣ ଛାଡ଼ କରି ଅର୍ଥ ବ୍ୟବସ୍ଥାକୁ ରସାତଳଗାମୀ କରି ଦେଇଛନ୍ତି। ଏନେଇ ଦଳ ପକ୍ଷରୁ ଜିଲ୍ଲା ଆବାହକ ସୁବାଷ ରାଉତ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ଆଦିତ୍ୟ ରଥ ସରକାରଙ୍କ ଜନ ମାରଣା ନୀତିକୁ ତୀବ୍ର ବିରୋଧ କରି ତୁରନ୍ତ ଉଜ୍ଜ୍ୱଳା ଯୋଜନା, ଏବଂ ଘରୋଇ ରନ୍ଧନ ଗ୍ୟାସ୍ ବୃଦ୍ଧି ପ୍ରତ୍ୟାହାର ପାଇଁ ଦାବୀ କରିଥିଲେ। ଚଳିତ ମାସ ପ୍ରଥମ ସପ୍ତାହରେ କେନ୍ଦ୍ରର ମୋଦୀ ସରକାର ସଂସଦୀୟ ଅଧିବେଶନରେ ୱାକଫ ବିଲକୁ ସଂଶୋଧନ କରି ଆଇନରେ ପରିଣତ କରି ସଂଖ୍ୟାଲଘୁ ମୁସିଲିମ ସମ୍ପ୍ରଦାୟର ଧର୍ମୀୟ ଭାବନାକୁ ଆଘାତ ଦେବା ସହ ଗରୀବ ମୁସଲମାନଙ୍କ କଥା କହି ତାରି ଆଢୁଆଳରେ ୱାକଫ ବୋର୍ଡର କ୍ଷମତାକୁ ସଂକୁଚିତ କରି, ସରକାରୀ ନିୟମରେ ବିବାଦୀତ ଜମିକୁ ହାତେଇବା ପାଇଁ ନିୟମ ଆଣିଛନ୍ତି ବୋଲି ଦଳ କହିଛି।
ଏହାଛଡା ବୋର୍ଡ ଅଧୀନରେ ଥିବା ଜମିକୁ ପୁଞ୍ଜିପତିଙ୍କ ହାତକୁ ଟେକି ଦେବାକୁ ଯେଉଁ ମସୁଧା କରୁଛନ୍ତି, ତାହା ଗଣତନ୍ତ୍ର ଏବଂ ଧର୍ମନିରପେକ୍ଷ ବିଚାର ରଖୁଥିବା କୌଣସି ଭାରତୀୟ ବରଦାସ୍ତ କରିବେ ନାହିଁ।
ତେଣୁ ଆପ୍ ସହ ସମସ୍ତ ବିରୋଧୀ ଦଳ ଏହି ବିଲ୍‌କୁ ବିରୋଧ କରୁଛନ୍ତି ଏବଂ ସୁପ୍ରିମକୋର୍ଟର ଦ୍ୱାରସ୍ତ ହୋଇ ବିଲ୍‌କୁ ରଦ୍ଦ କରିବାକୁ ଆବେଦନ କରିଛନ୍ତି ବୋଲି ଆପ୍ ନେତା କହିଛନ୍ତି।
ଆଜିର ପ୍ରତିବାଦ ସଭାରେ ଲିଗାଲସେଲ ସଭାପତି କୈଳାଶ ସେଠୀ, ମାନସ ଦାସ, ସୁନୀଲ ଆଚାର୍ଯ୍ୟ, ହିମାଂଶୁ ସାହୁ, ସତୀଶ ପାତ୍ର, ଡ଼. ଏମ. ସରିଫ, ଏବ୍ରାହାମ ବେଗ, ଏମଡ଼ି ତାହିଁର, ଏମଡ଼ି ଫାୟେଜ, ସୁଦର୍ଶନ ମଲ୍ଲିକ, ନିରଞ୍ଜନ ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଢେପାଗୁଡା ଓ ସର୍ଗିଗୁଡା ଗ୍ରାମରେ ଆୟୁଷ୍ମାନ ଯୋଜନା ଶୁଭାରମ୍ଭ



**ଗୁଡାରି,୧୧।୪(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଗୁଡାରି ବ୍ଲକର ଦୁଇଗୋଟି ଗ୍ରାମ ପଞ୍ଚାୟତ ତଥା ପେଣ୍ଡିଲି ଗ୍ରାମ ପଞ୍ଚାୟତର ଢେପାଗୁଡା ଗ୍ରାମରେ ଏଂବ କଦମା ଗ୍ରାମ ପଞ୍ଚାୟତର ସର୍ଗିଗୁଡା ଗ୍ରାମ ପରିସରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅପରାହ୍ନ ୨ ଘଣ୍ଟା ସମୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଆରୋଗ୍ୟ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ର ନୂଆ ଏକକ କାର୍ଡ ବିତରଣ, ଆୟୁଷ୍ମାନ ବୟୋ ବନ୍ଦନ ଯୋଜନା ର ଶୁଭାରମ୍ଭ ଭରଚ୍ୟୁଆଲ ମାଧ୍ୟମରେ ଉଦଘାଟନ ହୋଇଯାଇଛି। ଉଦଘାଟନ କାର୍ଯ୍ୟକ୍ରମ ପରେ ଗୁଡାରି ବିଡିଓ ସୁଶ୍ରୀ ଶୁଚିସ୍ମିତା ବେହେରା, ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀମାନ ସ୍ୱାଗତ ସ୍ୱାଇଁ, ଇ ଓ ସସ୍ମିତା ଶବର, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର. ଉପସ୍ଥିତ ରହି ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ। ସେହିପରି ସର୍ଗିଗୁଡା ଠାରେ ତହସିଲଦାର ସୁଶ୍ରୀ ଏ.ସ୍ନେହଲତା ଉପସ୍ଥିତ ରହି ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆୟୁଷ୍ମାନ ପ୍ରଚାର ରଥ କୁ ଫିତା କାଟି ପତାକା ଦେଖାଇ ଉଦଘାଟନ କରିଥିଲେ। ପେଣ୍ଡିଲି ଗ୍ରାମ ପଞ୍ଚାୟତ ର ଶତାଧିକ ଲୋକେ ଉପସ୍ଥିତ ରହି ଉଦଘାଟନ ସମାରୋହ କୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ବିଡିଓ ସୁଶ୍ରୀ ବେହେରା ଏଂବ ଡକ୍ଟର ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ପେଣ୍ଡିଲି ଗ୍ରାମ ପଞ୍ଚାୟତ ର ପି ଇ ଓ ଗୋପାଳ ଗନ୍ତାୟତ, ଯୋଗାଣ ସହାୟକ ଆଡା ସନ୍ତୋଷ କାର୍ଯ୍ୟ ତୁଲାଇ ଥିଲେ।